# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୧୫/୨୦୧୯ (୨୦ ପୃଷ୍ଠା) | Bhubaneswar, Monday, July 15/2019 | ★★★★

୪୫ଶ ଭାଗ ୨୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-






KP GROUP
Quality Since 1965
Safal
PAN MASALA
ସେହି ମଜାର ପ୍ରତିଶ୍ରୁତି
ଏବେ ଦୁଇଗୁଣରୁ ବି ବେଶି !
20% EXTRA
MADHUBAN
Safal
PAN MASALA
NO TOBACCO, NO NICOTINE ADDED
9g.
₹10/-
ମୂଲ୍ୟର ନୂଆ
ଜମ୍ବୋ ପ୍ୟାକ୍
0% TOBACCO • NICOTINE NOT ADDED • NOT FOR MINORS • ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ।

ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଜୁଲାଇ ୧୫/୨୦୧୯ | Bhubaneswar, Monday, July 15/2019 | ପୃଷ୍ଠା-୧



**ଫୋଗଟ୍‌ଙ୍କୁ ସ୍ୱର୍ଣ୍ଣ ପଦକ**

ଭାରତୀୟ କୁସ୍ତିଯୋଦ୍ଧା ଭିନେଶ ଫୋଗଟ୍ ୟାସାର ଡୋଗୁ ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

୧୭ ୦୨

**'ସଡ଼କ ୨'ରେ ଆଲିଆ ଭଟ୍ଟ**

ଅଭିନେତ୍ରୀ ଆଲିଆ ଭଟ୍ଟ 'ସଡ଼କ ୨' ଶୁଟିଂ ପାଇଁ ଖୁବ୍‌ଶୀଘ୍ର ଉଟି ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି।






29001/13/0023/1920
DSPL-45


**୩ ରଥରେ ଭଙ୍ଗାଗଲା ୯ ଅଧର ହାଣ୍ଡି**

........ ୩ ........

**ଆଜିର ସମ୍ପାଦକୀୟ**

**ଅଧିକ ମଦ ପିଆଇବେ**

**ଆଜିର ମନ୍ତବ୍ୟ**

" ମହାତ୍ମା ଗାନ୍ଧୀ ଭାରତରେ ସ୍ୱାଧୀନତା ସଂଗ୍ରାମ ସହ ସ୍ୱଚ୍ଛତା ଜନ ଆନ୍ଦୋଳନ ଆରମ୍ଭ କରିଥିଲେ। ଗାନ୍ଧିଜୀଙ୍କ ୧୫୦ତମ ଜନ୍ମବାର୍ଷିକୀରେ ତାଙ୍କର ସ୍ୱଚ୍ଛତା ମିଶନ ସ୍ୱପ୍ନ ପୂରଣ ହେବା ଆବଶ୍ୟକ।

–ଓମ୍ ବିର୍ଲା, ଲୋକ ସଭା ବାଚସ୍ପତି

**କିଛି ତଥ୍ୟ**

ଦେଶର ୨୪ ଜୀବନ ବୀମା ପ୍ରଦାନକାରୀ କମ୍ପାନୀଙ୍କ ଜୁନ ମାସର ମୋଟ୍ ନୂଆ ବୀମା ପ୍ରିମିୟମ ୯୪% ବୃଦ୍ଧି ଘଟି ୩୨,୨୪୧.୩୩ କୋଟି ଛୁଇଁଛି।

– ଆଇଆର୍‌ଡିଏ


NECC NATIONAL EGG CO-ORDINATION COMMITTEE 14.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 77 | 128 | 138 |
| CTC | 74 | 124 | 134 |
| DKL | 74 | 124 | 134 |
| BDK | 70 | 119 | 129 |
| BLS | 70 | 119 | 129 |
| ANG | 74 | 124 | 134 |

*Conditions Apply
Eggs Retail Price- 51/-Dozen
Issued in the Interest of Consumers


## ଆଇସିସି ବିଶ୍ୱକପ୍ ଫାଇନାଲ
# ଇଂଲଣ୍ଡ ନୂଆ ଚାମ୍ପିୟନ



ଲଣ୍ଡନ ୧୪।୭

କ୍ରିକେଟର ମକ୍କା ଭାବେ ପରିଚିତ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ରବିବାର ଅନୁଷ୍ଠିତ ଆଇସିସି ବିଶ୍ୱକପର ରୋମାଞ୍ଚକ ଫାଇନାଲରେ ବାଜି ମାରିଛି ଇଂଲଣ୍ଡ। ବୋଲରଙ୍କୁ ସୁହାଇଥିବା ପିଚ୍‌ରେ ମ୍ୟାଚ ଟାଇ ହେବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ସୁପର ଓଭରର ସହାୟତା ନିଆଯାଇଥିଲା। ସୁପର ଓଭରରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ କୌଣସି ଉଇକେଟ ନ ହରାଇ ୧୫ ରନ କରିଥିଲା। ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟଙ୍କ ଓଭରରୁ ଷ୍ଟୋକ୍ସ ୮ ଓ ବଟଲର ୭ ରନ ସଂଗ୍ରହ କରିଥିଲେ। ଇଂଲଣ୍ଡ ପକ୍ଷରୁ ବୋଲିଂ କରିଥିଲେ ଜୋଫ୍ରା ଆର୍ଚର ଏବଂ ନ୍ୟୁଜିଲାଣ୍ଡ ପକ୍ଷରୁ ବ୍ୟାଟିଂ କରିଥିଲେ ମାର୍ଟିନ ଗୁପ୍‌ଟିଲ ଏବଂ ଜେମ୍ସ ନିଶାମ। ଏହି ଓଭରରେ ନ୍ୟୁଜିଲାଣ୍ଡ ୨ ଉଇକେଟ ହରାଇ ଠିକ୍ ୧୫ ରନ କରି ପାରିଥିଲା। ମ୍ୟାଚ ପୁଣି ଟାଇ ହେବାରୁ ନିୟମ ଅନୁସାରେ ଅଧିକ ବାଉଣ୍ଡାରୀ ମାରିଥିବାରୁ ଇଂଲଣ୍ଡ ଚାମ୍ପିୟନ ହୋଇ ଯାଇଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ନ୍ୟୁଜିଲାଣ୍ଡ। ତେବେ ପିଚ୍‌ରୁ ଫାଇଦା ଉଠାଇ ଇଂଲଣ୍ଡ ବୋଲରମାନେ ନ୍ୟୁଜିଲାଣ୍ଡ ଇନିଂସକୁ ୫୦ ଓଭରରେ ୨୪୧/୮ରେ ସୀମିତ ରଖିବାରେ ସକ୍ଷମ ହୋଇଥିଲେ। ଜବାବରେ ବେନ୍ ଷ୍ଟୋକ୍ସ ଓ ଜୋସ ବଟଲରଙ୍କ ଶତକୀୟ ଭାଗୀଦାରି (୧୧୦ ରନ) ସହାୟତାରେ ଇଂଲଣ୍ଡ ବିଜୟ ସୁଯୋଗ ସୃଷ୍ଟି କରିଥିଲେ ହେଁ ଶେଷରେ ୫୦ ଓଭରରେ ୨୪୧ ରନରେ ଅଲଆଉଟ ହେବାରୁ ମ୍ୟାଚ ଟାଇ ହୋଇ ଯାଇଥିଲା।

ଏହା ପୂର୍ବରୁ ଇଂଲଣ୍ଡ ୩ ଥର ଫାଇନାଲ ଖେଳିଥିଲେ ହେଁ ଚାମ୍ପିୟନ ହୋଇପାରି ନ ଥିଲା। ୧୯୭୯ରେ ୱେଷ୍ଟଇଣ୍ଡିଜଠାରୁ, ୧୯୮୭ରେ ଅଷ୍ଟ୍ରେଲିଆଠାରୁ ଏବଂ ୧୯୯୨ରେ ପାକିସ୍ତାନଠାରୁ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଥିଲା। ଅନ୍ୟ ୮ ସଂସ୍କରଣ ମଧ୍ୟରୁ ୧୯୭୫ ଓ ୧୯୮୩ରେ ସେମିଫାଇନାଲରୁ ବିଦାୟ ନେଇଥିବାବେଳେ ୧୯୯୬ ଓ ୨୦୧୧ରେ କ୍ୱାର୍ଟର ଫାଇନାଲରୁ, ୨୦୦୭ରେ ସୁପର ଏଇଟ୍‌ରୁ ଏବଂ ୧୯୯୯, ୨୦୦୩ ଓ ୨୦୧୫ରେ ଗ୍ରୁପ ପର୍ଯ୍ୟାୟରୁ ବିଦାୟ ନେଇଥିଲା। ଏଥର ଦଳ ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲେ ହେଁ ମିଡଲ ଅର୍ଡରରେ ବେନ୍ ଷ୍ଟୋକ୍ସ ଓ ଜୋସ ବଟଲରଙ୍କ ଶତକୀୟ ଭାଗୀଦାରି ଏବଂ ଭାଗ୍ୟ ସାଥ୍ ଦେବାଯୋଗୁ ବିଜୟ ମୁକୁଟ ପିନ୍ଧିବାରେ ସକ୍ଷମ ହୋଇଛି। ଏହା ପୂର୍ବରୁ କୌଣସି ବିଶ୍ୱକପର ଫାଇନାଲ କେବେହେଲେ ଟାଇରେ ଶେଷ ହୋଇ ନ ଥିଲା। କେବଳ ସେତିକି ନୁହେଁ ସୁପର ଓଭର ମଧ୍ୟ ଟାଇ ରହିଲା। ପ୍ରତିଯୋଗିତାର ୪୪ ବର୍ଷର ଇତିହାସରେ ପ୍ରଥମ ଥରପାଇଁ ଲର୍ଡ୍ସ ଏହାର ମୂକସାକ୍ଷୀ ପାଲଟିଲା। (ଅଧିକ ଖବର ଖେଳ ପୃଷ୍ଠାରେ)

**ଲିଆମ ପ୍ଲଙ୍କେଟ**
- ୧୦ ଓଭର
- ୪୨ ରନ
- ୩ ଉଇକେଟ
- ଇକୋନୋମି ୪.୨୦

# ଗୋଡ଼ାଇ ଗୋଡ଼ାଇ ୩ ଭାଇଙ୍କୁ ହତ୍ୟା

ସାକ୍ଷୀଗୋପାଳ, ୧୪।୭(ଡି.ଏନ.ଏ.)

**ପଛନାୟିକିଆ ଛକରେ ହତ୍ୟାକାଣ୍ଡ**
- ରାଜନୈତିକ, ବ୍ୟବସାୟିକ ଶତ୍ରୁତା ସନ୍ଦେହ
- ଉତ୍ତ୍ୟକ୍ତ ଲୋକଙ୍କ ପୋଡ଼ାଜଳା, ଜାତୀୟ ରାଜପଥ ଅବରୋଧ

ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ଜନଗହଳିପୂର୍ଣ୍ଣ ବଜାର ପଛନାୟିକିଆ ଛକରେ ରବିବାର ଅପରାହ୍ନରେ ଘଟିଛି ଟ୍ରିପଲ ମର୍ଡର। ଦୁର୍ବୃତ୍ତମାନେ ବିଚ୍ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ୩ ଭାଇଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ପୁରୀ ଜିଲା ସତ୍ୟବାଦୀ ଥାନା ଅଧୀନ ତଥା ପଛନାୟିକିଆ ଛକ ନିକଟ ସଦାନନ୍ଦପୁର ଗ୍ରାମର ଦୁଇଭାଇ ପୂର୍ଣ୍ଣ ବେହେରା(୪୫), କୃଷ୍ଣ ବେହେରା(୪୨) ଓ ସେମାନଙ୍କ ଦାଦା ପୁଅ ଭାଇ ପଞ୍ଚୁଆ ବେହେରା(୪୪)। ଗତବର୍ଷ ପୂର୍ଣ୍ଣ ଓ କୃଷ୍ଣଙ୍କ ଅନ୍ୟ ଜଣେ ଭାଇ ତଥା

ବୀରରାମଚନ୍ଦ୍ରପୁର ସରପଞ୍ଚ ଅଜୟ ବେହେରାଙ୍କ ବୀଭତ୍ସ ମୃତଦେହ ଘର ନିକଟ ରେଳଧାରଣା ମିଳିଥିଲା। ତାଙ୍କୁ ହତ୍ୟା କରାଯାଇଥିବା ନେଇ ସେତେବେଳେ ଅଭିଯୋଗ ହୋଇଥିବାବେଳେ ଏବେ ପୁଣି ପରିବାରର ୩ଜଣଙ୍କୁ ଦିବାଲୋକରେ ନିର୍ମମ ଭାବେ ହତ୍ୟା କରାଯାଇଛି। ଏହାପଛରେ ରାଜନୈତିକ, ବ୍ୟବସାୟିକ ଶତ୍ରୁତା ଥିବା ସନ୍ଦେହ କରାଯାଉଥିବାବେଳେ ଘଟଣାସ୍ଥଳରେ ଉତ୍ତ୍ୟକ୍ତ ଲୋକେ ପୋଡ଼ାଜଳା କରି ଜାତୀୟ ରାଜପଥ ଅବରୋଧ କରିଥିଲେ।

ରବିବାର ପୁରୀରେ ଦାରୁଦିଅଁଙ୍କ ଅଧରପଣା ନୀତି ଅନୁଷ୍ଠିତ ହେଉଥିବାରୁ ଶ୍ରୀକ୍ଷେତ୍ରକୁ ଭକ୍ତମାନଙ୍କ ସୁଅ ଛୁଟିଥାଏ। ଏଥିପାଇଁ ଘଟଣାସ୍ଥଳ ଅର୍ଥାତ୍ ପଛନାୟିକିଆ ଛକ ନିକଟରେ ପୋଲିସର ଏକ ଅସ୍ଥାୟୀ ଚେକ୍ ପୋଷ୍ଟ କରାଯାଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଅପରାହ୍ନ ପ୍ରାୟ ୪ଟା ସମୟ। ପଛନାୟିକଆ ଛକରେ ହୋଟେଲ କରିଥିବା ପୂର୍ଣ୍ଣ ଘରକୁ ଯିବାବେଳେ ହଠାତ୍ ଏକ ଦୋକାନରୁ ୪ଜଣ ଦୁର୍ବୃତ୍ତ ମାରଣାସ୍ତ୍ର ସହ ବାହାରି ତାଙ୍କୁ ଆକ୍ରମଣ କରିଥିଲେ। ପୂର୍ଣ୍ଣ ପ୍ରାଣବିକଳରେ ଦୌଡ଼ୁଥିବାବେଳେ ଦୁର୍ବୃତ୍ତମାନେ ତାଙ୍କୁ ଚୋଟ ପରେ ଚୋଟ ମାରି ଚାଲିଥିଲେ। ଅସ୍ଥାୟୀ ଚେକ୍ ପୋଷ୍ଟରେ ପୋଲିସ କର୍ମଚାରୀମାନେ ଥିଲେ ମଧ୍ୟ ତାହାକୁ ଦୁର୍ବୃତ୍ତମାନେ ଖାତିର କରି ନ ଥିଲେ। ☞ପୃଷ୍ଠା-୨

# ଶେଷ ପର୍ଯ୍ୟାୟରେ ଚନ୍ଦ୍ରୟାନ-୨

ଶ୍ରୀହରିକୋଟା(ଆନ୍ଧ୍ରପ୍ରଦେଶ),୧୪।୭(ପି.ଟି.)



ଜୁଲାଇ ୧୪-୧୫ ରାତ୍ରି ୨ଟା ୫୧ରେ ଭାରତର ଦ୍ୱିତୀୟ ମୁନ୍ ମିଶନ୍ ଚନ୍ଦ୍ରୟାନ-୨କୁ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଉତ୍କ୍ଷେପଣ କରାଯିବା ଲାଗି ରବିବାର ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଥିଲା। ଅଧିକ ଓଜନ ବହନକାରୀ ରକେଟ୍ ଜିଏସ୍‌ଏଲ୍‌ଭି-ମେକ୍‌୩ (ବାହୁବଳୀ ଭାବେ ନାମିତ୍)ଯୋଗେ ଚନ୍ଦ୍ରୟାନ-୨କୁ ସ୍ଥାନୀୟ ସ୍ପେସ୍‌ପୋର୍ଟରୁ ଲଞ୍ଚ୍ କରାଯାଇଛି। ଏହା ୫୪ ଦିନ ପରେ ସେପ୍ଟେମ୍ବର ୬-୭ରେ ଚନ୍ଦ୍ରର ଅନାବିଷ୍କୃତ ଅଞ୍ଚଳ ଦକ୍ଷିଣ ମେରୁରେ ଅବତରଣ କରିବ। ୩ ଅଂଶ ବିଶିଷ୍ଟ ଏହି ସ୍ପେସ୍‌କ୍ରାଫ୍ଟର ଓଜନ ୩,୮୫୦କିଲୋଗ୍ରାମ୍। ଏଥିରେ ଗୋଟିଏ ଅର୍ବିଟର, ଲ୍ୟାଣ୍ଡର ଏବଂ ରୋଭର ସଂଯୁକ୍ତ ହୋଇଛି। ପ୍ରଥମ ଚନ୍ଦ୍ର ଅଭିଯାନ ସଫଳତାର ୧୧ବର୍ଷ ପରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଚନ୍ଦ୍ରୟାନ-୨ ଲଞ୍ଚ୍ କରୁଛି। ଏହି ପ୍ରକଳ୍ପ ପାଇଁ ୯୭୮କୋଟି ଟଙ୍କା ବ୍ୟୟ ହୋଇଛି। ଗତ ସପ୍ତାହରେ ଏଥିପାଇଁ ପୂରା ଦମ୍‌ରେ ପ୍ରସ୍ତୁତି ଚାଲିଥିଲା ଏବଂ ରବିବାର ସକାଳ ୬ଟା ୫୧ରୁ ଅବଗଣନା ଆରମ୍ଭ ହୋଇଥିଲା। ରାଷ୍ଟ୍ରପତି ରାମନାଥ କୋବିନ୍ଦ ଚନ୍ଦ୍ରୟାନ-୨ ଉତ୍କ୍ଷେପଣ ସମୟରେ ଉପସ୍ଥିତ ରହିବା କାର୍ଯ୍ୟକ୍ରମ ରହିଛି। ଇସ୍ରୋ ଏହାର ମହାକାଶ ଗବେଷଣାତ୍ମକ କାର୍ଯ୍ୟ ଆରମ୍ଭ କରିବା ପରଠାରୁ ଚନ୍ଦ୍ରୟାନ-୨ ଉତ୍କ୍ଷେପଣ ଭାରତ ପାଇଁ ଅତ୍ୟନ୍ତ ସମ୍ମାନଜନକ ବିଷୟ ହୋଇଛି। ଚନ୍ଦ୍ରୟାନ-୨ ସଫଳ ହେଲେ ଏ କ୍ଷେତ୍ରରେ ଭାରତ ବିଶ୍ୱର ଚତୁର୍ଥ ରାଷ୍ଟ୍ର ଭାବେ ମାନ୍ୟତା ପାଇବ। ପୂର୍ବରୁ ରୁଷିଆ, ଆମେରିକା ଏବଂ ଚାଇନା ଏ ଦିଗରେ ସଫଳତା ହାସଲ କରିସାରିଛନ୍ତି।

ଚନ୍ଦ୍ରପୃଷ୍ଠରେ ସ୍ପେସ୍‌କ୍ରାଫ୍ଟର ନିରାପଦ ଅବତରଣ ଏକ ଚ୍ୟାଲେଞ୍ଜ୍ ରୂପେ ଉଭା ହୋଇଛି ବୋଲି ଇସ୍ରୋ ଅଧ୍ୟକ୍ଷ କେ. ଶିବନ୍ ପ୍ରକାଶ କରିଛନ୍ତି। ଚନ୍ଦ୍ରୟାନ-୨ର ସଫଳତା ପାଇଁ ଶିବନ୍ ଶନିବାର ତିରୁମାଲାର ଭେଙ୍କଟେଶ୍ୱର ମନ୍ଦିର ପରିଦର୍ଶନ କରି ପୂଜାର୍ଚ୍ଚନା କରିଛନ୍ତି। ଅନ୍ୟ କୌଣସି ରାଷ୍ଟ୍ର ଏ ପର୍ଯ୍ୟନ୍ତ ଚନ୍ଦ୍ରର ଦକ୍ଷିଣ ମେରୁରେ ମହାକାଶଯାନ ଅବତରଣ କରାଇବାକୁ ସମର୍ଥ ହୋଇପାରି ନାହାନ୍ତି। ଭାରତ ଚନ୍ଦ୍ରର ଅନ୍ଧକାର ତଥା ଦକ୍ଷିଣ ମେରୁରେ ଚନ୍ଦ୍ରଯାନ ଅବତରଣ କରାଇବା ଦ୍ୱାରା ଚନ୍ଦ୍ର ବିଷୟରେ ଅନେକ ନୂଆ ତଥ୍ୟ ମିଳିପାରିବ। ଫଳରେ ଭାରତର ଏଭଳି ଅବଦାନ ସମଗ୍ର ମାନବ ଜଗତ ପାଇଁ ଲାଭପ୍ରଦ ହେବ ବୋଲି ଶିବନ୍ ପ୍ରକାଶ କରିଛନ୍ତି।

## ■ କର୍‌ତାରପୁର କରିଡର: ଭାରତ-ପାକ୍ ମଧ୍ୟରେ ସହମତି
# ଦିନକୁ ୫ ହଜାର ଶ୍ରଦ୍ଧାଳୁ କରିବେ ଭିଜାମୁକ୍ତ ଯାତ୍ରା

ଅମୃତସର,୧୪।୭(ପି.ଟି./ଆଇଏଏନ୍‌ଏସ୍)

ପାକିସ୍ତାନସ୍ଥିତ କର୍‌ତାରପୁର ସାହିବ ଗୁରୁଦ୍ୱାରାକୁ ଭାରତରୁ ଦୈନିକ ୫ ହଜାର ଶ୍ରଦ୍ଧାଳୁ ଭିଜାମୁକ୍ତ ଯାତ୍ରା କରିପାରିବେ। ଭାରତୀୟ ପାସପୋର୍ଟଧାରୀ ଓ ଭାରତର ଦରିଆପାରି ନାଗରିକତ୍ୱ (ଓସିଆଇ) କାର୍ଡଧାରୀଙ୍କ ପାଇଁ ଏହି ସୁବିଧା ବର୍ଷ ସାରା ଉପଲବ୍ଧ ହେବ। ଏନେଇ ଭାରତ ଓ ପାକିସ୍ତାନ ମଧ୍ୟରେ ରବିବାର ସହମତି ପ୍ରକାଶ ପାଇଛି। ସବୁଠୁ ବଡ଼କଥା ହେଲା ଏହି କରିଡରରେ କୌଣସି ଭାରତବିରୋଧୀ କାର୍ଯ୍ୟକଳାପକୁ ଅନୁମତି ଦିଆଯିବ ନାହିଁ ବୋଲି ପାକିସ୍ତାନ ନିଶ୍ଚିତ କରିଛି। ଶିଖ୍ ଧର୍ମର ପ୍ରତିଷ୍ଠାତା ଗୁରୁ ନାନକ ଦେବ (୧୪୬୯-୧୫୩୯)ଙ୍କ ୫୫୦ତମ ଜନ୍ମବାର୍ଷିକୀ ପାଳନ ପାଇଁ କେନ୍ଦ୍ର ସରକାର ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ତନ୍ମଧ୍ୟରୁ ୪.୨ କି.ମି. ଦୀର୍ଘ କର୍‌ତାରପୁର ସାହିବ କରିଡର ନିର୍ମାଣ ଅନ୍ୟତମ। ଏହି କରିଡର ଭରତର ପଞ୍ଜାବସ୍ଥିତ ଗୁର୍‌ଦାସପୁର ଜିଲାର ଡେରା ବାବା ନାନକ ପୀଠକୁ ପାକିସ୍ତାନର ପଞ୍ଜାବ ପ୍ରଦେଶସ୍ଥିତ କର୍‌ତାରପୁର ସାହିବ୍ ଗୁରୁଦ୍ୱାରା ସହିତ ଯୋଡ଼ିବ। ଫଳରେ ଭାରତରୁ ଶିଖ୍ ଶ୍ରଦ୍ଧାଳୁମାନେ ସେଠାକୁ ଯାଇ ଗୁରୁ ନାନକ ଦେବ ରାବିନଦୀ କୂଳରେ ତାଙ୍କର ଶେଷ ଜୀବନ ବିତାଇଥିବା ପବିତ୍ର ସ୍ଥାନ ଦର୍ଶନ କରିପାରିବେ। କରିଡର ନିର୍ମାଣ କାର୍ଯ୍ୟ ଆସନ୍ତା ଅକ୍ଟୋବର ୩୧ରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି।



କର୍‌ତାରପୁର କରିଡର ନିର୍ମାଣ ପାଇଁ ପାକିସ୍ତାନ ସହ ଦ୍ୱିପାକ୍ଷିକ ଆଲୋଚନା ପରେ ଅଟ୍ଟାରୀ ସୀମାରୁ ଫେରୁଛନ୍ତି ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ଯୁଗ୍ମ ସଚିବ ଏସ୍‌ସିଏଲ୍ ଦାସ (ଡାହାଣରୁ ଦ୍ୱିତୀୟ) ଓ ଅନ୍ୟ ଅଧିକାରୀମାନେ।

ଏହା ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଏଥିପାଇଁ ୱାଘା ସୀମାରେ ରବିବାର ଭାରତ-ପାକିସ୍ତାନ ମଧ୍ୟରେ କର୍‌ତାରପୁର କରିଡର ନେଇ ଦ୍ୱିତୀୟ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଛି। ୩ ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁଗ୍ମ ସଚିବ (ଆଭ୍ୟନ୍ତରୀଣ ନିରାପତ୍ତା) ଏସ୍.ସି.ଏଲ୍. ଦାସ ଭାରତୀୟ ପ୍ରତିନିଧି ଦଳର ନେତୃତ୍ୱ ନେଇଥିବାବେଳେ ସ୍ୱରାଷ୍ଟ୍ର, ବହିର୍ବ୍ୟାପାର ଓ ପ୍ରତିରକ୍ଷା ମନ୍ତ୍ରଣାଳୟର ଅଧିକାରୀମାନେ ସାମିଲ ଥିଲେ। ଏହାସହ ପଞ୍ଜାବ ସରକାର ଏବଂ ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ) ଅଧିକାରୀମାନେ ମଧ୍ୟ ବୈଠକରେ ଯୋଗଦେଇଥିଲେ। ସ୍ୱରାଷ୍ଟ୍ର ଯୁଗ୍ମ ସଚିବ ଏସ୍.ସି.ଏଲ୍. ଦାସ ଅଟ୍ଟାରୀରେ ଖବରଦାତାଙ୍କୁ କହିଛନ୍ତି, ବୈଠକରେ ଭାରତ ଦୈନିକ ୫ ହଜାର ଶ୍ରଦ୍ଧାଳୁଙ୍କୁ ଭିଜାମୁକ୍ତ ଯାତ୍ରା ପାଇଁ ଅନୁମତି ଦେବା ଲାଗି ପାକିସ୍ତାନୁ ଅନୁରୋଧ କରିଥିଲା। ଏହାସହ କେତେକ ସ୍ୱତନ୍ତ୍ର ଅବସରରେ ଅତିରିକ୍ତ ୧୦ ହଜାର ଶ୍ରଦ୍ଧାଳୁଙ୍କୁ ଛାଡ଼ିବାକୁ ଅନୁମତି ମାଗିଥିଲା। କର୍‌ତାରପୁର ସାହିବ୍ ଗୁରୁଦ୍ୱାରାରେ ଯାତ୍ରୀଙ୍କୁ ଆବଶ୍ୟକ ହେଲେ କୂଟନୀତିଜ୍ଞଙ୍କ ଜରିଆରେ ଆଇନଗତ ସହାୟତା ପ୍ରଦାନ ସକାଶେ କନ୍‌ସୁଲାର ଉପସ୍ଥିତି ପାଇଁ ମଧ୍ୟ ଭାରତ ପକ୍ଷରୁ ଦାବି କରାଯାଇଥିଲା। ଯାତ୍ରୀଙ୍କ ନିରାପତ୍ତାକୁ ନେଇ ମଧ୍ୟ ଭାରତୀୟ ପ୍ରତିନିଧି ଦଳ ଚିନ୍ତାବ୍ୟକ୍ତ କରିଥିଲେ। କୌଣସି ପ୍ରକାର ଭାରତ ବିରୋଧୀ ଗତିବିଧି ବା କାର୍ଯ୍ୟକଳାପକୁ ଅନୁମତି ଦିଆଯିବ ନାହିଁ ବୋଲି ପାକିସ୍ତାନ ନିଶ୍ଚିତ କରିଛି। ଆଲୋଚନା ବେଳେ ସୀମା ସେପଟେ ଭିତ୍ତିଭୂମି କ୍ଷେତ୍ରରେ ସୃଷ୍ଟି ହେଉଥିବା ପ୍ରତିବନ୍ଧକ କଥା ଉଠାଇ ଭାରତର ପ୍ରସ୍ତାବଗୁଡ଼ିକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିପାରିବ ଏବଂ ଶ୍ରଦ୍ଧାଳୁମାନଙ୍କୁ ବ୍ୟକ୍ତିଗତ ବା ଗୋଷ୍ଠୀଗତ ଭାବେ ଯାତ୍ରା କରିବାର ସୁଯୋଗ ଦିଆଯିବ ବୋଲି ପାକିସ୍ତାନ କହିଛି। ସେହିପରି ଶିଖ୍‌ସ ଫର୍ ଜଷ୍ଟିସ୍ (ଏସ୍‌ଏଫ୍‌ଜେ)ର ଖଲିସ୍ତାନ ସମର୍ଥକମାନଙ୍କୁ ଏହି ଐତିହାସିକ ପଦକ୍ଷେପର ଅପବ୍ୟବହାରରୁ ଦୂରେଇ ରଖିବା ଲାଗି ଭାରତ ପକ୍ଷରୁ କରାଯାଇଥିବା ଅନୁରୋଧକୁ ମଧ୍ୟ ପଡ଼ୋଶୀ ଦେଶ ରକ୍ଷା କରିଛି। ଏ ସଂକ୍ରାନ୍ତରେ ପାକିସ୍ତାନୀ ପ୍ରତିନିଧି ଦଳକୁ ଏକ ଡୋଜିୟର ପ୍ରଦାନ କରାଯାଇଛି। ପ୍ରକାଶ ଯେ, ପଞ୍ଜାବରେ ଆତଙ୍କବାଦକୁ ସମର୍ଥନ କରୁଥିବା ଏହି ଏସ୍‌ଏଫ୍‌ଜେ ଉପରେ ଗତ ୧୦ ତାରିଖରେ ଭାରତ ପକ୍ଷରୁ ନିଷେଧାଦେଶ ଜାରି କରାଯାଇଛି। ପାକିସ୍ତାନର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମହମ୍ମଦ ଫୈଜାଲ୍ ୱାଘା ସୀମାରେ ଖବରଦାତାଙ୍କୁ କହିଛନ୍ତି, ଅନେକ ପ୍ରସଙ୍ଗରେ ଦୁଇପକ୍ଷ ମଧ୍ୟରେ ସହମତି ପ୍ରକାଶ ପାଇଛି। ଆଗକୁ ଆଉ ଥରେ ବୈଠକ ବସିପାରେ।




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଦେବେନ୍ଦ୍ର
ପରିବାରବର୍ଗ


ବିମଳ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ନିର୍ମାଣ କରିଛି ଭୁବନେଶ୍ୱର ସିଟିଟିସି

## 'ଚନ୍ଦ୍ରୟାନ-୨'ର ଓଡ଼ିଶା ଲିଙ୍କ୍

ଭୁବନେଶ୍ୱର,୧୪।୭(ବ୍ୟୁରୋ)

ଭାରତର ବହୁ ପ୍ରତୀକ୍ଷିତ ମହାକାଶ ଅଭିଯାନ 'ଚନ୍ଦ୍ରୟାନ-୨' ମହାକାଶ ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିବାକୁ ଯାଉଥିବାବେଳେ ଏହା ଉପରେ ରହିଛି ସମଗ୍ର ବିଶ୍ୱର ନଜର। ତେବେ ଗର୍ବ ଓ ଗୌରବର ବିଷୟ ହେଲା 'ଚନ୍ଦ୍ରୟାନ-୨' ଅଭିଯାନ ସହ ଯୋଡ଼ିହୋଇଛି ଓଡ଼ିଶା ଲିଙ୍କ୍। 'ମଙ୍ଗଳୟାନ' ପରେ ଏବେ 'ଚନ୍ଦ୍ରୟାନ-୨'ରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି ଭୁବନେଶ୍ୱରସ୍ଥିତ ସେଣ୍ଟ୍ରାଲ୍ ଟୁଲ୍ ରୁମ୍ ଆଣ୍ଡ ଟ୍ରେନିଂ ସେଣ୍ଟର(ସିଟିଟିସି)। ସୋମବାର ଶ୍ରୀହରିକୋଟାରୁ ଉତ୍କ୍ଷେପଣ ହେବାକୁ ଥିବା ଏହି ବହୁ ପ୍ରତୀକ୍ଷିତ ମହାକାଶ ଯାନ ପାଇଁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ତିଆରି କରିଛି ଭୁବନେଶ୍ୱରସ୍ଥିତ ଉକ୍ତ କେନ୍ଦ୍ରୀୟ ପ୍ରଶିକ୍ଷଣ ସଂସ୍ଥା।

ଚନ୍ଦ୍ରୟାନ ଅଭିଯାନରେ ସିଟିଟିସି ଭୁବନେଶ୍ୱରର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। 'ଚନ୍ଦ୍ରୟାନ-୨' ପାଇଁ ଏଠାରେ ବିଭିନ୍ନ କମ୍ପୋନେଟ୍ ବା ଉପାଦାନ ସହ ଲଞ୍ଚ୍ ଭେହିକିଲ୍ ପାଇଁ ୨୨ ପ୍ରକାରର ସାମଗ୍ରୀ ତିଆରି କରାଯାଇଛି। କେବଳ ଏତିକି ନୁହେଁ, ଏହି ମହାକାଶ ଯାନର ଫୁଏଲ୍ ଭାଲ୍ବ ମଧ୍ୟ ତିଆରି କରିଛି ସିଟିଟିସି। ଜିଏସ୍ଏଲ୍ଭି ରକେଟ୍ର କ୍ରାୟୋଜେନିକ୍ ଇଞ୍ଜିନର ବିଭିନ୍ନ ଅଂଶ ସହ ଇନର୍ସିଆଲ ମୋମେଣ୍ଟମ୍ ଏବଂ ନାଭିଗେସନ ଜାଣିବା ପାଇଁ ୭ଟି ସ୍ୱତନ୍ତ୍ର ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ଏଠାରେ ପ୍ରସ୍ତୁତ କରାଯାଇଛି। ଏହି ଜିଏସ୍ଏଲ୍ଭି ଏମ୍କେ-୩ ରକେଟ୍ ଏକ ଅର୍ବିଟର୍ ସହ ଲ୍ୟାଣ୍ଡର୍ 'ବିକ୍ରମ' ଓ ମୁନ୍ରୋଭର୍ 'ପ୍ରଜ୍ଞା' ନେଇ ଚନ୍ଦ୍ର ଅଭିମୁଖେ ଯିବ। ଭୁବନେଶ୍ୱରସ୍ଥ ସିଟିଟିସିର ପରିଚାଳନା ନିର୍ଦ୍ଦେଶକ ଶିବାଶିଷ ମାଇତିଙ୍କ ସୂଚନା ଅନୁଯାୟୀ, ୨୦୧୬ ମସିହାରୁ ଏଠାରେ 'ଚନ୍ଦ୍ରୟାନ-୨' ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ୧୦୦ରୁ ଉର୍ଦ୍ଧ୍ୱ ଇଞ୍ଜିନିୟର ଏବଂ ଅପରେଟର ଦିନରାତି ଏଥିପାଇଁ କାମ କରିଥିଲେ। ଇସ୍ରୋ ସହ ଏନେଇ ଆମେ ଏମ୍ଓୟୁ ସ୍ୱାକ୍ଷର କରିଥିଲୁ। ମଙ୍ଗଳୟାନ ସମୟରେ ବି ଭୁବନେଶ୍ୱର ସିଟିଟିସି ଶାଖା ଗୁରୁ ଦାୟିତ୍ୱ ଗ୍ରହଣ କରିଥିଲା। ସେତେବେଳେ ମହାକାଶ ଯାନର ବହୁ ସାମଗ୍ରୀ ଏଠାରେ ତିଆରି ହୋଇଥିଲା। ମହାକାଶ ଯାନ ତିଆରି କରିବା ପାଇଁ ଆମପାଖରେ ବହୁ ଉଚ୍ଚ କ୍ଷମତାସମ୍ପନ୍ନ ଯନ୍ତ୍ରପାତି ରହିଛି। ଅଭିଜ୍ଞ ଅପରେଟରମାନେ ମଧ୍ୟ ଆମ ସହ ସାମିଲ ହୋଇଛନ୍ତି। ଯାହାବି ଏଠାରେ ତିଆରି ହୋଇଛି ତାହାକୁ ଇସ୍ରୋରେ ଥିବା ସିଟିଟିସି ୟୁନିଟକୁ ପଠାଯାଇଛି। ସେଠାରେ ପ୍ରାୟ ୫୦ଜଣ ବିଶେଷଜ୍ଞ ପୁଣି ଥରେ ସମସ୍ତ ଯନ୍ତ୍ରପାତିର ଯାଞ୍ଚ କରିଛନ୍ତି। ରକେଟ୍ର ଫୁଏଲ୍ କଣ୍ଟ୍ରୋଲ ବା ଇନ୍ଧନ ପରିଚାଳନା କରିବା ଲାଗି ଯେଉଁ ୨୨ ଭାଲ୍ବ୍ସ ଲାଗିଛି ତାହାକୁ ଆମେ ପ୍ରସ୍ତୁତ କରିଛୁ। ଏଥିସହ ଜିଏସ୍ଏଲ୍ଭି ଏମ୍କେ-୩ର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତି ତଥା ଅଂଶ ଏଠାରେ ତିଆରି କରାଯାଇଛି। ଅର୍ବିଟର୍ର ନାଭିଗେସନ ବା ଦିଗ ଓ ଇନର୍ସିଆଲ ମୋମେଣ୍ଟମ୍ ବା ଗତିବିଧି ଜାଣିବା ପାଇଁ ଆବଶ୍ୟକ ୭ଟି ସୋଲାର୍ ଆରେ ଡ୍ରାଇଭ୍ ଆସେମ୍ବ୍ଲି (ଏସ୍ଏଡିଏ) ମୋଟର ଆମେ ପ୍ରସ୍ତୁତ କରିଛୁ ବୋଲି ମାଇତି କହିଛନ୍ତି।

### 'ପ୍ରଜ୍ଞା'ର ଗୋଡ଼ ତିଆରି କରିବା ଚ୍ୟାଲେଞ୍ଜିଂ ଥିଲା

ମୁନ୍ ରୋଭର୍ 'ପ୍ରଜ୍ଞା' ପାଇଁ ଲିମ୍ବ୍ସ ବା ଗୋଡ଼ ତିଆରି କରିବା ସିଟିଟିସି ପାଇଁ ସବୁଠାରୁ ଅଧିକ ଚ୍ୟାଲେଞ୍ଜିଂ ଥିଲା। ପ୍ରତ୍ୟେକ ଲିମ୍ବ୍ରେ ଗୋଟିଏ ଲେଖାଏଁ ଚକ ଲଗାଯାଇଥିଲା, ଯାହାକି ଚନ୍ଦ୍ର ପୃଷ୍ଠରେ ଚଳାଚଳ କରିବାରେ ଏହା ରୋଭର୍କୁ ସାହାଯ୍ୟ କରିବ। ଏହି ଲିମ୍ବ୍ସକୁ ସ୍ୱତନ୍ତ୍ର ଜ୍ଞାନକୌଶଳ ଓ ଡିଜାଇନ୍ରେ ପ୍ରସ୍ତୁତ କରାଯାଇଛି। 'ପ୍ରଜ୍ଞା' ସଫଳତାର ସହ ଚନ୍ଦ୍ରରେ ଅବତରଣ କରିବା ପରେ ଆମକୁ ଖୁସି ଲାଗିବ ଯେ ଏଥିରେ ଆମେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛୁ। ଏହା କେବଳ ସିଟିଟିସି ପାଇଁ ନୁହେଁ, ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ଏବେ ସିଟିଟିସି ସହ ରାଜ୍ୟର ୧୯ଟି ଏମ୍ଏସ୍ଏମ୍ଇ ସଂସ୍ଥା ଓ ଶିକ୍ଷାନୁଷ୍ଠାନ କାମ କରୁଛନ୍ତି। ସିଭି ରମଣ, ଗ୍ରାମ ତରଙ୍ଗ ଓ ଗ୍ରାମ ବିକାଶ ଭଳି ସଂସ୍ଥା ଏହାର ଅଂଶ ରହିଛନ୍ତି ବୋଲି ମାଇତି କହିଛନ୍ତି।

## ଲୁଟେରା ଗ୍ୟାଙ୍ଗ ଠାବ: ୪ ଗିରଫ

କଟକଅଫିସ, ୧୪।୭- ସୁନାଚେନ୍ ଲୁଟ୍ ମାମଲାରେ ତଦନ୍ତ କରି ଚାଉଳିଆଗଞ୍ଜ ପୋଲିସ ଏକ ଲୁଟେରା ଗ୍ୟାଙ୍ଗକୁ ଠାବ କରିଛି। ଗ୍ୟାଙ୍ଗର ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଜଣଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ସଦର ଥାନା ଅନ୍ତର୍ଗତ ବାଲିକୁଦା ଅଞ୍ଚଳର ଅମୀୟ ପଟ୍ଟନାୟକ ଓରଫ ଟିକୁନ, ବାଦାମବାଡ଼ି ଥାନା ଅନ୍ତର୍ଗତ ଖାନ୍ନଗର ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ବେହେରା ଓରଫ ହାପି, ଶଙ୍କରପୁର ଅଞ୍ଚଳର ମଧୁସୂଦନ ବୈଥାଳ ଓରଫ କାଳିଆ ଓ ମଙ୍ଗଳାବାଗ ଥାନା ଅଧୀନ ବଣିଆସାହି ଅଞ୍ଚଳର ସୁନୀଲ ସେନାପତି ଓରଫ ବାବୁ। ସେମାନଙ୍କଠାରୁ ୭ଟି ସୁନାଚେନ ଓ ଗୋଟିଏ ବାଇକ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ ଚାଉଳିଆଗଞ୍ଜ, ଚୌଦ୍ୱାର, କଟକ ସଦର, ମଧୁପାଟଣା ଥାନାରେ ୧୧ଟି ଲୁଟ ମାମଲା ଥିବା ପୋଲିସ ସୂଚନା ଦେଇଛି।

## 'ସଡ଼କ ୨' ଶୁଟିଂ ଖୁବ୍ଶୀଘ୍ର



ମୁମ୍ବାଇ: ଅଭିନେତ୍ରୀ ଆଲିଆ ଭଟ୍ଟ 'ସଡ଼କ ୨' ଶୁଟିଂ ପାଇଁ ଖୁବ୍ଶୀଘ୍ର ଉଟି ଗସ୍ତ କରିବା କାର୍ଯ୍ୟକ୍ରମ ରହିଛି। ତାଙ୍କ ପିତା ତଥା ଫିଲ୍ମ ନିର୍ମାତା ମହେଶ ଭଟ୍ଟଙ୍କ ଦ୍ୱାରା 'ସଡ଼କ ୨' ନିର୍ମାଣ ହେଉଛି। ତେବେ ଏଥିପାଇଁ ସବୁମତେ ପ୍ରସ୍ତୁତ ହୋଇସାରିଥିବା ଆଲିଆ ସୂଚନା ଦେଇଛନ୍ତି। ସେ ଏହି ପ୍ରକଳ୍ପ ସମ୍ପର୍କିତ ବିଷୟବସ୍ତୁ ରବିବାର ଇନ୍ଷ୍ଟାଗ୍ରାମ୍ରେ ପୋଷ୍ଟ କରିଛନ୍ତି। ଉକ୍ତ ଫିଲ୍ମ ସ୍କ୍ରିପ୍ଟର ସମ୍ମୁଖ ଭାଗର ଫଟୋଗ୍ରାଫ୍ ସେ ଶେୟାର କରିଛନ୍ତି। ଏହାର କାହାଣୀ ରଚନା କରିଛନ୍ତି ମହେଶ ଭଟ୍ଟ। ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ପୂଜା ଭଟ୍ଟ, ଆଦିତ୍ୟ ରଏ କପୁର, ସଞ୍ଜୟ ଦତ୍ତ, ଯିଶୁ ସେନ୍ଗୁପ୍ତ, ପ୍ରିୟଙ୍କା ବୋଷ୍ ଏବଂ ଅକ୍ଷୟ ଆନନ୍ଦ। 'ସଡ଼କ ୨' ହେଉଛି ୧୯୯୧ର ହିଟ୍ ଫିଲ୍ମ 'ସଡ଼କ'ର ଦ୍ୱିତୀୟ ଭାଗ। ରୋମାଞ୍ଚକର ପ୍ରେମକାହାଣୀକୁ ନେଇ ଏହି ଫିଲ୍ମ ନିର୍ମିତ। ଏଥିରେ ଅଭିନୟ କରିଥିଲେ ପୂଜା ଭଟ୍ଟ ଓ ସଞ୍ଜୟ ଦତ୍ତ। ୨୦୨୦ ଜୁଲାଇ ୧୦ରେ 'ସଡ଼କ ୨' ରିଲିଜ ହେବାର ଅଛି।

## 'ଭଉଣୀଙ୍କୁ ପିଟି ହତ୍ୟା କରାଯାଇଛି'

### ଅଭିଯୁକ୍ତ ସ୍ୱାମୀ ଗିରଫ

ଭଦ୍ରକ ଅଫିସ,୧୪।୭

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଅନ୍ନପାଳ ଦେଉଳୀପଦୀ ଗାଁରେ ଶନିବାର ବିଳମ୍ବିତ ରାତିରେ ସାବିତ୍ରୀ ଜେନା(୪୦) ନାମ୍ନୀ ଜଣେ ମହିଳାଙ୍କୁ ପିଟି ହତ୍ୟା କରାଯାଇ ଏହାକୁ ଆତ୍ମହତ୍ୟା ରୂପ ଦିଆଯାଇଥିବା ପୋଲିସରେ ଅଭିଯୋଗ ହୋଇଛି। ବାପଘର ଲୋକଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ଏକ ମାମଲା ରୁଜୁ କରି ମୃତା ମହିଳାଙ୍କ ସ୍ୱାମୀ ଭଗବାନ ଜେନାଙ୍କୁ ଗିରଫ କରିଥିବା କହିଛି। ବାପଘର ଲୋକେ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ସାବିତ୍ରୀ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିବା ନେଇ ଶାଶୁଘର ଲୋକେ ଫୋନ କରି ଖବର ଦେଇଥିଲେ। ରବିବାର ଭୋର ସମୟରେ ମୃତା ସାବିତ୍ରୀଙ୍କ ଭାଇ ବିଚିତ୍ର ଜେନା ଓ ସମ୍ପର୍କୀୟମାନେ ଆସି ପାରିପାର୍ଶ୍ୱିକ ସ୍ଥିତି ଦେଖି ସାବିତ୍ରୀଙ୍କୁ ପିଟି ମାରିଦେବା ପରେ ଏହାକୁ ଆତ୍ମହତ୍ୟାର ରୂପ ଦିଆଯାଇଥିବା ସନ୍ଦେହ ପ୍ରକାଶ କରିଥିଲେ। ଭିଣୋଇ ଭଗବାନ ଏଭଳି ହତ୍ୟାକାଣ୍ଡ ଭିଆଇଥିବା ନେଇ ସାବିତ୍ରୀଙ୍କ ଭାଇ ବିଚିତ୍ର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୂର୍ବରୁ ଭଗବାନ ନିଶାସକ୍ତ ଅବସ୍ଥାରେ ତାଙ୍କ ଭଉଣୀଙ୍କୁ ନିର୍ଯାତନା ଦେବା ସହ ମାରଧର କରି ଆସୁଥିଲେ ବୋଲି ସେ ମଧ୍ୟ ଅଭିଯୋଗ କରିଛନ୍ତି। ଗ୍ରାମାଞ୍ଚଳ ଥାନା ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ମେଡିକାଲକୁ ପଠାଇ ଅଧିକ ତଦନ୍ତ ଜାରି ରଖିଛି। ମୃତା ସାବିତ୍ରୀଙ୍କ ୩ ଝିଅ ଓ ଗୋଟିଏ ପୁଅ ରହିଛନ୍ତି।

## ଯୁବକଙ୍କ ଭୁଜାଲି ଆକ୍ରମଣରେ ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ଆହତ

ଫୁଲନଖରା,୧୪।୭(ଡି.ଏନ.ଏ.) କଟକ ସଦର ଥାନା ଅନ୍ତର୍ଗତ ହରିଅନ୍ତା ଗ୍ରାମର ଜଣେ ଯୁବକଙ୍କ ଭୁଜାଲି ଆକ୍ରମଣରେ ଉକ୍ତ ଗ୍ରାମର ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ଲକ୍ଷ୍ମୀଧର ପ୍ରଧାନ ଆହତ ହୋଇଛନ୍ତି। ଖବର ଅନୁଯାୟୀ, ଗ୍ରାମର ସବ ମାଇନରକୁ ଜେସିବି ମେଶିନରେ ସଫେଇ କାର୍ଯ୍ୟ ହେଉଥିଲା। ତେବେ ଏହି କାର୍ଯ୍ୟକୁ ଲକ୍ଷ୍ମୀଧର ବିରୋଧ କରିବା ସହ ବନ୍ଦ କରିବା ପାଇଁ କହିଥିଲେ। ଏହି ସମୟରେ ସ୍ଥାନୀୟ ଜଣେ ଯୁବକ ଆସି କାମ କାହିଁକି ବନ୍ଦ ହେଲା ବୋଲି ଲକ୍ଷ୍ମୀଧରଙ୍କୁ କହିଥିଲେ। ସାମାନ୍ୟ କଥାରୁ ଯୁକ୍ତିତର୍କ ହେବାରୁ ଯୁବକ ଜଣକ ଉତ୍ତେଜିତ ହୋଇ ଏକ ଭୁଜାଲିରେ ଲକ୍ଷ୍ମୀଧରଙ୍କ ମୁଣ୍ଡକୁ ଆକ୍ରମଣ କରିବାକୁ ଆସିଥିଲେ। ଏଥିରେ ସେ ହାତ ଦେଖାଇବାରୁ ଭୁଜାଲି ଚୋଟ ହାତରେ ବାଜି କ୍ଷତ ହୋଇଥିଲା। ପରେ ଯୁବକଜଣକ ଫେରାର ହୋଇଯାଇଥିବାବେଳେ ସ୍ଥାନୀୟ ଲୋକେ ଆହତ ଲକ୍ଷ୍ମୀଧରଙ୍କୁ ଚିକିତ୍ସା ପାଇଁ ନିକଟ ଚିକିତ୍ସାକେନ୍ଦ୍ରକୁ ନେଇଥିଲେ। ଖବର ନେବାବେଳେ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ।

### ପ୍ରଥମ ପୃଷ୍ଠାରୁ...

## ଗୋଡ଼ାଇ ଗୋଡ଼ାଇ...

ଏହି ସମୟରେ ପୂର୍ଣ୍ଣଙ୍କୁ ବଞ୍ଚାଇବାକୁ ତାଙ୍କ ଦାଦାପୁଅ ଭାଇ ପଞ୍ଚୁଆ ଚେଷ୍ଟା କରିଥିଲେ। କିନ୍ତୁ ଦୁର୍ବୃତ୍ତମାନେ ତାଙ୍କୁ ମଧ୍ୟ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ପୂର୍ଣ୍ଣ ଓ ପଞ୍ଚୁଆ ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେଠାରେ ଟଳି ପଡ଼ିଥିଲେ। ଆକ୍ରମଣ ଖବର ପାଇ କିଛି ସମୟରେ ଘଟଣାସ୍ଥଳରେ ପହଞ୍ଚିଯାଇଥିଲେ ପୂର୍ଣ୍ଣଙ୍କ ଭାଇ କୃଷ୍ଣ। କିନ୍ତୁ ତାଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ହତ୍ୟା କରି ସେଠାରୁ ଫେରାର ହୋଇଯାଇଥିଲେ। ଦୁର୍ବୃତ୍ତମାନଙ୍କ ଆତଙ୍କରାଜ ଦେଖି ବଜାରର ଦୋକାନଗୁଡ଼ିକ ପ୍ରାୟତଃ ବନ୍ଦ ହୋଇଯାଇଥିଲା। କିନ୍ତୁ କିଛି ସମୟ ପରେ ମୃତକମାନଙ୍କ ଗାଁ ଓ ଆଖପାଖ ଅଞ୍ଚଳର ବହୁ ଲୋକ ପଟ୍ଟନାୟିକିଆ ଛକରେ ପହଞ୍ଚିଯାଇଥିଲେ। ଏହାପରେ କେତେଜଣ ଉତ୍ତ୍ୟକ୍ତ ଲୋକେ ଛକରେ ଦୁଇଟି କ୍ୟାବିନ୍ ଦୋକାନକୁ ପୋଡ଼ି ଦେଇଥିବାବେଳେ କେତେକ ଦୋକାନରୁ ସାମଗ୍ରୀ ଫିଙ୍ଗାପୋପଡ଼ା କରିଥିଲେ। ତୁରନ୍ତ ଅପରାଧୀମାନଙ୍କୁ ଗିରଫ କରିବା ଦାବିରେ ଲୋକମାନେ ରାସ୍ତାରେ ଟାୟାର ଜାଳି ଅବରୋଧ କରିଥିଲେ। ଫଳରେ ଜାତୀୟ ରାଜପଥର ଦୁଇପାର୍ଶ୍ୱର ବହୁ ଦୂରକୁ ଯାନବାହନ ଅଟକି ରହିଥିଲା। ସତ୍ୟବାଦୀ ଥାନା ପୋଲିସ ରାସ୍ତା ଅବରୋଧକାରୀଙ୍କୁ ହଟାଇବାକୁ ଚେଷ୍ଟା କରି ବିଫଳ ହେବା ସହ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲା। ଏପରି କି ନିଆଁ ଲିଭାଇବାକୁ ଯାଉଥିବା ଦମକଳ ଗାଡ଼ିକୁ ମଧ୍ୟ ଲୋକେ ଛାଡ଼ି ନ ଥିଲେ। ପରେ ଏସ୍ପି ଉମାକାନ୍ତ ଦାଶ, ଏଏସ୍ପି ଗାଗାରିନ ମହାନ୍ତି, ପୁରୀ ସଦର ଏସ୍ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ ଓ ପିପିଲି ଏସ୍ଡିପିଓ ଦେବଦତ୍ତ ବରାଳ, ସତ୍ୟବାଦୀ ଥାନାଧିକାରୀ ତପନ କୁମାର ରାଉତ ୫ ପ୍ଲାଟୁନ ପୋଲିସ ଫୋର୍ସ ସହ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ରାସ୍ତା ଅବରୋଧ ହଟାଇଥିଲେ। ଫଳରେ ରାତି ୯ଟାରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହାର ଘଣ୍ଟାଏ ପରେ ପୋଲିସ ୩ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଥିଲା। ରିପୋର୍ଟ ପ୍ରସ୍ତୁତି ଯାଏ ସତ୍ୟବାଦୀ ପୋଲିସ କୌଣସି ମାମଲା ରୁଜୁ କରି ନ ଥିବାବେଳେ ତଦନ୍ତ ଜାରି ରଖିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ଆଜି ତୃତୀୟ ଚତୁର୍ଥ ଓ ଅଷ୍ଟମ ନବମରେ ସମସ୍ତ ଗ୍ରହ ଅବସ୍ଥାନ କରୁଥିବାରୁ ସାଧାରଣ ସମସ୍ୟା ମଧ୍ୟରେ କାର୍ଯ୍ୟ ହାସଲ କରିବେ। ନିକଟରେ ରହୁ ନ ଥିବା ପିଲାଙ୍କ ସ୍ୱାସ୍ଥ୍ୟ ସକାଶେ ଏବଂ ସଭାସମିତି ଓ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହି ପାରନ୍ତି। ସ୍ୱାର୍ଥସାଧନ ମାନସରେ ନିଜ ଲୋକମାନେ ଅସୁବିଧାରେ ପକାଇବାର ଆଶଙ୍କା ରହିଛି।

**ବୃଷ**

ଧନାଧିପତି ଉପଚୟ ସ୍ଥାନରେ ରହିଥିବାରୁ ଆର୍ଥିକ ସମସ୍ୟା ପାରିବାରିକ ଆବଶ୍ୟକତାକୁ ଅଟକାଇଦେଇପାରେ। ନିର୍ମାଣ, ବ୍ୟବସାୟ, ସାମ୍ବାଦିକତା, ଏଜେନ୍ସିପ୍, ମାଲିମକଦ୍ଦମା ପ୍ରଭୃତିରେ ଉନ୍ନତି କରିବେ। ସାମାଜିକ କ୍ଷେତ୍ର, ସାଂଗଠନିକ ସ୍ତରରେ ଆପଣଙ୍କ କାର୍ଯ୍ୟଦକ୍ଷତା ଲୋକପ୍ରିୟତାକୁ ବଢ଼ାଇବ।

**ମିଥୁନ**

ଧନାଧିପ ସପ୍ତମ ସ୍ଥାନସ୍ଥ ହେତୁ ଅର୍ଥ ଲାଭ କାରଣରୁ ମନ ଖୁସି ରହିବ। କିନ୍ତୁ ମୃଗଶିରା ନକ୍ଷତ୍ରାଧିପତି ଦୁର୍ବଳ ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ଲାଗିରହିପାରେ। ଉପରିସ୍ଥଙ୍କ ଆଦେଶପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ଏକ ଆଧାତ୍ମିକ ପରିବେଶରେ ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ**

ସୁଖଭାବାଧିପତି ରବି ଦ୍ୱାଦଶ ଭାବସ୍ଥ ହେତୁ କଥାବାର୍ତ୍ତାରେ ସଂଯମତା ଅବଲମ୍ବନ ନ କଲେ କଳହ ଲାଗିବାର ସମ୍ଭାବନା ରହିଛି। ଭୁଲ୍ ବୁଝାମଣା କାରଣରୁ ଅତିପ୍ରିୟ ବନ୍ଧୁଙ୍କ ସହ ମନାନ୍ତର ହୋଇପାରେ। ଘରେ ଅସାବଧାନତାବଶତଃ ଦ୍ରବ୍ୟନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ଦୂରଯାତ୍ରାର ସୁଯୋଗ ପାଇବା ସହ ଆନୁଷ୍ଠାନିକ କାମରେ ବ୍ୟସ୍ତ ରହିପାରନ୍ତି।

**ସିଂହ**

କର୍ମାଧିପତି ଏକାଦଶସ୍ଥ ଯୋଗୁ ଅଟକି ରହିଥିବା କାମଗୁଡ଼ିକୁ ସମ୍ପନ୍ନ କରିବେ। କିନ୍ତୁ ପରିବାରରେ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। କର୍ମକ୍ଷେତ୍ରରେ ମନକଥା ମନରେ ଗୋପନ ରଖି ପିଠି ଥାପୁଡ଼େଇ କାମ ହାସଲ କରିପାରନ୍ତି। ରାହୁଯୁକ୍ତ ରବି କାରଣରୁ ପୁରାତନ ରୋଗର ପୀଡ଼ା ବୃଦ୍ଧି ପାଇପାରେ।

**କନ୍ୟା**

ବିଶେଷ କିଛି ଅସୁବିଧା ନ ଥାଇ ମଧ୍ୟ ନିଜ ଲୋକମାନଙ୍କ ଦ୍ୱାରା କାମରେ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସମୟାନୁବର୍ତ୍ତିତା ଓ କାର୍ଯ୍ୟଦକ୍ଷତା ଯୋଗୁ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ଆବଶ୍ୟକତାନୁସାରେ ଗୃହୋପକରଣ କ୍ରୟ କରିପାରନ୍ତି। କିନ୍ତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ତୁଳା**

ତୃତୀୟସ୍ଥ ଶନି ଓ ଚନ୍ଦ୍ରଙ୍କ ସମ୍ପର୍କ ଆତ୍ମୀୟମାନଙ୍କ ସାହାଯ୍ୟ ସହଯୋଗରୁ ସ୍ଥଗିତ କାର୍ଯ୍ୟ ସମ୍ପନ୍ନ କରିପାରିବେ। ତରତର ହୋଇ କିଛି କାମ କରନ୍ତୁ ନାହିଁ, ଯାହାକି କାମକୁ ବିଗାଡ଼ି ଦେଇପାରେ। ବନ୍ଧୁମାନଙ୍କୁ ଉପଯୁକ୍ତ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଆଜି ଦିନଟିରେ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ବିଛା**

ମନ ଚାହୁଁଥିବା ପ୍ରକାରେ କାମ ନ ହେବା କାରଣରୁ ମାନସିକ ସ୍ତରରେ ଚିନ୍ତିତ ରହିପାରନ୍ତି। କିନ୍ତୁ କର୍ମକ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ। ବନ୍ଧୁଙ୍କ ଜରିଆରେ ଆଶା କରୁଥିବା ଖବରଟି ପାଇ ଖୁସି ହେବେ। ମନ ବିରକ୍ତି ହେତୁ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ଧନୁ**

ଯେତେ ଭଲ ହେଲେ ମଧ୍ୟ ଅତୀତର କୌଣସି ଘଟଣା ମନକୁ ବେଶି ବିବ୍ରତ କରିବ। ଯାତ୍ରା କାଳରେ କିମ୍ବା ଜନଗହଳି ରାସ୍ତାରେ ସତର୍କତା ଅଭାବରୁ ଧନହାନି ଘଟିପାରେ। କୌଣସି ପ୍ରିୟବନ୍ଧୁଙ୍କ ଆଗମନ ସକାଶେ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। କଠିନ ଶ୍ରମ ଯୋଗୁ ସାମାନ୍ୟ ଶାରୀରିକ ଅସୁସ୍ଥି ଅନୁଭବ କରିବାର ଆଶଙ୍କା ରହିଛି।

**ମକର**

ବହୁଳ ମାତ୍ରାରେ ଦୁଶ୍ଚିନ୍ତା ଦୂର ହୋଇଥିଲେ ମଧ୍ୟ ନୂଆ ନୂଆ ସମସ୍ୟା ପୁନଶ୍ଚ ମୁଣ୍ଡ ଟେକିପାରେ। ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। କର୍ମକ୍ଷେତ୍ରରେ ନୀଚବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି। ନିର୍ମାଣାଧୀନ କାମ ଶେଷ ପର୍ଯ୍ୟାୟକୁ ନେବାରେ ବହୁତ ବାଧା,ବିଘ୍ନର ସମ୍ମୁଖୀନ ହେବାର ସୂଚନା ରହିଛି।

**କୁମ୍ଭ**

କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ତର୍କବିତର୍କ ମଧ୍ୟରେ ମତ ପାର୍ଥକ୍ୟ ଦେଖା ଦେଇପାରେ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି। ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବାରୁ କୌଣସି କାମରେ ଆଗଭର ହୋଇପାରିବେ ନାହିଁ। ଆଜିର ପ୍ରତ୍ୟୁଷ ଯାତ୍ରା ଫଳପ୍ରଦ ହେବାସହ ଲକ୍ଷ୍ୟ ହାସଲ କରିପାରିବେ।

**ମୀନ**

କର୍ମକ୍ଷେତ୍ରରେ ଗତକାଲିର ଅସମ୍ପୂର୍ଣ୍ଣ କାମକୁ ଆଜି ପୂର୍ଣ୍ଣାଙ୍ଗ କରିବାରେ ସମର୍ଥ ହେବେ। ବିବାଦୀୟ ପରିସ୍ଥିତିରେ କିମ୍ବା ମାଲିମକଦ୍ଦମାରେ ସଫଳତା ହାସଲ କରିବେ। ଯଦିଓ ଦେହ ଭଲ ରହିବ ମାତ୍ର ଶ୍ରମଜନିତ କ୍ଳାନ୍ତିବୋଧ କରିପାରନ୍ତି। ଆନୁଷ୍ଠାନିକ କିମ୍ବା ଧାର୍ମିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

ଆଜି ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ନୀଳାଦ୍ରି ବିଜେ, ଶିବ ଶୟନୋତ୍ସବ,ଆଷାଢ଼ ଶୁକ୍ଳ ଚତୁର୍ଦ୍ଦଶୀ ସୋମବାର, ଜୁଲାଇ ୧୫, ବିଶ୍ୱ ଯୁବ କୌଶଳ ଦିବସ, ରସଗୋଲା ଦିବସ, ରାଶି ନକ୍ଷତ୍ର-ମୂଳା/ଧନୁ, ମିଥୁନ ରାଶିର ଘାତବାର, ଚତୁର୍ଦ୍ଦଶୀରଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଦିବା ଘ୬।୫୦ମି. ମଧ୍ୟେ, ଘ୧।୦୫ମି. ଗତେ ଘ୨।୪୩ମି. ମଧ୍ୟେ, ଘ୪।୪୩ମି. ଗତେ ଘ୬।୨୨ମି ମଧ୍ୟେ ଅମୃତବେଳା। ସକାଳ ଘ୮।୨୮ମି. ଗତେ ଘ୧୦।୦୨ମି. ମଧ୍ୟେ ମାହେନ୍ଦ୍ର ବେଳା।


# classifieds Everyday 0674-2580101, 2549302




SALE

ଭୁବନେଶ୍ୱର ରେତଙ୍ଗ Railway station ପାଖରେ ଘରବାରି ପ୍ଲଟ 420/- ଏବଂ ଗଙ୍ଗପଡ଼ା ପୁରୁଣା ଟୋଲଗେଟ ପାଖରେ 500/- ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 6370924129. D-66726

**SUM hospital କ୍ରିଷ୍ଣାପୁରି କଲୋନି, Patrapada NH ପାଖରେ yellowzone plot ତୁରନ୍ତ ବିକ୍ରିହେବ। 9938912 56, 8917502591.** D-66731

Plot for sale near SUM, Nuagaon, Ghatikia, Pitapali. 6371209927, 9337008959. D-64981

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66927

2BHK, 3BHK ready to move flats at Hitech Heaven near Godiapokhari Chowk, Bhubaneswar. 9778832554, 9937927876. D-13355

ଭୁବନେଶ୍ୱର **KIIT** ଜଗନ୍ନାଥ ମନ୍ଦିରଠାରେ ଘରବାରୀ **plot 30'** ରାସ୍ତା, ଇଲେକ୍ଟ୍ରି ଥାଇ ବିକ୍ରିହେବ। **6372824177.** D-66727

ଭୁବନେଶ୍ୱର Gudiapokhari ଏବଂ KEC ଠାରେ ଅଗ୍ରିମ boundarywall, 30ft road ଏବଂ ବାସୋପଯୋଗୀ plot ଦିଆଯାଉଅଛି sqft 650/- 7008045582, 9692003948. D-13401

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ 9114955347, 8658962508.** D-66729

Urgent for immediate sale. A core house built-up area 1700sqft. Total land 10,000sqft at Nirakarpur, Khorda, may be sold partly. Only Genuine buyer may Contact No: 9777947573, 9938800102. D-13415

**Conversion demarcation plot sale ନଖରାରୁ ୬କିଲୋମିଟର ବ୍ରାହ୍ମଣଝରିଲୋ ପିଚୁରୋଡ଼ sideରେ 1200sqft. 6,60,000/-. 9437306208.** D-66728

2BHK fully furnished with modular kitchen apartment sale at Gudiapokhari near KEC. 15 minutes drive from Bhubaneswar and 40 minutes from Puri. Buyer please contact: 9438109040, 8144658008. D-13402

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଚ୍ଚାରୁ ବିକ୍ରିହେବ। 9178660666. D-67304

ଭୁବନେଶ୍ୱର ତମାଣ୍ଡୋ କେନ୍ଦ୍ରିୟ ବିହାର ନିକଟରେ **BDA yellowzone plot 30'road,** ଇଲେକ୍ଟ୍ରିସିଟି ଥାଇ **sqft 999/-,** ପିପିଲି **bypass** ପାଖରେ **399/-** ରେ ବିକ୍ରିହେବ। **8917502591.** D-66732

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୫ସେମି. (W) ହେବା ଆବଶ୍ୟକ।

LEASE

**Offering 8000 sqft. open land for lease @ Nuagaon Square, Puri Road, adjacent to NH-203, suitable for warehouse/ garage. Contact: 9611131676, 9437081529.** D-13302




Fully refreshed/ relaxed body massage by expert therapist, Shastri Nagar. 7377984773. D-66600

Rejuvenate and ayurvedic full body massage by smart therapist: 9114402304. D-66599

Full body herbal massage with refreshment, expert therapist. 7381239385, 0674-2540855. D-67301

Experience full body massage with us (expert). Call: 7377048581, 0674-2597822. D-67302

Herbal full body massage by smart/expert therapist. Contact: 8338067247. D-67303

Ayurvedic full body massage ladies & gents smart therapist. 9040900385. D-66926




ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍ରେ। 09521603776 096106-09485. D-13392

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସରିଲା ଅଧରପଣା ନୀତି

# ୩ ରଥରେ ଭଙ୍ଗାଗଲା ୯ ଅଧର ହାଣ୍ଡି

ପୁରୀ ଅଫିସ, ୧୪।୭

ସିଂହଦ୍ୱାର ସମ୍ମୁଖ ତିନିରଥ ଉପରେ ରବିବାର ସମ୍ପନ୍ନ ହୋଇଛି ଅଧରପଣା ନୀତି। ରଥାରୁଢ ଠାକୁରଙ୍କ ସମ୍ମୁଖରେ ଭଙ୍ଗାଯାଇଛି ୯ଟି ଅଧରପଣା ହାଣ୍ଡି। ଛୁଟିଦିନ ଏବଂ ଅନୁକୂଳ ପାଗ ଯୋଗୁ ଲକ୍ଷାଧିକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଏହି ଅନନ୍ୟ ନୀତି ଦାର୍ଶନ କରିଛନ୍ତି।

ତିନିରଥରେ ମଧ୍ୟାହ୍ନ ଧୂପ ବଢିବା ପରେ ଆରମ୍ଭ ହୋଇଥିଲା ଅଧରପଣା ପାଇଁ ପ୍ରସ୍ତୁତି। ସିଂହଦ୍ୱାର ସମ୍ମୁଖ ଛାଉଣୀ ମଠ କୂଅରୁ ପାଣିଆ ଆପଟ ସେବକମାନେ ଗରାରେ ଜଳ ଆଣି ରଥ ଉପରେ ରହିଥିବା ପିତ୍ତଳ ହଣ୍ଡାରେ ଭର୍ତ୍ତି କରିଥିଲେ। ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅଧରପଣା ଲାଗି ଅଣାଯାଇଥିବା ଛେନା, ଛାଚି, ସର, କଦଳୀ, ଗୋଲମରିଚ, କର୍ପୁର ଓ ଜାଇଫଳ ଆଣି ରଥ ଉପରେ ରଖାଯାଇଥିଲା। ମହାପ୍ରଭୁଙ୍କ ଶ୍ରୀଅଧର ଉଚ୍ଚତାର ମାଟିରେ ନିର୍ମିତ ତିନୋଟି ଲେଖାଏ ହାଣ୍ଡି ପ୍ରତି ରଥ ଉପରେ ଶ୍ରୀବିଗ୍ରହଙ୍କ ସମ୍ମୁଖରେ ରଖାଯାଇଥିଲା। ଭୋଗ ପୂର୍ବରୁ ଶ୍ରୀଅଧର ଆଗରେ ଖଣ୍ଡେ ଖଣ୍ଡେ ନୂଆ ଗାମୁଛା ଟେରା ବନ୍ଧାଯାଇଥିଲା। ଏହାପରେ ମହାସୁଆରମାନେ ପଣା ପାଇଁ ଆସିଥିବା ସାମଗ୍ରୀ ମିଶାଇ ପଣା ପ୍ରସ୍ତୁତ କରିଥିଲେ। ପୂଜାପଣ୍ଡା ସାମନ୍ତ ପଞ୍ଚୋପଚାରରେ ପୂଜା ଶେଷ କରିବା ପରେ ଅଧର ହାଣ୍ଡିକୁ ଭଙ୍ଗା ଯାଇଥିଲା। ହାଣ୍ଡି ଭାଙ୍ଗିବା ପରେ ପଣା ସବୁ ରଥ ତଳକୁ ବୋହିଯାଇଥିଲା। ଉକ୍ତ ପଣାକୁ ଦେବଦେବୀ, ଭୂତପ୍ରେତ, କିନ୍ନର ଓ ରାକ୍ଷସମାନେ ପାଇଥାନ୍ତି ବୋଲି ବିଶ୍ୱାସ ରହିଛି। ରାତି ୮ଟାରେ ଅଧରପଣା ନୀତି ଶେଷ ହେବାକୁ ଥିବା ବେଳେ ଏହା ରାତି ୯ଟା ୨୭ରେ ସରିଥିଲା। ପ୍ରଥମେ ତାଳଧ୍ୱଜ ରଥରେ ୯ଟା ୧୦, ଦର୍ପଦଳନ ରଥରେ ୯ଟା ୧୨ ଏବଂ ଶେଷରେ ନନ୍ଦିଘୋଷ ରଥରେ ୯ଟା ୨୭ରେ ଅଧରପଣା ହାଣ୍ଡି ଭଙ୍ଗା ଯାଇଥିଲା। ଏହି ନୀତି ପାଇଁ ଆବଶ୍ୟକ ସମସ୍ତ ସାମଗ୍ରୀ ବଡ଼ ଓଡ଼ିଆ ମଠ, ରାଘବ ଦାସ ମଠ ଏବଂ ଶ୍ରୀମନ୍ଦିର ପ୍ରଶାସନ ଯୋଗାଇ ଦେଇଥିଲେ।

ତେବେ ବିଗତ କିଛିବର୍ଷକୁ ଦେଖିଲେ ଅଧରପଣା ଦିନ ଶ୍ରୀକ୍ଷେତ୍ରରେ ଏତେ ସଂଖ୍ୟାରେ ଭକ୍ତଙ୍କ ଗହଳି ନ ଥାଏ। କିନ୍ତୁ ଚଳିତବର୍ଷ ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କ ଏହି ଅଧରପଣା ନୀତି ଦର୍ଶନ କରିଛନ୍ତି। ଦ୍ୱିତୀୟ ଶନିବାର ଏବଂ ରବିବାର ଛୁଟିଦିନ ଥିବାରୁ ବହୁ ସଂଖ୍ୟକ ଲୋକ ସପରିବାର ପୁରୀରେ ରହିଛନ୍ତି। ତେଣୁ ଅଧରପଣା ନୀତି ଦେଖିବାକୁ ପ୍ରବଳ ଭିଡ଼ ହୋଇଥିଲା ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି।

### ଦର୍ଶନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ



ଜଗନ୍ନାଥଙ୍କ ରଥରେ ଅଧରହାଣ୍ଡି ଭଙ୍ଗାଯାଉଛି।





## ଅଫିସରଙ୍କ ହାତରେ ମହାନଗର ନିଗମ

୨୦୧୩ରେ ସମ୍ବଲପୁର ମହାନଗର ନିଗମ ଘୋଷଣା ହେଲା। ଇତିମଧ୍ୟରେ ୬ ବର୍ଷ ବିତିଛି। ହେଲେ ନିଗମ କ'ଣ ଏବଂ ଏହାର ରୂପରେଖ କିପରି ତାହା ସହରବାସୀ ଜାଣି ପାରିନାହାନ୍ତି। କାରଣ ମହାନଗର ନିଗମ ଗଠନ ପରେ ଅଫିସର ନିଯୁକ୍ତ ହେଲେ, କିନ୍ତୁ ନିର୍ବାଚନ ହୋଇପାରିଲା ନାହିଁ। ଏଥିଯୋଗୁ ଗୋଟିଏ ପଟେ ଲୋକେ ତାଙ୍କ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ହେଉଥିବା ବେଳେ ଅନ୍ୟପକ୍ଷେ ସେମାନଙ୍କ ସ୍ୱର ପ୍ରଶାସନ ପାଖରେ ଠିକ୍‌ଭାବେ ପହଞ୍ଚି ପାରିଲା ନାହିଁ। ଜନ ପ୍ରତିନିଧିଙ୍କ ପାଖରେ ଲୋକେ ସେମାନଙ୍କ ଦାବି ଯେପରି ଢଙ୍ଗରେ ଉପସ୍ଥାପନ କରିପାରନ୍ତି, ତାହାକୁ ଜଣେ ଅଫିସରଙ୍କ ପାଖରେ କରିପାରନ୍ତି ନାହିଁ। ଏହିପରି ଅବସ୍ଥା ଗତ ୬ବର୍ଷ ଧରି ଲାଗି ରହିବା ଫଳରେ ସମ୍ବଲପୁର ମହାନଗର ନିଗମରେ ବିକାଶ ବାଧାପ୍ରାପ୍ତ ହୋଇଛି। ଅପରପକ୍ଷରେ ନିର୍ବାଚିତ ପ୍ରତିନିଧି ନ ଥିବାରୁ ଏହା ମତାଧିକାର ପ୍ରତି ଉପହାସ ବୋଲି କୁହାଯାଉଛି। ନିର୍ବାଚନ ନ ହେବା ପଛରେ ପ୍ରଶାସନ ପକ୍ଷରୁ ଆଇନଗତ ସମସ୍ୟାକୁ ଦର୍ଶାଯାଉଛି। ନିର୍ବାଚନ ନ ହେବାର କାରଣ ଯାହା ହେଉନା କାହିଁକି, ଏହାର ପ୍ରଭାବ ସିଧା ଜନସାଧାରଣଙ୍କ ଉପରେ ପଡୁଛି। ନିର୍ବାଚିତ ପ୍ରତିନିଧି ନ ଥିବାରୁ ମହାନଗର ନିଗମ ଅଫିସରଙ୍କ ହାତରେ ପରିଚାଳିତ ହେଉଛି। ତେଣୁ ୱାର୍ଡଗୁଡ଼ିକରେ ଥିବା ବାସ୍ତବ ସମସ୍ୟା ସମାଧାନ ହୋଇପାରୁନାହିଁ। ଲୋକେ ପାଣି, ବିଜୁଳି, ରାସ୍ତା ଆଦି ମୌଳିକ ସମସ୍ୟା ଉପରେ ଅଭିଯୋଗ ମଧ୍ୟ କରିପାରୁନାହାନ୍ତି। ମହାନଗର ନିଗମ ପକ୍ଷରୁ କେବଳ ବଡ଼ ବଡ଼ ପ୍ରକଳ୍ପଗୁଡ଼ିକ ହାତକୁ ନିଆଯାଇ ବିକାଶ ହେଉଥିବା କୁହାଯାଉଛି। ହେଲେ ନିଗମ ଅଧୀନ ଯେଉଁ ୱାର୍ଡକୁ ବି ଗଲେ ଲୋକଙ୍କ ସମସ୍ୟା ଜଳଜଳ ଦେଖାଯାଉଛି। ମହାନଗର ନିଗମରେ ମାନେଶ୍ୱର ଓ ଧନକଉଡ଼ା ବ୍ଲକର ୧୨ ପଞ୍ଚାୟତ ସହ ବୁର୍ଲା ଓ ହୀରାକୁଦ ଏନ୍‌ଏସିକୁ ସାମିଲ କରାଯାଇଛି। ମହାନଗରରେ ସାମିଲ ହେବା ଏକ ଅଭିଶାପ ବୋଲି ଏହି ଲୋକମାନେ କହୁଛନ୍ତି। ପଞ୍ଚାୟତ ବା ଏନ୍‌ଏସି ଅଧୀନରେ ଥିବାବେଳେ ସେମାନେ ସୁବିଧା ସୁଯୋଗ ପାଉଥିଲେ। ଏବେ ତାହା ମିଳୁ ନ ଥିବା ଅଭିଯୋଗ ହେଉଛି। ୨୦୦୮ରେ ସମ୍ବଲପୁର ପୌରପାଳିକା ନିର୍ବାଚନ ହୋଇଥିଲା। ୨୦୧୩ ପର୍ଯ୍ୟନ୍ତ ଜନପ୍ରତିନିଧି ରହିଥିଲେ। ୨୦୧୩ରୁ ୨୦୧୯ ମଧ୍ୟରେ ମହାନଗର ନିଗମର ୨ଥର ନିର୍ବାଚନ ହେବା କଥା। ହେଲେ ଏହା କରାଯାଇ ପାରିଲା ନାହିଁ। ଏହି ସମୟ ମଧ୍ୟରେ ୨୦୧୪ ଓ ୨୦୧୯ରେ ଦୁଇଟି ସାଧାରଣ ନିର୍ବାଚନ ସରିଛି। ୨୦୧୪ ସାଧାରଣ ନିର୍ବାଚନ ସମୟରେ ମହାନଗର ନିଗମ ନିର୍ବାଚନ ହୋଇଥିଲେ ସାଧାରଣ ନିର୍ବାଚନ ଭୋଟ ଉପରେ ଏହାର ପ୍ରଭାବ ପଡ଼ିବା ଆଶଙ୍କା କରି ରାଜନୈତିକ ଦଳଗୁଡ଼ିକ ମହାନଗର ନିର୍ବାଚନ ପାଇଁ ଇଚ୍ଛା ପ୍ରକାଶ କଲେ ନାହିଁ। ନିକଟରେ ରାଜ୍ୟରେ ଅନ୍ୟ ମହାନଗର ନିଗମ ଓ ପୌରପାଳିକାରେ ନିର୍ବାଚନ ହେବ। ଏହିକ୍ରମରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସମ୍ବଲପୁର ମହାନଗର ନିଗମର ଜନସଂଖ୍ୟା, ୱାର୍ଡର ସୀମା ନିର୍ଦ୍ଧାରଣ, ସିଟ୍ ସଂରକ୍ଷଣ ଆଦି ବିଷୟରେ ରିପୋର୍ଟ ତଲବ କରାଯାଇଛି। ତେଣୁ ଏଥର ସମ୍ବଲପୁର ମହାନଗର ନିଗମର ନିର୍ବାଚନ ହେବ ବୋଲି ଲୋକେ ଆଶାବାନ୍ଧି ବସିଛନ୍ତି।

– ଶୁଭାଶିଷ ପାଢ଼ୀ

## ୭ଜଣଙ୍କୁ ଭୁବନେଶ୍ୱର ପୁସ୍ତକମେଳା ପୁରସ୍କାର



ମଞ୍ଚାସୀନ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ।

ଭୁବନେଶ୍ୱର,୧୪।୭(ବ୍ୟୁରୋ)

ଭୁବନେଶ୍ୱର ପୁସ୍ତକମେଳାର ୩୫ତମ ପୁରସ୍କାର ବିତରଣ ଉତ୍ସବ ରବିବାର ସ୍ଥାନୀୟ ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୭ଜଣଙ୍କୁ ଭୁବନେଶ୍ୱର ପୁସ୍ତକମେଳା ପୁରସ୍କାର ପ୍ରଦାନ କରାଯାଇଛି। ସେଥିମଧ୍ୟରେ ଗଳ୍ପ 'ତାରା ଭର୍ତ୍ତି ଆକାଶ' ପୁସ୍ତକ ପାଇଁ ବିରଜା ରାଉତରାୟ ଓ କବିତା ପୁସ୍ତକ 'ନିଆଁର କୋଲାଜ୍' ପାଇଁ ପ୍ରତୀକ୍ଷା ଜେନାଙ୍କୁ ପୁସ୍ତକମେଳା ସାହିତ୍ୟ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ କଥାକଳିକା ୨୦୧୮ ପୂଜା ପତ୍ରିକାର ଗଳ୍ପ 'ଅଜଣା ସମୁଦ୍ର' ପାଇଁ କ୍ଷୀରୋଦ ପଟ୍ଟନାୟକଙ୍କୁ ରବି ପଟ୍ଟନାୟକ ସ୍ମୃତି ପୁରସ୍କାର ଦିଆଯାଇଛି। ସେହିଭଳି 'ପୁନଶ୍ଚ ବଳିଦତ୍ତ' ପୁସ୍ତକ ପାଇଁ ମହେଶ୍ୱେତା ସାହୁଙ୍କୁ ଉତ୍ତମ ଚରଣ ନାୟକ ଗଳ୍ପ ପୁରସ୍କାର, 'ଗୀତ ନା ଗପ' ପୁସ୍ତକ ପାଇଁ ମାନସ ରଞ୍ଜନ ସାମଲଙ୍କୁ ଶିଶୁ ସାହିତ୍ୟ ପୁରସ୍କାର, ଏଥେନାର ରାଜକିଶୋର ଦାସଙ୍କୁ ଶ୍ରେଷ୍ଠ ପ୍ରକାଶକ ଏବଂ ସାମ୍ବାଦିକ ରାଜାରାମ ଶତପଥୀଙ୍କୁ ବରେନ୍ଦ୍ରକୃଷ୍ଣ ଧଳ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ପଶ୍ଚିମା ସାହିତ୍ୟ ପତ୍ରିକା ପ୍ରଦତ୍ତ ସମ୍ମାନ ମଧ୍ୟ ପ୍ରଦାନ କରାଯାଇଥିଲା। 'ବିଧର୍ମୀ' ପୁସ୍ତକ ପାଇଁ ଅରବିନ୍ଦ ଦାସଙ୍କୁ ପଶ୍ଚିମା ଗଳ୍ପ ସମ୍ମାନ, 'ପ୍ରେମର ଦୂର ଗୀତ' ପାଇଁ କେଦାର ମିଶ୍ରଙ୍କୁ ପଶ୍ଚିମା କବିତା ସମ୍ମାନ, 'ସୃଜନ ସ୍ୱପ୍ନ' ପାଇଁ ଡ. ଇନ୍ଦୁପ୍ରଭା ସାମଲଙ୍କୁ ପଶ୍ଚିମା ପ୍ରବନ୍ଧ ସମ୍ମାନ, 'ଡାର୍ଟି ପିକ୍‌ଚର' ପାଇଁ ରବିନାରାୟଣ ଦାଶଙ୍କୁ ପଶ୍ଚିମା ଉପନ୍ୟାସ ସମ୍ମାନ ଦିଆଯାଇଛି। ସାହିତ୍ୟିକ ସାତକଡ଼ି ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାହିତ୍ୟିକ ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର, ସମ୍ମାନିତ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ସାହିତ୍ୟିକା ପ୍ରତିଭା ଶତପଥୀ, ଭୁବନେଶ୍ୱର ପୁସ୍ତକମେଳା କମିଟିର ସମ୍ପାଦକ ଅଶୋକ ମହାନ୍ତି ଯୋଗଦେଇ ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ।

## ବିଜେଡି ଏମ୍‌ପିଙ୍କୁ ନବୀନଙ୍କ ଚିଠି

# ରାଜ୍ୟବାସୀଙ୍କ ଶ୍ରଦ୍ଧାଭାଜନ ହେବାକୁ ପରାମର୍ଶ

ଭୁବନେଶ୍ୱର,୧୪।୭(ବ୍ୟୁରୋ)

- ପ୍ରତି ଦୁଇମାସରେ ଦେବେ ରିପୋର୍ଟ କାର୍ଡ
- ସମୀକ୍ଷା ସହ ପରାମର୍ଶ ଦେବେ ସଭାପତି

ବିଧାୟକ ଓ ମନ୍ତ୍ରୀମାନଙ୍କୁ ଶୃଙ୍ଖଳା ଓ ଉତ୍ତରଦାୟିତ୍ୱର ପାଠ ପଢ଼ାଇବା ପରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ଲୋକ ସଭା ଏବଂ ରାଜ୍ୟ ସଭା ସଦସ୍ୟମାନଙ୍କୁ ରବିବାର ପତ୍ର ଲେଖି ଅନେକ ପରାମର୍ଶ ଦେଇଛନ୍ତି। ଏମ୍‌ପିମାନେ ନିଜର ସଂସଦୀୟ ଦାୟିତ୍ୱ ନିର୍ବାହ କରିବା ସହ ନିଜ ନିଜ ଅଞ୍ଚଳ ବୁଲି ଲୋକଙ୍କ କାର୍ଯ୍ୟ କରୁଛନ୍ତି। ସେମାନେ ଆସନ୍ତା ଅଗଷ୍ଟ ମାସରୁ ପ୍ରତି ଦୁଇ ମାସରେ ଥରେ ୧୦ ତାରିଖ ସୁଦ୍ଧା ନିଜ ରିପୋର୍ଟ କାର୍ଡ ଲିଖିତଭାବେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ରିପୋର୍ଟଗୁଡ଼ିକର ସମୀକ୍ଷା କରାଯିବା ସହ ମୁଖ୍ୟମନ୍ତ୍ରୀ ଏମ୍‌ପିମାନଙ୍କୁ ପରାମର୍ଶ ଦେବା ନେଇ ଚିଠିରେ ଉଲ୍ଲେଖ କରିଛନ୍ତି।

ଏତଦ୍‌ବ୍ୟତୀତ ବିଜେଡି ସଭାପତି ନବୀନ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ରାଜ୍ୟବାସୀଙ୍କ ଆଶା, ଆକାଂକ୍ଷା ପୂରଣ ତଥା ସ୍ୱାର୍ଥ, ସ୍ୱାଭିମାନ ପାଇଁ ଦଳର ନିରନ୍ତର ପ୍ରୟାସ ହିଁ ବିଜେଡିକୁ ୫ମଥର ପାଇଁ କ୍ଷମତାସୀନ କରାଇଛି। ଲୋକ ସଭାରେ ମଧ୍ୟ ରାଜ୍ୟରୁ ବିଜେଡି ସର୍ବାଧିକ ଆସନରେ ବିଜୟୀ ହୋଇଛି। ତେଣୁ ଉଭୟ ରାଜ୍ୟ ଏବଂ କେନ୍ଦ୍ରରେ ବିଜେଡିର ଉତ୍ତରଦାୟିତ୍ୱ ସର୍ବାଧିକ ବୋଲି ନବୀନ କହିଛନ୍ତି।

ନିର୍ବାଚନ ପରେ ଦଳୀୟ ଏମ୍‌ପିମାନଙ୍କ ସହ ବିଜେଡି ସଭାପତି ଆଲୋଚନା କରିଥିଲେ। ଏହି ସମୟରେ ରାଜ୍ୟର ସ୍ୱାର୍ଥ ସମ୍ବଳିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ପାର୍ଲାମେଣ୍ଟରେ ଉପସ୍ଥାପନ କରିବା ପାଇଁ ସଦସ୍ୟଙ୍କ ଆଗ୍ରହ ଓ ପ୍ରତିବଦ୍ଧତା ତାଙ୍କୁ ଆନନ୍ଦିତ କରିଥିବା ନବୀନ କହିଛନ୍ତି। ଗତ ଲୋକ ସଭା ନିର୍ବାଚନରେ ପ୍ରଥମଥର ପାଇଁ ଦଳ ପକ୍ଷରୁ ଏକତୃତୀୟାଂଶ ଲୋକ ସଭା ଆସନରେ ମହିଳାଙ୍କୁ ପ୍ରାର୍ଥୀ କରାଯାଇଥିଲା। ରାଜ୍ୟବାସୀ ମଧ୍ୟ ଦଳର ଏହି ନିଷ୍ପତ୍ତିକୁ ସମ୍ମାନ ଦେଇ ବିପୁଳ ସମର୍ଥନ କରିଥିଲେ। ମହିଳା ପ୍ରାର୍ଥୀମାନେ ପାର୍ଲାମେଣ୍ଟରେ ନିଜ ପ୍ରଥମ ପଦାର୍ପଣରେ ରାଜ୍ୟବାସୀଙ୍କ ସ୍ୱାର୍ଥ ଯେଭଳି ଭାବେ ଉପସ୍ଥାପିତ କରିଛନ୍ତି, ତାହା ତାଙ୍କୁ ବେଶ୍ ପ୍ରଭାବିତ କରିଥିବା ନବୀନ କହିଛନ୍ତି। ଉଭୟ ରାଜ୍ୟ ସଭା ଓ ଲୋକ ସଭାରେ ଅଭିଜ୍ଞ ଏବଂ ନବାଗତଙ୍କ ଉପଯୁକ୍ତ ସନ୍ତୁଳନ ରହିଛି। ଏହା ମହିଳା, ଯୁବକ, ସଂରକ୍ଷିତ ବର୍ଗଙ୍କ ସ୍ୱାର୍ଥ ସହ ରାଜ୍ୟର ସାମଗ୍ରିକ କଲ୍ୟାଣ ଏବଂ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗର ସମାଧାନ ବାଟ ଖୋଜିବାରେ ସହାୟକ ହେବ ବୋଲି ବିଜେଡି ସଭାପତି ଆଶାବ୍ୟକ୍ତ କରିଛନ୍ତି। ସେହିଭଳି ଏମ୍‌ପିମାନେ କିଭଳି କାର୍ଯ୍ୟ କଲେ, ରାଜ୍ୟର ସ୍ୱାର୍ଥ ଓ ରାଜ୍ୟବାସୀଙ୍କ କଲ୍ୟାଣ ନିମନ୍ତେ ନିଜକୁ ପୂର୍ଣ୍ଣପ୍ରାଣରେ ଉତ୍ସର୍ଗ କରାଯାଇପାରିବ, ସେ ଦିଗରେ ସେ ନିର୍ଦ୍ଦିଷ୍ଟ ମତାମତ ରଖିବେ ବୋଲି ବିଜେଡି ସଭାପତି କହିଛନ୍ତି। ଏମ୍‌ପି ଭାବେ ସଫଳ ହେବା ସହ ଓଡ଼ିଆ ଜନସାଧାରଣଙ୍କ ଶ୍ରଦ୍ଧାଭାଜନ ହେବା ପାଇଁ ନବୀନ ପଟ୍ଟନାୟକ କାମନା କରିଛନ୍ତି।

## ୪ ଓଭରବ୍ରିଜ୍, ୬ ଆର୍‌ଓବି ପାଇଁ ପୂର୍ତ୍ତ ବିଭାଗ ଷ୍ଟାଣ୍ଡିଂ କମିଟିର ସୁପାରିସ

**ଭୁବନେଶ୍ୱର,୧୪।୭(ବ୍ୟୁରୋ):** ରାଜ୍ୟର ପ୍ରତି ବ୍ଲକରେ ପୂର୍ତ୍ତ ବିଭାଗ ପକ୍ଷରୁ ଡାକବଙ୍ଗଳା (ଆଇବି) କରାଯାଉ। ବିଭାଗ ପକ୍ଷରୁ ସାରା ରାଜ୍ୟରେ ଥିବା ଆଇବିଗୁଡିକର ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉ। ସେହିପରି ରାଜ୍ୟର ଗ୍ରାମାଞ୍ଚଳରେ ଭାରିଯାନ ଚଳାଚଳ ହେତୁ ରାସ୍ତାଗୁଡ଼ିକ ଖରାପ ହେଉଛି, ତେଣୁ ଜାତୀୟ ରାଜପଥ ମାନର ରାସ୍ତା ନିର୍ମାଣ କରାଯାଉ। ବିଧାନସଭା ପୂର୍ତ୍ତ ବିଭାଗ ଷ୍ଟାଣ୍ଡିଂ କମିଟି ବୈଠକରେ ଏହି ପରାମର୍ଶ ଦିଆଯାଇଛି। ସେହିଭଳି ଓଡ଼ିଶା ବିଧାନସଭାର ପରିଚୟପତ୍ର ଥିବା ଗାଡ଼ିକୁ ବିନା ବାଧାରେ ରାଜ୍ୟରେ ଥିବା ସମସ୍ତ ଟୋଲଗେଟ୍‌ରେ ଛଡ଼ାଯାଉ। ବିଶେଷକରି ପୁରୀ–ଭୁବନେଶ୍ୱର ରାସ୍ତାରେ ଥିବା ପିପିଲି ନିକଟସ୍ଥ ଟୋଲଗେଟ୍‌କୁ ଏହି ନିର୍ଦ୍ଦେଶ ଦେବାକୁ କମିଟି ପକ୍ଷରୁ ସୁପାରିସ କରାଯାଇଛି।

ରାଜ୍ୟର ୪ଟି ସ୍ଥାନରେ ଫ୍ଲାଏ ଓଭର ବ୍ରିଜ୍ ନିର୍ମାଣ ପାଇଁ ଷ୍ଟାଣ୍ଡିଂ କମିଟି ବୈଠକରେ ଆଲୋଚନା ହୋଇଥିବା ବିବରଣୀରୁ ଜଣାପଡିଛି। ଏହି ସ୍ଥାନଗୁଡିକ ହେଉଛି– ଭୁବନେଶ୍ୱରର କଳ୍ପନା ଛକ, ବ୍ରହ୍ମପୁରର ଗେଟ୍ ବଜାର ଛକ, ଖଲ୍ଲିକୋଟ ଛକ ଏବଂ କଟକ ସହର ମଧ୍ୟରେ ଥିବା କାଠଗଡ଼ାସାହି ନିକଟସ୍ଥ ତାରବାଟ ଛକ। ସେହିପରି ରାଜ୍ୟର ୬ଟି ସ୍ଥାନରେ ରେଳ ଓଭର ବ୍ରିଜ (ଆର୍‌ଓବି) ପାଇଁ କମିଟି ବୈଠକରେ ଆଲୋଚନା କରାଯାଇଛି। ଏଗୁଡିକ ହେଉଛି– ଛତିଆ–କଳକରା ମଧ୍ୟରେ ଥିବା ବଇରୀ, ଭଦ୍ରକ ଜିଲାର କେନ୍ଦୁଆପଦା, ଭୁବନେଶ୍ୱରର କଳାରାହାଙ୍ଗ, କଟକର ଶିଖରପୁର, ଟାଙ୍ଗୀ–କପିଳାସ ରୋଡ୍‌ର ଟାଙ୍ଗୀ ଏବଂ ପୁରୀ–କୋଣାର୍କର ସିଦ୍ଧମହାବୀର ଅଞ୍ଚଳ।

## ଦେଢ଼ମାସରେ ୨୦.୩% କମିଛି ବର୍ଷା ପରିମାଣ

ଭୁବନେଶ୍ୱର, ୧୪।୭(ବ୍ୟୁରୋ)

- ଲଘୁଚାପ ନ ହେଲେ ନିଅଣ୍ଟିଆ ବର୍ଷା ପରିମାଣ ବଢ଼ିବ
- ମରୁଡ଼ି ଆଶଙ୍କା
- ୧୭ରୁ ବର୍ଷା ସମ୍ଭାବନା

ରାଜ୍ୟରେ ଏପର୍ଯ୍ୟନ୍ତ ସ୍ୱାଭାବିକ ବର୍ଷା ହୋଇନାହିଁ। ଚଳିତବର୍ଷ ମୌସୁମୀ ବିଳମ୍ବରେ ଆସିଥିଲେ ମଧ୍ୟ ସ୍ୱାଭାବିକ ବର୍ଷା ହେବ ବୋଲି ପାଣିପାଗ ବିଭାଗ ଅନୁମାନ କରିଥିଲା। ଜୁଲାଇ ପ୍ରଥମ ଓ ଦ୍ୱିତୀୟ ସପ୍ତାହରେ ପ୍ରବଳ ବର୍ଷା ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଏପର୍ଯ୍ୟନ୍ତ ବର୍ଷାର ଦେଖା ନାହିଁ। ଗୋଟିଏ ଦିନ ବର୍ଷା ହୋଇଗଲେ ଆଉ ୩–୪ଦିନ ବର୍ଷା ହେଉନାହିଁ। ଜୁନ୍ ମାସରେ ୨୧୬.୫ ମିମି ବର୍ଷା ହେବା କଥା। ମାତ୍ର ୧୪୮.୩ ମିମି ବର୍ଷା ହୋଇଥିଲା। ତେବେ ଜୁଲାଇ ମାସରେ କିଛି ମାତ୍ରାରେ ଏହି ନିଅଣ୍ଟିଆ ବର୍ଷା ପରିମାଣ ପୂରଣ ହୋଇଯିବ ବୋଲି ଅନୁମାନ କରାଯାଉଥିଲା। ହେଲେ ଜୁଲାଇ ମାସ ଦ୍ୱିତୀୟ ସପ୍ତାହ ବିତିଯାଇଥିଲେ ମଧ୍ୟ କାଁ ଭାଁ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହୋଇଛି। ଜୁନ୍ ମାସରେ ୩୧ପ୍ରତିଶତ କମ୍ ବର୍ଷା ହୋଇଥିବାବେଳେ ଜୁଲାଇ ୧ରୁ ୧୩ତାରିଖ ମଧ୍ୟରେ ୩% ବର୍ଷା ପରିମାଣ କମିଛି। ଜୁନ୍ ୧ରୁ ଜୁଲାଇ ୧୩ତାରିଖ ମଧ୍ୟରେ ବର୍ଷାର ପରିମାଣ ୨୦.୩% କମ୍ ରହିଛି। ଏହି ସମୟ ମଧ୍ୟରେ ରାଜ୍ୟରେ ୩୫୯ମିମି ବର୍ଷା ହେବା କଥା। କିନ୍ତୁ ଏପର୍ଯ୍ୟନ୍ତ ମାତ୍ର ୨୮୬.୧ ମିମି ବର୍ଷା ହୋଇଥିବା ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ ବିଶେଷଜ୍ଞଙ୍କ କହିବାନୁଯାୟୀ, ଯଦି ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ବଙ୍ଗୋପସାଗରରେ ଲଘୁଚାପ ବଳୟ ସୃଷ୍ଟି ନ ହୁଏ, ତେବେ ନିଅଣ୍ଟିଆ ବର୍ଷା ପରିମାଣ ବଢ଼ିଯିବ। ଆସନ୍ତା ମାସକୁ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଅନ୍ୟପଟେ ରବିବାର କେବଳ ମାଲକାନଗିରିରେ ୧.୬ ପ୍ରତିଶତ ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସୋମବାର ମାଲକାନଗିରି, କୋରାପୁଟ, କଳାହାଣ୍ଡି, କନ୍ଧମାଳ, ଗଜପତି, ଗଞ୍ଜାମ, ପୁରୀ, ରାୟଗଡ଼ା, ନବରଙ୍ଗପୁର ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ବଲାଙ୍ଗୀର, ସୋନପୁର, ଅନୁଗୋଳ, ଢେଙ୍କାନାଳ, କଟକ, ଯାଜପୁର, ଭଦ୍ରକ, ମୟୂରଭଞ୍ଜ, ଖୋର୍ଦ୍ଧା, ପୁରୀ, କେନ୍ଦୁଝରରେ କାଳବୈଶାଖୀ ସହ ବଜ୍ରପାତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ସେହିପରି ଆସନ୍ତା ୧୭ତାରିଖରୁ ପ୍ରବଳ ବର୍ଷା ହେବ ବୋଲି ମଧ୍ୟ ପାଣିପାଗ ପୂର୍ବାନୁମାନ କରିଛି।



ଧରିତ୍ରୀ DHARITRI
ସୋମବାର, ୧୫ ଜୁଲାଇ, ୨୦୧୯

ବିଶୃଙ୍ଖଳା ଓ ଅନ୍ଧକାର ମଧ୍ୟରୁ ମୁକ୍ତି ପାଇବାର ଏକମାତ୍ର ଉପାୟ ହେଲା ସଂପୂର୍ଣ୍ଣ ଭାବେ ଶାନ୍ତ ଓ ଧୀରସ୍ଥିର ହୋଇ ରହିବା। ଏବଂ ଝଡ଼ଝଞ୍ଜାକୁ ବାଟ ଛାଡ଼ିଦେବା।
– ଶ୍ରୀମା



# ଅଧିକ ମଦ ପିଆଇବେ

ଓଡ଼ିଶା ବିଧାନସଭାରେ ୧୨ ଜୁଲାଇ ୨୦୧୯ରେ ଉପସ୍ଥାପିତ ଅବକାରୀ ବିଭାଗ ଷ୍ଟାଣ୍ଡିଂ କମିଟିର ସୁପାରିସ ଅନୁଯାୟୀ ରାଜ୍ୟରେ ଅଧିକ ମଦ ବିକ୍ରି ପାଇଁ ବ୍ୟବସ୍ଥା କରାଯିବା ଦରକାର ବୋଲି କୁହାଯାଇଛି। ଏହାପଛର ଲକ୍ଷ୍ୟ ଭାବେ ଦର୍ଶାଯାଇଛି ଯେ, ରାଜ୍ୟର ଅବକାରୀ ଆୟ ବୃଦ୍ଧି କରିବା। ଏଭଳି ସୁପାରିସରେ ଆହୁରି କୁହାଯାଇଛି, ଲାଇସେନ୍ସପ୍ରାପ୍ତ ଯେଉଁ ବ୍ୟବସାୟୀ ମିନିମମ୍ ଗ୍ୟାରେଣ୍ଟି କୋଟା (ଏମ୍‌ଜିକ୍ୟୁ) ଲକ୍ଷ୍ୟ ହାସଲ କରୁଛନ୍ତି ବା ତା'ଠାରୁ ଅଧିକ ମଦ ଉଠାଉଛନ୍ତି, ସେମାନଙ୍କ ଲାଗି ପୁରସ୍କାର ବ୍ୟବସ୍ଥା କରାଯାଉ। ଗୋଟିଏପଟେ ମହିଳା ସଶକ୍ତୀକରଣ ଲାଗି ପଦକ୍ଷେପ ନିଆଯାଉଛି ବୋଲି ଦାବି କରାଯାଉଥିବା ବେଳେ ଅନ୍ୟପଟେ ଏଭଳି ଚିନ୍ତାଧାରା ରାଜ୍ୟ ସରକାରଙ୍କ ଅସଲ ରୂପକୁ ପଦାରେ ପକାଇଛି।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ୨୦୧୮ ସେପ୍ଟେମ୍ବରରେ ଏକ ରିପୋର୍ଟ ପ୍ରକାଶ କରିଥିଲା ଯେ, ପ୍ରତିବର୍ଷ ଭାରତରେ ମଦ୍ୟପାନ ଯୋଗୁ ୨ ଲକ୍ଷ ୬୦ ହଜାର ଲୋକଙ୍କ ପ୍ରାଣହାନି ଘଟୁଛି। ଅତ୍ୟଧିକ ମଦ୍ୟପାନ ଲିଭର ସିରୋସିସ୍ ଭଳି ମାରାତ୍ମକ ରୋଗ ସୃଷ୍ଟି କରି ଲୋକଙ୍କ ପ୍ରାଣ ନେଉଥିବା ବେଳେ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଇବା ଦ୍ୱାରା ଅନେକଙ୍କ ଜୀବନ ଯାଉଛି। ଅନ୍ୟପଟେ ଆତଙ୍କବାଦ ଯୋଗୁ ୨୦୧୪ରୁ ୨୦୧୮ ମଧ୍ୟରେ ଦେଶର ସର୍ବାଧିକ ସମ୍ବେଦନଶୀଳ ଜମ୍ମୁ ଓ କଶ୍ମୀରରେ ମାତ୍ର ୧୩୧୫ ଜଣ ଲୋକଙ୍କ ପ୍ରାଣହାନି ଘଟିଥିବା ଏକ ତଥ୍ୟରୁ ଜଣାପଡ଼ିଛି। ଭାରତ ସରକାରଙ୍କ କହିବା ଅନୁଯାୟୀ ଆତଙ୍କବାଦ ହେଉଛି ଏହି ଦେଶର ମୁଖ୍ୟ ଶତ୍ରୁ, ଯାହାର ମୁକାବିଲା ପାଇଁ ଅନେକ ହଜାର କୋଟି ଟଙ୍କା ବାର୍ଷିକ ଖର୍ଚ୍ଚ କରାଯାଉଛି। ଉଭୟ ମଧ୍ୟରେ ତୁଳନାତ୍ମକ ବିଶ୍ଳେଷଣ କଲେ ମଦ୍ୟପାନଜନିତ ପ୍ରାଣହାନି ଆତଙ୍କବାଦ ସମ୍ବନ୍ଧୀୟ ମୃତ୍ୟୁ ସଂଖ୍ୟାଠାରୁ କାହିଁ କେତେ ଗୁଣରେ ଅଧିକ। କେବଳ ସେତିକି ନୁହେଁ, ମଦ ଅନେକ ଗରିବଙ୍କ ଆର୍ଥିକ ସ୍ଥିତି ଶୋଚନୀୟ ଅବସ୍ଥାକୁ ଟାଣି ନେବା ସହ ପାରିବାରିକ ଅଶାନ୍ତିର ମୂଳ କାରଣ ସାଜୁଛି। ଯାହା ଦ୍ୱାରା ରାଜ୍ୟ ବା ଦେଶରେ ଅର୍ଥନୈତିକ ଓ ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଛି, ତାହାକୁ ବନ୍ଦ କରିଦେବା ସରକାରଙ୍କ ପ୍ରାଥମିକ କାର୍ଯ୍ୟ ହେବା କଥା। ଭାରତରେ ଗୁଜରାଟ, ମିଜୋରାମ, ନାଗାଲାଣ୍ଡ, ଲାକ୍ଷାଦ୍ୱୀପ ଏବଂ ବିହାରରେ ମଦ ବିକ୍ରି ଉପରେ ରୋକ ଲଗାଯାଇଛି। ସେଥିପାଇଁ ଏଗୁଡ଼ିକୁ 'ଡ୍ରାଏ ଷ୍ଟେଟ୍' ଆଖ୍ୟା ଦିଆଯାଇଛି। ହେଲେ ବ୍ୟବସାୟୀମାନେ ବେଆଇନ ଭାବେ ଏହିସବୁ ରାଜ୍ୟରେ ମଦ ଯୋଗାଉଥିବାରୁ ମଦ୍ୟପ ଚଢ଼ାଦରରେ ତାହାକୁ କିଣୁଥିବା ସମସ୍ତେ ଜାଣନ୍ତି। ଏଭଳିସ୍ଥଳେ ଓଡ଼ିଶା କଥା ଭାବିଲେ ଆଶ୍ଚର୍ଯ୍ୟ ହେବାକୁ ପଡୁଛି। ମଦ ବ୍ୟବସାୟ ବଢ଼ାଇବା ଲାଗି ବିଧାନସଭାର ଷ୍ଟାଣ୍ଡିଂ କମିଟି ଦେଇଥିବା ସୁପାରିସକୁ ଦେଖିଲେ ରାଜ୍ୟରେ ସରକାର ଯେମିତି ମଦ ବନ୍ୟା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ବିଧାୟକ ସୁବ୍ରତ ତରାଇ ଏହି କମିଟିର ଅଧ୍ୟକ୍ଷ ଥିବା ବେଳେ ବିଧାୟକ ସୁରେଶ କୁମାର ରାଉତରାୟ, ଚନ୍ଦ୍ରସାରଥି ବେହେରା, ପର୍ଶୁରାମ ଧଡ଼ା, ଜଗନ୍ନାଥ ନାଏକ ଏବଂ ପ୍ରଭୁ ଜାନି ପ୍ରମୁଖ ସଦସ୍ୟ ଅଛନ୍ତି ।

**ତଥାଗତ ସତପଥୀ**

ଏଠାରେ ଏହା ମଧ୍ୟ ଦର୍ଶାଯାଇପାରେ ଯେ, ଓଡ଼ିଶାର ପଡ଼ୋଶୀ ରାଜ୍ୟ ଯେଉଁଠାରେ ମଦକୁ ବେଆଇନ ଘୋଷଣା କରାଯାଇ ନାହିଁ, ସେଠାରେ ରାଜସ୍ୱ ବୃଦ୍ଧି ସକାଶେ ମଦର ଦାମ୍‌କୁ ଅଧିକ ରଖାଯାଇଛି। ଉଦାହରଣ ସ୍ୱରୂପ, ଓଡ଼ିଶା ତୁଳନାରେ ପଶ୍ଚିମବଙ୍ଗରେ ମଦ ଦର ପ୍ରାୟ ୪୦ ପ୍ରତିଶତ ଅଧିକ। ସେହିଭଳି ଦିଲ୍ଲୀ, ବମ୍ବେରେ ମଧ୍ୟ ଓଡ଼ିଶାଠାରୁ ଦର ଯଥେଷ୍ଟ ଉଚ୍ଚା ରହୁଛି। ଓଡ଼ିଶାରେ ରାଜସ୍ୱ ଆଦାୟକୁ ବୃଦ୍ଧି କରିବା ଲକ୍ଷ୍ୟରେ ମଦ ବ୍ୟବସାୟୀଙ୍କୁ ପୁରସ୍କାର ଦେବା ଲାଗି କମିଟି ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ଏବେ ବେପାରୀମାନେ ଚ୍ୟାଲେଞ୍ଜ ଭାବେ ଗ୍ରହଣ କରିପାରନ୍ତି। ସମାଜରେ ଏକ ଭଲ କାର୍ଯ୍ୟ କରିବା ଲାଗି ଯେତିକି ସହଯୋଗ ମିଳି ନ ଥାଏ, ଖରାପ କାମ ଆପେ ଆପେ ପାଣି ପାଇଯାଇଥାଏ। ସେହି ଦୃଷ୍ଟିରୁ ଦେଖିଲେ, ଅଧିକ ମଦୁଆ ସୃଷ୍ଟି କରିବା ଲାଗି ବ୍ୟବସାୟୀମାନେ ଏବେ ଆଗେଇ ଆସିବାକୁ ପସନ୍ଦ କରିବା ସ୍ୱାଭାବିକ। ଗୋଟିଏ ଗୁଳିରେ ଦୁଇଟି ଶିକାର ଭଳି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ସରକାର ପର୍ଯ୍ୟାପ୍ତ ରାଜସ୍ୱ ପାଇପାରିବେ ଓ ବ୍ୟବସାୟୀ ଲାଭବାନ ହେବେ। କୋଟା ପୂରଣ ଦିଗରେ ବ୍ୟବସାୟୀମାନେ ମଦ ବିକିବାରେ ସକ୍ଷମ ହେଲେ ମଦୁଆଙ୍କ ସଂଖ୍ୟା ଆହୁରି ବଢ଼ିଯିବ। ଏହା ଦ୍ୱାରା ରାଜ୍ୟରେ ସାମାଜିକ ବିଶୃଙ୍ଖଳା ଜନ୍ମିବା ଥୟ। ଏଥିସହିତ ଆଇନ ଶୃଙ୍ଖଳା ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବା ସୁନିଶ୍ଚିତ।

ଏହା ଜଣାଶୁଣା ଯେ, ରାଜ୍ୟ ଏବେ ଋଣ ଭାରରେ ବୁଡ଼ି ରହିଛି। ୨୦୧୯ ଫେବୃୟାରୀରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟର ଋଣ ପରିମାଣ ଗତ ଆର୍ଥିକବର୍ଷ ଶେଷ ସୁଦ୍ଧା ୮୮ ହଜାର କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ୨୦୧୯-୨୦ ଆର୍ଥିକ ବର୍ଷରେ ଏହା ୧ ଲକ୍ଷ କୋଟି ଟଙ୍କାରୁ ଉପରକୁ ଯିବ ବୋଲି ଆକଳନ କରାଯାଇଛି। ଏତେବଡ଼ ଆକାରର ଋଣ ପରିମାଣ ଦେଖିଲେ ଯେକେହି ଆଚମ୍ବିତ ହେବେ। ତେଣୁ ଏହାର ସକାରାତ୍ମକ ସମାଧାନ ପନ୍ଥା ବାହାର କରାଯିବା ଉଚିତ। ସରକାର ସେଥିପ୍ରତି ଦୃଷ୍ଟି ନ ଦେଇ ମଦ ବିକ୍ରି ବଢ଼ାଇବା ଲାଗି ପୁରସ୍କାର ଘୋଷଣାକୁ କାର୍ଯ୍ୟକାରୀ କଲେ ଜନସାଧାରଣଙ୍କ ନିକଟକୁ ଭୁଲ ବାର୍ତ୍ତା ଯିବା ଥୟ। ବିଶେଷକରି ଓଡ଼ିଶାର ଗ୍ରାମାଞ୍ଚଳ ମହିଳାମାନେ ମଦ ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି। ସେମାନଙ୍କୁ ଦମନ କରି ମଦ ବ୍ୟବସାୟକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ପୋଲିସ ଓ ସାଧାରଣ ପ୍ରଶାସନ ସର୍ବଦା ତତ୍ପର ହେଉଥିବା ଦେଖାଯାଉଛି। ଏଭଳି ପରିସ୍ଥିତିରେ ମଦ ବିକ୍ରିକୁ ଯଦି ଅଧିକ ସହଜ କରିଦିଆଯାଏ, ତେବେ ରାଜସ୍ୱ ବୃଦ୍ଧି ହୋଇପାରେ ; କିନ୍ତୁ ତାହା ସମ୍ପୂର୍ଣ୍ଣ ଭାବେ ମହିଳା ବିରୋଧୀ ପଦକ୍ଷେପ ହେବ। ଗୋଟେପଟେ ନାରୀ ସଶକ୍ତୀକରଣ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀକୁ ଘୁଷ୍ ଆକାରରେ ଅର୍ଥ ଯୋଗାଇ ଦିଆଯାଉଥିବା ବେଳେ ଅପରପକ୍ଷରେ ସେହି ମହିଳାମାନଙ୍କ ପରିବାରକୁ ତଳିତଳାନ୍ତ କରିଦେବା ଲାଗି ସରକାର ମସୁଧା କରୁଥିବା ସ୍ପଷ୍ଟ ମନେହୁଏ। ଅଧିକ ବିକ୍ରି ପରିବର୍ତ୍ତେ ମଦ ଦରକୁ ଯଥେଷ୍ଟ ବୃଦ୍ଧି କରାଯାଇପାରନ୍ତା। ତତ୍‌ସହିତ ରାସ୍ତା ଓ ଗ୍ରାମାଞ୍ଚଳଠୁ ଦୂରେଇ ରଖି ମଦ ବିକ୍ରି ପାଇଁ ବାର୍ ଲାଇସେନ୍ସ ସହଜ ଉପାୟରେ ଏବଂ ତାହାକୁ ଅନ୍‌ଲାଇନ୍ ବ୍ୟବସ୍ଥା କରାଇ ମଧ୍ୟସ୍ଥଙ୍କ ଭୂମିକାକୁ ସୀମିତ କରାଯାଇପାରିଲେ, ସରକାର ତାଙ୍କ ଲକ୍ଷ୍ୟ ହାସଲ ସହିତ ସାମାଜିକ ଅସ୍ଥିରତାକୁ ଘଟିବାକୁ ଦିଅନ୍ତେ ନାହିଁ। ଦୁଃଖର ବିଷୟ ଯେ, ବିଧାନସଭାର ଅବକାରୀ ଷ୍ଟାଣ୍ଡିଂ କମିଟି ଅନେକ ବିଚାର ପରେ ଦେଇଥିବା ମୂଲ୍ୟବାନ ସୁପାରିସ ସାଧାରଣରେ ଗ୍ରହଣୀୟ ହେଉନାହିଁ।

## su | do | ku ସୁ-ଡୋ-କୁ



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

# ଭାରତର ରାଜନୈତିକ ସମୀକରଣ



ଜନାର୍ଦ୍ଦନ ବନ୍ଦ୍ୟୋପାଧ୍ୟାୟ

୧୯୪୭ ମସିହାରେ ଭାରତ ସ୍ୱାଧୀନ ହେବା ପରେ ପଣ୍ଡିତ ନେହେରୁଙ୍କ ନେତୃତ୍ୱରେ କଂଗ୍ରେସ ଦଳ (ଭାରତୀୟ ଜାତୀୟ କଂଗ୍ରେସ) ଦେଶର ଶାସନ ଭାର ଗ୍ରହଣ କରିଥିଲା। ସେହି ସମୟରୁ ସର୍ବାଧିକ ୫୭ ବର୍ଷ ୫ ମାସ କାଳ କଂଗ୍ରେସ ଦେଶକୁ ଶାସନ କରିଛି। ନେହେରୁଙ୍କ ପରେ ଲାଲବାହାଦୁର ଶାସ୍ତ୍ରୀ ଏବଂ ତତ୍ପରେ ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରିତ୍ୱରେ କଂଗ୍ରେସ ନିରବଚ୍ଛିନ୍ନ ଭାବେ ପ୍ରାୟ ୩୦ ବର୍ଷ ଦେଶର ଶାସନର ମଙ୍ଗ ଧରିଛି, କାରଣ ସେ ପର୍ଯ୍ୟନ୍ତ ସର୍ବଭାରତୀୟ ସ୍ତରରେ କଂଗ୍ରେସର ବିକଳ୍ପ କୌଣସି ରାଜନୈତିକ ଦଳର ଆବିର୍ଭାବ ଘଟି ନ ଥିଲା। ଦଳୀୟ ଏକାଧିପତ୍ୟ ହେତୁ ଶାସକ ଦଳର ନାନା ତ୍ରୁଟିବିଚ୍ୟୁତି ଏବଂ କୁଶାସନ ତଥା ପ୍ରିୟାପ୍ରୀତି ତୋଷଣ ଏବଂ କ୍ଷେତ୍ର ବିଶେଷରେ ନାନା ଦୁର୍ନୀତିର ଶିକାର ହୋଇ ଦେଶର ବୌଦ୍ଧିକ ସମାଜ ଇଂଲଣ୍ଡ ତଥା ଅନ୍ୟାନ୍ୟ ପାଶ୍ଚାତ୍ୟ ଗଣତାନ୍ତ୍ରିକ ରାଷ୍ଟ୍ରର ଅନୁକରଣରେ ସର୍ବଭାରତୀୟ ସ୍ତରରେ କଂଗ୍ରେସର ବିକଳ୍ପ ଭାବେ ଗୋଟିଏ ଶକ୍ତିଶାଳୀ ରାଜନୈତିକ ଦଳ ଅଥବା ସଂଗଠନର ଆବଶ୍ୟକତା ଅନୁଭବ କରୁଥିଲେ। ଏହାଦ୍ୱାରା ଦେଶରେ ଏକ ଦ୍ୱିଦଳୀୟ ଗଣତନ୍ତ୍ର ବ୍ୟବସ୍ଥା ପ୍ରତିଷ୍ଠିତ ହୋଇପାରିବ ଏବଂ ଉଭୟ ଦଳ ପରସ୍ପରର ପ୍ରତିଯୋଗୀ ହୋଇ ଦେଶର ପ୍ରଗତିକୁ ତ୍ୱରାନ୍ୱିତ କରିବା ସଙ୍ଗେ ସଙ୍ଗେ ଏକ ଶକ୍ତିଶାଳୀ ବିରୋଧୀ ଦଳ ସର୍ବଦା ଶାସକ ଦଳର ଏକଚ୍ଛତ୍ରବାଦ ବିରୋଧରେ ଜନଗଣଙ୍କ ରକ୍ଷାକବଚ ଭାବେ କାର୍ଯ୍ୟ କରିବ।

ପ୍ରଥମକରି ୧୯୭୭ ସାଧାରଣ ନିର୍ବାଚନରେ ଜନତା ପାର୍ଟି ନାମକ ଏକ ସର୍ବଭାରତୀୟ ରାଜନୈତିକ ମେଣ୍ଟ କଂଗ୍ରେସକୁ ପରାଜିତ କରି ମୋରାରଜୀ ଦେଶାଇଙ୍କ ନେତୃତ୍ୱରେ ଦେଶର ପ୍ରଥମ ଅଣକଂଗ୍ରେସ ସରକାର ଗଠନ କରିଥିଲା। କିନ୍ତୁ ସଂଗଠନର ବିଭିନ୍ନ ଦଳ ମଧ୍ୟରେ ନୀତିଗତ ଐକ୍ୟ ଏବଂ ପାରସ୍ପରିକ ସଂହତି ନ ଥିବାରୁ ମୋରାରଜୀଙ୍କୁ ୨୮।୭।୭୯ରେ ଇସ୍ତଫା ଦେବାକୁ ପଡିଲା ଏବଂ ୧୯୮୦ ନିର୍ବାଚନରେ କଂଗ୍ରେସ ପୁନର୍ବାର କ୍ଷମତାକୁ ଫେରିଲା। ଏହାପରେ ୧୯୮୯ ନିର୍ବାଚନରେ ଭି.ପି. ସିଂହଙ୍କ ଜନତା ଦଳ ମେଣ୍ଟ କେନ୍ଦ୍ରରେ ଏକ ଅଣକଂଗ୍ରେସ ସରକାର ଗଠନ କଲା, କିନ୍ତୁ ଦଳୀୟ ସ୍ୱାର୍ଥ ଦୃଷ୍ଟିରୁ ମେଣ୍ଟର ଅନ୍ୟତମ ଅଂଶୀଦାର ଭାଜପା ସମର୍ଥନ ପ୍ରତ୍ୟାହାର କରିନେବାରୁ ଉକ୍ତ ସରକାରର ପତନ ଘଟିଲା। ସେହିପରି ୧୯୯୮ ସାଧାରଣ ନିର୍ବାଚନ ପରେ ନ୍ୟାଶ୍‌ନାଲ ଡେମୋକ୍ରାଟିକ ଆଲାଏନ୍ସ (ଏନ୍‌ଡିଏ) ନାମକ ଗଠବନ୍ଧନ ଅଟଳବିହାରୀ ବାଜପେୟୀଙ୍କ ପ୍ରଧାନମନ୍ତ୍ରିତ୍ୱରେ ସରକାର ଗଠନ କରିଥିଲେ। କିନ୍ତୁ ୧୯୯୯ ମସିହା ମେ ମାସରେ ସହଯୋଗୀ ଏଆଇଏଡିଏମ୍‌କେ ସମର୍ଥନ ପ୍ରତ୍ୟାହାର କରିନେବାରୁ ଉକ୍ତ ମେଣ୍ଟ ସରକାରର ପତନ ଘଟିଲା। ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଗଲା ଯେ ସର୍ବଭାରତୀୟ ଦଳଗୁଡିକର ଶକ୍ତି ବୃଦ୍ଧି ନ ହେଲେ ଆଞ୍ଚଳିକ ଦଳଗୁଡିକ ଉପରେ ନିର୍ଭର କରି ସରକାର ଗଠନ କରିବା ଦ୍ୱାରା ସେମାନଙ୍କର ଖିଆଲ ଅନୁଯାୟୀ ସରକାରଙ୍କୁ ଚାଲିବାକୁ ପଡିବ, ନଚେତ୍ ସେମାନେ ସମର୍ଥନ ପ୍ରତ୍ୟାହାର କରି ସରକାରର ପତନ ଘଟାଇବେ।

ସେହି ପ୍ରକ୍ରିୟାରେ ୧୯୯୯ ମସିହାରେ ଭାଜପା ନେତୃତ୍ୱରେ ଏନ୍‌ଡିଏ ମେଣ୍ଟ ଏକ ନିର୍ଭରଯୋଗ୍ୟ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଠନ କଲା ଏବଂ ଅଟଳବିହାରୀ ବାଜପେୟୀ ୨୦୦୪ ମସିହା ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ପାଞ୍ଚବର୍ଷ କାଳ ପ୍ରଧାନମନ୍ତ୍ରୀ ରହିଲେ। ସେହିପରି ୨୦୦୪ ଏବଂ ୨୦୦୯ ସାଧାରଣ ନିର୍ବାଚନରେ କଂଗ୍ରେସ ନେତୃତ୍ୱରେ ୟୁନାଇଟେଡ୍ ପ୍ରୋଗ୍ରେସିଭ ଆଲାଏନ୍ସ (ୟୁପିଏ) ନାମକ ଗଠବନ୍ଧନ (ମେଣ୍ଟ) ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି ମନମୋହନ ସିଂଙ୍କ ପ୍ରଧାନମନ୍ତ୍ରିତ୍ୱରେ ଦୀର୍ଘ ଦଶବର୍ଷ କାଳ ଦେଶର ଶାସନ ଦାୟିତ୍ୱ ତୁଲାଇଛି। ଏହିପରି ଏନ୍‌ଡିଏ ଏବଂ ୟୁପିଏ ଭଳି ଦୁଇଟି ମେଣ୍ଟ ବା ଗଠବନ୍ଧନର କ୍ରମ ଆବିର୍ଭାବ ଦେଶରେ ଏକ ସୁସ୍ଥ ଦ୍ୱିଦଳୀୟ ଗଣତନ୍ତ୍ର ବ୍ୟବସ୍ଥାର ସମ୍ଭାବନା ସୃଷ୍ଟି କରିଛି। ଏହି ଉଭୟ ମେଣ୍ଟ ନିଜ ନିଜର ଆଦର୍ଶ ଏବଂ ଉଦ୍ଦେଶ୍ୟ ସମ୍ବଳିତ ସର୍ବସମ୍ମତ ସମ୍ବିଧାନ ପ୍ରଣୟନ କରି ତାହାଦ୍ୱାରା ପରିଚାଳିତ ହେବା ଉଚିତ। ଯେପରି କି ସଂଗଠନର ବିଭିନ୍ନ ଦଳ ମଧ୍ୟରେ ନୀତିଗତ ଐକ୍ୟ ବଜାୟ ରହିପାରିବ।

୨୦୧୪ ସାଧାରଣ ନିର୍ବାଚନରେ ଭାଜପା ନେତୃତ୍ୱରେ ଏନଡିଏ ମେଣ୍ଟ ସଂଖ୍ୟାଗରିଷ୍ଠତା ହାସଲ କରିବା ସହିତ ନରେନ୍ଦ୍ର ମୋଦି ଦେଶର ଜଣେ ସୁଦକ୍ଷ ପ୍ରଧାନମନ୍ତ୍ରୀ ଭାବେ ଆବିର୍ଭୂତ ହୋଇଛନ୍ତି। ତାଙ୍କର ବିଚକ୍ଷଣ ବ୍ୟକ୍ତିତ୍ୱ, ସଂଗଠନ କ୍ଷମତା, ବଳିଷ୍ଠ ନେତୃତ୍ୱ, ସାହସିକତା, ଉଦ୍‌ବୁଦ୍ଧ ଦେଶପ୍ରାଣତା ତଥା ସୁକୌଶଳୀ ପରିଚାଳନାରେ ଦେଶ ଦ୍ରୁତ ଅଭିବୃଦ୍ଧି ପଥରେ ଅଗ୍ରସର ହେଉଛି ବୋଲି ସର୍ବସାଧାରଣରେ ଧାରଣା ସୃଷ୍ଟି ହୋଇଛି। ତାଙ୍କର ନାଟକୀୟ ପ୍ରଚାର ଶୈଳୀ ଏବଂ ଦୃଢ଼ ମନୋଭାବ ଯୋଗୁ ତାଙ୍କ ବିରୋଧରେ ଆଗତ ସମସ୍ତ ସମାଲୋଚନାକୁ ଅତିକ୍ରମ କରିବାର ଅଦ୍ଭୁତ କ୍ଷମତା ରହିଛି। ତା' ଛଡା ତାଙ୍କର ଦୁର୍ନୀତି ବିରୋଧୀ ଅଭିଯାନ, ସ୍ୱଚ୍ଛ ଭାରତ ମିଶନ, ପି.ଏମ୍ କିଷାନ ଯୋଜନା, ପିଏମ୍ ଆବାସିକ ଯୋଜନା, ଆୟୁଷ୍ମାନ ଭାରତ ମିଶନ, ଉଜ୍ଜ୍ୱଳା ଗ୍ୟାସ୍ ଯୋଜନା ପ୍ରଭୃତି ଲୋକ କଲ୍ୟାଣମୁଖୀ ପ୍ରକଳ୍ପଗୁଡିକ ତାଙ୍କୁ ଅଭୂତପୂର୍ବ ଲୋକପ୍ରିୟତା ଆଣିଦେଇଛି। ବଡ଼କଥା ହେଲା ଜଣେ ହିନ୍ଦୁତ୍ୱବାଦୀ ପ୍ରଧାନମନ୍ତ୍ରୀ ଭାବେ ଆତ୍ମପ୍ରକାଶ କରି ସେ ଦେଖାଇ ଦେଇଛନ୍ତି ଯେ ନିଜ ଧର୍ମ ପ୍ରତି ଅନୁରକ୍ତ ଥାଇ ମଧ୍ୟ ଜଣେ ପ୍ରଧାନମନ୍ତ୍ରୀ ସହିଷ୍ଣୁତା, ସହାନୁଭୂତି ଏବଂ ସାମ୍ୟ ମନୋଭାବ ଦ୍ୱାରା ଦେଶର ସମସ୍ତ ସମ୍ପ୍ରଦାୟର ଲୋକଙ୍କ ଆସ୍ଥାଭାଜନ ହୋଇପାରନ୍ତି। ବିଶେଷକରି ତଥାକଥିତ ଧର୍ମନିରପେକ୍ଷତା ନାମରେ ଦୀର୍ଘଦିନ ଅବହେଳା ଏବଂ ଅବିଚାରର ଶିକାର ହୋଇଥିବା ଦେଶର ସଂଖ୍ୟାଗରିଷ୍ଠ ହିନ୍ଦୁ ସମ୍ପ୍ରଦାୟ ତାଙ୍କ ମଧ୍ୟରେ ଜଣେ ତ୍ରାଣକର୍ତ୍ତାଙ୍କୁ ଖୋଜି ପାଇଲା ଭଳି ମନେହେଉଛି। ଭବିଷ୍ୟତରେ ଦେଶ ତାଙ୍କଠାରୁ ଅନେକ କିଛି ଆଶା କରୁଛି। କିନ୍ତୁ ତାଙ୍କର ପ୍ରଧାନ ଶତ୍ରୁ ହେଲେ ଦଳ ମଧ୍ୟରେ ସକ୍ରିୟ ଥିବା କେତେକ ଉଦ୍‌ଭ୍ରାନ୍ତ କଠୋରବାଦୀ ଗୋଷ୍ଠୀ, ଯେଉଁମାନେ ଧର୍ମ ନାମରେ ସାମ୍ପ୍ରଦାୟିକ ବିଦ୍ୱେଷ ଏବଂ ବିଶୃଙ୍ଖଳା ସୃଷ୍ଟି କରିଚାଲିଛନ୍ତି।

ମୋଦିଙ୍କ ନେତୃତ୍ୱରେ ପରିଚାଳିତ ଏନ୍‌ଡିଏ ମେଣ୍ଟ ୨୦୧୯ ନିର୍ବାଚନରେ ବିପୁଳ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଠନ କରିଛି। ଏନ୍‌ଡିଏ ୩୫୩ ଆସନ ପାଇଥିଲା ବେଳେ ଭାଜପା ଏକକ ଭାବରେ ୩୦୩ ଆସନରେ ଜୟଲାଭ କରିଛି। ଅପରପକ୍ଷରେ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ମେଣ୍ଟ ଶୋଚନୀୟ ଭାବେ ପରାଜିତ ହୋଇଛି। ଐତିହାସିକ କଂଗ୍ରେସ ଦଳ ବର୍ତ୍ତମାନ ଅବଲୁପ୍ତି ପଥରେ, ଏଣେ କିନ୍ତୁ ସମଗ୍ର ଦେଶରେ ଏକଚ୍ଛତ୍ରବାଦ ପ୍ରତିଷ୍ଠା ଲକ୍ଷ୍ୟରେ ଭାଜପା ନେତୃତ୍ୱ କ୍ରମାଗତ ଚେଷ୍ଟା ଜାରି ରଖିଛନ୍ତି। ସମଗ୍ର ଦେଶରେ ଭାଜପାର ୧୦ କୋଟିରୁ ଉର୍ଦ୍ଧ୍ୱ ସକ୍ରିୟ ସଦସ୍ୟ ଥିବା ବେଳେ ସର୍ବବୃହତ୍ ଦଳୀୟ ପାର୍ଟି ରହିଛି। ଲୋକ ସଭାରେ ନିରଙ୍କୁଶ କ୍ଷମତା ହାସଲ କଲା ପରେ ଭାଜପା ବର୍ତ୍ତମାନ ରାଜ୍ୟ ସଭାକୁ କବ୍‌ଜା କରିବାକୁ ଅଗ୍ରସର ହେଉଛି। ଦେଶର ଅଧିକାଂଶ ରାଜ୍ୟରେ ଭାଜପା ସମର୍ଥିତ ସରକାର ରହିଛି ଏବଂ ଅବଶିଷ୍ଟ ଯେଉଁ କେତେକ ଅଣଭାଜପା ସରକାର ଅଛନ୍ତି ସେମାନଙ୍କର ପତନ ଅଥବା ଭାଜପାରେ ବିଲୟ ଆସନ୍ନ। ଏଭଳି ଦଳୀୟ ଏକଚ୍ଛତ୍ରବାଦ କାହାରି ପକ୍ଷରେ ଶୁଭଙ୍କର ନୁହେଁ। ଏପରି କି ନରେନ୍ଦ୍ର ମୋଦିଙ୍କ ପାଇଁ ମଧ୍ୟ ନୁହେଁ। କାରଣ କଥାରେ ଅଛି ନିରଙ୍କୁଶ କ୍ଷମତା ଭ୍ରଷ୍ଟାଚାରର ଆମନ୍ତ୍ରକ। ଏଭଳି ଅବାଞ୍ଛିତ ପରିଣତି ହାତରୁ ଦେଶକୁ ରକ୍ଷା କରିବାକୁ ହେଲେ ୟୁପିଏ ମେଣ୍ଟକୁ ଗଣତାନ୍ତ୍ରିକ ପଦ୍ଧତିରେ ସୁସଂଗଠିତ ହେବାକୁ ପଡିବ, ଯାହାଦ୍ୱାରା ଯୋଗ୍ୟ ନେତୃତ୍ୱର ଆବିର୍ଭାବ ଘଟିବ। ସେଥିପାଇଁ ପ୍ରଥମେ କଂଗ୍ରେସ ଦଳକୁ ପାରିବାରିକ ମାଲିକାନାରୁ ମୁକ୍ତ ହେବାକୁ ପଡ଼ିବ। ଭବିଷ୍ୟତ ହିଁ କହିବ ଦେଶର ଗଣତନ୍ତ୍ର କେଉଁ ପ୍ରକାର ରୂପ ଗ୍ରହଣ କରିବ– ରେଡ୍ ଚାଇନା ଭଳି ଦଳୀୟ ଏକଚ୍ଛତ୍ରବାଦ ଅଥବା ଦ୍ୱିଦଳୀୟ ସୁସ୍ଥ ଗଣତାନ୍ତ୍ରିକ ବ୍ୟବସ୍ଥା।

ପ୍ଲଟ ନଂ. ୫୦୬, ନୟାପଲ୍ଲୀ, ଭୁବନେଶ୍ୱର,
ମୋ-୯୪୩୭୨୮୭୯୬୪

# ପ୍ରଶ୍ନବାଚୀରେ ପଞ୍ଜିକା ସ୍ୱୀକୃତି



ହରିଶଙ୍କର ମିଶ୍ର

ଶ୍ରୀମନ୍ଦିରସ୍ଥ ମୁକ୍ତିମଣ୍ଡପ ପଣ୍ଡିତ ସଭାକୁ ଓଡ଼ିଶାବାସୀ ଧାର୍ମିକ ବିଚାରାଳୟ ଓ ବ୍ୟବସ୍ଥା ସଭା ଭାବେ ଗ୍ରହଣ କରିଥାନ୍ତି। ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ସ୍ଥାୟୀ ସଭାପତିତ୍ୱରେ ଗଠିତ ପଣ୍ଡିତ ସଭା କୌଣସି ଧାର୍ମିକ ସଙ୍କଟରେ ପରାମର୍ଶ ଦେବା ସହ ଶ୍ରୀମନ୍ଦିର ପରିଚାଳନା କମିଟିରେ ଏହାଙ୍କର ପ୍ରତିନିଧିତ୍ୱ ରହିଛି। ବିବିଧ ଶାସ୍ତ୍ର ବିଶାରଦଙ୍କ ମିଳନସ୍ଥଳୀ ଭାବେ ଏହାର ନାମ ଉଚ୍ଚାରଣରେ ସ୍ୱତଃ ଧାର୍ମିକ ଭାବନା ସୃଷ୍ଟି ହୋଇଥାଏ। ମୁକ୍ତିମଣ୍ଡପ ପଣ୍ଡିତ ସଭାର ସିଦ୍ଧାନ୍ତ ଓ ବ୍ୟବସ୍ଥାକୁ ଗଭୀର ବିଶ୍ୱାସ ସହ ଗ୍ରହଣ କରାଯାଉଥିବାରୁ ଏହାଙ୍କ ଦ୍ୱାରା ସ୍ୱୀକୃତ ପଞ୍ଜିକାକୁ ମଧ୍ୟ ତ୍ରୁଟିଶୂନ୍ୟ ମନେ କରାଯାଏ। ମାତ୍ର ଗତ ଦୁଇ ଦଶନ୍ଧି ଧରି ପ୍ରତ୍ୟେକବର୍ଷ ପଣ୍ଡିତ ସଭା ସ୍ୱୀକୃତ ପଞ୍ଜିକାରେ ରହୁଥିବା ଗୁରୁତର ଗାଣିତିକ ତ୍ରୁଟି ସମାଲୋଚିତ ହୋଇ ଆସୁଥିଲେ ବି ପଣ୍ଡିତସଭାରେ କୌଣସି ଜ୍ୟୋତିଷ ବିଶାରଦ ନ ଥିବାରୁ ସେମାନେ ନୀରବ ରହୁଛନ୍ତି। ମାତ୍ର ପଞ୍ଜିକା ଅନୁସରଣକାରୀ ଦ୍ୱନ୍ଦ୍ୱମୁକ୍ତ ହୋଇପାରୁନାହାନ୍ତି। ବେଦର ଛଅଟି ଅଙ୍ଗ ମଧ୍ୟରୁ ଚକ୍ଷୁ ଭାବେ ବିବେଚିତ ଜ୍ୟୋତିଷଶାସ୍ତ୍ରରେ ଗଣିତ ଜ୍ୟୋତିଷକୁ ସିଦ୍ଧାନ୍ତ ଓ ଫଳିତ ଜ୍ୟୋତିଷକୁ ହୋରା କୁହାଯାଏ ଏବଂ ମନୁଷ୍ୟର ଆଚାର, ବ୍ୟବହାର ସଂଯମ ସହ ଶୃଙ୍ଖଳିତ ଓ ନିରାମୟ ଜୀବନଚର୍ଯ୍ୟା ପାଇଁ ଉପାଦେୟ ତଥ୍ୟ ସଂହିତାରୁ ହିଁ ମିଳିଥାଏ। ଗ୍ରହଗଣିତ ଦ୍ୱାରା ଅନ୍ତରୀକ୍ଷରେ ଘୂରି ବୁଲୁଥିବା ଗ୍ରହମାନଙ୍କର ଗତି ସ୍ଥିତି ନିର୍ଣ୍ଣୟ ସହ ପଞ୍ଚାଙ୍ଗ ବ୍ୟାପ୍ତି ଯଥା– ତିଥି, ରାଶି, ନକ୍ଷତ୍ର, ଯୋଗ, କରଣ ଠିକ୍ ନିର୍ଦ୍ଧାରିତ ହେଲେ ପଞ୍ଜିକା ତ୍ରୁଟିଶୂନ୍ୟ ହୋଇଥାଏ। ତେବେ ରାଶି, ନକ୍ଷତ୍ର ଓ ଯୋଗର ବ୍ୟାପ୍ତି ଅୟନାଂଶ ଦ୍ୱାରା ନିର୍ଦ୍ଧାରିତ ହେଉଥିବା ବେଳେ ତିଥି ଓ କରଣର ବ୍ୟାପ୍ତି ପୃଥିବୀସାରା ସର୍ବତ୍ର ସମାନ। ଏହା ପଣ୍ଡିତସଭାକୁ ବାରମ୍ବାର ଅବଗତ କରାଯାଇଥିଲେ ବି ପୂର୍ବବର୍ଷ ଭଳି ଏବର୍ଷ ତାଙ୍କ ଦ୍ୱାରା ସ୍ୱୀକୃତ ରାଧାରମଣ ପ୍ରେସ୍ ଦ୍ୱାରା ପ୍ରକାଶିତ ପଞ୍ଜିକାରେ ଅନେକ ତ୍ରୁଟି ରହିଛି।

ପଣ୍ଡିତସଭା ସ୍ୱୀକୃତ ପଞ୍ଜିକା ବ୍ୟତୀତ ଅନେକ ପୁରାତନ ପଞ୍ଜିକା ଓ ନୂତନ ସୌରବିଜ୍ଞାନ ଆଧାରରେ ଅନେକ ପଞ୍ଜିକା ବଜାରରେ ଉପଲବ୍ଧ ହେଉଛି। ତୁଳନାତ୍ମକ ଭାବେ ଅନ୍ୟ ପଞ୍ଜିକା ଗଣନାରେ ସମତା ରହୁଥିବା ବେଳେ ପଣ୍ଡିତସଭା ସ୍ୱୀକୃତ ପଞ୍ଜିକା ଗଣନାରେ ଭିନ୍ନତା ରହୁଛି। ବର୍ଷାରମ୍ଭ ଅର୍ଥାତ୍ ତା୧୪।୪।୧୯ରିଖରେ ଅନ୍ୟାନ୍ୟ ପଞ୍ଜିକାରେ ନବମୀ ତିଥିର ବ୍ୟାପ୍ତି ଦିନ ଘ୯।୩୫ ପର୍ଯ୍ୟନ୍ତ ଦର୍ଶାଇଥିବା ବେଳେ ପଣ୍ଡିତସଭା ସ୍ୱୀକୃତ ପଞ୍ଜିକାରେ ଦିନ ଘ୯।୧୧ ରହିଛି। ତିଥିର ବ୍ୟାପ୍ତି ଶ୍ରାଦ୍ଧ ଦିବସ ନିରୂପଣ, ମୃତେ ପୁଷ୍କର ଦୋଷ, ନିଷିଦ୍ଧ ଖାଦ୍ୟକୁ ପ୍ରଭାବିତ କରେ ଓ ଅକାଳରେ କୌଣସି କାର୍ଯ୍ୟ ଫଳପ୍ରଦ ହୁଏନାହିଁ। ତେବେ ବର୍ଷାରମ୍ଭରେ ଏଇ ଚବିଶ ମିନିଟ ତଫାତ୍ ଥିବାବେଳେ ବର୍ଷ ମଧ୍ୟରେ ୪୩ ମିନିଟ୍ ଫରକ ମଧ୍ୟ ଦେଖିବାକୁ ମିଳୁଛି। ରାଶି ନକ୍ଷତ୍ର ବ୍ୟାପ୍ତିରେ ଅନ୍ୟ ପଞ୍ଜିକାମାନଙ୍କଠାରୁ ମଧ୍ୟ ଏଥିରେ ଭିନ୍ନତା ରହିଥିବାରୁ ଏହାର ଗଣନା କେତେ ଠିକ୍ ତାହା ବିଚାରଯୋଗ୍ୟ। ଜନ୍ମଜାତକ ପ୍ରସ୍ତୁତିରେ ଗ୍ରହମାନଙ୍କର ସ୍ଥିତି ସହ ଲଗ୍ନ ନିର୍ଣ୍ଣୟ ପାଇଁ ପଞ୍ଜିକା ଅନୁସରଣ କରାଯାଏ। ମାତ୍ର ପଣ୍ଡିତସଭା ସ୍ୱୀକୃତ ରାଧାରମଣ ପ୍ରେସ୍ ପଞ୍ଜିକାନୁଯାୟୀ ସୂର୍ଯ୍ୟୋଦୟ ସହ ଲଗ୍ନ ଭୋଗ ମିଶାଇଲେ ତାହା ପଞ୍ଜିକା ପ୍ରଦତ୍ତ ସୂର୍ଯ୍ୟାସ୍ତ ସମୟଠାରୁ ଢେର୍ ତଫାତ୍ ରହୁଛି।

ଗ୍ରହଚଳନ ଦେଖିଲେ ଶନି ଚଳନ ମକର ରାଶିକୁ ଅନ୍ୟାନ୍ୟ ପଞ୍ଜିକାରେ ତା୨୪।୧।୨୦ରିଖ ଦିବା ଘ୯।୫୬ ରହିଥିବା ବେଳେ ରାଧାରମଣ ପ୍ରେସ୍ ପଞ୍ଜିକାରେ ତା୨୬।୧।୨୦ରିଖ ରାତି ଘ୯।୪୦ ରହିଛି। ବୃହସ୍ପତି ଚଳନ ଅନ୍ୟ ପଞ୍ଜିକାନୁଯାୟୀ ଯଥାକ୍ରମେ ବିଛା ଓ ଧନୁ ରାଶିକୁ ତା୨୨।୪।୧୯ରିଖ ରାତିଘ୧।୧୧ଓତା୪।୧୧।୧୯ରିଖ ନିଶାନ୍ତଘ୫।୧୭ ରହିଥିବା ବେଳେ ପଣ୍ଡିତସଭା ସ୍ୱୀକୃତ ପଞ୍ଜିକାରେ ଦିନ ଠିକ୍ ଥାଇ ଯଥାକ୍ରମେ ରାତ୍ରି ଘ୪।୦୪ ଓ ରାତ୍ରି ଘ୯।୧୨ ରହିଛି। ବୃହସ୍ପତିଙ୍କର ପୁନଃ ମକର ରାଶିକୁ ଚଳନ ଅନ୍ୟାନ୍ୟ ପଞ୍ଜିକାରେ ତା୨୯।୩।୨୦୨୦ରିଖ ରାତି ଘ୩।୫୪ ସ୍ଥଳେ ଏହି ପଞ୍ଜିକାରେ ତା୩୦।୩।୨୦୨୦ ଦିବା ଘ୨।୪୧ ରହିଛି। ମଙ୍ଗଳ, ବୁଧ ଓ ଶୁକ୍ରଙ୍କ ଚଳନର ଦିନ ଅନ୍ୟାନ୍ୟ ପଞ୍ଜିକା ସହ ରାଧାରମଣ ପ୍ରେସ୍ ପଞ୍ଜିକାର ସମାନ ଥିଲେ ବି ସମୟରେ ବ୍ୟାପକ ଅମେଳ ରହିଛି। ଅୟନାଂଶରେ ଅମେଳ ଯୋଗୁ ପ୍ରତ୍ୟେକ ସଂକ୍ରାନ୍ତି ଦିନର ରବି ଚଳନ ସମୟ ଦୃକ୍‌ସିଦ୍ଧ ଓ ପାରମ୍ପରିକ ଗଣନାରେ ପ୍ରାୟ ଆଠ ଘଣ୍ଟା ଫରକ ରହୁଛି। ତାତ୍ପର୍ଯ୍ୟପୂର୍ଣ୍ଣ କଥା ଏହିକି ଯେ ଉପରୋକ୍ତ ଗଣନା ତ୍ରୁଟି ସତ୍ତ୍ୱେ ଅନ୍ୟାନ୍ୟ ପଞ୍ଜିକାରେ ପ୍ରଦତ୍ତ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ସମୟ ସହ ଏହି ପଞ୍ଜିକା ପ୍ରଦତ୍ତ ସମୟ ସମାନ ରହିବା ଗଣନାର ଭିନ୍ନ ଦିଗକୁ ସୂଚାଉଛି। ପଞ୍ଜିକା ଗଣନା ବା ସଂଶୋଧନ ପାଇଁ ଆବଶ୍ୟକ ପାଣ୍ଡିତ୍ୟର ଅଭାବ ଏହାର ମୁଖ୍ୟ କାରଣ।

ଏହା ସତ୍ୟ ଯେ ପଣ୍ଡିତ ସଭାରେ ଏଥିପାଇଁ କିଛି ବାହାର ବ୍ୟକ୍ତିଙ୍କୁ ସଂଶ୍ଳିଷ୍ଟ କରାଇ ପଞ୍ଜିକା ସଂଶୋଧନ କରାଯାଇଥିବା ପଞ୍ଜିକା ପ୍ରଦତ୍ତ ସଂଶୋଧନକାରୀଙ୍କ ଫଟୋରୁ ସ୍ପଷ୍ଟ ହୋଇଛି। ଆମର ପଣ୍ଡିତ ସଭା ପ୍ରତି ରହିଥିବା ପୂର୍ବାଗ୍ରହକୁ ଉପଯୋଗ କରି କେବଳ ପଞ୍ଜିକା ଶୁଳ୍କ ବିନିମୟରେ ସ୍ୱୀକୃତିପତ୍ର ପ୍ରଦାନ କରାଯାଉଥିବାରୁ ତାହା ଆମ୍ଭକୁ ବିଭ୍ରାନ୍ତ କରାଉଛି। ପଣ୍ଡିତ ସଭା ମଧ୍ୟ ଦକ୍ଷ ଗଣକ ପରିବର୍ତ୍ତେ ପ୍ରକାଶକଙ୍କୁ ଗୁରୁତ୍ୱ ଦେଉଥିବାରୁ କିଛି ବ୍ୟବସାୟୀ ନିଜର ବ୍ୟବସାୟିକ ସଫଳତା ପାଇଁ ଏହାକୁ ଉପଯୋଗ କରୁଛନ୍ତି। ଗଣନାର ଭିନ୍ନତା ସତ୍ତ୍ୱେ ଅର୍ଥ ବିନିମୟରେ ସ୍ୱୀକୃତିପତ୍ର ପ୍ରଦାନ ପଣ୍ଡିତ ସଭାର ଗରିମା ପ୍ରତି ପ୍ରଶ୍ନ ଉଠାଉଥିବା ବେଳେ ପଣ୍ଡିତ ସଭା ଏଥିପାଇଁ ସାମାନ୍ୟ ଯତ୍ନବାନ୍ ନ ହେବା ପରିତାପର ବିଷୟ। ସିଦ୍ଧାନ୍ତ ଦର୍ପଣର ପ୍ରଣେତା ସାମନ୍ତ ଚନ୍ଦ୍ରଶେଖର ଓଡ଼ିଶାରେ ଘଟିଥିବା ନଅଙ୍କ ଦୁର୍ଭିକ୍ଷର କାରଣ ଖୋଜି ଗ୍ରହ ଗଣିତରେ ତା'ର ସମାଧାନ ପାଇଥିଲେ। ଆମ୍ଭର ପୂର୍ବସୂରୀ ଜଳବାୟୁ, କୃଷି ଶସ୍ୟାଦିର ଆୟ, ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ଜ୍ୟୋତିଷଶାସ୍ତ୍ର ଆଧାରରେ ନିର୍ଣ୍ଣୟ କରୁଥିଲେ। ଗ୍ରହଗଣନା ନିର୍ଭୁଲ ରହିଲେ ଏହି ଗଣନାଗୁଡ଼ିକ ତ୍ରୁଟିଶୂନ୍ୟ ହୋଇପାରିବ। ଏଭଳି ଏକ ଶାସ୍ତ୍ରକୁ ଅବହେଳା କରାଯିବା ଠିକ୍ ହେଉନାହିଁ। ପଣ୍ଡିତ ସଭା ବର୍ତ୍ତମାନ କିଛି ଜ୍ୟୋତିଷ ଶାସ୍ତ୍ରାନଭିଜ୍ଞ ଅବସରପ୍ରାପ୍ତ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେଉଥିବାରୁ ଭବିଷ୍ୟତରେ ମଧ୍ୟ ଠିକ୍ ପଞ୍ଜିକା ସଂଶୋଧନ ଆଶା କରି ହୁଏ ନାହିଁ। ଜଗନ୍ନାଥଙ୍କ ବିବିଧ ବେଶ, ପର୍ବ ସହ ସମସ୍ତ ଶୁଭାଶୁଭ କାର୍ଯ୍ୟ ପାଇଁ ଆମକୁ ପଞ୍ଜିକା ସହାୟକ ହେଉଥିବାରୁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରି ନିର୍ଭୁଲ ଦୃକ୍‌ସିଦ୍ଧ ପଞ୍ଜିକା ପ୍ରସ୍ତୁତ କରାଇବା ଅତ୍ୟାବଶ୍ୟକ ମନେହୁଏ। ମୁକ୍ତି ମଣ୍ଡପ ପଣ୍ଡିତ ସଭା ମଧ୍ୟ ଯୋଗ୍ୟ ଦକ୍ଷ ପଣ୍ଡିତଙ୍କୁ ଆମନ୍ତ୍ରଣ କରି ଏହାର ବ୍ୟବସ୍ଥାସଭାକୁ ସୁପରିଚାଳନା କରିବା ଏକାନ୍ତ ଜରୁରୀ ମନେହୁଏ।

୧୧୩, ଗୁଣ୍ଡିଚା ବିହାର, ସର୍ବୋଦୟ ନଗର,
ପୁରୀ, ମୋ-୭୯୭୮୭୮୫୪୭୮

## ଏଇ ଭାରତରେ

ବିଭିନ୍ନ ଆକୃତିର ନିଶକୁ ନେଇ ଅନେକ ସମୟରେ ଚର୍ଚ୍ଚା ଜୋର ଧରେ। କେତେକ ନିଶ ରଖିବାକୁ ସମ୍ମାନଜନକ ବିଷୟ ବୋଲି ମନେକରନ୍ତି। ମାତ୍ର ରାଜସ୍ଥାନ ଜୟପୁରର ଏକ ସରକାରୀ ବୈଠକରେ ବାରମ୍ବାର ନିଶରେ ହାତ ମାରୁଥିବା ଜଣେ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ସମ୍ପୃକ୍ତ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟସ ଜାରି କରାଯାଇଛି। ସ୍ଥାନୀୟ ଅଜମେରସ୍ଥିତ ଶ୍ରୀନଗର ଉପଖଣ୍ଡରେ ଜୁଲାଇ ୭ରେ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଏକ ଭିଡିଓ କନ୍‌ଫରେନ୍ସ ଆୟୋଜିତ ହୋଇଥିଲା। ଏଥିରେ ଉପସ୍ଥିତ ଥିବା ସାମାଜିକ ସୁରକ୍ଷା ଅଧିକାରୀ ବିଶାଲ ସୋଲାଙ୍କି ବୈଠକ ଚାଲିଥିବା ସମୟରେ ବାରମ୍ବାର ନିଜ ନିଶରେ ହାତ ମାରିଥିଲେ। ବୈଠକରେ ଉପସ୍ଥିତ ଥିବା ଅନ୍ୟ ବରିଷ୍ଠ ଅଧିକାରୀ ବିଶାଲଙ୍କୁ ଏପରି ନ କରିବାକୁ କହିଥିଲେ। ତେବେ ବିଶାଲ ଏପରି କରିଚାଲିଥିଲେ। ଏନେଇ ଅଭିଯୋଗ ହେବା ପରେ ସମ୍ପୃକ୍ତ ବିଭାଗର ଉପନିର୍ଦ୍ଦେଶକ ଏବେ ବିଶାଲଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ସେ କାହିଁକି ନିଶରେ ବାରମ୍ବାର ହାତ ମାରୁଥିଲେ ବୋଲି ନୋଟିସରେ ପ୍ରଶ୍ନ କରାଯାଇଛି। ଏହି ନୋଟିସ୍‌କୁ ନେଇ ଏଠାରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

## ଚିରନ୍ତନୀ

ତେଜଇ ନବୀନ ଯେବେ ଆଜି ସେହି ପରମ୍ପରା ପଥ
ଦିଅ ତାକୁ ଆଶୀର୍ବାଦ ହେଉ ଧନ୍ୟ ହେଉ ସତ୍ୟବ୍ରତ।
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୧୫ ଜୁଲାଇ ୧୯୯୪

- ଶକ୍ତି ଉଦ୍ୟୋଗ କ୍ଷେତ୍ରରେ ପାରସ୍ପରିକ ସହଯୋଗ ବୃଦ୍ଧି ପାଇଁ ଭାରତ ଓ ଆମେରିକା ମଧ୍ୟରେ ୧୫ଟି ରାଜିନାମା ସ୍ୱାକ୍ଷରିତ।
- ମାଲେସିଆରେ ଆଶ୍ରୟ ନେଇଥିବା କାମ୍ବୋଡିଆର ରାଷ୍ଟ୍ରମୁଖ୍ୟଙ୍କ ପୁତ୍ର ଚକ୍ରବୁଧ ସିହାନୁକଙ୍କୁ ଦେଶ ଛାଡ଼ିବା ପାଇଁ ନିର୍ଦ୍ଦେଶ।

## ସାପ୍ତାହିକ ପଞ୍ଜିକା

ଜୁଲାଇ ୮– ସରକାରଙ୍କ ନିଷ୍ପତ୍ତି ଅନୁସାରେ ଦିଲ୍ଲୀ ଓ ଲକ୍ଷ୍ନୌ ମଧ୍ୟରେ ଚାଲିବାକୁ ଥିବା ତେଜସ୍ ଏକ୍ସପ୍ରେସ୍‌କୁ ଘରୋଇ କମ୍ପାନୀ ହାତରେ ଟେକି ଦିଆଯିବ, ଅର୍ଥାତ୍ ଏହା ହେବ ଦେଶର ପ୍ରଥମ ଘରୋଇ ଟ୍ରେନ୍।

୯– ଏଡିଆର୍ ରିପୋର୍ଟ ଅନୁସାରେ ୨୦୧୬ରୁ ୨୦୧୮ ମଧ୍ୟରେ ଭାଜପା ଶିଳ୍ପ ଜଗତରୁ ଚାନ୍ଦା ଆକାରରେ ୯୧୫ କୋଟିରୁ ଅଧିକ ଟଙ୍କା ପାଇଛି, ଯାହା କଂଗ୍ରେସ ପାଇଥିବା ଚାନ୍ଦାର ୧୬ଗୁଣରୁ ଅଧିକ।

୧୦– ଗୋଆ କଂଗ୍ରେସର ୧୫ ବିଧାୟକଙ୍କ ମଧ୍ୟରୁ ୧୦ ଜଣ ଦଳ ଛାଡ଼ି ଭାଜପାରେ ଯୋଗ ଦେଇଥିବାରୁ ଦଳ ପାଇଁ ଏକ ସଂକଟ ସୃଷ୍ଟି ହୋଇଛି।

୧୧– ଆର୍‌ଟିଆଇ କର୍ମୀ ଅମିତ୍ ଜେଠୱା ହତ୍ୟା ମାମଲାରେ ସୌରାଷ୍ଟ୍ରର ପୂର୍ବତନ ଏମ୍‌ପି ଦିନୁ ବୋଘା ସୋଲାଙ୍କିଙ୍କ ସମେତ ୭ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି କୋର୍ଟ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

## ଆମ ସମସ୍ୟା

### ଡାକବାକ୍ସ ନିୟମିତ ଖୋଲାଯାଉ

ମହାଶୟ,

ଗ୍ରାମାଞ୍ଚଳର ଅନେକ ଶାଖା ଡାକଘରେ ଡାକବାକ୍ସ ନାହିଁ। ଡାକଘର ଗ୍ରାମୀଣ ଡାକ ସେବକଙ୍କ ବାସଭବନରେ ଚାଲିଛି। ପୁନଶ୍ଚ ଅନେକ ଡାକବାକ୍ସ ନିୟମିତ ଖୋଲୁ ନ ଥିବାରୁ ପତ୍ର ବହୁ ବିଳମ୍ବରେ ମିଳୁଛି। ଡାକପାଳମାନେ ପ୍ରତ୍ୟହ ଡାକବାକ୍ସ ଖୋଲିବା ନିମନ୍ତେ ଅଧସ୍ତନଙ୍କୁ ବାଧ କରନ୍ତୁ। କେତେଜଣ କର୍ମଚାରୀଙ୍କ ଅଳସୁଆମିରେ ବିଭାଗ ବଦନାମ ହେବା ଠିକ୍ କି ?

ଶ୍ରୀରାମଚନ୍ଦ୍ର ଦାଶ, ଭୋଇନଗର, ଭୁବନେଶ୍ୱର

### ରାସ୍ତା ସମ୍ପ୍ରସାରଣ ହେଉ

କନ୍ଦରପୁରଠାରୁ ଜଗତ୍‌ସିଂହପୁର ଅଣଓସାରିଆ ରାସ୍ତାକୁ ଚାରିଚକିଆରେ ପରିଣତ କରାଯିବା ଦରକାର। ଦୈନିକ ଦୁଇଚକିଆ, ତିନିଚକିଆ ଏବଂ ଚାରିଚକିଆ ଯାନଗୁଡ଼ିକର ଯାତାୟାତରେ ଅସୁବିଧା ହେଉଛି। ପରସ୍ପର ଟ୍ରକ, ବସ୍, ଟେମ୍ପୋ, ଟାଟା ଏସିଇ କଟାଇ ଯିବା ସମ୍ଭବ ହେଉନାହିଁ। ଭବିଷ୍ୟତରେ ଯାନବାହନ ସଂଖ୍ୟା ଆହୁରି ବୃଦ୍ଧି ପାଇବ। ଏପରି ସ୍ଥଳେ ଜୀବନଯାତ୍ରା ଆଦୌ ସହଜ ହେବନାହିଁ। ତେଣୁ ଟେଣ୍ଡର ପ୍ରକ୍ରିୟାରେ ଉଭୟ ପଟୁ କାର୍ଯ୍ୟ ଆରମ୍ଭ କରାଯାଉ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ପ୍ରଥମ ଥର ପାଳନ ହେବ ବିପ୍ଳବୀ ଚକ୍ରଧରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

**ଭୁବନେଶ୍ୱର, ୧୪।୭ (ବ୍ୟୁରୋ):** ଚଳିତ ବର୍ଷ ପ୍ରଥମ ଥର ପାଇଁ ପାଳନ ହେବାକୁ ଯାଉଛି କନିକାର ପ୍ରଜାନେତା, ପୂର୍ବତନ ବିଧାୟକ ତଥା ମହାନ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ। ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ଆସନ୍ତା ୧୬ତାରିଖରେ ସୂଚନାଭବନଠାରେ ଏହି ଜୟନ୍ତୀ ଉତ୍ସବ ଆୟୋଜନ ହେବ। ଏହି ଅବସରରେ ୧୬ତାରିଖ ସକାଳ ୯ଟାରେ ରାଜଭବନ ଛକ ନିକଟସ୍ଥ ଚକ୍ରଧରଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ମାଲ୍ୟାର୍ପଣ କରାଯିବ। ସନ୍ଧ୍ୟାରେ ସୂଚନାଭବନଠାରେ ହେବାକୁ ଥିବା ସଭାରେ ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେବେ। ସଭା ପରେ ସୁନାମଧନ୍ୟ ଗାୟକ ଆଶାମୁକୁଳ ବାରିକ ଏବଂ ସାଥୀମାନେ ଭଜନ ଓ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ କରିବେ। ବିପ୍ଳବୀ ଚକ୍ରଧର ବେହେରାଙ୍କ ସ୍ମୃତିରକ୍ଷା ପାଇଁ ଗଠିତ 'ଚକ୍ରଧର ସ୍ମୃତି ସମିତି'ର ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଥିଲେ। ଏହି ନିଷ୍ପତ୍ତି ଅନୁଯାୟୀ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ଚଳିତବର୍ଷ ପ୍ରଥମ ଥର ପାଇଁ ଆୟୋଜନ କରାଯାଉଛି।

### କେନାଲ, ନଦୀ ତଟବନ୍ଧ ପୁନରୁଦ୍ଧାରକୁ ଗୁରୁତ୍ୱ

#### ଜଳସମ୍ପଦ ବିଭାଗ ଷ୍ଟାଣ୍ଡିଂ କମିଟି

**ଭୁବନେଶ୍ୱର, ୧୪।୭ (ବ୍ୟୁରୋ):** ରାଜ୍ୟରେ ଜଳସମ୍ପଦ ବିଭାଗ ପକ୍ଷରୁ ବୋରୱେଲ ଖନନ କାର୍ଯ୍ୟ ଧୀମା ଚାଲିଛି, ଏହାକୁ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ଷ୍ଟାଣ୍ଡିଂ କମିଟି ପକ୍ଷରୁ ସୁପାରିଶ କରାଯାଇଛି। ସେହିପରି ରାୟଗଡା ଜିଲାରେ ବଡନାଳ ବ୍ୟତୀତ କୌଣସି ବୃହତ ଏବଂ ମଧ୍ୟମ ଧରଣର ଜଳସେଚନ ପ୍ରକଳ୍ପ ନାହିଁ। ତେଣୁ ଉପର ବଂଶଧାରାରେ (ପାଣି-ଡାଙ୍ଗର) ପ୍ରକଳ୍ପ ନିର୍ମାଣ କରି ବଂଶଧାରା ଜଳର ସୁବିନିଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ରାଜ୍ୟରେ ଅନେକ ନଦୀ ତଟବନ୍ଧଗୁଡିକ ଦୁର୍ବଳ ହୋଇଗଲାଣି। ତେଣୁ ବିଭାଗ ପକ୍ଷରୁ କେନାଲ ଏବଂ ତଟବନ୍ଧଗୁଡିକର ପୁନରୁଦ୍ଧାର ନେଇ କମିଟି ସୁପାରିସ କରିଛି। ରାଜ୍ୟର ସମସ୍ତ ବ୍ଲକ ମୁଖ୍ୟାଳୟ ଏବଂ ପୌରାଞ୍ଚଳରେ ଛାତ ଉପରେ ବର୍ଷା ଜଳ ସଂରକ୍ଷଣ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ବ୍ୟାପକ ଶିଳ୍ପାୟନ କାରଣରୁ କଳିଙ୍ଗ ନଗର ଅଞ୍ଚଳ, ରେଙ୍ଗାଲି ଜଳସେଚନ ପ୍ରକଳ୍ପର ଆୟାକଟ୍ ହ୍ରାସ ପାଇବାରେ ଲାଗିଛି। ତେଣୁ ସେହିସବୁ ଅଞ୍ଚଳରେ ଜଳସେଚନର ସୁବିଧା ପାଇଁ ଚେଷ୍ଟା କରାଯିବା ଉଚିତ। ଲାନକୋ, ଜିଏମ୍ଆର ଭଳି ଶିଳ୍ପ କାରଣରୁ ରେଙ୍ଗାଲି ଦକ୍ଷିଣ ଜଳସେଚନ ପ୍ରକଳ୍ପ, ଖଡଗପ୍ରସାଦ ବ୍ରାଞ୍ଚର କେନାଲ ବ୍ୟବସ୍ଥା ପ୍ରଭାବିତ ହୋଇଛି। ତେଣୁ ସେହି ଅଞ୍ଚଳରେ ଜଳସେଚନର ସୁବିଧା ପାଇଁ ବହୁମୁଖୀ ପ୍ରକଳ୍ପ ପାଇଁ ଷ୍ଟାଣ୍ଡିଂ କମିଟି ସୁପାରିଶ କରିଛି। ଏଥିସହିତ ଭୂତଳ ଜଳ ସଂରକ୍ଷଣ ନେଇ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା କାର୍ଯ୍ୟ କରିବାକୁ କମିଟି ପରାମର୍ଶ ଦେଇଛି।

### ବଜ୍ରପାତରେ ୨ ଯୁବକଙ୍କ ମୃତ୍ୟୁ, ୩ ଗୁରୁତର

**ଟାଙ୍ଗୀ, ୧୪।୭ (ଡି.ଏନ୍.ଏ.):** ଖୋର୍ଦ୍ଧାଜିଲା ଟାଙ୍ଗୀ ଥାନା ଅଞ୍ଚଳରେ ରବିବାର ଅପରାହ୍ନରେ ବଜ୍ରପାତ ଘଟି ୨ ଯୁବକଙ୍କ ମୃତ୍ୟୁ ହେବା ସହ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଝରିଆ ଗ୍ରାମର ତୁଷାର ପଲେଇ(୧୯) ଓ ଟାଙ୍ଗୀ ଗ୍ରାମର ଚିତ୍ତରଞ୍ଜନ ରାଉତ(୩୮)। ଏଥିରେ ସୁଜିତ ସ୍ୱାଇଁ, ଦୀପକ ପଲେଇ ଓ ଅନିଲ ମହାନ୍ତି ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ, ରବି ଫସଲ ନିମନ୍ତେ ଜମିରେ ପାଣି ବନ୍ଧାଇବା କାମ କରୁଥିବାବେଳେ ଝରିଆର ତୁଷାର, ସୁଜିତ୍, ଦୀପକ ଓ ଟାଙ୍ଗୀର ଚିତ୍ତରଞ୍ଜନ ଓ ଅନିଲଙ୍କ ଉପରେ ବଜ୍ରପାତ ହେବାରୁ ଗ୍ରାମବାସୀଙ୍କ ସହାୟତାରେ ସେମାନଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ଡାକ୍ତର ତୁଷାର ଓ ଚିତ୍ତରଞ୍ଜନଙ୍କୁ ମୃତ ଘୋଷଣା କରିଥିବାବେଳେ ଗୁରୁତରମାନଙ୍କୁ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଛନ୍ତି। ଟାଙ୍ଗୀ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଡାକ୍ତରଖାନା ପଠାଇ ତଦନ୍ତ ଜାରି ରଖିଛି । ଚିତ୍ତରଞ୍ଜନ ଜଣେ ଗରିବ ହୋଇଥିବାରୁ ସ୍ତ୍ରୀ ଓ ୨ଟି ଛୋଟଛୁଆଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଦକ୍ଷତା ବିକାଶ ପ୍ରଶିକ୍ଷଣ ନୈରାଶ୍ୟଜନକ

# ଚାକିରି ପାଇଛନ୍ତି ମାତ୍ର ୧୯.୫୪%

**ଭୁବନେଶ୍ୱର, ୧୪।୭ (ବ୍ୟୁରୋ)**

ରାଜ୍ୟରେ ଯୁବପିଢ଼ି କିପରି ସହଜରେ ନିଯୁକ୍ତି ପାଇ ଆତ୍ମନିର୍ଭରଶୀଳ ହୋଇପାରିବେ ସେଥିପାଇଁ ସେମାନଙ୍କ ଦକ୍ଷତା ବୃଦ୍ଧି ସକାଶେ ରାଜ୍ୟ ସରକାର 'ସ୍କିଲ୍ଡ ଇନ୍ ଓଡ଼ିଶା' ମାଧ୍ୟମରେ ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ହାତକୁ ନେଇଥିଲେ। ମାତ୍ର ତାହା କେବଳ କାଗଜକଲମରେ ସୀମିତ ହୋଇ ରହିଯାଇଥିବା ଭଳି ମନେ ହେଉଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଶିକ୍ଷଣ ପାଇଥିବା ଯୁବପିଢ଼ିଙ୍କ ମଧ୍ୟରୁ ମାତ୍ର ୧୯.୫୪% ଚାକିରି ପାଇବାରେ ସକ୍ଷମ ହୋଇଛନ୍ତି। ବିଧାନସଭାର ବଜେଟ ଅଧିବେଶନରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଦେଇଥିବା ତଥ୍ୟରୁ ଏହା ସ୍ପଷ୍ଟ ପ୍ରମାଣିତ ହୋଇଯାଉଛି। ଭାଜପା ବିଧାୟକ ମୋହନ ଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ନାୟକ କହିଛନ୍ତି ଯେ, ୨୦୧୧-୧୨ ଓ ୨୦୧୮-୧୯ ମଧ୍ୟରେ ୮୫,୮୮୦ ଯୁବପିଢ଼ି ନିଯୁକ୍ତି ଭିତ୍ତିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ(ପିଏଲ୍‌ଟିପି) ମାଧ୍ୟମରେ ପ୍ରଶିକ୍ଷଣ ନେଇଥିଲେ। ହେଲେ ସେମାନଙ୍କ ମଧ୍ୟରୁ ମାତ୍ର ୧୬,୭୭୭(୧୯.୫୪%) ନିଯୁକ୍ତି ପାଇଛନ୍ତି। ୨୦୧୧-୧୨ରେ ମାତ୍ର ୧,୪୬୬(୧୦% )ଯୁବକ ଚାକିରି ପାଇଥିଲେ। ୨୦୧୩-୧୪ରେ ୪.୪୦କୋଟି ଟଙ୍କା ଖର୍ଚ୍ଚରେ ୨୩,୪୨୧ଜଣ ପ୍ରଶିକ୍ଷଣ ନେଇଥିବାବେଳେ ମାତ୍ର ୪,୭୪୪ଜଣ ଚାକିରି ପାଇଥିବା ମନ୍ତ୍ରୀ ଉତ୍ତର ଦେଇଛନ୍ତି। ସେହିପରି ୨୦୧୪-୧୫ରେ ୧୮.୮୭% ଚାକିରି ପାଇଥିବାବେଳେ ପରବର୍ତ୍ତୀ ବର୍ଷ ଏହା ୧୬.୮୧% ପ୍ରତିଶତକୁ ଖସି ଆସିଥିଲା। ମନ୍ତ୍ରୀଙ୍କ ପକ୍ଷରୁ ମିଳିଥିବା ତଥ୍ୟ ଅନୁସାରେ ୨୦୧୬-୧୭ରେ ୨୫ଟି ଜିଲାରୁ ୮,୮୬୨ଜଣ ଯୁବପିଢ଼ି ପ୍ରଶିକ୍ଷଣ ନେଇଥିଲେ। ଯେଉଁଥିପାଇଁ ୭.୫୧କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ଆଉ ସେଥିରୁ ମାତ୍ର ୧,୩୪୦ଜଣ ଚାକିରି ପାଇଛନ୍ତି। ୨୦୧୭-୧୮ରେ ମଧ ବହୁ କମ୍ ସଂଖ୍ୟାରେ ନିଯୁକ୍ତି ପାଇଛନ୍ତି। ୨୦୧୮-୧୯ରେ ପିଏଲ୍‌ଟିପି ଜରିଆରେ ୧୩.୮୪କୋଟି ଟଙ୍କା ଖର୍ଚ୍ଚରେ ୯,୦୪୮ ଯୁବପିଢ଼ି ପ୍ରଶିକ୍ଷଣ ନେଇଛନ୍ତି। ଏଥିରୁ ଜଣାପଡୁଛି ଯେ, ସରକାର ଜଣେ ଯୁବକଙ୍କୁ ପ୍ରଶିକ୍ଷଣ ଦେବାକୁ ବାର୍ଷିକ ୧୫ହଜାର ଟଙ୍କା ଲେଖାଏ ଖର୍ଚ୍ଚ କରୁଛନ୍ତି। ତେବେ ମାତ୍ର ୧ହଜାର(୨.୭୧%) ଚାକିରି ପାଇଛନ୍ତି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ୫,୫୪୦ ଯୁବପିଢ଼ିଙ୍କୁ ଚାକିରି ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛନ୍ତି ଯାହାକି ପ୍ରଶିକ୍ଷଣ ପାଉଥିବା ଯୁବକଙ୍କ ସଂଖ୍ୟାର ମାତ୍ର ୨୦.୭୯%। ପ୍ରଶିକ୍ଷଣ ପାଉଥିବା ଯୁବପିଢ଼ିଙ୍କୁ ସେମାନଙ୍କ ବିଭାଗ ଅନୁସାରେ ୫ହଜାରରୁ ୧୦ହଜାର ଟଙ୍କାର ଭତ୍ତା ମଧ୍ୟ ପ୍ରଦାନ କରାଯାଉଛି। ପିଏଲ୍‌ଟିପି କାର୍ଯ୍ୟକ୍ରମରେ ରାଜ୍ୟ ସରକାର ୨୦୧୨-୧୩ ଏବଂ ୨୦୧୮-୧୯ ମଧ୍ୟରେ ୫୦ଟି ଘରୋଇ ସଂସ୍ଥାକୁ ୪୫.୫୨କୋଟି ଟଙ୍କା ପ୍ରଦାନ କରିଛନ୍ତି। ମାତ୍ର ସଫଳତା ହାର ମାତ୍ର ୧୯.୫୪%, ଯାହାକି ଅତ୍ୟନ୍ତ ନୈରାଶ୍ୟଜନକ। ଆଉ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ନିଯୁକ୍ତି ଦକ୍ଷତା ବୃଦ୍ଧି କରିବା ନିମନ୍ତେ ରାଜ୍ୟ ସରକାର ୨୦୧୪-୧୫ରେ ମୁଖ୍ୟମନ୍ତ୍ରୀ ନିଯୁକ୍ତି ସୃଷ୍ଟି କାର୍ଯ୍ୟକ୍ରମ(ସିଏମ୍ଇଜିପି) ଆରମ୍ଭ କରିଥିଲେ। ଆଉ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ୨୦୧୮-୧୯ ସୁଦ୍ଧା ୧୧ଲକ୍ଷ ଯୁବତୀଯୁବକଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ଦେବାକୁ ଲକ୍ଷ୍ୟ ରଖିଥିଲେ। ମାତ୍ର ଏହି କାର୍ଯ୍ୟକ୍ରମ ଜରିଆରେ ୧୦,୩୮,୩୦୧ଜଣଙ୍କୁ ପ୍ରଶିକ୍ଷଣ ଦିଆଯାଇପାରିଛି। ମିଳିଥିବା ସୂତ୍ରରୁ ସରକାର ଦକ୍ଷତା ବିକାଶ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ କୋଟି କୋଟି ଟଙ୍କା ଘରୋଇ ସଂସ୍ଥାକୁ ଦେଇଥିଲେ ସୁଦ୍ଧା ଉତ୍ତମ ପ୍ରଶିକ୍ଷଣ ପ୍ରଦାନ କରିବାରେ ଉକ୍ତ ସଂସ୍ଥାଗୁଡ଼ିକ ବିଫଳ ହୋଇଛନ୍ତି। ଏପରି କି ଉକ୍ତ ସଂସ୍ଥା ମଧ୍ୟରୁ ଅନେକଙ୍କ ନିକଟରେ ଆବଶ୍ୟକ ଯନ୍ତ୍ରପାତି, ଲାବୋରେଟୋରି ବ୍ୟବସ୍ଥା ନାହିଁ। ଯାହାଫଳରେ ପ୍ରଶିକ୍ଷଣ ନେଇଥିବା ଯୁବପିଢ଼ି ଚାକିରି ପାଇବାରେ ବିଫଳ ହେଉଛନ୍ତି। ପ୍ରଶିକ୍ଷଣ ନେଇଥିବା ଅନେକ ଯୁବପିଢ଼ିଙ୍କ ଭବିଷ୍ୟତ ଏବେ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଛି। ପ୍ରଶିକ୍ଷଣ ପାଇଥିବା ବହୁ ଯୁବପିଢ଼ି ଚାକିରିଟିଏ ପାଇଁ ସହର ମୁହାଁ ହେଉଥିଲେ ମଧ୍ୟ ସେମାନଙ୍କୁ ଆବଶ୍ୟକ ପ୍ରଶିକ୍ଷଣ ମିଳି ନ ଥିବାରୁ ସେମାନେ ପୁଣି ଗାଁକୁ ଫେରିବାକୁ ବାଧ୍ୟ ହେଉଥିବା ଦେଖିବାକୁ ମିଳୁଛି।

**ପିଏଲ୍‌ଟିପି ସମ୍ପର୍କିତ ଷ୍ଟାଟସ୍ ରିପୋର୍ଟ**

| ବର୍ଷ | ତାଲିମ ପ୍ରଦାନକାରୀ ସଂସ୍ଥାଙ୍କ ସଂଖ୍ୟା | ତାଲିମପ୍ରାପ୍ତ ଯୁବପିଢ଼ିଙ୍କ ସଂଖ୍ୟା | ନିଯୁକ୍ତି ପାଇଥିବା ଯୁବପିଢ଼ିଙ୍କ ସଂଖ୍ୟା | ପ୍ରତିଶତ | ଖର୍ଚ୍ଚ ପରିମାଣ (କୋଟି ଟଙ୍କାରେ) |
|---|---|---|---|---|---|
| ୨୦୧୧-୧୨ | ୩ | ୬୩୭ | ୧୦ | ୧.୫୬ | ତଥ୍ୟ ନାହିଁ |
| ୨୦୧୨-୧୩ | ୨୩ | ୫,୯୫୨ | ୧,୪୬୬ | ୨୪.୬୩ | ୩.୩୧ |
| ୨୦୧୩-୧୪ | ୨୧ | ୨୩,୪୨୧ | ୪,୭୪୪ | ୨୦.୨୫ | ୪.୪ |
| ୨୦୧୪-୧୫ | ୨୫ | ୧୦,୬୦୧ | ୨,୦୦୦ | ୧୮.୮୭ | ୪.୭ |
| ୨୦୧୫-୧୬ | ୩୦ | ୧୩,୧୮୧ | ୨,୨୧୭ | ୧୬.୮୧ | ୪.୦୬ |
| ୨୦୧୬-୧୭ | ୧୩ | ୮,୮୬୨ | ୧,୩୪୦ | ୧୫.୧୨ | ୭.୫୧ |
| ୨୦୧୭-୧୮ | ୨୨ | ୧୪,୧୭୮ | ୪,୦୦୦ | ୨୮.୨୧ | ୭.୭୬ |
| ୨୦୧୮-୧୯ | ୧୭ | ୯,୦୪୮ | ୧,୦୦୦ | ୨.୭୧ | ୧୩.୮୪ |
| ମୋଟ | ୧୫୪ | ୮୫,୮୮୦ | ୧୬,୭୭୭ | ୧୯.୫୪ | ୪୫.୫୨ |

# ଡାକ୍ତରଙ୍କ ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କ ତତ୍ପରତା

**ଭୁବନେଶ୍ୱର, ୧୪।୭ (ବ୍ୟୁରୋ)**

ପଶ୍ଚିମବଙ୍ଗରେ ଜଣେ ଡାକ୍ତରଙ୍କୁ ଦୁର୍ବ୍ୟବହାର କରାଯିବା ଘଟଣାର ପ୍ରଭାବ ସାରା ଦେଶରେ ଆନ୍ଦୋଳନ ସୃଷ୍ଟି କରିଥିଲା। ଆନ୍ଦୋଳନ ଏତେ ତୀବ୍ରତର ହୋଇଥିଲା ଯେ, ଦେଶର ପ୍ରତ୍ୟେକ ରାଜ୍ୟରେ ଡାକ୍ତରମାନେ ଏହି ଘଟଣାକୁ ବିରୋଧ କରି ରାସ୍ତାକୁ ଓହ୍ଲାଇଥିଲେ। ଏହି ସମୟରେ କେନ୍ଦ୍ର ସରକାର ଡାକ୍ତରମାନଙ୍କୁ ସୁରକ୍ଷା ଯୋଗାଇ ଦେବା ଲାଗି ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ଘଟଣାକୁ ଦୃଷ୍ଟିରେ ରଖି ଡାକ୍ତର ଓ ମେଡିକାଲ କର୍ମଚାରୀଙ୍କ ସୁରକ୍ଷା ଲାଗି କେନ୍ଦ୍ର ସରକାର ନୂଆ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳକୁ ଏନେଇ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଚିଠି ଦିଆଯାଇଛି। ଅନ୍ୟପଟେ ଏହି ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ କହିଛନ୍ତି, କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶନାମା ଭଲରେ ଦେଖି ଯାହା ଆବଶ୍ୟକ ତାକୁ କାର୍ଯ୍ୟକାରୀ କରିବୁ। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଡାକ୍ତରମାନଙ୍କ ସୁରକ୍ଷା ଲାଗି ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଥିବା ସେ କହିଛନ୍ତି।

ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ, ଡାକ୍ତରମାନେ ବିଭିନ୍ନ ସମୟରେ ଅସାମାଜିକ ବ୍ୟକ୍ତିଙ୍କ ଆକ୍ରମଣର ଶିକାର ହେଉଥିବାରୁ ସମ୍ବେଦନଶୀଳ ଡାକ୍ତରଖାନା ଓ କାର୍ଯ୍ୟରତ ଡାକ୍ତରମାନଙ୍କ ସୁରକ୍ଷା ଲାଗି ତାଲିମପ୍ରାପ୍ତ ସୁରକ୍ଷାବଳ ମୁତୟନ ଆବଶ୍ୟକ ହୋଇପଡ଼ିଛି। ତେଣୁ ଯେଉଁସବୁ ଡାକ୍ତରଖାନାକୁ ଅଧିକ ସଂଖ୍ୟାରେ ରୋଗୀ ଆସୁଛନ୍ତି ସେଠାରେ ସିସିଟିଭି ଲଗାଇବା, ଅତ୍ୟାଧୁନିକ ସୁରକ୍ଷା ସରଞ୍ଜାମ ସହ ୨୪ ଘଣ୍ଟିଆ କୁଇକ୍ ରିଆକ୍ସନ୍ ଟିମ୍ (କ୍ୟୁଆର୍‌ଟି) ମୁତୟନ ରଖିବାକୁ ରାଜ୍ୟ ସରକାରଙ୍କୁ କୁହାଯାଇଛି। ସେହିପରି ସୁରକ୍ଷା ବ୍ୟବସ୍ଥାର ମନିଟରିଂ ପାଇଁ ଉନ୍ନତ ଜ୍ଞାନକୌଶଳ ସମ୍ପନ୍ନ କଣ୍ଟ୍ରୋଲ ରୁମ୍ ରହିବ। ରୋଗୀଙ୍କ ସମ୍ପର୍କୀୟଙ୍କ ଛଡା ଅନ୍ୟ କାହାରିକୁ ମେଡିକାଲ ଭିତରକୁ ପ୍ରବେଶ ପାଇଁ ଅନୁମତି ମିଳିବ ନାହିଁ। ଡାକ୍ତରଖାନା କର୍ମଚାରୀଙ୍କୁ ଦୁର୍ବ୍ୟବହାର କଲେ ଡାକ୍ତରଖାନା ପକ୍ଷରୁ ଦୁର୍ବ୍ୟବହାରକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯିବ। ଚିକିତ୍ସା ଅବହେଳାର ତଦାରଖ ଲାଗି ନୋଡାଲ ଅଫିସର ନିଯୁକ୍ତି କରିବାକୁ ନିର୍ଦ୍ଦେଶ ରହିଛି। ସେହିପରି ଖାଲି ପଡିଥିବା ଡାକ୍ତର ଏବଂ ଅନ୍ୟ ପଦବୀ ପୂରଣ ଲାଗି ନିର୍ଦ୍ଦେଶନାମା ଜାରି କରାଯାଇଛି। ସମ୍ବେଦନଶୀଳ ଡାକ୍ତରଖାନାଗୁଡ଼ିକ ଲାଗି କେନ୍ଦ୍ରୀୟ କଣ୍ଟ୍ରୋଲ୍ ରୁମ୍ ସ୍ଥାପନ ସହିତ ଏଠାରେ ଅତ୍ୟାଧୁନିକ ଯୋଗାଯୋଗ ବ୍ୟବସ୍ଥା ରଖିବାକୁ କୁହାଯାଇଛି।

## ମାଓବାଦୀ କହି ଟଙ୍କା ଆଦାୟ ମହଙ୍ଗା ପଡ଼ିଲା

# ବନ ଅଧିକାରୀଙ୍କ ସମେତ ୩ ଗିରଫ

**ବରଗଡ଼ ଅଫିସ୍/ଭଟଲି, ୧୪।୭ (ଡି.ଏନ.ଏ)**



ଜବତ ଟଙ୍କା (ଇନ୍‌ସେଟ୍)। ଖବରଦାତା ସମ୍ମିଳନୀରେ ପୋଲିସ ଗିରଫ ଅଭିଯୁକ୍ତଙ୍କୁ ହାଜର କରିଛି।

- ୧ଲକ୍ଷ ୬୫ହଜାର ଟଙ୍କା ଜବତ
- ୨୦୧୪ ମସିହାରୁ ସକ୍ରିୟ ଥିଲେ
- ସରକାରୀ ଅଧିକାରୀ, ଠିକାଦାରଙ୍କୁ ଧମକ ଦେଉଥିଲେ

ବରଗଡ଼ ଜିଲା ଭଟଲି ପୋଲିସ ହାତରେ ୩ନକଲି ମାଓବାଦୀ ଧରାପଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ଅଛନ୍ତି ସମ୍ବଲପୁର ବନାଞ୍ଚଳର ଡେପୁଟି ରେଞ୍ଜର ତଥା କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ତେରାଗାଁର ମୂଳ ବାସିନ୍ଦା ବଟକୃଷ୍ଣ ସେଠୀ(୫୯), ବରଗଡ଼ ଜିଲ ଭଟଲି ଗଡ଼ପଡ଼ାର ୨ଭାଇ ଦୋଳଗୋବିନ୍ଦ ସାହୁ ଓରଫ ବାବୁଲୁ(୪୦) ଓ ବଳରାମ ସାହୁ(୨୪)। ସେମାନଙ୍କ ପାଖରୁ ନଗଦ ୧ଲକ୍ଷ ୬୫ହଜାର, ୩ଟି ମୋବାଇଲ ଓ ୨ଟି ସ୍ପ୍ଲେଣ୍ଡର ବାଇକ୍ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବରଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏ ନେଇ ଭଟଲି ଥାନା ପୋଲିସ ଏକ ମାମଲା (ନଂ.୧୩୫/୧୯) ରୁଜୁ କରିଛି ।

ରବିବାର ଅପରାହ୍ନ ପ୍ରାୟ ୧ଟା୩୦ରେ ଜିଲା ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇ କହିଥିଲେ, ଧରାପଡ଼ିଥିବା ନକଲି ମାଓବାଦୀ ଗତ ୨୦୧୪ମସିହାରୁ ଭଟଲି, ଅମ୍ବାଭୋନା ଅଞ୍ଚଳରେ ସରକାରୀ ଅଧିକାରୀ, ଠିକାଦାର ପ୍ରମୁଖଙ୍କୁ ହତ୍ୟା ଧମକ ଦେଇ ଟଙ୍କା ଅସୁଲ କରି ଆସୁଥିଲେ। ଅଶୋକ ଦାଶ ନାମକ ଜଣେ ଠିକାଦାର ଶୁକ୍ରବାର ଭଟଲି ଥାନାରେ ଏ ସମ୍ପର୍କରେ ଏତଲା ଦେବା ପରେ ପୋଲିସ ତନାଘନା ଚଳାଇଥିଲା। ଗିରଫ ଅଭିଯୁକ୍ତମାନେ ଭୟଭୀତ କରି ଇତିମଧ୍ୟରେ ବରଗଡ଼ ଡିଏଫଓଙ୍କଠାରୁ ୫୦ହଜାର, ଲଖନପୁର ରେଞ୍ଜରଙ୍କଠାରୁ ୯୦ହଜାର, ପଦ୍ମପୁର ଫରେଷ୍ଟରଙ୍କଠାରୁ ୧୦ହଜାର, ଠିକାଦାର ମୁନା ମହାପାତ୍ରଙ୍କଠାରୁ ୨ଲକ୍ଷ, ଶୁଭମ ସିଂଙ୍କଠାରୁ ୨ଲକ୍ଷ ୫୦ହଜାର, ପ୍ରଦୀପ ବିଶ୍ୱାଳଙ୍କଠାରୁ ୧ଲକ୍ଷ ୫୦ହଜାର, ବାଉଲସିଂହାରେ ନିର୍ମାଣାଧୀନ ବିପିସିଏଲ ଇଥାନଲ ପ୍ଲାଣ୍ଟର ଠିକାଦାରଙ୍କଠାରୁ ୯୦ହଜାର, ଭଟଲିର କାହ୍ନୁଙ୍କଠାରୁ ୨୫ହଜାର, ହେମନ୍ତଙ୍କଠାରୁ ୫୦ହଜାର, ଭୁକ୍ତାର ପ୍ରେମ ପଟେଲଙ୍କଠାରୁ ୪୦ହଜାର ଏବଂ ଠିକାଦାର ଅଶୋକ ଦାଶଙ୍କଠାରୁ ୨ଟି ପର୍ଯ୍ୟାୟରେ ୫୦ହଜାର ଟଙ୍କା ଲେଖାଏ ନେଇଥିବା ସ୍ୱୀକାର କରିଛନ୍ତି ବୋଲି ଏସପି ଭାମୁ ସୂଚନା ଦେଇଛନ୍ତି।

ଦୀର୍ଘ ୫ ବର୍ଷ ଧରି ଅଭିଯୁକ୍ତମାନେ ନିଜକୁ ମାଓବାଦୀ ପରିଚୟ ଦେଇ ଏଭଳି କାରବାର ଚଳାଇ ଆସୁଥିବାରୁ ସେମାନଙ୍କ ଜାଲରେ ଆଉ କେଉଁମାନେ ପଡ଼ିଛନ୍ତି, ସେ ନେଇ ଅଧିକ ତଦନ୍ତ ଚାଲିଥିବା ଏସ୍‌ପି କହିଥିଲେ। ସେହିପରି ଗିରଫ ଡେପୁଟି ରେଞ୍ଜର ସେଠୀ ପୂର୍ବରୁ ଭଟଲି, ଘେଁସ ବନ ବିଭାଗ ଅଞ୍ଚଳରେ କାର୍ଯ୍ୟରତ ଥିଲେ ଏବଂ ଅନ୍ୟ ୨ଅଭିଯୁକ୍ତଙ୍କ ସହିତ ସମ୍ପର୍କ ସ୍ଥାପନ କରି ସେଥିରେ ତାଙ୍କୁ ସହାୟତା କରି ଆସୁଥିଲେ। ଯେତେବେଳେ ଜିଲାରେ ମାଓବାଦୀ ଗତିବିଧି ପରିଲକ୍ଷିତ ଥିବା ଜଣାପଡ଼େ, ମୁଖ୍ୟତଃ ସେହି ସମୟରେ ଏହି ନକଲି ମାଓବାଦୀ ଠିକାଦାର, ସରକାରୀ ଅଧିକାରୀଙ୍କୁ ଭୟଭୀତ କରି ଏଭଳି ଠକାମୀ କରିଥାନ୍ତି ବୋଲି ତଦନ୍ତରୁ ଜଣାପଡ଼ିଛି ବୋଲି ଏସ୍‌ପି କହିଛନ୍ତି । ଖବରଦାତା ସମ୍ମିଳନୀରେ ଏସ୍‌ଡ଼ିପିଓ କ୍ଷୀରସାଗର ନାଏକ, ବରଗଡ଼ ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାରୀ, ଭଟଲି ଥାନା ଅଧିକାରୀ ଦିଲୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଗୁଣିଗାରେଡ଼ି ସନ୍ଦେହରେ ବୃଦ୍ଧଙ୍କୁ ହତ୍ୟା, ୭ ଗିରଫ

**କେନ୍ଦୁଝର, ୧୪।୭ (ସ୍ୱ.ପ୍ର.)**

ଆଦିବାସୀ ଅଧ୍ୟୁଷିତ କେନ୍ଦୁଝର ଜିଲାର ଦୁର୍ଗମ ଅଞ୍ଚଳରେ ଆଜିବି ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସ ବସା ବାନ୍ଧି ରହିଛି। ଏହାକୁ ନେଇ ହତ୍ୟା ଭଳି ବିଭିନ୍ନ ଅପରାଧ ସଂଘଟିତ ହେଉଛି। ଶନିବାର ରାତିରେ ସଦର ଥାନା ଅଧୀନ ସେଣ୍ଡକାପ ଗ୍ରାମରେ ଗୁଣି ସନ୍ଦେହକୁ ନେଇ ଦୀନବନ୍ଧୁ ମୁଣ୍ଡା ନାମକ ଜଣେ ବୃଦ୍ଧଙ୍କୁ ହତ୍ୟା କରାଯିବା ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ରବିବାର ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହକୁ ଜବତ କରି ତଦନ୍ତ କରିବାପରେ ଘଟଣା ସହ ଜଡ଼ିତ ୭ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କୁ ଥାନାରେ ରଖି ପଚରାଉଚରା କରାଯାଉଛି।

ଘଟଣା ସମ୍ପର୍କରେ ପରିବାର ଲୋକେ କହିଛନ୍ତି ଯେ, ଶନିବାର ସନ୍ଧ୍ୟାରେ ୭ରୁ ଅଧିକ ଲୋକ ନିଶାସକ୍ତ ଅବସ୍ଥାରେ ଆସି ଦୀନବନ୍ଧୁଙ୍କୁ ଘରୁ କିଛି ଦୂରକୁ ଡାକି ନେଇଯାଇଥିଲେ। ସେମାନେ ଟାଙ୍ଗିଆ ଓ ଲାଠିରେ ତାଙ୍କୁ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ଦୀନବନ୍ଧୁଙ୍କ ଝିଅ ସେଠାକୁ ଧାଇଁଯିବାରୁ ଅଭିଯୁକ୍ତମାନେ ତାଙ୍କୁ ମାଡ଼ ମାରି ଘଉଡାଇ ଦେଇଥିଲେ। ଆକ୍ରମଣକାରୀଙ୍କୁ ଡରି ଘଟଣାସ୍ଥଳକୁ ଆଉ କେହି ଯାଇ ନ ଥିଲେ। ରବିବାର ସକାଳେ ଦୀନବନ୍ଧୁଙ୍କ ମୃତଦେହ ଏକ ଘର ଭିତରେ ପଡ଼ିଥିବା ପରିବାର ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ ପୂର୍ବାହ୍ନରେ ପହଞ୍ଚି ମୃତଦେହ ଜବତ କରି ତନାଘନା ଆରମ୍ଭ କରିଥିଲା।

ଘଟଣାର ପ୍ରାଥମିକ ତଦନ୍ତ ପରେ ଗୁଣିଗାରେଡ଼ିକୁ ନେଇ ହତ୍ୟାକାଣ୍ଡ ଘଟିଥିବା ସଦର ଏସଡିପିଓ ପି.ଜେ.ଟପୋ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତଙ୍କୁ ପଚରାଉଚରା ପରେ କୋର୍ଟଚାଲାଣ କରାଯିବ। ଅଭିଯୁକ୍ତମାନେ କହିଛନ୍ତି ଯେ, ଦୀନବନ୍ଧୁ ଗୁଣିଗାରେଡ଼ି କରୁଥିବାରୁ ମଶାଣିରୁ ହାଡ ଆଣି ଘରେ ରଖି ପୂଜାପାଠ କରୁଥିଲେ। ଏହି କାରଣରୁ ଗାଁର ଅନେକ ଲୋକ ଜ୍ୱର ଆଦି ରୋଗରେ ପଡୁଥିବା ସନ୍ଦେହ କରାଯାଉଥିଲା। ଏନେଇ ଆଗରୁ ମଧ ଗାଁରେ ବିବାଦ ଦେଖାଦେଇଥିଲା। ଦୀନବନ୍ଧୁ ପୂଜା ପାଠ ବନ୍ଦ ନ କରିବାରୁ ସେମାନେ ତାଙ୍କୁ ଆକ୍ରମଣ କରିଥିବା ପୋଲିସକୁ କହିଛନ୍ତି। ଅନ୍ୟପକ୍ଷେ ଦୀନବନ୍ଧୁଙ୍କ ପରିବାର ଅଭିଯୁକ୍ତଙ୍କ ଏଭଳି ଆରୋପକୁ ଅସ୍ୱୀକାର କରିଛନ୍ତି।

# ନାଗାବଳୀରେ ପର୍ଯ୍ୟଟକଙ୍କ ସଲିଳ ସମାଧି

**ରାୟଗଡା ଅଫିସ୍, ୧୪।୭:** ସାଙ୍ଗସାଥୀଙ୍କ ସହ ବୁଲିବାକୁ ରାୟଗଡ଼ାକୁ ଆସିଥିଲେ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ୨୦ ଜଣ ପର୍ଯ୍ୟଟକ। ହଠାତ୍ ଘଟିଲା ଏକ ଦୁର୍ଘଟଣା। ରାୟଗଡ଼ା ସହର ଉପକଣ୍ଠସ୍ଥ ନାଗାବଳୀ ନଦୀରେ ଗାଧୋଇଲା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ବୁଡ଼ି ଯାଇଥିଲେ। ସମ୍ପର୍କୀୟମାନେ ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ମୃତକ ହେଲେ ଆନ୍ଧ୍ରପ୍ରଦେଶ ବିଜୟନଗର ଜିଲା ନାଇଡୁପେଟାର କେ.ନାଗେଶ(୧୮)। ଦୀର୍ଘ ଘଣ୍ଟାର ପରିଶ୍ରମ ପରେ ଘଟଣାସ୍ଥଳଠାରୁ ୩୦୦ ମିଟର ଦୂରରୁ ନାଗେଶଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଛି।

## ସୀମାନ୍ତରେ ଗୁଳି ବିନିମୟ

# ୨ ମାଓବାଦୀ ନିହତ, ଜଣେ ଗିରଫ

**ମାଲକାନଗିରି, ୧୪।୭ (ଡି.ଏନ.ଏ.)**



- ଦୁଇ ଘଣ୍ଟା ଧରି ହୋଇଥିଲା ଗୁଳିଚାଳନା
- ଅଧିକ ତଥ୍ୟ ଦେବାକୁ ମନା କଲା ପୋଲିସ
- ବନ୍ଧୁକ, ବିସ୍ଫୋରକ ସାମଗ୍ରୀ ଜବତ

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡର ଦାନ୍ତେୱାଡା ଜିଲାରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ରବିବାର ଗୁଳି ବିନିମୟ ହୋଇଛି। ଏଥିରେ ୨ଜଣ ମାଓବାଦୀ ନିହତ ହୋଇଛନ୍ତି। ଜଣକୁ ଗିରଫ କରାଯାଇଛି। ଖବରରୁ ଜଣାପଡିଛି ଦାନ୍ତେୱାଡା ଜିଲାରେ ମୁତୟନ ହୋଇଥିବା ପୋଲିସ ପକ୍ଷରୁ କିରଣ୍ଡୋଲ ଥାନା ଅନ୍ତର୍ଗତ ଗୁମିଆପାଲ ଜଙ୍ଗଲରେ ଏକ ସ୍ୱତନ୍ତ୍ର ତଲାସି ଅଭିଯାନ ଆରମ୍ଭ ହୋଇଥିଲା। ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅପରେଶନ ଚାଲିଥିବା ବେଳେ ଲାଲବାହିନୀ ପକ୍ଷରୁ ଏକ ବଡ ଧରଣର ହିଂସାକାଣ୍ଡ ଘଟାଇବା ନେଇ ଯୋଜନା ଚାଲିଥିବା ଖବର ପୋଲିସକୁ ମିଳିଥିଲା। ଫଳରେ ପୋଲିସ ଅତର୍କିତ ଭାବେ ଜଙ୍ଗଲରେ ଚଢାଉ କରିବାରୁ ଏହା ଦେଖି ମାଓବାଦୀମାନେ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ। ଉଭୟପକ୍ଷଙ୍କ ମଧ୍ୟରେ ୨ଘଣ୍ଟା ଧରି ଗୁଳିଚାଳନା ହେବା ପରେ ପୋଲିସର ଜବାବି କାର୍ଯ୍ୟାନୁଷ୍ଠାନର ମୁକାବିଲା ମାଓବାଦୀମାନେ କରି ପାରି ନ ଥିଲେ। ଫଳରେ ପୋଲିସ ଗୁଳିରେ ୨ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ମହିଳା ଥିବା ଜଣାପଡିଛି। ମୃତ ୨ ମାଓବାଦୀ ଦଣ୍ଡକାରଣ୍ୟ ସ୍ୱତନ୍ତ୍ର ଜୋନାଲ କମିଟିର ସଦସ୍ୟ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଘଟଣା ସ୍ଥଳରୁ ଜଣେ ମହିଳା ମାଓବାଦୀଙ୍କୁ ଗିରଫ କରାଯାଇଛି। ୨ଟି ବନ୍ଧୁକ, ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି। ମୃତ୍ୟୁ ଘଟିଥିବା ମାଓବାଦୀଙ୍କ ପରିଚୟ ମିଳି ନାହିଁ। ଗିରଫ ହୋଇଥିବା ମହିଳା ମାଓବାଦୀଙ୍କ ସମ୍ପର୍କରେ ଅଧିକ ତଦନ୍ତ କରାଯାଉଛି ବୋଲି ଦାନ୍ତେୱାଡା ଏସ୍.ପି. ଅଭିଷେକ ପଲ୍ଲଭ କହିଛନ୍ତି। ଅନ୍ୟପକ୍ଷରେ ଅଧିକ ତଦନ୍ତ ଚାଲିଥିବାରୁ ପୋଲିସ ଗିରଫ ମହିଳା ମାଓବାଦୀଙ୍କ ସମ୍ପର୍କରେ କିଛି କହିବାକୁ ମନା କରିଦେଇଛି।


## ମନେ ପଡ଼ନ୍ତି

**ସପ୍ତମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ସୁବାସଚନ୍ଦ୍ର ପଟ୍ଟନାୟକ**
ନୂଆବଜାର, କଟକ
ତିରୋଧାନ: ୦୨।୦୭।୨୦୧୨
ଆଷାଢ ଶୁକ୍ଳ ଚତୁର୍ଦ୍ଦଶୀ (ନୀଳାଦ୍ରିବିଜେ)
ପାପା,
ସାତବର୍ଷ ଚାହୁଁ ଚାହୁଁ ବିତିଗଲା। ତୁମର ସ୍ନେହ, ଶ୍ରଦ୍ଧା, ନିତି, ଆଦର୍ଶ ଆମମାନଙ୍କର ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପତ୍ନୀ: ମନି, ପୁଅ: ବୁବୁ, ଶୁବୁ, ବୋହୂ: ବେବି, ପିଙ୍କି, ନାତି, ନାତୁଣୀ: ପୁପୁଲି, ରାହି, ରିଷି।
ଧ-୧୩୧୯୦

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ପ୍ରମିଳା ପାତ୍ର/ଶତପଥୀ (ପମି)**
ମହାଦେବ ନଗର, ଭୁବନେଶ୍ୱର
ତିରୋଧାନ: ୦୧।୦୭।୨୦୧୫
ଆଜିର ତିଥିରେ ୪ ବର୍ଷ ତଳେ ତୁମେ ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲ। ସ୍ୱର୍ଗଦ୍ୱାରରେ ତୁମର ଶରୀର ପଞ୍ଚଭୂତରେ ବିଲୀନ ହୋଇଗଲା। ସୃଷ୍ଟିର ଏହି ନିଷ୍ଠୁର ସତ୍ୟକୁ କାହିଁକି କେଜାଣିଗ୍ରହଣ କରିପାରୁନୁ। ଯେତିକି ଲୁହ ତୁମେ ଦେଇ ଚାଲିଗଲ ଆମ ସମସ୍ତଙ୍କ ପାଇଁ, ସାରା ଜୀବନ ବି କାନ୍ଦିଲେ ହୁଏତ ସରିବ ନାହିଁ। ଅଧାବାଟରେ ହାତ ଛାଡ଼ି ମାନ କରି ଚାଲିଗଲ। ଏମିତି କ'ଣ କିଏ କରେ? ସ୍ୱଶରୀରରେ ତୁମକୁ ଦେଖିବା ଏ ଜନ୍ମରେ ଅସମ୍ଭବ। କିନ୍ତୁ ତୁମର ତ୍ୟାଗ, କର୍ମ, ଆଦର୍ଶ ସ୍ମୃତିର ରୂପାଜନ୍ମ ହୋଇ ରହିଗଲା। ଯାହାକି ତୁମକୁ ଆମ୍ଭମାନଙ୍କ ନିକଟରେ ଚିର ସ୍ମରଣୀୟ କରି ରଖିବ।
ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଅବସରରେ ଗଭୀର ଶ୍ରଦ୍ଧାଞ୍ଜଳି ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ:
ପରିବାର ଓ ବନ୍ଧୁବର୍ଗ, କିଟି, ଲିକୁ, ବବି, ମକର ଇତ୍ୟାଦି।
ଧ-୧୩୨୩୮

**ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ମଣିଚରଣ ସାହୁ**
(ଦତ୍ତାତ୍ରେୟ ପ୍ରଭୁ ଆଶ୍ରିତ ବାନପ୍ରସ୍ଥୀ)
ଅପର୍ତ୍ତିବିନ୍ଧା, ଭଦ୍ରକ
ଆବିର୍ଭାବ: ୨୦।୦୯।୧୯୩୫
ତିରୋଧାନ: ୦୫।୦୭।୨୦୧୯
ଆଜି ଏକାଦଶାହ ଅବସରରେ ଆମ୍ଭମାନଙ୍କୁ ଶୋକସାଗରରେ ଭସାଇଦେଇ ଆରପାରିକୁ ଚାଲିଗଲ। ଯେଉଁଠି ଥାଅ, ଭଲରେ ଥାଅ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପରମେଶ୍ୱରଙ୍କ ନିକଟରେ ଆମ୍ଭମାନଙ୍କର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପରିବାରବର୍ଗ, ବନ୍ଧୁବାନ୍ଧବ ଏବଂ ଆତ୍ମୀୟସ୍ୱଜନ।
ଧ-୧୩୪୯୧

## ସଂକ୍ଷେପରେ

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ବାଲିକୁଦା,୧୪।୭(ସ୍ୱ.ପ୍ର.): ବାଲିକୁଦା ଶିକ୍ଷା ମଣ୍ଡଳ ଅଧୀନ ନାଗପୁର ଆଞ୍ଚଳିକ ସାଧନ କେନ୍ଦ୍ର ଅନ୍ତର୍ଭୁକ୍ତ କାଳିଓ ପଞ୍ଚାୟତର ତଣ୍ଡାଉଣୀ ପ୍ରାଥମିକ ବିଦ୍ୟାଳୟରେ ରବିବାର ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଉର୍ମିଳା କୁମାରି ମହାନ୍ତିଙ୍କ ବିଦାୟ ସମ୍ବର୍ଦ୍ଧନା ଦେବା ନିମନ୍ତେ ନାଗପୁର କ୍ଲଷ୍ଟର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସିଆର୍‌ସିସି ତଥା ଉର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୈଳବାଳା ସ୍ୱାଇଁ ଅଧକ୍ଷତା କରିଥିଲେ। ସିଆରସିସି ରମାକାନ୍ତ ବାରିକ ମୁଖ୍ୟଅତିଥି, ରଘୁନାଥ ଜୀଉ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରିୟଜିତ୍ ବିଶ୍ୱାଳ ମୁଖ୍ୟବକ୍ତା, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ବିଦ୍ୟୁତ୍‌ପ୍ରଭା ଭୋଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଦାୟୀ ଶିକ୍ଷୟିତ୍ରୀଙ୍କ କର୍ତ୍ତବ୍ୟ ନିଷ୍ଠାର ତୁଳନା ନାହିଁ ବୋଲି କହିଥିଲେ। ସନ୍ଧ୍ୟାରାଣୀ ରାୟ, ପ୍ରତିମା ବଳ, ମିନତୀ ଦାସ, ଅନିତା ଲେଙ୍କା, ମଧୁସ୍ମିତା ଦାସ, ବାସନ୍ତୀ ବାସ୍କେ, ବନ୍ଦିତା ମହାପାତ୍ର, ଅନୁସୂୟା ସେଠୀ, ଗଜେନ୍ଦ୍ର ନାୟକ, ରେହାନ୍ ଖାଁ, ନାବେଦ-ଉଲ୍-ହକ୍ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଭାରାପ୍ରାପ୍ତ ପ୍ରଧାନଶିକ୍ଷକ ସମ୍ବିତ ମହାପାତ୍ର ମାନପତ୍ର ପାଠ ଓ ଶିକ୍ଷୟିତ୍ରୀ ଟୁନି ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ନୟନା ତାରେଣିଆ ଧନ୍ୟବାଦ ଦେଇଥିଲେ।

### ଜଳିଗଲା ଦୁଇ ବଖରା

ମାହାଙ୍ଗା,୧୪।୭(ସ୍ୱ.ପ୍ର.): ମାହାଙ୍ଗା ତହସିଲ ବରାହିପୁର ପଞ୍ଚାୟତ ଅଧୀନ ବରାହିପୁର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ରବୀନ୍ଦ୍ର ସ୍ୱାଇଁଙ୍କ ୨ ବଖରା ଘର ସମେତ ଏକ ବାଇକ ଓ ଅନ୍ୟ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ଖବର ପାଇ କୁଆଁପାଳ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ କରିଥିଲେ। ସେତେବେଳକୁ ସବୁକିଛି ଜଳି ଯାଇଥିଲା। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇନାହିଁ।

## ଲକ୍ଷ୍ୟଠାରୁ ବହୁ ଦୂରରେ ଗାଁ କଲ୍ୟାଣ ସମିତି

# ସ୍ୱାସ୍ଥ୍ୟ ସଚେତନତାକୁ ଅଣଦେଖା

- କାଗଜପତ୍ରରେ ଚାଲିଛି ମାସିକ ବୈଠକ
- ଚଳୁ ହୋଇଯାଉଛି ଲକ୍ଷାଧିକ ଟଙ୍କା
- ବାସ୍ତବତା ପ୍ରତି ଧ୍ୟାନ ଦେଉନି ସ୍ୱାସ୍ଥ୍ୟବିଭାଗ

ରଘୁନାଥପୁର, ୧୪।୭ (ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳ ଜନସାଧାରଣଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଭିତ୍ତିକ ସଚେତନତା ତଥା ସୁସ୍ଥ ପରିବେଶ ସୃଷ୍ଟି ପାଇଁ ପ୍ରତ୍ୟେକ ଗ୍ରାମରେ ଗାଁ କଲ୍ୟାଣ ସମିତି ଗଠନ କରାଯାଇଛି। ତେବେ ପ୍ରକୃତ ଉଦ୍ଦେଶ୍ୟ ସାଧନଠାରୁ ଯଥେଷ୍ଟ ଦୂରରେ ରହିଯାଇଛି ଏହି ସମିତି। ସ୍ୱାସ୍ଥ୍ୟଭିତ୍ତିକ ସଚେତନତାକୁ ଅଣଦେଖା କରାଯାଇ କେବଳ କାଗଜପତ୍ରରେ ପ୍ରସ୍ତୁତ କରାଯାଉଛି ମାସିକ ବୈଠକର ବିବରଣୀ। ଫଳରେ ସରକାରୀ ଅର୍ଥ ଏକ ପ୍ରକାର ଚଳୁ ହେଉଥିବା ଅଭିଯୋଗ ହେଉଛି। ଏପରି ବ୍ୟତିକ୍ରମ ପରିଲକ୍ଷିତ ହୋଇଛି ଜଗତ୍‌ସିଂହପୁର ଜିଲା ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୧୦୧ଟି ଗାଁ କଲ୍ୟାଣ ସମିତି କ୍ଷେତ୍ରରେ।

ସୂଚନାଯୋଗ୍ୟ, ଗାଁ କଲ୍ୟାଣ ସମିତିରେ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ୧୦ ରୁ ୩୦ ପର୍ଯ୍ୟନ୍ତ ମେମ୍ବର ରହିବାର ନିୟମ ରହିଛି। ଏଥିରେ ସମ୍ପୃକ୍ତ ଗ୍ରାମର ଜଣେ ୱାର୍ଡସଭ୍ୟ ମାସିକ ବୈଠକରେ ସଭାପତିତ୍ୱ କରିବାକୁ ନିୟମ ରହିଛି। ଅଙ୍ଗନୱାଡ଼ି କର୍ମୀ ଏହାର ଆବାହିକା ଭାବେ ରହି କାଗଜପତ୍ର ପ୍ରସ୍ତୁତ କରିବେ। ଆଶା କର୍ମୀ ଫାସିଲଟେଟର ଭାବେ ରହି କାର୍ଯ୍ୟ ତୁଲାଇବେ। ଏଥିପାଇଁ ପ୍ରୋତ୍ସାହନ ସ୍ୱରୂପ ପ୍ରତି ମାସରେ ସଭାପତିଙ୍କ ପାଇଁ ୫୦ ଟଙ୍କା, ଅଙ୍ଗନୱାଡ଼ି କର୍ମୀଙ୍କ ପାଇଁ ୧୦୦ ଟଙ୍କା ଏବଂ ଆଶାଙ୍କ ପାଇଁ ୧୫୦ ଟଙ୍କା ପାଇବାର ବ୍ୟବସ୍ଥା ରହିଛି। ବୈଠକରେ ଚୟନ କରାଯାଇଥିବା ସଭ୍ୟାସଭ୍ୟଙ୍କୁ ନେଇ ନିଜ ଗାଁରେ ସ୍ୱାସ୍ଥ୍ୟଭିତ୍ତିକ ସଚେତନତା, ସୁସ୍ଥ ପରିବେଶ ଓ ଗ୍ରାମର ଯେକୌଣସି ସ୍ଥାନରେ ଅପରିଷ୍କାର ସ୍ଥାନକୁ ସଫାସୁତରା କରାଯିବା ନିମନ୍ତେ ଆଲୋଚନା କରାଯାଇଥାଏ। ଏହାଛଡ଼ା ବର୍ଷାଦିନେ ଦେଖାଦେଉଥିବା ଜଳବାହକ ରୋଗ, ଡେଙ୍ଗୁ, ମ୍ୟାଲେରିଆର ପ୍ରଭାବ ଏବଂ ପରିମଳ ଓ ପାନୀୟ ଜଳ ସମ୍ପର୍କିତ ସମସ୍ୟା ସମ୍ପର୍କରେ ସଚେତନତାଧର୍ମୀ କାର୍ଯ୍ୟକ୍ରମ କରାଯିବାର ବ୍ୟବସ୍ଥା ରହିଛି। ତେବେ ହାତଗଣତି କେତେକ ଗ୍ରାମକୁ ଛାଡ଼ି ଦେଲେ ବାକି ସବୁଠାରେ ଉକ୍ତ କାର୍ଯ୍ୟକ୍ରମ କେବଳ କାଗଜପତ୍ରରେ ସୀମିତ ରହୁଥିବା ଦେଖାଯାଇଛି। ଆବାହିକାଙ୍କ ଦ୍ୱାରା ପ୍ରସ୍ତୁତି ବୈଠକ ଚିଠାକୁ ଘରେ ଘରେ ବୁଲାଇ ସଭ୍ୟାସଭ୍ୟଙ୍କଠାରୁ ଦସ୍ତଖତ କରି ଆଣି ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଅଣାଯାଇଛି। ଏ ସମ୍ପର୍କିତ ତଥ୍ୟ ବିପିଓ ପ୍ରଭାସ ଚନ୍ଦ୍ର ତ୍ରିପାଠୀଙ୍କ ହସ୍ତଗତ ହୋଇଥିବା ଏବଂ ବିଭିନ୍ନ ଗ୍ରାମକୁ ଯାଇ ତଦାରଖ କରାଯାଉଥିବା ସେ କହିଛନ୍ତି। ସେହିପରି ମେଡ଼ିକାଲ ଅଫିସର ଡା. ସୁକାନ୍ତ କୁମାର ଦଳାଇ ପରୋକ୍ଷରେ କିଛି ମାତ୍ରାରେ ବ୍ୟତିକ୍ରମ ହେଉଥିବା ଏବଂ ସାଧାରଣ ଜନତା ଏଥିପ୍ରତି ଧ୍ୟାନ ଦେଲେ ସମସ୍ୟା ଅନେକ ମାତ୍ରାରେ ସମାଧାନ ହୋଇପାରିବ ବୋଲି କହିଛନ୍ତି। ଡା. ପ୍ରଭାସ କୁମାର ସ୍ୱାଇଁ ଓ ଡା. ଅୟସକାନ୍ତ ମହାନ୍ତି ଅନୁରୂପ ଭାବେ ରୋଗୀ ଦେଖା ସହ ଅନ୍ୟ କାର୍ଯ୍ୟରେ ବ୍ୟସ୍ତ ରହି ମଧ୍ୟ ଏହାକୁ ପ୍ରାଥମିକତା ଦିଆଯିବ ବୋଲି ମତ ରଖିଛନ୍ତି। ଆଗାମୀ ଦିନରେ ଯଦି ଏଥିପ୍ରତି ଧ୍ୟାନ ଦିଆ ନ ଯାଏ ତାହା ହେଲେ ସମିତି ଗଠନର ପ୍ରକୃତ ଲକ୍ଷ୍ୟ ସାଧିତ ହୋଇପାରିବ ନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇବାକୁ ଦାନା ନାହିଁ,**
**ପିନ୍ଧିବାକୁ କନା ନାହିଁ ।**

ଗରିବ ହେଲେ ସବୁ ସହିବାକୁ ପଡ଼ିଥାଏ। ପ୍ରତିକୂଳ ପରିସ୍ଥିତି ମଧ୍ୟରେ ବଞ୍ଚିବା ପାଇଁ ସଂଘର୍ଷ କରିବାକୁ ପଡ଼ିଥାଏ। ଦୀନହୀନ ଦରିଦ୍ର ବ୍ୟକ୍ତି ବହୁ ଦୁଃଖକଷ୍ଟରେ ଜୀବିକା ନିର୍ବାହ କରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଖଣ୍ଡକ୍ଷୀରି ପିଇ ଦଉଥା ।**
**ଘୋଡ଼ିଘାଡ଼ି ହୋଇ ଶୋଇଥା ।**

ଅଯୋଗ୍ୟ ଅପଦାର୍ଥ ବ୍ୟକ୍ତି କୌଣସି ଗୁଣକୁ ସରି ହୋଇ ନ ଥାନ୍ତି। ଏପରି ବ୍ୟକ୍ତି କୁଟା ଖଣ୍ଡିକ ଦି' ଖଣ୍ଡ କରିବାକୁ ଉଚିତ ମଣି ନ ଥାନ୍ତି। କାମଦାମ ନ କରି ଅୟସରେ ଦିନ ବିତାଇବା ସେମାନଙ୍କ ମନ୍ଦ ପ୍ରକୃତି ହୋଇଥାଏ। ଆରାମରେ ଖାଇପିଇ ସମୟ ଅତିବାହିତ କରୁଥିବା ନିକମା ବ୍ୟକ୍ତି ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଅନିତା ହେଲେ ଢିଙ୍କିଆ ନାଏବ ସରପଞ୍ଚ

କୁଜଙ୍ଗ,୧୪।୭(ସ୍ୱ.ପ୍ର)


ଅନୀତା ସ୍ୱାଇଁ

ପୋସ୍କୋ ବିରୋଧୀ ଆନ୍ଦୋଳନ ପାଇଁ ସର୍ବଦା ଚର୍ଚ୍ଚାରେ ରହି ଆସିଥିବା ରାଜ୍ୟର ଅତି ସମ୍ବେଦନଶୀଳ ପଞ୍ଚାୟତ ଢିଙ୍କିଆରେ ଗତ ୪ ତାରିଖରେ ପଞ୍ଚାୟତ ନିର୍ବାଚନ ସରିବା ପରେ ଶନିବାର ନାଏବ ସରପଞ୍ଚ ନିର୍ବାଚନ ଅନୁଷ୍ଠିତ ହୋଇଛି। ଏଥିରେ ବିଜେଡି ସମର୍ଥିତ ପ୍ରାର୍ଥିନୀ ଅନୀତା ସ୍ୱାଇଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ପ୍ରକାଶ ଯେ ମୋଟ ୨୩ ୱାର୍ଡ ମଧ୍ୟରୁ ଅଭୟଚାନ୍ଦୁରର ୯ ନଂ ୱାର୍ଡରେ କେହି ଅନୁସୂଚିତ ଜନଜାତି ପ୍ରାର୍ଥୀ ନ ମିଳିବାରୁ ପଞ୍ଚାୟତର ୨୨ଟି ୱାର୍ଡରେ ନିର୍ବାଚନ ହୋଇଥିଲା। ଏଥିରେ ୧୬ଟି ବିଜେଡି ସମର୍ଥୀତ ୱାର୍ଡ ସଭ୍ୟ ପ୍ରାର୍ଥୀ ବିଜୟୀ ହୋଇଥିଲେ। ନିର୍ବାଚନ ପୂର୍ବରୁ ବିରୋଧୀ ଶିବିରରୁ ଚପଳା ସ୍ୱାଇଁ ନାଏବ ସରପଞ୍ଚ ପାଇଁ ନିର୍ବାଚନ ଲଢ଼ିବାକୁ ଆପେଦନ ପତ୍ର ନେଇଥିଲେ ମଧ୍ୟ ନିର୍ବାଚନକୁ ଆସିନଥିଲେ। ଫଳରେ ଅନିତା ସ୍ୱାଇଁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ବ୍ଲକ୍ ପକ୍ଷରୁ ହୃଷିକେଶ ରାଉତରରାୟ, ନିର୍ବାହୀ ଅଧିକାରୀ ପୂର୍ଣ୍ଣାନନ୍ଦ ସାହୁ ପ୍ରମୁଖ ସୂଚନା ଦେଇଛନ୍ତି। ତାଙ୍କୁ ସରପଞ୍ଚ କିଶୋର ପରିଡ଼ା, ଦିଲୀପ ବେହେରା, ସନାତନ ବର୍ଦ୍ଧନ, ଶରତ ସ୍ୱାଇଁ, କୈଳାସ ମହାନ୍ତି, ପ୍ରଫୁଲ୍ଲ ମହାନ୍ତି, ଅନନ୍ତ ନାରାୟଣ ସ୍ୱାଇଁ, ରଞ୍ଜନ ବର୍ଦ୍ଧନ ଶୁଭେଚ୍ଛା ଜଣାଇଛନ୍ତି। ଅନିତା ମନ୍ତ୍ରୀ ରଘୁନନ୍ଦନ ଦାଶ, ସରପଞ୍ଚ କିଶୋର ପରିଡ଼ା, ଏରସମା ବ୍ଲକ୍ ଅଧ୍ୟକ୍ଷ ପ୍ରଣବ ସ୍ୱାଇଁ, ବ୍ଲକ୍ ବିଜେଡି ସଭାପତି ପୀତବାସ ଗଚ୍ଛାୟତ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଭାଜପାର ଜୋନସ୍ତରୀୟ ସାଙ୍ଗଠନିକ ବୈଠକ

ବାଲିକୁଦା,୧୪।୭(ସ୍ୱ.ପ୍ର.)

ବାଲିକୁଦା-ଏରସମା ନିର୍ବାଚନମଣ୍ଡଳି ଭାଜପା ପକ୍ଷରୁ ରବିବାର ମାଛଗାଁ ହାଟ ପଡ଼ିଆଠାରେ ଜୋନ୍‌ସ୍ତରୀୟ ସାଙ୍ଗଠନିକ ବୈଠକ ଓ ସଦସ୍ୟତା ଅଭିଯାନ ଅନୁଷ୍ଠିତ ହୋଇଛି। ଏଥିରେ ଭାଜପା ନେତା ଶିବବ୍ରତ ଦାସ ଯୋଗଦେଇ ଦଳକୁ ମଜଭୁତ କରି ଗଢ଼ିବାକୁ ହେଲେ ବୁଥ୍‌ସ୍ତରରେ ଥିବା ନୂତନ ଭୋଟର ଓ ଯୁବତୀ ଯୁବକଙ୍କୁ ବହୁ ସଂଖ୍ୟାରେ ଦଳରେ ସାମିଲ କରିବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଜିଲା ଯୁବ ମୋର୍ଚ୍ଚା ସମ୍ପାଦକ ତାପସ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବୋରିକିନା ମଣ୍ଡଳ ପ୍ରମୁଖ ସୌଭାଗ୍ୟ ମୁଦୁଲି, ସହ ପ୍ରମୁଖ ଅଶ୍ୱିନୀ ସ୍ୱାଇଁ, ରାଜ୍ୟ କୃଷକ ମୋର୍ଚ୍ଚାର ରଘୁନାଥ ରାଉତ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟା ଅମିତା ଦାସ ପ୍ରମୁଖ ଯୋଗଦେଇ ସାଙ୍ଗଠନିକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଦାସ ନୂତନ ସଦସ୍ୟମାନଙ୍କୁ ସ୍ୱାଗତ କରିବା ସହିତ ଦଳର ଶୃଙ୍ଖଳା ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭରତ ମଲିକ, ବିନୋଦ ଜେନା, କିଷନ ଦାସ, ଅଜୟ ଦାସ, ଚୈତନ୍ୟ ମଲ୍ଲିକ, ଆର୍ତ୍ତ ଛାଟୋଇ, ଚକ୍ରଧର ମହାନ୍ତି, କୈଳାସ ଷଣ୍ଢ, ପ୍ରମୋଦ ସ୍ୱାଇଁ, ଜଗନ ଲେଙ୍କା, ମଥୁରୀ ସ୍ୱାଇଁ, ଶରତ ରାଉତ, ବିଶ୍ୱ ରଞ୍ଜନ ସ୍ୱାଇଁ, ଚିତ୍ତରଞ୍ଜନ ରାଉତ, ଅଶୋକ ଲେଙ୍କା, ମନୋଜ ବିଶ୍ୱାଳ, ପ୍ରହଲାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଭାଜପା ନେତା ଓ କର୍ମୀ।

## ଝଙ୍କଡ଼ ସାହିତ୍ୟ ସଂସଦ ଓ ସାଉଁଟା ଫୁଲର ବର୍ଷା ସାହିତ୍ୟ ଆସର

# ବର୍ଷା ଭରିଦିଏ ନିଆରା ପୁଲକ



ସମାବେଶରେ ଉପସ୍ଥିତ ଅତିଥି ଓ ଅନୁଷ୍ଠାନର କର୍ମକର୍ତ୍ତା।

ତିର୍ତ୍ତୋଲ,୧୪।୭(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ନାଉସୀରାସ୍ଥିତ ରଘୁପତି ଆଇଡିଆଲ ସ୍କୁଲ ଅଫ ଏଜୁକେସନ ପରିସରରେ ଝଙ୍କଡ଼ ସାହିତ୍ୟ ସଂସଦ ଓ ସାରସ୍ୱତ ପ୍ରତିଷ୍ଠାନ ସାଉଁଟା ଫୁଲ ତରଫରୁ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିଲ୍ଲୀ ଦୂରଦର୍ଶନ କେନ୍ଦ୍ରର ଅବସରପ୍ରାପ୍ତ ଉପନିର୍ଦ୍ଦେଶକ ନିତ୍ୟାନନ୍ଦ ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଝଙ୍କଡ଼ ସାହିତ୍ୟ ସଂସଦର ସାଧାରଣ ସମ୍ପାଦକ ଗୋଲୋକ ବିହାରୀ ପଲାଇ ଯୋଗଦେଇ ବର୍ଷା ଆସିଲେ ଏକ ନିଆରା ପୁଲକ ଲୋକମାନଙ୍କୁ ଅନୁଭବ ହୋଇଥାଏ ବୋଲି କହିଥିଲେ। ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁରେଶ ଚନ୍ଦ୍ର ମହାନ୍ତି ମୁଖ୍ୟବକ୍ତା, ଅକ୍ଷୟ ଦାସ, ନାଟ୍ୟକାର ଜ୍ଞାନରଞ୍ଜନ ଦାସ, ରଘୁପତି ଆଇଡିଆ ସ୍କୁଲର ଅଧ୍ୟକ୍ଷ ଉମାକାନ୍ତ ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବର୍ଷା କାଳ ସମ୍ପର୍କରେ ମତ ରଖିଥିଲେ। ଅବସରପ୍ରାପ୍ତ ଗ୍ରାମ୍ୟ ବ୍ୟାଙ୍କ ପରିଚାଳକ ରମେଶ ଚନ୍ଦ୍ର ସ୍ୱାଇଁ, ସତ୍ୟ କାନୁନଗୋ, ନିତ୍ୟାନନ୍ଦ ନାୟକ, ସଙ୍ଗଠନ ସମ୍ପାଦକ ବାସବ କୁମାର ନନ୍ଦ, ଭାଗିରଥି ପରିଜା, ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ, କବୟିତ୍ରୀ ସବିତା ନାୟକ, କବି ଦିଗମ୍ବର ରାଉତ, ଶିକ୍ଷାବିତ ଖୁଲରାମ ଦାସ, ଦେବେନ୍ଦ୍ରନାଥ କର ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ସାଉଁଟା ଫୁଲର ସମ୍ପାଦକ ଅଧ୍ୟାପକ ପରିକ୍ଷିତ ନାୟକ ସ୍ୱାଗତ ଭାଷଣ ଓ ଶିଶୁ କଣ୍ଠଶିଳ୍ପୀ ସାଇ ଋତୁପର୍ଣ୍ଣା ପରିଡ଼ା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । କବି ପରମାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ।

## ପୁରାତନ ଛାତ୍ର ସଂସଦର ବନ ମହୋତ୍ସବ

ବାଲିକୁଦା,୧୪।୭(ସ୍ୱ.ପ୍ର.)

ଆମ୍ବଶାଳ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦର ମୋ ସ୍କୁଲ ଅଭିଯାନ ପକ୍ଷରୁ ଆୟୋଜିତ ଏହି ବନ ମହୋତ୍ସବ ଅବସରରେ ପରିବେଶ ସଚେତନତା ସଭା ହୋଇଥିଲା। ଏଥିରେ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡ଼ା ସଭାପତିତ୍ୱ କରିଥିଲେ। ଛାତ୍ର ସଂସଦ ସଭାପତି ତଥା ସିଙ୍ଗିଟାଳିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସରୋଜକାନ୍ତ ସ୍ୱାଇଁ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ସମ୍ପାଦକ ମାନସ କୁମାର ଦାସ, ସଦସ୍ୟ ସାରଦା ପ୍ରସନ୍ନ ଦାଶ, ଅଶ୍ୱିନୀ ସ୍ୱାଇଁ, ଉତ୍ତମ ଭଟ୍ଟ, ମାନଗୋବିନ୍ଦ ସାହୁ, ଜ୍ଞାନରଞ୍ଜନ ରାଉତ, ପ୍ରକାଶ ମହାନ୍ତି, ତୁଷାର ପଡ଼ିହାରୀ, ଚିତ୍ତରଞ୍ଜନ ଜେନା, ସ୍ୱଦେଶ ମହାନ୍ତି, ବରିଷ୍ଠ ଶିକ୍ଷକ ପ୍ରଦୀପ୍ତ କୁମାର ସାହାଣି, ବସନ୍ତ ଜେନା, ବିଷ୍ଣୁପ୍ରିୟା ରାଉଳ, କଲ୍ୟାଣୀ ସାହୁ, ସୁଚିସ୍ମିତା ଦାଶ, ସୁପ୍ରିୟା ବିଶ୍ୱାଳ, ଅମ୍ବିକା ବେହେରା, ପଲ୍ଲିଶ୍ରୀ ରାଉତ, ଅନ୍ନପୂର୍ଣ୍ଣା ମହାରଣା ପ୍ରମୁଖ ଯୋଗଦେଇ ପର୍ଯ୍ୟାପ୍ତ ପରିମାଣର ବୃକ୍ଷରୋପଣ କରିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା।

## ବ୍ରଜକିଶୋର ଦେବଙ୍କ ମନ୍ଦିର ପ୍ରବେଶ ଉତ୍ସବ

ଏରସମା,୧୪।୭(ସ୍ୱ.ପ୍ର.)

ଏରସମା ବ୍ଲକ ସଦରମହକୁମାସ୍ଥିତ ଜଗନ୍ନାଥ (ବ୍ରଜକିଶୋର ଦେବ) ମନ୍ଦିର ପକ୍ଷରୁ ଶ୍ରୀ ଜୀଉମାନଙ୍କ ମନ୍ଦିର ପ୍ରବେଶ ଉତ୍ସବ ଅନୁଷ୍ଠିତ ହୋଇଛି। ଶତାଧିକ ଶ୍ରଦ୍ଧାଳୁ ସୁନାବେଶ ଦେଖିବା ପାଇଁ ସମବେତ ହୋଇଥିଲେ। ପରେ ଅଧର ପଣା ପ୍ରଦାନ କରାଯାଇ ଶ୍ରୀଜୀଉମାନଙ୍କୁ ମନ୍ଦିର ପ୍ରବେଶ କରାଯାଇଥିଲା। ବଡ଼ ପଣ୍ଡା ବାସୁଦେବ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉତ୍ସବରେ ଠାକୁର ରାଜା ନିରଞ୍ଜନ ପ୍ରସାଦ ଦାସ, ପରିଚାଳନା କମିଟି ସଭାପତି ଦେବେନ୍ଦ୍ର ତ୍ରିପାଠୀ, ପରିଚାଳନା କମିଟି ସଦସ୍ୟ ଧ୍ରୁବ ସ୍ୱାଇଁ, ସମ୍ପାଦକ ଅକ୍ଷୟ ସ୍ୱାଇଁ, କୋଷାଧ୍ୟକ୍ଷ ଧିରେନ୍ଦ୍ର ଚୌଧୁରୀ, ରଞ୍ଜନ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

FINANCE
BCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
8449559072
8941894551

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ 80,00,000 ପର୍ଯ୍ୟନ୍ତ ଋଣ
ଗଣପତି ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7291060977
7291046520
SCO- 106, Second Floor, Vishal Tower, Cannaught Place, Delhi.

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ–1% ।
Help LINE
9658224556
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହରୁଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ରୁଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ASTROLOGY

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡ଼ା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠୀକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

ଭଗବାନ ଚାହିଁଲେ ଲହୁର ଲୁହ ବୁହାଇବାକୁ ଦେବି ନାହିଁ
କେବଳ 2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଯୁକ୍ତ ସମାଧାନ
ମୁଁ କରିଥିବା କାମକୁ କାଟିଥିବା ବ୍ୟକ୍ତିଙ୍କୁ ଦାବି ମୁତାବକ ପୁରସ୍କାର
ସ୍ପେ. ପ୍ରେମବିବାହ, ସନ୍ତାନ ସମସ୍ୟା, ବିଦେଶ ଯାତ୍ରା, ରୋଗରେ ଔଷଧ କାମ ନ କରିବା, ଚାକିରିରେ ପଦୋନ୍ନତି, ପ୍ରପର୍ଟି, ସଉତୁଣୀ ଓ ଶତ୍ରୁ ମୁକ୍ତି, ଭୂତ-ପ୍ରେତ, ଗୁଣିଗାରେଡ଼ି, ମୁଠକରଣୀ, ତନ୍ତ୍ର-ମନ୍ତ୍ର ବଶୀକରଣ, କଳା ଯାଦୁ ଇତ୍ୟାଦି।
ମିଆଁ ମଲଖାନ ଜୀ
09870155846

BUSINESS

GTL Telecom Network Company
ଖାଲିଥିବା ଜମି ଓ ଛାତ ସବୁ ସ୍ଥାନରେ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 90,000,00/-, ଭଡା 50,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ମାତ୍ର ୭୨ ଘଣ୍ଟାରେ ଜମି ଯାଞ୍ଚ ଓ ଉପକରଣ ସ୍ଥାପନ + ମୋବାଇଲ ଫ୍ରୀ + ବାଇକ୍ + 30,000ର ଅନ୍ୟାନ ସୁବିଧା ମହିଳା ମାନଙ୍କ ପାଇଁ ବିଶେଷ ରିହାତି ।
Plot No 124, MG Road, DLF City Centre Mall, MG Road, Gurgaon, Haryana, 122003.
8676907143
9348274623

EDUCATION

ADMISSION OPEN FOR 2019-21
B.Ed
Acharya Nagarjuna University
UGC & NCTE Approved
Equivalent to Utkal University
FREE Practical & Form fill up Fees, Weekend Class & Study Material
NIDT Since 2001
Exclusive B.Ed Academy
B.J.B. Nagar, Lewis Road, Bhubaneswar
9338229373, 7978204082
9438286091

See Color Display Classified on every Tuesday & Friday



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି,
ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

ସୋସିଆଲ ମିଡିଆରେ ନାବାଳିକାଙ୍କୁ ପ୍ରେମ ନିବେଦନ

### ଯୁବକଙ୍କୁ ପୋଲିସ ଜିମାଦେଲେ ଗ୍ରାମବାସୀ

**ବିଞ୍ଝାରପୁର,୧୪।୭(ଡି.ଏନ.ଏ.):** ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଯାଜପୁର ଅଞ୍ଚଳର ଜଣେ ଯୁବକ ସୋସିଆଲ ମିଡିଆରେ ପ୍ରେମ ନିବେଦନ କରି ହଟହଟା ହୋଇଛନ୍ତି। ଖବର ମୁତାବକ ଯୁବକ ଜଣକ ନାବାଳିକାଙ୍କୁ ଦେଖା କରିବାକୁ ଶନିବାର ତାଙ୍କ ଘରେ ମଧ ପହଞ୍ଚିଯାଇଥିଲେ। ଘରେ କେହି ନ ଥିବାର ସୁଯୋଗ ନେଇ ସମ୍ପୃକ୍ତ ଯୁବକ ନାବାଳିକାଙ୍କୁ ହଇରାଣ କରିଥିଲେ। ନାବାଳିକା ଜଣକ ପାଟି କରିବାରୁ ସ୍ଥାନୀୟ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସମ୍ପୃକ୍ତ ଯୁବକଙ୍କୁ କାବୁ କରି ଶନିବାର ବିଳମ୍ବିତ ରାତିରେ ପୋଲିସ ଜିମା ଦେଇଛନ୍ତି। ପୋଲିସ ଯୁବକଙ୍କୁ ଥାନାରେ ଅଟକ ରଖି ଅଧିକ ପଚରାଉଚୁରା କରୁଥିବା ଜଣାପଡ଼ିଛି।

### ନିଖୋଜ ନାବାଳିକା ଧାମନଗରରୁ ଉଦ୍ଧାର ଅପହରଣକାରୀ ମାମୁ କୋର୍ଟ ଚାଲାଣ

**ରସୁଲପୁର,୧୪।୭(ଡିଏନଏ):** ରସୁଲପୁର ବ୍ଲକ ଅଞ୍ଚଳରୁ ନିଖୋଜ ଜଣେ ନାବାଳିକାଙ୍କୁ କୁଆଖିଆ ପୋଲିସ ଶନିବାର ରାତିରେ ଭଦ୍ରକ ଜିଲା ଧାମନଗର ଥାନା ଅଞ୍ଚଳରୁ ଉଦ୍ଧାର କରିଛି। ଅପହରଣରେ ସମ୍ପୃକ୍ତ ମାମୁକୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଅପହରଣର ୧୫ଦିନ ପରେ ନାବାଳିକାକୁ ଉଦ୍ଧାର କରିବାରେ ପୋଲିସ ସକ୍ଷମ ହୋଇଛି। ଉଦ୍ଧାର ବାଳିକା ନିଜ ପରିବାର ଲୋକଙ୍କ ସହ ରହିବାକୁ ଅମଙ୍ଗ ହେବାରୁ ପୋଲିସ ତାକୁ ଯାଜପୁରସ୍ଥିତ ସ୍ୱଧାର ଗୃହରେ ଛାଡି ଦେଇଛି।
ପ୍ରକାଶ ଯେ, ଜୁନ ୨୮ରେ ନାବାଳିକା ଜଣକ ମାମୁ ଘରକୁ ଯାଇ ନିଖୋଜ ହୋଇଯାଇଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ମାତ୍ର କୌଣସି ସ୍ଥାନରେ ତାଙ୍କ ସନ୍ଧାନ ମିଳି ନ ଥିଲା। ଏହି ସମୟରେ ନାବାଳିକାଙ୍କ ମାମୁ ଘରେ ଅନୁପସ୍ଥିତ ରହିବା ନେଇ ନିଖୋଜ ନାବାଳିକାଙ୍କ ପରିବାର ଲୋକଙ୍କ ମନରେ ସନ୍ଦେହ ଜାତ ହୋଇଥିଲା। ଏ ନେଇ ପରିବାର ଲୋକେ ଜୁଲାଇ ୭ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ମନୋଜ କୁମାର ସ୍ୱାଇଁ ଏକ ମାମଲା (ନଂ. ୧୭୭/୧୯) ରୁଜୁ କରି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ମାମୁ-ଭାଣିଜୀ ଭଦ୍ରକ ଜିଲା ଧାମନଗର ଅଞ୍ଚଳରେ ରହୁଥିବା ନେଇ ପୋଲିସ ଖବର ପାଇଥିଲା। ପୋଲିସ ମାମୁଙ୍କ ମୋବାଇଲ ଟ୍ରାକିଂ କରି ସେମାନଙ୍କ ନିକଟରେ ପହଞ୍ଚିବାରେ ସକ୍ଷମ ହୋଇଥିଲା।

### ରକ୍‌ପେବୁଲ୍‌ସ ଜାତୀୟ ସାହିତ୍ୟ ଉତ୍ସବ

**ଯାଜପୁର ଟାଉନ,୧୪।୭(ଡିଏନ୍‌ଏ):** ଓଡ଼ିଶାର ଏକମାତ୍ର ଇଂରାଜୀ ସାହିତ୍ୟ ପତ୍ରିକା ରକ୍‌ପେବୁଲ୍‌ସ ଏବଂ ବିରଜା ମହିଳା ମହାବିଦ୍ୟାଳୟର ମିଳିତ ସହଯୋଗରେ ଜାତୀୟ ସାହିତ୍ୟ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପତ୍ରିକାର ଉପଦେଷ୍ଟା କୁଶଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କଲିକତାରୁ ପ୍ରଫେସର ବାସୁଦେବ ଚକ୍ରବର୍ତ୍ତୀ, ଚଣ୍ଡିଗଡ଼ରୁ ପ୍ରଫେସର ଜେ.ଏସ୍.ଆନନ୍ଦ, ସମ୍ବଲପୁରରୁ ପ୍ରଫେସର ହରେକୃଷ୍ଣ ମେହେର ଏବଂ ଭୁବନେଶ୍ୱରରୁ ପ୍ରଫେସର ବୈରାଗୀ ପଟ୍ଟନାୟକ ପ୍ରମୁଖ ବକ୍ତାଭାବେ ଯୋଗ ଦେଇଥିଲେ। ଆଜିର ବସ୍ତୁବାଦୀ ଦୁନିଆରେ ସୁସ୍ଥ ଓ ରସମୟ ଜୀବନ ପାଇଁ ସାହିତ୍ୟ ଆବଶ୍ୟକ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ଯୁବପିଢ଼ିଙ୍କୁ ସୃଜନ ସାହିତ୍ୟ ପ୍ରତି ଆକୃଷ୍ଟ କରିବାକୁ ଏହି ଉତ୍ସବର ଆୟୋଜନ କରାଯାଇଛି ବୋଲି ପତ୍ରିକାର ସମ୍ପାଦକ ଉଦୟନାଥ ମାଝୀ ପ୍ରକାଶ କରିଥିଲେ। ଏହି ଅବସରରେ ଏକ ବହୁଭାଷୀ ଗଳ୍ପ ଓ କବିତା ପାଠୋତ୍ସବ ଆୟୋଜନ କରାଯାଇଥିଲା। ଏଥିରେ ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ପଞ୍ଜାବ ଏବଂ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ କବି ଓ ଗାଳ୍ପିକମାନେ ଯୋଗଦେଇ ମରାଠୀ, ବଙ୍ଗଳା, ସଂସ୍କୃତ, ଇଂଲିଶ, ଓଡ଼ିଆ ଭାଷାର ସ୍ୱରଚିତ ଗଳ୍ପ ଓ କବିତା ପାଠ କରିଥିଲେ। କବି ଅଧ୍ୟାପକ ଦାମୋଦର ବେହେରା ଏବଂ ରାଜୀବ ଗାନ୍ଧୀ ବିଶ୍ୱବିଦ୍ୟାଳୟ (ଅରୁଣାଚଳପ୍ରଦେଶ)ର ଇଂଲିଶ ଅଧ୍ୟାପକ ଡ. କୃଷ୍ଣଚନ୍ଦ୍ର ମିଶ୍ର ସଂଯୋଜନା କରିଥିଲେ। ଶତାଧିକ କବି ଓ ଗାଳ୍ପିକ ଏବଂ ବିରଜା ମହିଳା ମହାବିଦ୍ୟାଳୟର ଓଡ଼ିଆ, ଇଂରାଜୀ, ସଂସ୍କୃତ ଅନର୍ସ ଛାତ୍ରୀମାନେ ଏହି ଉତ୍ସବରେ ଅଂଶଗ୍ରହଣ କରିଥିଲେ।

## ମାର୍କଣ୍ଡପୁର ପ୍ୟାକ୍ସରେ ଦୁର୍ନୀତି ପ୍ରସଙ୍ଗ

# ଜମି ଯୋଗାଡ଼ରେ ବ୍ୟସ୍ତ ଅଧିକାରୀ

**ଯାଜପୁର ଅଫିସ,୧୪।୭**

- ତଥ୍ୟ ଉଭାନ କରି ଖସିଯିବାକୁ ମସୁଧା
- ୨୦୧୩ରୁ ୨୦୧୬ ଖରିଫ ଚାଷ ପଞ୍ଜୀକରଣ ତଥ୍ୟ ଉଭାନ

ଯାଜପୁର ଜିଲା ଯାଜପୁର ସଦର ବ୍ଲକ ମାର୍କଣ୍ଡପୁର ପ୍ୟାକ୍ସ (ସେବା ସମବାୟ ସମିତି)ରେ ଧାନ କିଣାରେ ବ୍ୟାପକ ଚଞ୍ଚକତା କରାଯାଇ କୋଟିକୋଟି ଟଙ୍କା ହରିଲୁଟ ହୋଇଆସୁଛି। ଗୋଟିଏ ପରିବାରର ୪ଜଣ ଚାଷୀଙ୍କ ନାମରେ ୧୧୧୨ କୁଇଣ୍ଟାଲ ଧାନ କିଣା ଦୁର୍ନୀତି ସଂକ୍ରାନ୍ତରେ ହାଇକୋର୍ଟରେ ମାମଲା ରୁଜୁ ହେବା ପରେ ଆହୁରି ଅନେକ ତଥ୍ୟ ପଦାକୁ ଆସିଛି। ଏବେ ସମ୍ପୃକ୍ତ ଚାଷୀଙ୍କ ନାମରେ ୨୦୧୫-୧୬ ଖରିଫ ଚାଷ ହୋଇଥିବା ପ୍ରାୟ ୯୦ ଏକର ଜମି କିଭଳି ଯୋଗାଡ କରାଯାଇ ପାରିବ ସେ ନେଇ ପ୍ୟାକ୍ସ କର୍ମଚାରୀ ଲାଗି ପଡିଥିବା ସୂଚନା ମିଳିଛି । ମାର୍କଣ୍ଡପୁର ପ୍ୟାକ୍ସ ଅଧୀନ ୫ ଜଣ ଚାଷୀଙ୍କ ଅଭିଯୋଗ କ୍ରମେ ହାଇକୋର୍ଟରେ ମାମଲା ରୁଜୁ କରିବା ପରେ ପ୍ୟାକ୍ସ ପକ୍ଷରୁ ଅତି ଚାଲାକି ଭାବେ ଫୁଡ୍ ଓଡିଶା ପୋର୍ଟାଲରୁ ଚାଷୀଙ୍କ ପଞ୍ଜୀକରଣ ସ୍ଥିତି ତଥ୍ୟ ହଟେଇ ଦିଆଯାଇଥିବା ଦେଖିବାକୁ ମିଳିଛି। ୨୦୧୩-୧୪ରୁ ୨୦୧୫-୧୬ ଖରିଫ ଧାନକିଣା ବର୍ଷରେ ଚାଷୀଙ୍କ ପଞ୍ଜୀକରଣ ସ୍ଥିତି ସମ୍ପର୍କିତ ତଥ୍ୟ ନାହିଁ। ଏହି ୩ ବର୍ଷରେ ଜିଲାର ୧୨୧ ପ୍ୟାକ୍ସ ମଧ୍ୟରୁ ମାତ୍ର ୧୭ ପ୍ୟାକ୍ସର ତଥ୍ୟ ରହିଛି। ଚାଷୀଙ୍କ ପଞ୍ଜୀକରଣ ତଥ୍ୟ ଲୁଚାଇବାରେ କେବଳ ମାର୍କଣ୍ଡପୁର ପ୍ୟାକ୍ସ କର୍ମଚାରୀଙ୍କ ମଧ୍ୟରେ ସୀମିତ ନୁହେଁ, ଏହା କଟକ ଉପନିବନ୍ଧକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଲମ୍ବିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତେବେ ଆସନ୍ତା ୨୦ ତାରିଖରେ ଏହି ଦୁର୍ନୀତି ଅଭିଯୋଗର ଆବଶ୍ୟକ କାଗଜପତ୍ର ସହ ଚାଷୀ ପଞ୍ଜୀକରଣ, ବ୍ୟାଙ୍କ ଆକାଉଣ୍ଟ ଆଦି ତଥ୍ୟ ଦାଖଲ ହୋଇ ପାରିବା ନେଇ ସଂଶୟ ସୃଷ୍ଟି ହୋଇଛି । ଏଭଳି ଭାବେ ସମ୍ପୃକ୍ତ ଦୁର୍ନୀତିଗ୍ରସ୍ତ ଅଧିକାରୀ ଆବଶ୍ୟକ ତଥ୍ୟ ଲୁଚାଇ ଆଇନର ଗଳାବାଟରେ ଖସିଯିବାକୁ ଉଦ୍ୟମ କରୁଥିବା ମତପ୍ରକାଶ ପାଇଛି । ହାଇକୋର୍ଟରେ ତଥ୍ୟ ଦାଖଲ କରିବାକୁ ଆଉ ମାତ୍ର ୬ ଦିନ କାର୍ଯ୍ୟ ଦିବସ ବାକି ରହିଛି । ଯାଜପୁର ଏଆର୍‌ସିଏସ୍ ଆବଶ୍ୟକ ତଥ୍ୟ ପାଇଁ ଜିଲା ଯୋଗାଣ ବିଭାଗ ଓ ବ୍ୟାଙ୍କକୁ ଅନୁରୋଧ କରିଛନ୍ତି। କିନ୍ତୁ ସେହି ତଥ୍ୟ ମିଳିବା ନେଇ ଆଶା ଦିଶୁନାହିଁ। ପୂର୍ବରୁ ୩ଥର ତଥ୍ୟ ଦେବାକୁ ପତ୍ର ଲେଖିଥିଲେ ହେଁ କିଛି ସୁଫଳ ମିଳିନାହିଁ। ୨୦୧୫-୧୬ ଖରିଫ ଋତୁ ଧାନ କିଣା ବର୍ଷରେ ମାର୍କଣ୍ଡପୁର ମହାପୁରୁଷ ବିଦ୍ୟାପୀଠ ସ୍କୁଲର ରାତ୍ର ଜଗୁଆଳି ଭାବେ କାର୍ଯ୍ୟରତ ଦିଲୀପ କୁମାର ରାଉତ ଓ ତାଙ୍କ ପରିବାରଙ୍କ ୪ ଜଣ ସଦସ୍ୟଙ୍କ ନାମରେ ୧୧୧୨ କୁଇଣ୍ଟାଲ ଧାନ ବିକ୍ରି ହୋଇଥିଲା। ଏମାନଙ୍କ ଜମିର ପରିମାଣ କେତେ ଥିଲା ଏବଂ କେତେ ଧାନ ବିକ୍ରି କରିଛନ୍ତି ସେ ସମ୍ପର୍କରେ ତଦନ୍ତ କରିବାକୁ ମାର୍କଣ୍ଡପୁର ଗ୍ରାମର ରାମଚନ୍ଦ୍ର ଜେନା, କମଳପୁର ଗ୍ରାମର ଦୟାନିଧି ସାହୁ ଓ ଚୌଧୁରୀ ସତ୍ୟସୁନ୍ଦର ମହାପାତ୍ର, ମାର୍କଣ୍ଡପୁର ଗ୍ରାମର ଦିଲୀପ କୁମାର ମହାପାତ୍ର ଓ ପ୍ରଫୁଲ୍ଲ କୁମାର ଦ୍ୱିବେଦୀ ଦାବି କରିଥିଲେ। ଏନେଇ ତଦନ୍ତ ମଧ ହୋଇଥିଲା। ହେଲେ ଜିଲା ପ୍ରଶାସନ ଅସହାୟତା ପ୍ରକାଶ କରି ଆବଶ୍ୟକ ତଦନ୍ତ ନ କରି ନୀରବି ଯାଇଥିଲା। ଫଳରେ ଅଭିଯୋଗକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ, ରାଜ୍ୟ ସମବାୟ ସମିତିର ଯୁଗ୍ମ ନିର୍ଦ୍ଦେଶକ ତାଙ୍କ ପତ୍ରସଂଖ୍ୟା ୧୩୭୨୦/୩।୭।୨୦୧୯ରେ ମାର୍କଣ୍ଡପୁର ପ୍ୟାକ୍ସର ଆବଶ୍ୟକ ତଥ୍ୟ ଧରି ଆସନ୍ତା ୨୦ ତାରିଖରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଏହି ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ଚିନ୍ତା ବଢି ଯାଇଛି। ଦୁର୍ନୀତିରୁ ମୁକୁଳିବାକୁ ୨୦୧୩-୧୪ ରୁ ୨୦୧୫-୧୬ ଖରିଫ ଧାନ କିଣା ତଥ୍ୟ ଫୁଡ ଓଡ଼ିଶା ପୋର୍ଟାଲରୁ ହଟେଇ ଦିଆଯାଇଛି । ଏହି ୩ ବର୍ଷରେ ଯାଜପୁର ଜିଲାରେ ମାତ୍ର ୧୭ଟି ପ୍ୟାକ୍ସରେ ଚାଷୀ ପଞ୍ଜୀକରଣ ସ୍ଥିତି ସମ୍ପର୍କିତ ତଥ୍ୟ ରହିଛି। ତେବେ ୨୦୧୭-୧୮ ଖରିଫ ଧାନ କିଣା ଚାଷୀ ପଞ୍ଜୀକରଣ ତଥ୍ୟ ପୋର୍ଟାଲରେ ଦେଖିବାକୁ ମିଳିଛି। ଏଥିରେ ମାର୍କଣ୍ଡପୁର ପ୍ୟାକ୍ସରେ ଚାଷୀ ଦିଲୀପ କୁମାର ରାଉତ ବଡସୁଆର ମୌଜାର ୧୫ଟି ପ୍ଲଟରେ ୦.୦୮୦୦ ହେକ୍ଟର ଜମିରେ ଚାଷ କରିଥିବା ଦର୍ଶାଯାଇଛି । ସେହିପରି ଦିଲୀପଙ୍କ ଦୁଇ ପୁତ୍ର ତପନ ରାଉତ ଓ ଦୀପକ ରାଉତଙ୍କ ନାମରେ ମଧ ୩୪ଟି ପ୍ଲଟରେ ଚାଷ ହୋଇଥିବା ଉଲ୍ଲେଖ ରହିଛି। ତେବେ ଦିଲୀପଙ୍କ ସ୍ତ୍ରୀ କବିତାଙ୍କ ନାମରେ କୌଣସି ପଞ୍ଜୀକରଣ ତଥ୍ୟ ପୋର୍ଟାଲରେ ନ ଥିବା ଜଣାପଡିଛି। ତେବେ ଦିଲୀପଙ୍କ ନାମରେ ଯଦି ଜମି ନାହିଁ, ତେବେ ୨୦୧୫-୧୬ ବର୍ଷରୁ ମିଥ୍ୟା କାଗଜପତ୍ର ଜରିଆରେ ଧାନ କିଣା, ବୀମା, ସାର, ଋଣ ଆଦି ଯୋଜନାରେ କୋଟିକୋଟି ଟଙ୍କା ହଡ଼ପ ହୋଇଥିବା ସନ୍ଦେହ କରାଯାଉଛି। ତେବେ ଏ ସଂକ୍ରାନ୍ତରେ ଯାଜପୁର ଏଆରସିଏସ ଶରତ ମଲ୍ଲିକଙ୍କୁ ପଚାରିବାରେ, ବ୍ୟାଙ୍କ ଓ ଯୋଗାଣ ବିଭାଗକୁ ଆବଶ୍ୟକ ତଥ୍ୟ ଦେବାକୁ ଅନୁରୋଧ କରାଯାଇଛି। ତଥ୍ୟ ମିଳିବା ପରେ ଉପଯୁକ୍ତ ତଦନ୍ତ କରି ହାଇକୋର୍ଟରେ ଦାଖଲ କରାଯିବ ବୋଲି କହିଛନ୍ତି।

### ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ: ଜଣେ କୋର୍ଟ ଚାଲାଣ

**ବିଞ୍ଝାରପୁର,୧୪।୭(ଡି.ଏନ.ଏ.)**

ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ଅପହରଣ କରିନେଇ ବଳାତ୍କାର କରିଥିବା ଅଭିଯୋଗରେ ରବିବାର ପୋଲିସ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବିଞ୍ଝାରପୁର ଥାନା ଅନ୍ତର୍ଗତ ଡିହକୁଳ ଗ୍ରାମର ମାଇଁଆ ମଲ୍ଲିକ। ପ୍ରକାଶ ଯେ, ଦୀର୍ଘଦିନ ହେବ ମାଇଁଆ ନାବାଳିକାଙ୍କୁ ବିବାହ ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଆସୁଥିଲା। ତେବେ ଗତ ୮ ତାରିଖରେ ନାବାଳିକାଙ୍କୁ ଅପହରଣ କରି ଫେରାର ହୋଇଯାଇଥିଲେ। ଏ ନେଇ ନାବାଳିକାଙ୍କ ପରିବାର ଲୋକେ ଅଳକୁଣ୍ଡ ଫାଣ୍ଡିରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା (ନଂ. ୧୫୬/୧୯) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଏହି ଘଟଣାରେ ପୋଲିସ ଛାନ୍‌ଭିନ୍ କରି ଶନିବାର ଆଉଁରି ଅଞ୍ଚଳରୁ ମାଇଁଆଙ୍କୁ ଗିରଫ କରିଥିଲା।

## କୋରେଇରେ ପାଟକୁରା ନିର୍ବାଚନୀ ଉଷ୍ମତା

# ପ୍ରଚାର ପାଇଁ ଯିବେ ୫୦ ପଞ୍ଚାୟତ ପ୍ରତିନିଧି, କର୍ମୀ

**ରସୁଲପୁର,୧୪।୭(ଡିଏନଏ)**


ବୈଠକରେ ଉପସ୍ଥିତ ଜନପ୍ରତିନିଧି ଓ କର୍ମୀମାନେ।

ପାଟକୁରା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେଉଛି। ଆସନ୍ତା ୨୦ତାରିଖରେ ଭୋଟ ଗ୍ରହଣ ହେବ। ସେଥିପାଇଁ ସବୁ ଦଳ ପକ୍ଷରୁ ପ୍ରଚାରକୁ ଜୋରଦାର କରାଯାଇଛି। ବହୁ ଛାମୁଆ ନେତା, ମନ୍ତ୍ରୀ ପାଟକୁରା ନିର୍ବାଚନମଣ୍ଡଳୀରେ ଡେରା ପକାଇ ପ୍ରଚାର ଚଳାଇଛନ୍ତି। ଏଠାକାର ନିର୍ବାଚନୀ ତାତି ପଡ଼ୋଶୀ ଯାଜପୁର ଜିଲାର କୋରେଇ ନିର୍ବାଚନମଣ୍ଡଳୀରେ ଅନୁଭୂତ ହୋଇଛି। ଆସନ୍ତା ୧୭ ତାରିଖ ବିଜେଡି ସଭାପତି ନବୀନ ପଟ୍ଟନାୟକ ପାଟକୁରାକୁ ନିର୍ବାଚନୀ ପ୍ରଚାରରେ ଯିବେ। ଏହା ପୂର୍ବରୁ ଏହି ନିର୍ବାଚନମଣ୍ଡଳୀରୁ ବିଜେଡିର ଅନ୍ୟୁନ ୫୦ଜଣ ପଞ୍ଚାୟତସ୍ତରୀୟ ଜନ ପ୍ରତିନିଧି ଓ ଛାମୁଆ କର୍ମୀ ପ୍ରଚାର ପାଇଁ ପାଟକୁରା ଯିବେ ବୋଲି ରବିବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରୁ ଜଣାପଡିଛି। ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତସ୍ଥିତ ଜଳସେଚନ ଡାକବଙ୍ଗଳାଠାରେ ପ୍ରାକ୍ତନ ସରପଞ୍ଚ ଶ୍ରୀଧର ବିଶ୍ୱାଳଙ୍କ ଆବାହକତ୍ୱରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ପ୍ରାକ୍ତନ ସମିତି ସଭ୍ୟ ଅନନ୍ତ ପୁହାଣ ଅଧ୍ୟକ୍ଷତା କରିଥିଲେ। ବୈଠକରେ ରସୁଲପୁର ବ୍ଲକରୁ କୋରେଇ ନିର୍ବାଚନମଣ୍ଡଳୀରେ ସାମିଲ ହୋଇଥିବା ଗନ୍ଧଣ, ବଡକଇଁଚି, ଟିକରପଡା, ପହଁଗା, ଲକ୍ଷ୍ମୀନଗର, ବାହାଦଲାପୁର, ମୁଗୁପାଳ, ନରସିଂହପୁର ଆଦି ୯ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟମାନେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସରପଞ୍ଚ ଭବାନୀ ଶଙ୍କର ପଣ୍ଡା, ପ୍ରହ୍ଲାଦ ପ୍ରତିହାରୀ, ଅତୁଲ୍ୟ ପ୍ରଧାନ, ଅକ୍ଷୟ ମଲିକ, ସମିତିସଭ୍ୟ ବିଜୟ ଦାସ ପ୍ରମୁଖ ପାଟକୁରା ଗସ୍ତ ସମ୍ପର୍କରେ ମତ ରଖିଥିଲେ। ଆସନ୍ତା ୧୬ରେ ନିର୍ବାଚନମଣ୍ଡଳୀରୁ ବିଭିନ୍ନ ସ୍ଥାନରୁ ଛାମୁଆ ନେତା ଓ କର୍ମୀମାନେ ରସୁଲପୁର ବ୍ଲକ ପରିସରରେ ପହଞ୍ଚିବେ। ଅପରାହ୍ନ ୨ଟାରେ ସେମାନେ ଗନ୍ତବ୍ୟସ୍ଥଳ ଅଭିମୁଖେ ଯାତ୍ରା ଆରମ୍ଭ କରିବେ ବୋଲି ପୂର୍ବତନ ସରପଞ୍ଚ ଶିଶିର କୁମାର ମହାନ୍ତି ମତ ଦେଇଥିଲେ। ସେହି ମୁତାବକ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି। ଏହି ଦଳ ୨ଦିନ ବ୍ୟାପୀ ପାଟକୁରା ନିର୍ବାଚନମଣ୍ଡଳୀରେ ରହିବା ସହ ଦଳୀୟ ପ୍ରଚାର କାର୍ଯ୍ୟରେ ଯୋଗଦେବେ। ଯୁବନେତା ଦିଲୀପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ରାଁସୋଳ ଗ୍ରାମରେ ଛେଳି ମଡ଼କ

**କାଳିଆପାଣି,୧୪।୭(ଡି.ଏନ୍.ଏ.)**

ସୁକିନ୍ଦା ବ୍ଲକ ଅନ୍ତର୍ଗତ ରାଁସୋଳ ଗ୍ରାମରେ ଛେଳି ମଡ଼କ ଦେଖାଦେଇଛି। ଅଜଣା ରୋଗରେ ୧୫ରୁ ଉର୍ଦ୍ଧ୍ୱ ଛେଳି ବର୍ତ୍ତମାନ ସୁଦ୍ଧା ମରିଲେଣି। ଛେଳିଙ୍କ ପେଟ ଫୁଲିବା ସହ ୧୨ ଘଣ୍ଟା ମଧ୍ୟରେ ମୃତ୍ୟୁ ହେଉଥିବା ଗ୍ରାମବାସୀ କହିଛନ୍ତି। କିଛି ଦିନ ପୂର୍ବରୁ ସୁକିନ୍ଦା ପ୍ରାଣୀଧନ ଚିକିତ୍ସାଳୟ ପକ୍ଷରୁ ଗ୍ରାମରେ ଭ୍ୟାକସିନ ଦିଆଯାଇଥିଲା। କିନ୍ତୁ ଏ ବାବଦରେ ଠିକ୍‌ଭାବରେ ପ୍ରଚାର ପ୍ରସାର କରାଯାଇ ନ ଥିବାରୁ ବହୁ ଲୋକେ ନିଜ ଗୃହପାଳିତ ପ୍ରାଣୀଙ୍କୁ ଭ୍ୟାକ୍‌ସିନ ଦେଇପାରି ନ ଥିବା କହିଛନ୍ତି। ଏବେ ବର୍ଷା ଦିନ ଆରମ୍ଭରୁ ଛେଳିଙ୍କୁ ରୋଗ ହେଉଛି। ଏଥିପ୍ରତି ପ୍ରାଣୀ ଚିକିତ୍ସକ ଧ୍ୟାନ ଦେଉ ନାହାନ୍ତି। ରୋଗରେ ପଡିଥିବା ଛେଳିକୁ ଦେଖିବା ପାଇଁ ମଧ ପ୍ରାଣୀ ଚିକିତ୍ସକ ଆସୁ ନ ଥିବା ବହୁ ଛେଳିଚାଷୀ କହିଛନ୍ତି। ଦୁଇ ଦିନ ପୂର୍ବେ ରାଁସୋଳ ଗ୍ରାମର ତାରାଚାନ୍ଦ ମହାନ୍ତିଙ୍କ ୨ ଛେଳି ଛୁଆ ମରିଥିବା ବେଳେ ଶନିବାର ପୁଣି ୩ ମରିଥିବା ସେ କହିଛନ୍ତି। ଏହିପରି ଗ୍ରାମରେ ବହୁ ଛେଳି ମରିଥିବାବେଳେ ଅନେକ ଆକ୍ରାନ୍ତ ଥିବା ଜଣାପଡିଛି। ଛେଳି ଚାଷ କରି ପରିବାର ଭରଣପୋଷଣ କରୁଥିବା ଲୋକେ ଏବେ ଚିନ୍ତାରେ ପଡିଛନ୍ତି। ଏ ସମ୍ପର୍କରେ ସୁକିନ୍ଦା ଭିଏସ୍ ଏସ୍.କେ.ରାୟଙ୍କୁ ପଚାରିବାରୁ, ତାଙ୍କ ନିକଟରେ କୌଣସି ଖବର ନ ଥିବା କହିଛନ୍ତି। ତୁରନ୍ତ ଏହାର ପ୍ରତିକାର ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ଗୋକର୍ଣ୍ଣିକା ସାହିତ୍ୟ ସମାଜ ସାଧାରଣ ପରିଷଦ ବୈଠକ

**ଧର୍ମଶାଳା,୧୪।୭(ଡି.ଏନ୍.ଏ.)**

ଗୋକର୍ଣ୍ଣିକା ସାହିତ୍ୟ ସମାଜର ସାଧାରଣ ପରିଷଦ ବୈଠକ ରବିବାର ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ବରିଷ୍ଠ ଶିଶୁ ସାହିତ୍ୟିକ ବଟକୃଷ୍ଣ ଓଝା, ବିଜୟ କୁମାର ଶତପଥୀ, ଶିଶୁ ସାହିତ୍ୟିକ ବିଦ୍ୟାଧର ସାହୁ ଓ ପୁରୁଷୋତ୍ତମ ବିଶ୍ୱା ଯୋଗଦେଇଥିଲେ। ଗୋକର୍ଣ୍ଣିକା ସାହିତ୍ୟ ସମାଜ ୪୫ ବର୍ଷ ଧରି ସାରସ୍ୱତ ଭୂମିକା ନିର୍ବାହ କରି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହାକୁ ଆଗାମୀ ବର୍ଷଗୁଡିକରେ ଅକ୍ଷୁର୍ଣ୍ଣ ରଖି କିପରି ଏକ ଶତାୟୁ ଅନୁଷ୍ଠାନରେ ପରିଣତ କରିବା ଦିଗରେ କର୍ମକର୍ତ୍ତାମାନେ କାର୍ଯ୍ୟ କରିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅଗଷ୍ଟ ୧୧ ତାରିଖରେ ଜାରକାସ୍ଥିତ ସିଭିକ୍ ସେଣ୍ଟର ପରିସରରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ପ୍ରତିବର୍ଷ ପରି ଓଡ଼ିଶାର ଲବ୍ଧପ୍ରତିଷ୍ଠିତ ଶିଶୁ ସାହିତ୍ୟିକ ଉପେନ୍ଦ୍ର ତ୍ରିପାଠୀଙ୍କ ଜୟନ୍ତୀ, ପ୍ରତିଷ୍ଠାତା ସଭାପତି ବୈକୁଣ୍ଠନାଥ ରଥଙ୍କ ଶ୍ରାଦ୍ଧୋତ୍ସବ, କବିତା ପାଠୋତ୍ସବ, କର୍ମଶାଳା, ଜାତୀୟ ଦିବସ ପାଳନ ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଆଗାମୀ ବର୍ଷ ପାଇଁ ସର୍ବସମ୍ମତି କ୍ରମେ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଏଥିରେ ସଭାପତି ଭାବେ ଶ୍ରୀଜେନା, ଉପସଭାପତି ଭାବେ ମିନତୀ ସାହୁ ଓ ସଂଗ୍ରାମ କେଶରୀ ଜେନା, ସମ୍ପାଦକ ଭାବେ ବ୍ରଜବନ୍ଧୁ ଶତପଥୀ, ସହ ସମ୍ପାଦକ ପ୍ରତାପରୁଦ୍ର ପଣ୍ଡା ଓ କୋଷାଧ୍ୟକ୍ଷ ଭାବେ ଅଧ୍ୟାପକ ସଞ୍ଜୟ କୁମାର ରାୟଙ୍କୁ ମନୋନୀତ କରାଯାଇଛି। ଉପେନ୍ଦ୍ର ତ୍ରିପାଠୀ ଗ୍ରନ୍ଥାବଳୀ ଓଡ଼ିଶା ସାହିତ୍ୟ ଏକାଡେମୀ ପୁନଃପ୍ରକାଶନ କରୁଥିବାରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ସମ୍ପାଦକ ବିଜୟ କୁମାର ନାୟକ ବିବରଣୀ ପାଠ, ଉପସଭାପତି ସୁନାକର ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୁଦ୍ରନାରାୟଣ ପୃଷ୍ଟି, ବି.କେ ପରିଡ଼ା, ତୁହିନାଂଶୁ ରଥ, ବିଧୁଭୂଷଣ ପଣ୍ଡା, ନୀଳମାଧବ ସାମଲ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପ୍ରତପରୁଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।


ଗୋକର୍ଣ୍ଣିକା ସାହିତ୍ୟ ସମାଜ ବୈଠକରେ ମଞ୍ଚାସୀନ ଅତିଥିଗଣ।

### ସୁନା ଚେନ୍ ଛିଣ୍ଡାଇ ନେଲେ ଦୁର୍ବୃତ୍ତ

**କୋରେଇ,୧୪।୭(ସ୍ୱ.ପ୍ର.):** କୋରାଇ ଥାନା ଅନ୍ତର୍ଗତ ବେଣାପୁର ଛକ ନିକଟରେ ରବିବାର ଜଣେ ମହିଳା ଲୁଟ୍‌ର ଶିକାର ହୋଇଛନ୍ତି। ମହିଳା ଜଣଙ୍କ ବାଇକ୍‌ରେ ସ୍ୱାମୀଙ୍କ ସହ ଆସୁଥିବାବେଳେ ଦୁର୍ବୃତ୍ତମାନେ ତାଙ୍କ ବେକରୁ ୪ ଭରି ଓଜନର ସୁନା ଚେନ୍ ଛିଣ୍ଡାଇ ନେଇଥିବା ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ଶଙ୍ଖଚିଲା ଗ୍ରାମର ରବିନ୍ଦ୍ର ପଥାଳ ସ୍ତ୍ରୀ ଭାରତୀ ପଥାଳଙ୍କ ସହ ପାଣିକୋଇଲି ନିକଟସ୍ଥ କୁନାନ୍ଦା ଗ୍ରାମରେ ଥିବା ଶଶୁର ଘରକୁ ଯାଇଥିଲେ। ସେଠାରୁ ଫେରିବା ସମୟରେ ବେଣାପୁର ଛକ ନିକଟ ବୁଲେଟ ସୋରୁମ ପାଖରେ ୨ ଜଣ ଦୁର୍ବୃତ୍ତ ୟାମା ଆର୍ ଏକ୍ସରେ ଆସି ଭାରତୀଙ୍କ ବେକରୁ ସୁନା ଚେନ ଝାମ୍ପି ନେଇଥିଲେ।

### ମହାପ୍ରଭୁଙ୍କ ଅଧରପଣା ଅନୁଷ୍ଠିତ

**ଧର୍ମଶାଳା,୧୪।୭(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଭାଲୁଖାଇସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିରରେ ରବିବାର ମହାପ୍ରଭୁଙ୍କ ଅଧରପଣା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସନ୍ଧ୍ୟାରେ ବନାରଶର ପ୍ରବଚକ ସ୍ୱାମୀ ସଚ୍ଚିଦା ନନ୍ଦ ସରସ୍ୱତି ପ୍ରବଚନ ଦେଇଥିଲେ। ମନୁସୀ ମିଳନ କମିଟି ଓ ଶ୍ରୀ ଜଗନ୍ନାଥ ମନ୍ଦିର କମିଟି ପକ୍ଷରୁ ଥାନା ଅଧିକାରୀ ସରୋଜ କୁମାର ସାହୁ , ଜଳଧର ମହାନ୍ତି, ପ୍ରସନ୍ନ କୁମାର ବରାଳ, ଇନ୍ଦ୍ରମଣି ମହାନ୍ତି, ଅବଧୂତ ରାଉତ, ପୀତାମ୍ବର ଜେନା, କାର୍ତ୍ତିକ ସ୍ୱାଇଁ, ସୁନୀଲ କୁମାର ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶନିବାର ସୁନାବେଶ ଅନୁଷ୍ଠିତ ହୋଇଥିଲା। ଏହି ସୁନାବେଶରେ ଠାକୁରଙ୍କୁ ଦର୍ଶନ ପାଇଁ ବହୁ ଶ୍ରଦ୍ଧାଳୁଙ୍କର ଭିଡ ଲାଗିରହିଥିଲା। ସ୍ଥାନୀୟ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା।

### ମହିଳାଙ୍କ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ

**କୋରେଇ,୧୪।୭(ସ୍ୱ.ପ୍ର.)**

କୋରେଇ ଥାନା ଅନ୍ତର୍ଗତ ପରିକୋଟ ପଞ୍ଚାୟତ ଖମିଗାଁ ଗ୍ରାମରେ ରବିବାର ସକାଳେ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ପୋଲିସ ଉଦ୍ଧାର କରିଛି। ମୃତ ମହିଳା ଜଣଙ୍କ ବିଜନ ପତିଙ୍କ ସ୍ତ୍ରୀ ମିନତୀ ପତି। ଯୌତୁକ ପାଇଁ ଶାଶୁଘର ଲୋକେ ମାରି ଟାଙ୍ଗି ଦେଇଥିବା ମିନତୀଙ୍କ ବାପା କୋରେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଆଧାରରେ ଏକ ମାମଲା (ନଂ.୧୪୯/୧୯) ରୁଜୁ କରାଯାଇ ତଦନ୍ତ ଚଳିଛି।
ପ୍ରକାଶ ଯେ, ୨୦୧୩ରେ କେନ୍ଦୁଝର ଜିଲା ଘସିପୁରା ଥାନା ଅନ୍ତର୍ଗତ ଗୋଲନୁଆଁଗାଁ ଗ୍ରାମର ଅରୁଣ କୁମାର ମିଶ୍ରଙ୍କ ଝିଅ ମିନତୀ ବୈଦିକ ରିତି ଅନୁଶାରେ ଖମିଗାଁ ଗ୍ରାମର ବିଜନଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ ଦିଆଯାଇଥିଲା। କିନ୍ତୁ ପରେ ଅଧିକ ଯୌତୁକ ଶାଶୁ ଘରଲୋକେ ଦାବି କରିଥିଲେ। ଏ ନେଇ ବହୁ ସମୟରେ ନିର୍ଯ୍ୟାତନା ମଧ ଦେଉଥିଲେ। ଦାବି ମୁତାବକ ଯୌତୁକ ନ ଦେଇ ପାରିବାରୁ ରବିବାର ମିନତୀଙ୍କୁ ବେକରେ ରସି ଗୁଡାଇ ଶଶୁଘର ଲୋକେ ମାରିଦେଇଥିବା ବାପା ଥାନାରେ ଅଭିଯୋଗ କରିଥିଲେ।

## ବିନା ଫିଟ୍‌ନେସ୍, ପରମିଟ୍‌ରେ ଚାଲୁଛି ଗାଡ଼ି

# ବିପଦପୂର୍ଣ୍ଣ ଭାବେ ପରିବହନ ହେଉଛନ୍ତି ଯାତ୍ରୀ

**ଯାଜପୁର ଟାଉନ,୧୪।୭(ଡି.ଏନ.ଏ.)**



- ବିନା ଲାଇସେନ୍ସରେ ଗାଡ଼ି ଚଳାଉଛନ୍ତି ଡ୍ରାଇଭର

ଯାଜପୁରରେ ଡ୍ରାଇଭରଙ୍କ ବେପରୁଆ ଗାଡ଼ିଚାଳନା ଯୋଗୁ ଯାତ୍ରୀଙ୍କ ଜୀବନ ବିପଦପୂର୍ଣ୍ଣ ହୋଇଛି। ବିଶେଷକରି ଟ୍ରେକର୍, ଟାଟା ମ୍ୟାଜିକ୍, ଅଟୋ ଆଦି ଦୈନିକ ଆବଶ୍ୟକତାରୁ ଅଧିକ ଯାତ୍ରୀଙ୍କୁ ନେଉଥିବା ଦେଖିବାକୁ ମିଳିଛି। ପ୍ରତିଦିନ ପ୍ରାୟ ଶହ ଶହ ସଂଖ୍ୟାରେ ଗାଡ଼ି ଯାତ୍ରୀ ପରିବହନ କରୁଥିବାବେଳେ ଅଧିକାଂଶ ଗାଡ଼ିର କାଗଜପତ୍ର ଠିକ୍ ନ ଥିବା ଜଣାଯାଏ। କେତେକ ଗାଡ଼ିର ପରମିଟ୍, ଫିଟ୍‌ନେସ୍, ଇନସ୍ୟୁରାନ୍ସ କରାଯାଉ ନ ଥିବାବେଳେ ଅଧିକାଂଶ ଗାଡି ବ୍ୟବସାୟିକ କର ଦେଉ ନ ଥିବା ମଧ ଜଣାପଡିଛି। ଅଧିକାଂଶ ଡ୍ରାଇଭର ବିନା ଲାଇସେନ୍ସରେ ଗାଡ଼ି ଚଳାଉଥିବା ଜଣାପଡ଼ିଛି। ଫଳରେ ସାଧାରଣ ଲୋକଙ୍କ ସହ କୋମଳମତି ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ରହିଛି। କେତେକ ଟ୍ରେକର୍ ଓ ଟାଟା ମ୍ୟାଜିକ ଘରୋଇକରଣ ଭାବେ ରେଜିଷ୍ଟ୍ରେଶନ କରାଇ ଗାଡି ଚଳାଉଥିବା ଲକ୍ଷ୍ୟ କରାଯାଇଛି। ମାତ୍ର ଅଳ୍ପଦିନ ଏହିସବୁ ଗାଡିରେ ଖଲାସି ଭାବେ କାମକରି ପରବର୍ତ୍ତୀ ସମୟରେ ବିନା ଲାଇସେନ୍ସରେ ଗାଡି ଚଳାଉଛନ୍ତି। ଆଞ୍ଚଳିକ ପରିବହନ ବିଭାଗ ଏସବୁ ଦେଖି ନୀରବ ରହୁଥିବା ଅଭିଯୋଗ ହୋଇଛି। ଜିଲାରେ ଥିବା ଟ୍ୟାକ୍ସି, ଟ୍ରେକର ଓ ମିନିବସ୍ ଆସୋସିଏଶନ୍ ଗାଡ଼ିଗୁଡ଼ିକ ତନଖି ନ କରି ଚଲାଇବା ପାଇଁ ଅନୁମତି ପ୍ରଦାନ କରୁଥିବା ମଧ ଅଭିଯୋଗ ହେଉଛି। ଜିଲାରେ ବର୍ଷକୁ ପ୍ରାୟତଃ ଶହେରୁ ଉର୍ଦ୍ଧ୍ୱ ଦୁର୍ଘଟଣା ଘଟୁଥିବାବେଳେ ୬୦/୭୦ ଲୋକ ପ୍ରାଣ ହରାଉଛନ୍ତି। ମୃତକଙ୍କ ପରିବାର ଇନସ୍ୟୁରାନ୍ସ କ୍ଲେମ୍ ପାଇଁ ହଜାର ହଜାର ଟଙ୍କା ପୋଲିସ୍‌କୁ ଲାଞ୍ଚ ଆକାରରେ ଦେଉଛନ୍ତି। ପୋଲିସ ମାଧ୍ୟମରେ ଠିକ କାଗଜପତ୍ର ଥିବା ଗାଡିକୁ ଏତଲାରେ ଦର୍ଶାଇ କେତେଜଣ ଓକିଲ ଲକ୍ଷାଧିକ ଟଙ୍କା ରୋଜଗାର କରୁଥିବା ନଜିର ରହିଛି। ଯାଜପୁର ସହରରେ ଥିବା ସମସ୍ତ ବେସରକାରୀ ବିଦ୍ୟାଳୟଗୁଡିକ ଗାଡିର କାଗଜପତ୍ର ଯାଞ୍ଚ ନ କରି ଛାତ୍ରୀଛାତ୍ରଙ୍କୁ ଯିବାଆସିବା କାମରେ ଲଗାଇଛନ୍ତି। ଏପରିକି ଗୋଟିଏ ଗାଡିରେ ୧୦ରୁ ୧୧ ଛାତ୍ରୀଛାତ୍ର ନେବାର ନିୟମ ଥିବାବେଳେ ୨୦/୨୫ ଛାତ୍ରୀଛାତ୍ରଙ୍କୁ ବିପଦପୂର୍ଣ୍ଣ ଭାବେ ପରିବହନ କରୁଥିବା ଲକ୍ଷ୍ୟ କରାଯାଉଛି। ଗାଡିରେ ଜାଲି ନ ଥିବାରୁ ଛୋଟ ପିଲା ଗାଡିରୁ ପଡିଯିବାର ବହୁ ସମ୍ଭାବନା ରହିଛି। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଗାଡି ଚାଳକ ନିର୍ଦ୍ଦ୍ୱନ୍ଦ୍ୱରେ ଏପରି ଯାତ୍ରୀ ପରିବହନ କରୁଛନ୍ତି। ବର୍ଷକରେ ଥରେ ବା ଦୁଇ ଥର ପରିବହନ ବିଭାଗ ପକ୍ଷରୁ ଗାଡ଼ି ଯାଞ୍ଚ କରିବା ନାଁରେ ବିଭିନ୍ନ ସ୍ଥାନରେ ଜରିମାନା ଆଦାୟ କରି ପରୋକ୍ଷରେ ସେମାନଙ୍କୁ ଗାଡି ଚଳାଇବାକୁ ଅନୁମତି ଦେଉଥିବା ଅଭିଯୋଗ ହୋଇଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ ଫୋନ୍ ନ ଉଠାଇବାରୁ ମତାମତ ମିଳିପାରିନାହିଁ।

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

**ଯାଜପୁରରୋଡ,୧୪।୭(ନି.ପ୍ର.)**- ଯାଜପୁର-କେନ୍ଦୁଝର ରୋଡ ରେଳ ଷ୍ଟେଶନରେ ରବିବାର ଜଣେ ମହିଳା ରେଳ ଲାଇନ୍ ପାର ହେଉଥିବାବେଳେ ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଛି। ସେ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ ସନ୍ତରା ଗ୍ରାମର ଇନ୍ଦୁମତୀ ପଣ୍ଡା। ରେଲୱେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଏ ନେଇ ଏକ ମାମଲା (ନଂ.୧୯/୧୯) ରୁଜୁ କରିଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପାଇଁ ଦାନଗଦୀ ଡାକ୍ତରଖାନା ପଠାଯିବ ବୋଲି ପୋଲିସଠାରୁ ସୂଚନା ମିଳିଛି।

### ଚୋରି ଉଦ୍ୟମ ବିଫଳ: ଅଭିଯୁକ୍ତ କୋର୍ଟ ଚାଲାଣ

**ବିଞ୍ଝାରପୁର/ସିଂହପୁର,୧୪।୭(ଡି.ଏନ.ଏ.)**- ବିଞ୍ଝାରପୁର ଥାନା ଅନ୍ତର୍ଗତ ଅଙ୍ଗାଲୋ ପଞ୍ଚାୟତ ଅଙ୍ଗାଲୋ ଗ୍ରାମରେ ଶୁକ୍ରବାର ରାତିରେ ଚୋରି ଉଦ୍ୟମ କରୁଥିବା ଜଣେ ଯୁବକ ଗ୍ରାମବାସୀଙ୍କ ହାତରେ ଧରାପଡ଼ିଛନ୍ତି। ଗ୍ରାମବାସୀ ତାଙ୍କୁ କାବୁକରି ପୋଲିସ ଜିମା ଦେଇଥିଲେ। ଏହି ଘଟଣାରେ ବିଞ୍ଝାରପୁର ପୋଲିସ ଏକ ମାମଲା (ନଂ. ୧୫୫/୧୯) ରୁଜୁ କରି ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଅଙ୍ଗାଲୋ ଗ୍ରାମର ରସିକବଲ୍ଲଭ ରଥ (୨୪)। ପ୍ରକାଶ ଯେ, ରସିକ ଉକ୍ତ ଗ୍ରାମର ପରେଶ ନାୟକଙ୍କ ଘରୁ ଶୁକ୍ରବାର ରାତିରେ ଚୋରି ଉଦ୍ୟମ କରୁଥିଲେ। ଗ୍ରାମବାସୀ ତାଙ୍କୁ ଦେଖି କାବୁ କରିଥିଲେ। ଖବରପାଇ ବିଞ୍ଝାରପୁର ପୋଲିସ ଶନିବାର ସକାଳେ ଘଟଣାସ୍ଥଳରେ ପହଞ୍ଚି ରସିକଙ୍କୁ ଥାନାକୁ ଆଣିଥିଲା।

### ଏକଦିବସୀୟ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

**ରସୁଲପୁର,୧୪।୭(ଡି.ଏନ.ଏ.)**- ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ବଜାର ନିକଟ ବରାଂଶଠାରେ ଅବସ୍ଥିତ ଶ୍ରୀ ଶ୍ରୀ କୌଶଳ ବିକାଶ କେନ୍ଦ୍ର ପକ୍ଷରୁ ଶନିବାର ଏକଦିବସୀୟ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଜିଲାର ବିଭିନ୍ନ ସ୍ଥାନରୁ ଶିବିରାର୍ଥୀମାନେ ଯୋଗଦେଇ ସ୍ୱାସ୍ଥ୍ୟ ସମ୍ପର୍କିତ ସମସ୍ୟାକୁ ନେଇ ପରୀକ୍ଷା ନିରୀକ୍ଷା କରିଥିଲେ। ଟାଟା ମେଡିକା ହସ୍ପିଟାଲର ଅଭିଜ୍ଞ ଡାକ୍ତରମାନେ ଉକ୍ତ ଶିବିରରେ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଭେଷଜ ବିଭାଗରୁ ଡାକ୍ତର ଦେବାଶିଷ ଦାସ ଓ ମୂତ୍ରାଶୟ ବିଭାଗରୁ ଡାକ୍ତର ପ୍ରଭାସ ନାୟକ ଯୋଗଦେଇଥିଲେ। ଏଥିରେ ୧୨୩ ଜଣ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଲାବୋରେଟୋରୀ ଟେଷ୍ଟ କରାଇଥିଲେ। ଇସିଜି ଟେକ୍ନସିଆନ ସଂଗ୍ରାମ କେଶରୀ ସାହୁ, ସଂଗୀତା ପଣ୍ଡା ଲାବୋରେଟୋରୀ ପରିଚାଳନାରେ ସହଯୋଗ କରିଥିଲେ। ଡାକ୍ତରଖାନା ପକ୍ଷରୁ ମାର୍କେଟିଂ ପରିଚାଳକ ଜ୍ୟୋତି ରଞ୍ଜନ କର, ଅନୁଷ୍ଠାନ ପକ୍ଷରୁ ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ସାହୁ, ସହପରିଚାଳକ ଚନ୍ଦ୍ରଭାନୁ ବିଶ୍ୱାଳ ପ୍ରମୁଖ ଶିବିରକୁ ତଦାରଖ କରିଥିଲେ।

### ମନ୍ଦିର ପରିସରରେ ଚାରାରୋପଣ

**ଜେନାପୁର,୧୪।୭(ଡି.ଏନ୍.ଏ.)**-ଧର୍ମଶାଳା ବ୍ଲକ ଜେନାପୁର ପଞ୍ଚାୟତସ୍ଥିତ ସିଦ୍ଧେଶ୍ୱର ମହାଦେବ ମନ୍ଦିର ପରିସରରେ ରବିବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ଡକ୍ଟର ପ୍ରମୋଦ କୁମାର ପାତ୍ରଙ୍କ ନେତୃତ୍ୱରେ ମନ୍ଦିର ପରିସରରେ ବିଭିନ୍ନ ପ୍ରକାର ଚରାରୋପଣ କରାଯାଇଛି। ପ୍ରହ୍ଲାଦ କୁମାର ପାତ୍ରଙ୍କ ସମେତ ମା' ହେଙ୍ଗୁଳା କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ନାରୀକବି ବିଦ୍ୟୁତପ୍ରଭାଙ୍କ ଜୟନ୍ତୀ

**ସିଂହପୁର,୧୪।୭(ଡି.ଏନ୍.ଏ.)**- ସିଂହପୁର ନିକଟବର୍ତ୍ତୀ ଏରଡଙ୍ଗସ୍ଥିତ ବିଦ୍ୟୁତ୍ ପ୍ରଭା ସାହିତ୍ୟ ସଂସଦ ଆନୁକୂଲ୍ୟରେ ରବିବାର ନାରୀକବି ବିଦ୍ୟୁତପ୍ରଭା ଦେବୀଙ୍କ ଜୟନ୍ତୀ ଓ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏରଡଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ସଂସଦ ସଭାପତି ନେତ୍ରାନନ୍ଦ ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ଆଳି ବିଡିଓ ଜୟନ୍ତ କୁମାର ପୃଷ୍ଟି ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପ୍ରଥମେ ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ସରପଞ୍ଚ ପୁରୁଷୋତ୍ତମ ପଲାଇ, ସମିତିସଭ୍ୟ ସୁନିଲ ଦାସ, ସଞ୍ଜୟ ସାମଲ, ସରୋଜ ମଲିକ, ସଞ୍ଜୟ ସାମଲ, ଖବରଦାତା ଅନଙ୍ଗ ଉଦୟ ବେଉରିଆ, ରତିକାନ୍ତ ସାମଲ, ନମିତା ସାମଲ, ଅନୁପମା ଦାସ, ଗଗନଚନ୍ଦ୍ର ବେହେରା, ପ୍ରକାଶ ଦାସ ପ୍ରମୁଖ ଯୋଗଦେଇଥିଲେ।

## ■ କାରଖାନା ଚାଲିବା ନେଇ ସନ୍ଦିହାନ

# ପଡ଼ିରହିଛି ୧୮କୋଟି ଟଙ୍କାର ଫେରୋକ୍ରୋମ

**ଯାଜପୁର ଅଫିସ,୧୪।୭**



- ■ ଖସିଛି ବଜାର ଦର
- ■ ଏବେ ବିକିଲେ ହେବ ୨ କୋଟି ଟଙ୍କା କ୍ଷତି
- ■ କଞ୍ଚାମାଲ ଅପେକ୍ଷାରେ କାରଖାନା କର୍ତ୍ତୃପକ୍ଷ

ଦେଶର କେତେକ କର୍ପୋରେଟ ସେକ୍ଟର ସମୂହ ସେମାନଙ୍କ ଆଗାମୀ ପୁଞ୍ଜିନିବେଶ ଯୋଜନାକୁ ସାମୟିକ ସ୍ଥଗିତ କରିବା ପାଇଁ ବାଧ୍ୟ ହେଲେଣି। ଏହାର ବିଧିବଦ୍ଧ ଘୋଷଣା ମଧ୍ୟ ଅନେକ କର୍ପୋରେଟ ସେକ୍ଟର କରିଥିବା ଜଣାପଡ଼ିଛି। ଲାଭରେ ହ୍ରାସ ଘଟୁଥିବାରୁ କମ୍ପାନୀଗୁଡ଼ିକର ଚିନ୍ତା ବଢି ଚାଲିଥିବାବେଳେ ଏହାର ପ୍ରଭାବ ଷ୍ଟିଲ ସିଟି କଳିଙ୍ଗନଗରରେ ଅନୁଭୂତ ହୋଇସାରିଛି। ଏହିକ୍ରମରେ ଯାଜପୁରରୋଡ ଇଡକଲ ଫେରୋକ୍ରୋମ କାରଖାନା, କେଜେ ଇସ୍ପାତ ଓ ମଇଥାନ କାରଖାନା ବନ୍ଦ ହୋଇ ସାରିଛି। ନୀଳାଚଳ ଇସ୍ପାତ ନିଗମ ଲିଃରୁ ଏମ୍ଏମ୍‌ଟିସି ପୁଞ୍ଜି ପ୍ରତ୍ୟାହାର ନିଷ୍ପତ୍ତି ନେବା ପରେ କାରଖାନାର ଆର୍ଥିକ ସ୍ଥିତି ଆହୁରି ଦୁର୍ବଳ ହୋଇସାରିଛି। ଏହି କାରଖାନାଗୁଡିକ ପୁଣି ଚାଲିବା ନେଇ ସନ୍ଦୀହାନି ଥିବାବେଳେ ସମ୍ପୃକ୍ତ କର୍ମଚାରୀ ଓ ଶ୍ରମିକଙ୍କ ଜୀବନଜୀବିକା ସଙ୍କଟରେ ପଡିଛି। ବିଡମ୍ବନା ଯେ, ବନ୍ଦ ହୋଇଥିବା ଫେରୋକ୍ରୋମ କାରଖାନା ପରିସରରେ ଉତ୍ପାଦିତ ପ୍ରାୟ ୧୮କୋଟି ଟଙ୍କାର ଫେରୋକ୍ରୋମ ବିକ୍ରି ନ ହୋଇ ପଡିରହିଛି। ଜାଣିଶୁଣି ଫେରୋକ୍ରୋମ କ୍ଷତିକୁ ଡାକୁଥିବା ଏଥିରୁ ସ୍ପଷ୍ଟ ହୋଇଛି।

ଗତ ଜୁନ ୧ରୁ ଯାଜପୁରରୋଡ ଇଡକଲ ଫେରୋକ୍ରୋମ ଆଣ୍ଡ ଆଲଏଜ୍ ଲିମିଟେଡ, ଇଫ୍‌କଲ କାରଖାନାର ଫର୍ନେସ ୨ଟିକୁ ଉତ୍ପାଦନ ଖର୍ଚ୍ଚ ଅଧିକ ହେଉଥିବାର ଆଳ ଦେଖାଇ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। କାରଖାନାରୁ ଉତ୍ପାଦିତ ହାଇକାର୍ବନ ଫେରୋକ୍ରୋମର ବଜାର ଦର ଢେର ଖସିଯିବା ଓ ଏହାର ମୂଲ୍ୟ ନିକଟ ଭବିଷ୍ୟତରେ ସେପରି ବୃଦ୍ଧି ନ ପାଇବାର ଆଶଙ୍କା କରି କର୍ତ୍ତୃପକ୍ଷ ଏହି ନିଷ୍ପତ୍ତି ନେଇଛନ୍ତି। ଫଳରେ ପ୍ରାୟ ୩୦୦ ଶ୍ରମିକ କାମ ନ ପାଇ ଭୋକ ଉପାସରେ କାଳାତିପାତ କରୁଛନ୍ତି। ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ ବିବେଚିତ ଇଡକଲର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ବିନା ପରାମର୍ଶରେ ଆଇଡିସିର ଶେଷ କାରଖାନା ଫେରୋକ୍ରୋମ ବନ୍ଦ ପାଇଁ କେବେ ବି ନିର୍ଦ୍ଦେଶ ଆସି ନ ଥାଇ ପାରେ ବୋଲି ଆଲୋଚନା ଜୋର ଧରିଥିଲା। ମହାପାତ୍ରଙ୍କ ଭଳି ଜଣେ ପ୍ରଶାସନିକ ଅଧିକାରୀଙ୍କ ସମୟରେ ତୈଳଙ୍ଗୀ ଖଣି ବନ୍ଦ, ଫେରୋକ୍ରୋମ କାରଖାନା ବନ୍ଦ ହେବା ତାଙ୍କ ଦକ୍ଷତା ପ୍ରତି ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଶାସକ ଦଳ ମାର୍ଫତରେ ଦୀର୍ଘଦିନ ଧରି ଫେରୋକ୍ରୋମର ଶ୍ରମିକ ରାଜନୀତି ଚାଲିଥିବାବେଳେ ଏହି ସମୟ ମଧ୍ୟରେ ସର୍ବାଧିକ ଦୁର୍ନୀତି ମଧ୍ୟ ସଂଗଠିତ ହୋଇଥିଲା। ଏହି ସର୍ବପୁରାତନ କାରଖାନା ବନ୍ଦ ହେବା ନେଇ ମଧ୍ୟ ଶାସକ ଦଳ ଉପରକୁ ଅଙ୍ଗୁଳି ଉଠିଛି। ଏସବୁ ଜନ ଅସନ୍ତୋଷ ଓ ସ୍ଥାନୀୟ ଆବେଗକୁ ଲକ୍ଷ୍ୟ କରି ଯେକୌଣସି ପ୍ରକାରେ କାରଖାନା ଚଳାଇବାକୁ ଜଣେ ପୁରୁଖା ରାଜନେତା କୁଆଡେ ଏକ ମାସ ହେଲା ରାସ୍ତା ଖୋଜୁଥିବା ଆଲୋଚନା ହେଉଛି। ଯେତେବେଳେ କାରଖାନା ବନ୍ଦ ହେଲା ସେତେବେଳେ ହାଇକାର୍ବନ ଫେରୋକ୍ରୋମର ବିକ୍ରି ଦର ୭୦ ହଜାର ୪୦୦ ଟଙ୍କା ଥିବାବେଳେ ଏବେ ବଜାର ଦର ୬୪ ହଜାର ତଳକୁ ଖସିଆସିଛି। ଫେରୋକ୍ରୋମର ମୂଲ୍ୟ କମିଯିବା ସମୟରେ କାରଖାନା ଚଳାଇବାକୁ ଯୋଜନା କରିବା କେବଳ ନେତାଙ୍କ ଛବି ବଞ୍ଚାଇବାକୁ ମସୁଧା ବୋଲି ଚର୍ଚ୍ଚା ହେଉଛି। କାରଖାନା ମରାମତି ଚାଲିଛି, ୨ ସପ୍ତାହ ମଧ୍ୟରେ ଚାଲିବ ଚାଲିବ ବୋଲି ଡିଣ୍ଡିମ ପିଟିବା ସାର ହେଉଛି। ଅନ୍ୟପକ୍ଷେ କାରଖାନାରେ ପ୍ରାୟ ୨୫୦୦ ମେଟ୍ରିକ ଟନରୁ ଊର୍ଦ୍ଧ୍ୱ ହାଇକାର୍ବନ ଫେରୋକ୍ରୋମ ଉତ୍ପାଦିତ ହୋଇ ପଡିରହିଛି। କାରଖାନା ବନ୍ଦ ହେବା ପୂର୍ବରୁ ଏହାକୁ ବିକ୍ରି କରିଥିଲେ ପାଖାପାଖି ୧୮ କୋଟି ଟଙ୍କା ମିଳିଥାନ୍ତା। ଏବେ ଏହାକୁ ବିକ୍ରି କଲେ ବଜାର ଦର ଅନୁସାରେ ୧୬କୋଟି ଟଙ୍କା ହେବ। ଫଳରେ ୨କୋଟି ଟଙ୍କା କ୍ଷତି ହେବା ସହ ମାସିକ ୧ ପ୍ରତିଶତ ହିସାବରେ ୧୮ଲକ୍ଷ ଟଙ୍କା ସୁଧ ଗଣିବା ସାର ହୋଇଛି। ଏହାଛଡା କାରଖାନାର କ୍ୟାସ କ୍ରେଡିଟ ୧୨କୋଟି ବାବଦକୁ ୧୨ଲକ୍ଷ ଟଙ୍କା ବ୍ୟାଙ୍କ ସୁଧ ଯାଉଛି। କାରଖାନା ବନ୍ଦ ହେବାର ଦେଢ଼ ମାସ ବିତି ଗଲାଣି। କାରଖାନାର ବିଦ୍ୟୁତ ବିଭାଗର ମୁଖ୍ୟ କଣ୍ଟ୍ରାକ୍ଟ ଡିମାଣ୍ଡ କମାଇବା ପାଇଁ ଫାଇଲ ପ୍ରସ୍ତୁତ କରି ନାହାନ୍ତି କି ଏହାକୁ ନେସ୍କୋଠାରେ ଦାଖଲ କରିନାହାନ୍ତି। ଫଳତଃ ମାସକୁ ୨୦ଲକ୍ଷ ହିସାବରେ ଦେଢ଼ ମାସରେ କାରଖାନା ୩୦ଲକ୍ଷ ଟଙ୍କା ଅଯଥାରେ ଅପଚୟ କଲାଣି। ଏଭଳି ଭାବେ ପରିଚାଳନାଗତ ତ୍ରୁଟି ଓ ଲାଭଖୋର ମନୋଭାବ ଯୋଗୁ ସରକାରୀ ଫେରୋକ୍ରୋମ କାରଖାନା ଦୁର୍ଦ୍ଦିନରେ ଗତି କରୁଛି ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଫେରୋକ୍ରୋମ କାରଖାନାର ଏମ୍‌ଡି ବୀରକିଶୋର ସାହୁଙ୍କୁ ପଚାରିବାରେ, କଞ୍ଚାମାଲ ଆସିଲେ ପୁଣି କାରଖାନା ଆରମ୍ଭ ହେବ। ହେଲେ କେବେ କାରଖାନା ପୁଣି କାର୍ଯ୍ୟକ୍ଷମ ହେବ ସେ ନେଇ କିଛି କହି ହେବ ନାହିଁ ବୋଲି କହିଛନ୍ତି।

## ■ ଗାଁ ଦାଣ୍ଡରେ ଅସହାୟ ମହିଳାଙ୍କୁ ପିଟିବା ଘଟଣା

# ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ

**ବିଞ୍ଝାରପୁର/ସିଂହପୁର, ୧୪।୭(ଡି.ଏନ.ଏ.)**

ଅସହାୟ ମହିଳାଙ୍କୁ ପିଟିବା ଘଟଣାକୁ ୬ ଦିନ ବିତିଯାଇଥିଲେ ହେଁ ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିପାରୁନି। ଗତ ୮ ତାରିଖରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରୀ ପଞ୍ଚାୟତ ଛନ୍ଦାମୁଣ୍ଡ ଗ୍ରାମର ତପନ ସେଠୀ ଓ ତାଙ୍କ ସହଯୋଗୀ ଉକ୍ତ ଗ୍ରାମର ଧନେଶ୍ୱର ସେଠୀଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ। ଧନେଶ୍ୱରଙ୍କ ସ୍ତ୍ରୀ ଶାନ୍ତିଲତା ପ୍ରତିପକ୍ଷଙ୍କୁ ବିରୋଧ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ତପନ ଓ ତାଙ୍କ ସହଯୋଗୀ ସ୍ୱାମୀ ଓ ସ୍ତ୍ରୀଙ୍କୁ ଗାଁ ଦାଣ୍ଡରେ ଘୋଷାଡ଼ି ମାଡ଼ ମାରିଥିଲେ। ଧନେଶ୍ୱରଙ୍କ ବୋହୂ ସୁବାସିନୀ ଉଦ୍ଧାର କରିବାକୁ ଆସିଥିବାବେଳେ ତାଙ୍କୁ ମଧ୍ୟ କିଳାରେ ପିଟି ମୁଣ୍ଡ ଫଟାଇ ଦେଇଥିଲେ। ଏ ନେଇ ସୁବାସିନୀ ଜରୀ ଫାଣ୍ଡିରେ ଅଭିଯୋଗ କରିଥିଲେ। ଏହି ଘଟଣାର ତଦନ୍ତ କରି ପୋଲିସ ବିଞ୍ଝାରପୁର ଥାନାରେ ଏକ ମାମଲା (ନଂ. ୧୫୨/୧୯) ରୁଜୁ କରିଛି। ହେଲେ ଏପର୍ଯ୍ୟନ୍ତ ଅଭିଯୁକ୍ତ ଗିରଫ ହୋଇ ନ ଥିବାରୁ ଧନେଶ୍ୱରଙ୍କ ପରିବାର ଭୟଭୀତ ଅବସ୍ଥାରେ ଅଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ସାଧାରଣରେ ଦାବି ହେଉଛି। ଏ ସମ୍ପର୍କରେ ବିଞ୍ଝାରପୁର ଥାନାଧିକାରୀ ଶିବ ଚରଣ ବେହେରାଙ୍କୁ ପଚାରିବାରୁ, ଅଭିଯୋଗ ଅନୁଯାୟୀ ମାମଲା ରୁଜୁ ହୋଇଛି। ଖୁବ୍‌ଶୀଘ୍ର ଏହି ଘଟଣାର ଅଧିକ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଦଧିବାମନଜୀଉ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ

**ରତ୍ନଗିରି,୧୪।୭(ଡି.ଏନ.ଏ.)**

ବରୀ ବ୍ଲକ ଅଧୀନ ସ୍ୱାଇଁଖଣ୍ଡ ପଞ୍ଚାୟତର ଯଁପଡା ଗ୍ରାମରେ ସରକାରଙ୍କ 'ଆମ ଗାଁ ଆମ ବିକାଶ' ଯୋଜନାରେ ନିର୍ମିତ ଦଧିବାମନଜୀଉ ଗୋଷ୍ଠୀ କେନ୍ଦ୍ର ରବିବାର ଉଦ୍‌ଘାଟିତ ହୋଇଯାଇଛି। ବିଧାୟିକା ସୁନନ୍ଦା ଦାସ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଭ୍ୟ ଅଶୋକ ସାମଲ, ସ୍ୱାଇଁଖଣ୍ଡ ସରପଞ୍ଚ କିରଣବାଳା ଜେନା, ସମିତି ସଭ୍ୟା ସୁପ୍ରଭା ନାୟକ, ସରପଞ୍ଚ କେଦାର ସାମଲ, ଶରତ କୁମାର ଜେନା, ସନ୍ତୋଷ ସାମଲ, ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ପୂର୍ବତନ ଜିଲା ପରିଷଦ ଦେବେନ୍ଦ୍ର ଦାସ, ପୂର୍ବତନ ସରପଞ୍ଚ ବିଜୟ ନାୟକ, ସୁବାସ ନାୟକ, ମନୋଜ ନାୟକ, ପର୍ଶୁରାମ ଦାସ, ରତିକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଷ୍ଟାଣ୍ଡ୍ ପୋଷ୍ଟରେ ଲାଗୁନି ଟ୍ୟାପ୍, ନଷ୍ଟ ହେଉଛି ଜଳ

**ଛତିଆ,୧୪।୭(ଡି.ଏନ୍.ଏ.)**



ଜଳ ହିଁ ଜୀବନ। ପୂର୍ବରୁ ଲୋକେ ଗଡ଼ିଆ, ପୋଖରୀ, କୂଅ, ପାଣି ବ୍ୟବହାର କରୁଥିଲେ। କିନ୍ତୁ ଏହିସବୁ ପାଣି ଅଧିକାଂଶ ସମୟରେ ଦୂଷିତ ହେଉଥିବାରୁ ତାହା ପରିବର୍ତ୍ତେ ନଳକୂପ ଓ ପାଇପ୍ ପାଣି ବ୍ୟବହାର କରାଯାଉଛି। ଦିନକୁଦିନ ଏହି ଭୂତଳ ଜଳର ବ୍ୟବହାର ବୃଦ୍ଧି ପାଇବା ସହ ଏହାର ଅପବ୍ୟବହାର ମଧ୍ୟ ହେଉଛି। ଫଳରେ ଭୂତଳ ଜଳସ୍ତର କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଅନେକ ସ୍ଥାନରେ ପାଣି ପାଇଁ ଲୋକେ ବହୁଦୂର ଯାଉଥିବାବେଳେ କେତେକ ସ୍ଥାନରେ ପାନୀୟଜଳ ପାଇଁ ମହିଳାମାନେ ଲମ୍ବା ଧାଡିରେ ଠିଆ ହେଉଥିବା ଦେଖିବାକୁ ମିଳୁଛି। କିନ୍ତୁ ଏହାର ଏକ ବ୍ୟତିକ୍ରମ ଦେଖିବାକୁ ମିଳିଛି ବଡ଼ଚଣା ବ୍ଲକର ସୋଲର ପଞ୍ଚାୟତରେ। ଏହି ପଞ୍ଚାୟତରେ ପାନୀୟ ଜଳର ଅପବ୍ୟବହାର କରାଯାଉଥିବା ଦେଖିବାକୁ ମିଳିଛି। ଲକ୍ଷାଧିକ ଟଙ୍କା ବ୍ୟୟଅଟକଳରେ ବିଭିନ୍ନ ପ୍ରକଳ୍ପ ନିର୍ମାଣ କରାଯାଉଛି। ବିଶୁଦ୍ଧ ଜଳଯୋଗାଣ ପାଇଁ ଗାଁ ଗାଁରେ ଷ୍ଟାଣ୍ଡ ପୋଷ୍ଟ ବସାଯାଇଛି। ଏହି ଷ୍ଟାଣ୍ଡ ପୋଷ୍ଟରେ ଜଳ ପ୍ରଭାବକୁ ନିୟନ୍ତ୍ରଣ କରିବାକୁ ଟ୍ୟାପ୍ ଲଗାଯିବା କଥା। ହେଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ବେପାରୁଆ ମନୋଭାବ ଯୋଗୁ ଷ୍ଟାଣ୍ଡ ପୋଷ୍ଟଗୁଡିକରେ ଟ୍ୟାପ୍ ଲଗାଯାଇ ନ ଥିବା ଦେଖିବାକୁ ମିଳିଛି। ପାନୀୟ ଜଳର ଦୁରୁପଯୋଗ ହେଉଛି। ଅନବରତ ପାଣି ବାହାରି ସ୍ଥାନୀୟ ଅଞ୍ଚଳରେ କୃତ୍ରିମ ଜଳ ପ୍ରବାହ ସୃଷ୍ଟି ହୋଇଛି। ବଡ଼ଚଣା ବ୍ଲକ ଅନ୍ୟ ପଞ୍ଚାୟତଗୁଡ଼ିକରେ ପାନୀୟ ଜଳ ପ୍ରକଳ୍ପ ଅଚଳ ଥିବା ଯୋଗୁ ପାଣି ପାଇଁ ଲୋକେ ଡହଳ ବିକଳ ହେଉଛନ୍ତି। ହେଲେ ସୋଲର ପଞ୍ଚାୟତର ଷ୍ଟାଣ୍ଡ ପୋଷ୍ଟଗୁଡିକରେ ଅନବରତ ପାଣି ଅପଚୟ ହେଉଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଉ ନାହାନ୍ତି। ଏଥିସହ ମାଟି ତଳେ ବିଛାଯାଇଥିବା ପାଇପ୍ ବିଭିନ୍ନ ସ୍ଥାନରେ ଫାଟି ଯାଇଥିବାରୁ ରାସ୍ତାରେ ପାଣିର ସୁଅ ଛୁଟୁଛି। ବିଭାଗୀୟ ଅଧିକାରୀ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ମିଳୁନି ସରକାରୀ ଧାନ ବିହନ, ଚିନ୍ତାରେ ଚାଷୀ

**ଚଣ୍ଡିଖୋଲ,୧୪।୭(ଡି.ଏନ.ଏ.)**

ଜୁନ୍ ମାସରୁ ଚାଷ କାର୍ଯ୍ୟ ଆରମ୍ଭ ହେବା କଥା। ତେବେ ବିହନ ଅଭାବ ଯୋଗୁ ଚାଷୀ ହରଡ଼ଘଣାରେ ପଡ଼ିଛନ୍ତି। ଏ ପର୍ଯ୍ୟନ୍ତ ଅନେକ ସ୍ଥାନରେ ତଳି ପକା କାମ ଆରମ୍ଭ ହୋଇନାହିଁ। ବର୍ଷା ଅଭାବ ମଧ୍ୟ ଚାଷ କାର୍ଯ୍ୟ ଆଗେଇବାରେ ବାଧକ ସାଜିଛି। ବଡ଼ଚଣା ବ୍ଲକରେ ଧାନ ଏକ ପ୍ରମୁଖ ଚାଷ। ପଶ୍ଚିମ ବଡ଼ଚଣା ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଚାଷୀମାନେ ବର୍ଷା ଉପରେ ନିର୍ଭର କରିଥାନ୍ତି। ଅଦ୍ୟାବଧି କେନାଲରେ ପାଣି ଆସୁ ନ ଥିବାରୁ କେନାଲ ଉପରେ ନିର୍ଭର କରୁଥିବା ଚାଷୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଚଳିତ ଥର ସରକାରଙ୍କ ତରଫରୁ ସେବା ସମବାୟ ସମିତି ଜରିଆରେ ଧାନ ବିହନ ବିକ୍ରୟ କରାଯାଉଛି। ତେବେ ଚାଷୀମାନେ ଧାନ ବିହନ ପାଇ ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଚାଷୀମାନେ ପୂଜା, ଶାରଳା, ସବ-୧, ନାଲିସ୍ୱର୍ଣ୍ଣ, ହଜାର ଅଠର, ଧଳାସ୍ୱର୍ଣ୍ଣ, ହଜାର ଏକ ଭଳି ଧାନ ବିହନ ଉପରେ ନିର୍ଭର କରିଥାନ୍ତି। କେତେକ ସମବାୟ ସମିତିରେ ପୂଜା ଓ ଶାରଳା ବିହନ ମିଳୁଥିବାବେଳେ ଅନ୍ୟ ବିହନଗୁଡ଼ିକ ମିଳୁନାହିଁ। ଏଣୁ ଚାଷୀଙ୍କୁ ବିଭିନ୍ନ ସ୍ଥାନକୁ ଯାଇ ବିହନ ସଂଗ୍ରହ କରିବାକୁ ପଡୁଛି। ଚାଷୀ ସାଧାରଣତଃ ଜମିରେ ପ୍ରତି ୨ ବର୍ଷରେ ଥରେ ଅନ୍ୟଧାନ ଚାଷ କରିଥାନ୍ତି। ଅଧିକ ଧାନ ଅମଳ ପାଇଁ ବିହନ ପରିବର୍ତ୍ତନ କରନ୍ତି। ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିହନ ଅଭାବ ଯୋଗୁ ବଡ଼ଚଣା ଅଞ୍ଚଳର ଚାଷୀ ଅନ୍ୟ ବ୍ଲକରୁ ବିହନ ସଂଗ୍ରହ କରୁଛନ୍ତି। ଏଥିସହ ଚଳିତ ବର୍ଷ ଲଗାଣ ବର୍ଷା ହୋଇ ନ ଥିବାରୁ ତଳିରୁଆ ଓ ଧାଡ଼ିରୁଆ କାର୍ଯ୍ୟ ଆରମ୍ଭ କରିନାହାନ୍ତି। ସରକାରଙ୍କ ତରଫରୁ ବିଭିନ୍ନ କିସମର ଧାନ ବିହନ ଯୋଗାଇଦେବାକୁ ଚାଷୀମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ବଡ଼ଚଣା ବ୍ଲକ ସହକୃଷି ଅଧିକାରୀ ତୁଷାରକାନ୍ତ ସେଠୀଙ୍କୁ ପଚାରିବାରୁ, ଧାନ ବିହନ ବିକ୍ରୟ ଯୋଜନା ପ୍ରତ୍ୟେକ କୃଷି ସେବା ସମବାୟ ସମିତିମାନେ ନେଇଛନ୍ତି। ତାହା ତାଙ୍କ ଅଧୀନରେ ନାହିଁ। ସେମାନେ ସିଧାସଳଖ ଓଡ଼ିଶା ବିହନ ନିଗମରୁ କ୍ରୟ କରି ଆଣି ବିକ୍ରୟ କରୁଛନ୍ତି।

# ଚକ୍ଷୁ ଚିକିତ୍ସାଳୟ ଉଦ୍‌ଘାଟିତ

**ଚଣ୍ଡିଖୋଲ,୧୪।୭(ଡି.ଏନ.ଏ.)**

ବାଲିଚନ୍ଦ୍ରପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ ସାଇ ଭିଜନ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଶୁକ୍ରବାର ସାଇଶାନ୍ତି ଚକ୍ଷୁ ଚିକିତ୍ସାଳୟ ଉଦ୍‌ଘାଟିତ ହୋଇଯାଇଛି। ଶିଶୁ ଅନନ୍ତ ଆଶ୍ରମର ଶ୍ରୀଗୁରୁ ବାବା ବଳିଆ ଏହି ଚିକିତ୍ସାଳୟ ଉଦ୍‌ଘାଟନ କରିଥିଲେ। କର୍ମ ହିଁ ମଣିଷର ପରିଚୟ ସୃଷ୍ଟି କରିଥାଏ। ମଣିଷ ଜୀବନରେ ପ୍ରତ୍ୟେକ ଅଙ୍ଗର ଆବଶ୍ୟକତା ଥିବାବେଳେ ଚକ୍ଷୁ ଏକ ଅବିଚ୍ଛେଦ୍ୟ ବୋଲି ବାବା ବଳିଆ ମତବ୍ୟକ୍ତ କରିଛନ୍ତି। ଟ୍ରଷ୍ଟର ଆବାହକ କୈଳାସ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଟ୍ରଷ୍ଟି ଦୀପକ ଦାସ, ମହେଶ୍ୱର ଦାସ, ସାମାଜିକ କର୍ମୀ ଦୀପ୍ତି ମହାପାତ୍ର, ଇନ୍ଦ୍ରଜିତ ସାମଲ, ଅବସରପ୍ରାପ୍ତ ଜିଲା ଜଜ୍ ଉମା ଚରଣ ମିଶ୍ର, ରାଜ୍ୟ ସତ୍ୟସାଇ ସଂଗଠନ ମୁଖ୍ୟ ନାରାୟଣ ପ୍ରସାଦ ସର, ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ହରିହର ସର, ଇମ୍ଫାର ଡିଜିଏମ ସନ୍ତୋଷ ଧର, ଆଇନଜୀବୀ ଦେବଦାସ ମହାନ୍ତି ଏବଂ ବିଭୁ ପ୍ରସାଦ ଦାସଙ୍କ ସମେତ ବହୁ ବିଶେଷଜ୍ଞ, ଡାକ୍ତର, ଜନସାଧାରଣ ଏବଂ ଚକ୍ଷୁ ରୋଗୀ ଯୋଗଦେଇଥିଲେ। ପ୍ରାରମ୍ଭରେ ବିଶିଷ୍ଟ ପଣ୍ଡିତ କରୁଣାକର ମିଶ୍ରଙ୍କ ଦ୍ୱାରା ହନୁମାନ ଚାଳିସା ପଠନ ଓ ମେଳା ସମ୍ପନ୍ନ ହୋଇଥିଲା।

## ରତ୍ନଗିରିରେ ବିଜେଡିର ବୈଠକ

**ବରୀ,୧୪।୭(ସ୍ୱ.ପ୍ର.)**–ବରୀ ବ୍ଲକ ଅଧୀନ ରତ୍ନଗିରି ପଞ୍ଚାୟତର ବିଜେଡି କର୍ମୀଙ୍କୁ ନେଇ ରବିବାର ସ୍ଥାନୀୟ ଏକ ହୋଟେଲରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିପିନ ଦାସ ସଭାପତିତ୍ୱ କରିଥିଲେ। ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ତୃଣମୂଳସ୍ତରରୁ ଏକତ୍ରିତ ହୋଇ ବିଜେଡି ସଂଗଠନକୁ ମଜଭୁତ କରିବାକୁ ପଡ଼ିବ ବୋଲି କହିଥିଲେ। ଦଳ ତରଫରୁ କମିଟି ଗଠନ କରି ଆଗାମୀ ଦିନ ପାଇଁ ପ୍ରସ୍ତୁତ ରହିବାକୁ ପଡ଼ିବ। ବିଧାୟିକା ଦାସଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗିରିଶ ସାମଲ, ଦେବେନ୍ଦ୍ର ଦାସ, ରଞ୍ଜନ ପଣ୍ଡା, ଅଶୋକ ସାମଲ, ସନ୍ତୋଷ ସାମଲ, ନଟି ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନା କରିଥିଲେ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ଅତିଥି।

**ବିଞ୍ଝାରପୁର,୧୪।୭(ଡି.ଏନ.ଏ.)**

ବିଞ୍ଝାରପୁର ଶିକ୍ଷାମଣ୍ଡଳ ଅନ୍ତର୍ଗତ ସୟଦପୁରସ୍ଥିତ ବ୍ରଜସୁନ୍ଦର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦର୍ଶନ ମିଶ୍ରଙ୍କୁ ଶନିବାର ଅପରାହ୍ନରେ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଞ୍ଝାରପୁର ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରବିନାରାୟଣ ମହାନ୍ତି ସଭାପତିତ୍ୱ କରିଥିଲେ। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଅନନ୍ଦା ପ୍ରସାଦ ରଣା ମୁଖ୍ୟ ଅତିଥି, ଜିଲା ପ୍ରାଥମିକ ସଂଘ ସମ୍ପାଦକ ଶୌଳେନ୍ଦ୍ର ନାରାୟଣ ସାମଲ ପ୍ରମୁଖ ଯୋଗଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମିଶ୍ର ଛାତ୍ରବତ୍ସଳ, ମିଷ୍ଟଭାଷୀ ଓ କର୍ତ୍ତବ୍ୟପରାୟଣ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏଥିପାଇଁ ସେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଚିରସ୍ମରଣୀୟ ହୋଇ ରହିବେ। ଅନ୍ୟମାନଙ୍କ ମଧ୍ୟରେ ସିଆରସିସି ଶାମସୁଦ୍ଦିନ ଖାଁ, ଉପେନ୍ଦ୍ର କୁମାର ରାଉତ, ଅକ୍ଷୟ ସାମଲ, ଜୋତ୍ସ୍ନା କୁମାରୀ ଦେଇ, ସୁକାନ୍ତି ସାହୁ, ଆଶାଲତା ଭଦ୍ର, ରୀତାରାଣୀ ଧଳ ପ୍ରମୁଖ ଉପସ୍ଥିତ ଥିଲେ।

## ■ ଫନୀ ପ୍ରଭାବିତଙ୍କୁ ମିଳିନି ରନ୍ଧାଖାଦ୍ୟ

# ମିଥ୍ୟା ବିଲ୍ ଦେଖାଇ ଅର୍ଥ ହଡ଼ପ ଅଭିଯୋଗ

**କୋରେଇ,୧୪।୭(ସ୍ୱ.ପ୍ର.)**

କୋରେଇ ବ୍ଲକରେ ଫନୀରେ ସାମାନ୍ୟ କ୍ଷୟକ୍ଷତି ହୋଇଥିଲାବେଳେ ବ୍ଲକ ଅଞ୍ଚଳରେ ଥିବା ସମସ୍ତ ପଞ୍ଚାୟତରେ ବୟସ୍କଙ୍କ ମୁଣ୍ଡପିଛା ୩ କେଜି ଓ ଛୋଟ ପିଲାଙ୍କ ମୁଣ୍ଡପିଛା ୧.୫ କେଜି ଚାଉଳ ୩ ଦିନ ପାଇଁ ଦିଆଯାଇଥିଲା। କିନ୍ତୁ କୌଣସି ସ୍ଥାନରେ ରନ୍ଧାଖାଦ୍ୟ ଦିଆଯିବାର ସୂଚନା ମିଳି ନ ଥିବାବେଳେ ବ୍ଲକ ପ୍ରଶାସନ ତରଫରୁ ସମସ୍ତ ପଞ୍ଚାୟତରେ ରନ୍ଧାଖାଦ୍ୟ ଯୋଗାଇବା ବାବଦରେ ମୋଟ ୩ ଲକ୍ଷ ୬୫ ହଜାର ୩୪୦ ଟଙ୍କା ଖର୍ଚ୍ଚ କରାଯାଇଥିବା ବିଲ୍‌ରେ ଦର୍ଶାଯାଇଛି।

ପାଣିକୋଇଲି ପଞ୍ଚାୟତର ଜଗବନ୍ଧୁ ନୋଡାଲ ହାଇସ୍କୁଲରେ ୧୯୪ ଜଣଙ୍କୁ ରାନ୍ଧାଖାଦ୍ୟ ଦିଆଯାଇ ୨୧ ହଜାର ୯୯୦ ଟଙ୍କା, ବନ୍ଦାଳ ପଞ୍ଚାୟତ ଅଫିସଠାରେ ୧୦୬ ଜଣଙ୍କୁ ରଖାଯାଇ ରନ୍ଧାଖାଦ୍ୟ ବାବଦକୁ ୧୧ ହଜାର ୩୪୦ଟଙ୍କା, ରଣପୁର ପଞ୍ଚାୟତର ସାଇକ୍ଲୋନସେଣ୍ଟରରେ ୧୯୯ ଜଣଙ୍କ ପାଇଁ ୧୧ ହଜାର ୪୩୦, ସାଆଁଳା ପ୍ରାଇମେରୀ ସ୍କୁଲଠାରେ ୯୮ ଜଣଙ୍କ ପାଇଁ ୫ ହଜାର ୬୧୦ ଟଙ୍କା ବିଲ୍‌ରେ ଦର୍ଶାଯାଇଛି। ସେହିପରି ତୁଳତୀ ପଞ୍ଚାୟତ ଅଫିସରେ ୧୫୭ ଜଣଙ୍କ ପାଇଁ ୮ ହଜାର ୯୨୫, ରେହେମାନପୁର ତୁଳତୀ ସ୍କୁଲରେ ୧୬୨ ଜଣଙ୍କ ପାଇଁ ୯ ହଜାର ୫, ସୁନ୍ଦରପୋଖରୀ ସ୍କୁଲ ୫୦ ଜଣଙ୍କ ପାଇଁ ୨ହଜାର ୭୭୫, ଏମଡି ହୁସେନପୁର କପିଳେଶ୍ୱର ସ୍କୁଲରେ ୩୮ ଜଣଙ୍କ ପାଇଁ ୨୧୩୦, ପିମ୍ପଳ ଅଙ୍ଗନୱାଡ଼ିରେ ୫୫ ଜଣଙ୍କ ପାଇଁ ୩ ହଜାର ଟଙ୍କାର ବିଲ୍ କରାଯାଇଛି। ଗୋବର ଗଳି ସ୍କୁଲରେ ୨୮ ଜଣଙ୍କ ପାଇଁ ୧୫୩୦, କୋ ଗାଁ ସ୍କୁଲରେ ୨୮୨୦, ରଘୁନାଥପୁର ଅଙ୍ଗନୱାଡିରେ ୩୦୦୦, କନ୍ତୋର ଅଙ୍ଗନୱାଡିରେ ୩୨୨୫ ଟଙ୍କା, କନ୍ତୋର ପିଓ କ୍ୱାର୍ଟରରେ ୨୪୦୦ ଟଙ୍କା, ଗଜେନ୍ଦ୍ରପୁର ପ୍ରାଇମେରୀ ସ୍କୁଲରେ ୨୨୫୦, ଉପୁଳେଇ ସ୍କୁଲରେ ୨୦ ହଜାର ୪୦, ତଳଗଡ ସ୍କୁଲରେ ୨୧ହଜାର, ନଘୁଆଁ ବ୍ରାହ୍ମଣଦେବୀ ନୋଡାଲ ସ୍କୁଲରେ ୫୫୫୦ ଟଙ୍କାର ରନ୍ଧାଖାଦ୍ୟ ଦିଆଯାଇଥିବା ବିଲ୍ କରାଯାଇଛି। ମୂଳାପାଳ ଜିପି ଅଫିସରେ ୭୭୨୫ଟଙ୍କା, ବରୁଣ୍ଡେଇ ପିକେ ମହାବିଦ୍ୟାଳୟରେ ୪୦୫୦, ବରୁଣ୍ଡେଇ ବାଳିକା ବିଦ୍ୟାଳୟରେ ୧୪୨୫, ବରୁଣ୍ଡେଇ ୟୁପି ସ୍କୁଲରେ ୨୦୨୫, ରାମକୃଷ୍ଣପୁର ହାଇସ୍କୁଲରେ ୪୭୪୦, ଅସନଝର ପଞ୍ଚାୟତ କାର୍ଯ୍ୟାଳୟରେ ୫୨୯୫, ମଙ୍ଗଳପୁର ପ୍ରାଇମେରୀ ସ୍କୁଲରେ ୪୫୦୦, ନୟାହାଟପାଟଣା ପ୍ରାଇମେରୀ ସ୍କୁଲରେ ୩୮୨୫ଟଙ୍କା, ଗୌରପୁର ପ୍ରାଇମେରୀ ସ୍କୁଲରେ ୬୩୭୫ ଟଙ୍କାର ରନ୍ଧାଖାଦ୍ୟ ବଣ୍ଟନ କରାଯାଇଥିବା ବିଲ୍‌ରେ ଦର୍ଶାଯାଇଛି। ଏହିଭଳି ଭାବେ କୋରେଇ ବ୍ଲକର ବିଭିନ୍ନ ପଞ୍ଚାୟତରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଇଥିବା ଦର୍ଶାଇ ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରାଯାଇଥିବା ଆଲୋଚନା ହେଉଛି। କୋରେଇ ପଞ୍ଚାୟତ ସମିତି ଅଧ୍ୟକ୍ଷା ମାଳତି ଟୁଡୁ ଏଭଳି କୌଣସି ସ୍ଥାନରେ ରନ୍ଧାଖାଦ୍ୟ ଦିଆଯାଇଥିବାର ସୂଚନା ମିଳି ନ ଥିବା କହିଛନ୍ତି। ଏ ବିଷୟରେ କୋରେଇ ବିଡିଓ ଉମାକାନ୍ତ ପରିଡାଙ୍କୁ ପଚାରିବାରୁ, ଖୁବ୍‌ଶୀଘ୍ର ଏହାର ତଦନ୍ତ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ପାଟକୁରା ରାଜନୈତିକ ହିଂସା

ପାଟକୁରା, ୧୪।୭ (ଡି.ଏନ୍.ଏ.): ପାଟକୁରା ଥାନା ଅଞ୍ଚଳରେ ରବିବାର ରାଜନୈତିକ ହିଂସା ଘଟିଛି। ପୂର୍ବାହ୍ନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପାଟକୁରା ଅଞ୍ଚଳକୁ ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ପାଇଁ ଆସିଥିଲେ। ଏହି ସମୟରେ ଦଳୀୟ କର୍ମୀମାନେ ସେହି ଅଞ୍ଚଳରେ ଥିବା ବିଜେଡି ଅଫିସ୍ ଆଗରେ ଗାଳି ଗୁଲଜ କରିଥିଲେ। ଏହାପରେ ଉଭୟ ବିଜେଡି ଓ ଭାଜପା କର୍ମୀଙ୍କ ମଧ୍ୟରେ ଯୁକ୍ତିତର୍କ ଓ ଗାଳିଗୁଲଜ ଲାଗିଥିଲା। ତେବେ ଏହି ଘଟଣାକୁ ନେଇ ଉଭୟ ଗୋଷ୍ଠୀ ସଦସ୍ୟ ବନ୍ତଳା ପ୍ରାଇମେରୀ ସ୍କୁଲ ନିକଟରେ ମୁହାଁ ମୁହିଁ ହୋଇଥିଲେ। ଉଭୟଙ୍କ ମାଧରେ ମାଡ଼ ମରାମରି ହୋଇଥିଲେ। ଖବରପାଇ ପାଟକୁରା ଥାନା ଏଏସ୍‌ଆଇ ରବୀନ୍ଦ୍ର କୁମାର ବେଉରିଆଙ୍କ ନେତୃତ୍ୱରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଉଭୟ ପକ୍ଷର ସଦସ୍ୟଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଏ ନେଇ ଗୋଟିଏ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିବା ବେଳେ ରିପୋର୍ଟ ଲେଖା ଯିବା ପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇ ନଥିବା ଜଣାପଡ଼ିଛି।

### ତମାଳଶାସନ ଦଧିବାମନ ଜୀଉଙ୍କ ନୀଳାଦ୍ରି ବିଜେ

କେନ୍ଦ୍ରାପଡ଼ା ଅଫିସ୍, ୧୪।୭:କେନ୍ଦ୍ରାପଡ଼ା ବ୍ଲକ ଚଉଦକୁଲାଟସ୍ଥିତ ତମାଳଶାସନ କ୍ଷେତ୍ରାଧିପତି ଶ୍ରୀଦଧିବାମନ ଜୀଉ ଘୋଷଯାତ୍ରା ଶେଷ କରି ଶୁକ୍ରବାର ମନ୍ଦିରରେ ପହଞ୍ଚିଥିଲେ। ତେବେ ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ନିଳାଦ୍ରୀ ବିଜେ ରବିବାର ସନ୍ଧ୍ୟାରେ ହୋଇଥିଲା। ଏହା ପୂର୍ବରୁ ସକାଳ ରୀତିନୀତି ଅନୁଯାୟୀ ରଥାରୂଢ଼ ଶ୍ରୀଜୀଉଙ୍କୁ ପ୍ରତ୍ୟୁଷରୁ ମଙ୍ଗଳଆଳତି କରାଯାଇଥିଲା। ବିଭିନ୍ନ ନୀତିକାନ୍ତି ପରେ ଗୋଟି ପହଣ୍ଡିରେ ମୁଖ୍ୟ ପୁରୋଧା ଉମାକାନ୍ତ ମିଶ୍ର, ବୃନ୍ଦାବନ ମିଶ୍ର, କାର୍ତ୍ତିକ ମିଶ୍ର, ପମୋଦ ମିଶ୍ର, ରାଜକିଶୋର ମିଶ୍ର, ସୁମନ୍ତ ମିଶ୍ର ପ୍ରମୁଖ ଠାକୁରଙ୍କୁ ମନ୍ଦିରକୁ ନେଇଥିଲେ। ତେବେପରମ୍ପରା ଅନୁସାରେ ମହାଲକ୍ଷ୍ମୀ ମନ୍ଦିର ମୁଖ୍ୟ କବାଟ ଦେଇ ପଥ ଅବରୋଧ କରିଥିଲେ। ଶ୍ରୀଜୀଉ ଓ ମାଆ ଲକ୍ଷ୍ମୀଙ୍କ ମଧ୍ୟରେ ବିଭିନ୍ନ ବଚନିକା ପରେ ମହାପ୍ରଭୁ ସାଙ୍ଗରେ ଆଣିଥିବା କଳାମେଘୀ ପାଟ ଓ ଅଳଙ୍କାର ଭେଟି ଦେଇ ମହାଲକ୍ଷ୍ମୀଙ୍କ ରୋଷ ଭଙ୍ଗ କରିଥିଲେ। ପରେ ଶ୍ରୀଜୀଉଙ୍କୁ ରତ୍ନବେଦୀକୁ ନିଆଯାଇ ବିଭିନ୍ନ ଉପଚାରରେ ପୂଜାର୍ଚ୍ଚନା କରାଯାଇଥିଲା। ତେବେ ଏହି ଅବସରରେ ଅଧରପଣା ଓ ମୁଠା ଗଜା ନୈବେଦ୍ୟ ହୋଇଥିଲା। ତମାଳଶାସନର ଏହି ରଥଯାତ୍ରାକୁ ଅଧିକ ଶୃଙ୍ଖଳିତ ପାଇଁ ମନ୍ଦିର କମିଟି ଓ ଦଧିବାମନ ଚେତନା ପରିଷଦ ପକ୍ଷରୁ କିଶୋର ଚନ୍ଦ୍ର ମିଶ୍ର, ଦେବାଶିଷ ମହାନ୍ତି, ଶ୍ରୀଧର ସ୍ୱାଇଁ, ଶରତ ଚନ୍ଦ୍ର ମିଶ୍ର, ତ୍ରିଲୋଚନ ମିଶ୍ର, ରମାକାନ୍ତ ମିଶ୍ର, ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗାଶିଷ ମହାନ୍ତି, ଚନ୍ଦନପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

### ରତ୍ନ ସିଂହାସନରେ ଶ୍ରୀଦଧିବାମନ ଜୀଉ

ଡେରାବିଶ, ୧୪।୭ (ସ୍ୱ.ପ୍ର.): ଡେରାବିଶର ପରମ ଆରାଧ୍ୟ ଶ୍ରୀଦଧିବାମନ ଜୀଉ ଘୋଷଯାତ୍ରା ପରେ ରବିବାର ସନ୍ଧ୍ୟାରେ ରତ୍ନ ସିଂହାସନକୁ ବିଜେ କରିଛନ୍ତି। ଏହି ଅବସରରେ ରଥାରୂଢ଼ ଶ୍ରୀଜୀଉଙ୍କୁ ଚାରମାଳ ଯୋଗେ ଅଣାଯାଇଥିଲା। ପରେ ମନ୍ଦିର ସେବାୟତ ମାନସ ରଞ୍ଜନ କର, ନାରାୟଣ ପଣ୍ଡା, ଗୋପାଳ ପଣ୍ଡା, ବଂଶୀଧର ପଣ୍ଡା, ଗୋବିନ୍ଦ ପଣ୍ଡା, ମୁରଲୀଧର ପଣ୍ଡା ପ୍ରମୁଖ ଗୋଟି ପହଣ୍ଡିରେ ଶ୍ରୀଜୀଉଙ୍କୁ ମନ୍ଦିରକୁ ଆଣିଥିଲେ। ମାଦଳା ପାଞ୍ଜି ବର୍ଣ୍ଣିତ ରୀତିନୀତି ଅନୁଯାୟୀ ମନ୍ଦିର ମୁଖ୍ୟଦ୍ୱାରକୁ ମହାଲକ୍ଷ୍ମୀ ବନ୍ଦ କରିଦେଇଥିଲେ। ବାହାରେ ମନ୍ଦିର ଭିତରକୁ ଯିବା ଅପେକ୍ଷାରେ ଥିବା ଶ୍ରୀଜୀଉ ସାଙ୍ଗରେ ଆଣିଥିବା ପାଟଲୁଗା ଓ ସ୍ୱର୍ଣ୍ଣ ଅଳଙ୍କାର ଆଣିଥିବା କହିବା ପରେ ଗୁମୁଟ ଖୋଲାଯାଇଥିଲା। ଏହି ବାଚନିକ କାର୍ଯ୍ୟକୁ ସେବାୟତ ରତ୍ନାକର ପଣ୍ଡା ପଢ଼ି ଶୁଣାଇଥିଲେ। ପରେ ଶ୍ରୀଜୀଉଙ୍କୁ ସିଂହାସନରେ ବିଜେ କରାଯାଇଥିଲା। ଘୋଷଯାତ୍ରାର ସୁପରିଚାଳନା ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ନାରାୟଣ ସାହୁ, ହରେକୃଷ୍ଣ ବାରିକ, ଗୋଲରହାଟ ସରପଞ୍ଚ ପ୍ରଭାତି ରାଉତ, ତ୍ରିଲୋଚନ ରାଉତ ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

## ଭାଜପା-ବିଜେଡି କଡ଼ା ମୁକାବିଲା

# ସହଜ ନୁହେଁ ପାଟକୁରା ଗାଦି

କେନ୍ଦ୍ରାପଡ଼ା ଅଫିସ୍, ୧୪।୭

୨୦୧୯ ସାଧାରଣ ନିର୍ବାଚନରେ କେବଳ କେନ୍ଦ୍ରାପଡ଼ା ଜିଲାର ୪ ବିଧାନସଭା ଆସନ ବିଜେଡି ହାତକୁ ଯାଇଥିବା ବେଳେ କେନ୍ଦ୍ରାପଡ଼ା ଲୋକ ସଭା ଆସନ ବି ବିଜେଡି ହାତେଇଛି। ଦୁଇ ଦୁଇ ଥର ପାଟକୁରା ନିର୍ବାଚନ ସ୍ଥଗିତ ରହିଥିବା ବେଳେ ଆସନ୍ତା ୨୦ରେ ନିର୍ବାଚନ ହେବ ବୋଲି ନିର୍ବାଚନ କମିଶନ ତାରିଖ ଘୋଷଣା କରିଛନ୍ତି। ତେବେ ନିର୍ବାଚନକୁ ଆଉ ମାତ୍ର ୫ ଦିନ ଥିବା ବେଳେ ଗାଦି ଅକ୍ତିଆର କରିବାକୁ ଭାଜପା ଓ ବିଜେଡି ସବୁ ପ୍ରକାର ରଣକୌଶଳ ଆପଣେଇଛନ୍ତି।

ପାଟକୁରା ବିଧାନସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କୁ ବହୁ ବ୍ୟବଧାନରେ ଜିତାଇବା ପାଇଁ ରାଜ୍ୟର ବିଜେଡି ନେତା ଓ ମନ୍ତ୍ରୀ ପାଟକୁରା ଅଞ୍ଚଳରେ ମାସାଧିକ କାଳ ଅସ୍ଥାୟୀ ଘର କରିଛନ୍ତି। ଗତ ଲୋକ ସଭା ନିର୍ବାଚନରେ ଏହି ବିଧାନସଭା ନିର୍ବାଚନମଣ୍ଡଳୀରୁ ବିଜେଡି ମାତ୍ର ୬ ହଜାର ଭୋଟ ଅଧିକ ପାଇଥିବାରୁ ଏହା ଏବେ ଦଳ ପାଇଁ ଚିନ୍ତାର କାରଣ ସାଜିଛି। ଦଳୀୟ ଅନ୍ତଃକନ୍ଦଳ, ବିଜୟଙ୍କ ପ୍ରତି ଲୋକଙ୍କ ସମର୍ଥନ, ପାଟକୁରା ଅଞ୍ଚଳର ସମସ୍ୟା ଆଦିର ସମାଧାନ ପାଇଁ ବିଜେଡିର ଷ୍ଟାର ପ୍ରଚାରକ ନବୀନ ପଟ୍ଟନାୟକ ପ୍ରଚାରର ଶେଷ ଦୁଇଦିନ ଅର୍ଥାତ୍ ଆସନ୍ତା ୧୭ ଓ ୧୮ ତାରିଖରେ ନିର୍ବାଚନମଣ୍ଡଳୀ ଗସ୍ତ କରି ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି। କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତିଙ୍କ ପାଇଁ ପିସିସି ପକ୍ଷରୁ ୪୦ଜଣିଆ ଷ୍ଟାର ପ୍ରଚାରକ ଟିମ୍ ଘୋଷଣା ହୋଇଥିଲେ ବି ମାତ୍ର ହାତଗଣତି କେତେଜଣ ଦଳୀୟ ନେତା ନିର୍ବାଚନମଣ୍ଡଳୀରେ ପହଞ୍ଚିଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ବିଜେଡି ଓ ଭାଜପା ମଧ୍ୟରେ କଡା ମୁକାବିଲା ହେବ ବୋଲି ରାଜନୈତିକ ବିଶ୍ଳେଷକ ମତ ବ୍ୟକ୍ତ କରିଛନ୍ତି। ହେଲେ ପାଟକୁରା ଗାଦି ହାତେଇବା ଉଭୟ ବିଜେଡି ଓ ଭାଜପା ପାଇଁ ଏତେ ସହଜ ହେବ ନାହିଁ ବୋଲି ରାଜନୈତିକ ବିଶ୍ଳେଷକମାନେ ମତବ୍ୟକ୍ତ କରିଛନ୍ତି।

ବିଶ୍ଳେଷକଙ୍କ ମତ ଅନୁସାରେ, ପାଟକୁରା ବିଧାନସଭା କ୍ଷେତ୍ରରୁ ବରିଷ୍ଠ ନେତା ବିଜୟ ମହାପାତ୍ର ୧୯୮୦ରୁ ୧୯୯୫ ମସିହା ପର୍ଯ୍ୟନ୍ତ ବିଧାୟକ ହୋଇଥିଲେ। ଏହି ସମୟରେ ଅଞ୍ଚଳର ବିକାଶ ପାଇଁ ବହୁ କାର୍ଯ୍ୟ କରିଥିଲେ। ତେବେ ୨୦୦୦ ମସିହାରୁ ଅଦ୍ୟାବଧି ବିଧାନସଭାକୁ ନିର୍ବାଚିତ ହୋଇପାରିନାହାନ୍ତି। ଭାଜପା ପ୍ରାର୍ଥୀ ଭାବେ ବିଜୟ ପାଟକୁରା ନିର୍ବାଚନମଣ୍ଡଳୀରୁ ବିଜେଡି ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ଓ ବେଦପ୍ରକାଶ ଅଗ୍ରୱାଲଙ୍କଠାରୁ ହାରିବା ପରେ ୨୦୧୪ରେ ମହାକାଳପଡାରୁ ମଧ୍ୟ ହାରିଥିଲେ। ଏଥର ବିଜୟ ପୁଣି ପାଟକୁରା କ୍ଷେତ୍ରରୁ ନିର୍ବାଚନ ଲଢୁଛନ୍ତି। ଦୀର୍ଘ ବର୍ଷ ଧରି ନିର୍ବାଚନ ରଣାଙ୍ଗନରେ ପରାସ୍ତ ହେଉଥିବା ବିଜୟଙ୍କୁ ବିଜୟୀ କରିବା ପାଇଁ ପାଟକୁରାବାସୀଙ୍କର ସମବେଦନା ବଢୁଛି। ଅପରପକ୍ଷରେ ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲ ହେଉଛନ୍ତି ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବେଦପ୍ରକାଶ ଅଗ୍ରୱାଲଙ୍କ ସ୍ତ୍ରୀ। ସ୍ୱର୍ଗତ ଅଗ୍ରୱାଲ ବିଜୁବାବୁଙ୍କ ଘନିଷ୍ଠ ସହଯୋଗୀ ଥିଲେ। ସେ ବିଧାୟକ ଭାବେ ୪ ଥର କେନ୍ଦ୍ରାପଡ଼ା ଆସନରୁ ବିଜୟୀ ହୋଇଛନ୍ତି। ତେବେ କେନ୍ଦ୍ରାପଡା ବିଧାନସଭା ଆସନ ସଂରକ୍ଷିତ ହେବା ପରେ ୨୦୦୯ ଓ ୨୦୧୪ ସାଧାରଣ ନିର୍ବାଚନରେ ସ୍ୱର୍ଗତ ଅଗ୍ରୱାଲ ପାଟକୁରାରୁ ନିର୍ବାଚିତ ହୋଇଥିଲେ। ଏହି ସମୟରେ ପାଟକୁରା ଅଞ୍ଚଳର ଗମନାଗମନ, ଶିକ୍ଷା, କୃଷିକୁ ସେ ଗୁରୁତ୍ୱ ଦେଇଥିଲେ। ବେଦପ୍ରକାଶଙ୍କ ସ୍ତ୍ରୀ ସାବିତ୍ରୀ ଚଳିତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଥିବାରୁ ଭାଜପା ଓ ବିଜେଡି ଉଭୟଙ୍କ ପାଇଁ ଏହି ଆସନ ହାତେଇବା କଷ୍ଟକର ବ୍ୟାପାର ହେବ ବୋଲି ବିଶ୍ଳେଷକମାନେ ପ୍ରକାଶ କରିଛନ୍ତି। ଉଭୟ ଦଳର ଷ୍ଟାର ପ୍ରଚାରକ ଏବେ ରଣକୌଶଳକୁ କିଭଳି ସଫଳ କରାଉଛନ୍ତି, ତାହା ନିର୍ବାଚନ ଫଳାଫଳରୁ ଜଣାପଡିବ ବୋଲି ସେମାନେ ମତ ଦେଇଛନ୍ତି।

## ପଟ୍ଟାମୁଣ୍ଡାଇ ମହିଳା କଲେଜ ଜୁନିଅର କ୍ଲର୍କ ନିଲମ୍ବିତ

କେନ୍ଦ୍ରାପଡା ଅଫିସ, ୧୪।୭

ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟରେ ଆର୍ଥିକ ଅନିୟମିତତା ହୋଇଛି। ଏ ସମ୍ପର୍କରେ ଏଡିଏମ୍ ତଥା କଲେଜ ପରିଚାଳନା ସଭାପତି ବସନ୍ତ ରାଉତଙ୍କ ନିର୍ଦ୍ଦେଶ କ୍ରମେ ଜୁନିଅର କ୍ଲର୍କ ତପନ କୁମାର ଦାସଙ୍କୁ ଭାରପ୍ରାପ୍ତ ଅଧ୍ୟକ୍ଷା ପ୍ରଭାତୀ ପଡ଼ିଆରୀ ଗତ ୧୩ ତାରିଖରେ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଏଡିଏମ୍ ରାଉତଙ୍କ ନିର୍ଦ୍ଦେଶାନାମା ୭୫୭୧ ଅନୁଯାୟୀ, ଏହି କଲେଜର ଅର୍ଥନୀତି ଅଧ୍ୟାପିକା ରୀତା ଦାସଙ୍କ ଦରମା ମ୍ୟାନେଜମେଣ୍ଟ ଆର୍ଥିକ ପାଣ୍ଠିରୁ ଭରଣା ହୋଇଛି। ଏହି ନିର୍ଦ୍ଦେଶନାମା ପାଇବା ପରେ ଜୁନିଅର କ୍ଲର୍କ ଦାସଙ୍କୁ ଅଧ୍ୟକ୍ଷା ନିଲମ୍ବିତ କରିଛନ୍ତି। ଏ ସମ୍ପର୍କରେ ଜୁନିଅର କ୍ଲର୍କ ଦାସ କହିଛନ୍ତି, କଲେଜରେ ଆର୍ଥିକ ଅନିୟମିତତା ହୋଇନାହିଁ। ତେବେ ଭୁଲରେ ବ୍ଲକ ଗ୍ରାଣ୍ଟ ବଦଳରେ ମ୍ୟାନେଜମେଣ୍ଟ ପାଣ୍ଠିରୁ ଏହା ଭରଣା କରାଯାଇଥିବା ସେ କହିଛନ୍ତି।

## ପାଟକୁରାରେ ବିଜେଡି ଷ୍ଟାର ପ୍ରଚାରକଙ୍କ ଭିଡ଼

ଡେରାବିଶ, ୧୪।୭ (ସ୍ୱ.ପ୍ର.)



ସମାବେଶରେ ଦଳୀୟ ପ୍ରାର୍ଥୀ ଓ ନେତୃବୃନ୍ଦ।

ପାଟକୁରା ବିଧାନସଭା ଆସନର ବିଜେଡି ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କ ପାଇଁ ପ୍ରଚାର କରିବାକୁ ପାଟକୁରାରେ ପହଞ୍ଚିଛନ୍ତି ଦଳର ଷ୍ଟାର ପ୍ରଚାରକ। ଏହି ଅବସରରେ ଲକ୍ଷ୍ମୀନାରାୟଣପୁର, ନରସିଂହପୁର ଓ ଏଣ୍ଡରରେଠାରେ ରବିବାର ବିଜେଡିର କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଲକ୍ଷ୍ମୀନାରାୟଣପୁରର ନୁଆହାଟ ଖେଳପଡିଆଠାରେ ଅନୁଷ୍ଠିତ କର୍ମୀ ସମାବେଶରେ ପର୍ଯ୍ୟବେକ୍ଷକ ବିଧାୟକ ରାଜକିଶୋର ଦାସ ଅଧ୍ୟକ୍ଷତା କରିଥିଲେ। ଏଥିରେ ଦଳୀୟ ପ୍ରାର୍ଥୀ ଅଗ୍ରୱାଲ, ଆଳି ବିଧାୟକ ପ୍ରତାପ କେଶରୀ ଦେବ, ପ୍ରାକ୍ତନ ମନ୍ତ୍ରୀ ଦେବୀ ମିଶ୍ର ଓ ସଞ୍ଜୟ ଦାସବର୍ମା, ବିଧାୟକ ରାଜେନ୍ଦ୍ର ସାହୁ, ପ୍ରାକ୍ତନ ବିଧାୟକ ଉତ୍କଳ କେଶରୀ ପରିଡ଼ା, ଭଦ୍ରକ ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ରାଜ୍ୟ ବିଜେଡି ମହିଳା ସଭାନେତ୍ରୀ ମିନତି ବେହେରା, ଉପସଭାନେତ୍ରୀ ରୋସ୍ନା ସାହୁ ପ୍ରମୁଖ ଯୋଗଦେଇ ପାଟକୁରାର ବିକାଶ ପାଇଁ ଦଳ ସଂକଳ୍ପ ନେଇଥିବା ଦଳୀୟ ନେତୃବୃନ୍ଦ ମତଦେବା ସହ ବିଜେଡି ପ୍ରାର୍ଥୀ ଅଗ୍ରୱାଲଙ୍କୁ ଜିତାଇବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲକ୍ଷ୍ମୀନାରାୟଣପୁର ସରପଞ୍ଚ ମହେନ୍ଦ୍ର କୁମାର ସିଂହ, ମନୋରମା ସାହୁ, ମଧୁମିତା ଅଗ୍ରୱାଲ ବକ୍ତବ୍ୟ ରଖିଥିଲେ।

ସେହିପରି ନରସିଂହପୁର ପଞ୍ଚାୟତର ତିଲଙ୍ଗସ୍ଥିତ ପିଙ୍ଗଳେଶ୍ୱରୀ ଠାକୁରାଣୀଙ୍କ ପୀଠରେ ଅନୁଷ୍ଠିତ ପଞ୍ଚାୟତସ୍ତରୀୟ କର୍ମୀ ସମାବେଶରେ ପୂର୍ବତନ ସରପଞ୍ଚ ଅକ୍ଷୟ କୁମାର ଖଟୁଆ ଅଧ୍ୟକ୍ଷତା କରିଥିଲେ। ଏଥିରେ ମନ୍ତ୍ରୀ ଅରୁଣ ସାହୁ, ଦଳୀୟ ପ୍ରାର୍ଥୀ ଅଗ୍ରୱାଲ, ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ, ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ପର୍ଯ୍ୟବେକ୍ଷକ ସୁବାସ ସିଂ, ବ୍ଲକ ବିଜେଡି ସଭାପତି ଦେବାଶିଷ ଆଚାର୍ଯ୍ୟ, ସରପଞ୍ଚ କମଳାପ୍ରଭା ଖଟୁଆ ଓ ସମିତିସଭ୍ୟା ରଞ୍ଜିତା ବେହେରା ପ୍ରମୁଖ ଯୋଗଦେଇଥିଲେ। ଏଣ୍ଡର ପଞ୍ଚାୟତର ଓଳକଣା ମେଳଣ ପଡିଆଠାରେ ଅନୁଷ୍ଠିତ କର୍ମୀ ସମାବେଶରେ ଦଳୀୟ ପର୍ଯ୍ୟବେକ୍ଷକ ଜଗନ୍ନାଥ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଦଳୀୟ ପ୍ରାର୍ଥୀ ଅଗ୍ରୱାଲଙ୍କ ସମେତ କେନ୍ଦ୍ରାପଡ଼ା ଏମ୍‌ପି ଅନୁଭବ ମହାନ୍ତି, ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା, ବିଧାୟକ ରାଜକିଶୋର ଦାସ, ଅମ୍ବିକା ଅଞ୍ଜଳୀ ସିଂହ, ଭାର୍ଗବି ସିଂହ, ରାଜକିଶୋର ମଲ୍ଲ, ଶୈଳେନ୍ଦ୍ର ଜେନା ଯୋଗଦେଇ ସାବିତ୍ରୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ।

## ଟିଟୋ ଗ୍ୟାଙ୍ଗ ବିରୋଧରେ ଅଭିଯୋଗ

କେନ୍ଦ୍ରାପଡା ଅଫିସ, ୧୪।୭

ଶନିବାର ସନ୍ଧ୍ୟାରେ ସହରର ଦଣ୍ଡାମୁଣ୍ଡ ଛକରେ ହୋଇଥିବା ଗୁଳିମାଡ଼ ଘଟଣାରେ ଟିଟୋ ଗ୍ୟାଙ୍ଗର ହାତ ଅଛି। ତିନିମୁହାଣି ବଜାର ବ୍ୟବସାୟୀଙ୍କୁ ଏହି ଗ୍ୟାଙ୍ଗର ସଦସ୍ୟମାନେ ଦାଦାବଟି ମାଗୁଥିଲେ। ଏହାକୁ ବଜାର କମିଟି ସଭାପତି ବିବେକାନନ୍ଦ ମହାରଣା ବିରୋଧ କରିବାରୁ ତାଙ୍କୁ ଗୁଳିମାଡ଼ ହୋଇଛି। ତିନିମୁହାଣୀ ଛକ ବ୍ୟବସାୟୀ ସଂଘ ପକ୍ଷରୁ ଏ ନେଇ ଥାନାରେ ଅଭିଯୋଗ ହୋଇଛି। ଘଟଣା ଘଟିବାର ୨୪ ଘଣ୍ଟା ପରେ ଏ ନେଇ ଏକ ଲିଖିତ ପତ୍ର ଏସ୍‌ପିଙ୍କୁ ଦିଆଯାଇଛି। ଏ ସମ୍ପର୍କରେ ଏସ୍‌ପି ନୀତିଶେଖର କହିଛନ୍ତି, ଅଭିଯୋଗ ପତ୍ର ମିଳିଛି। ଟାଉନ ପୋଲିସକୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଭାଜପାରେ ମିଶିଲେ ୫୦ରୁ ଊର୍ଦ୍ଧ୍ୱ କର୍ମୀ


ମିଶ୍ରଣ ପର୍ବରେ ଭାଜପା ନେତୃବୃନ୍ଦ ଓ ନୂତନ ସଦସ୍ୟ।

କେନ୍ଦ୍ରାପଡ଼ା ଅଫିସ୍, ୧୪।୭

ସହରର କାକଟ ଲକ୍‌ସ୍ଥିତ ଏକ କଲ୍ୟାଣ ମଣ୍ଡପଠାରେ ରବିବାରଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ଜିଲା ସଭାପତି ଦୁର୍ଯ୍ୟୋଧନ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ତଥା ଏମ୍‌ପି ବସନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜଳପୋକ ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ ବିଜେଡି ଓ କଂଗ୍ରେସ କର୍ମୀ ଓ ନେତା ଦଳ ଛାଡ଼ି ଭାଜପାରେ ଯୋଗ ଦେଇଥିଲେ। ଏହି ଅବସରରେ ରାଜ୍ୟ ସଭାପତି ପଣ୍ଡା ପ୍ରକାଶ କରିଥିଲେ ଯେ, ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ବିଜୟକୁ ପାଟକୁରାବାସୀ ସ୍ୱାଭିମାନ ଓ ସମ୍ମାନର ବିଜୟ ବୋଲି ଧରି ନେଇଛନ୍ତି। ବିଧାନସଭାରେ ବିଜୟଙ୍କ ଉପସ୍ଥିତି ଫଳରେ ଏହି ଅଞ୍ଚଳର ବିକାଶର ଧାରା ଆଗେଇ ପାରି। ଶାସକ ଦଳର ଅର୍ଥ ଓ ବାହୁ ବଳ ଏହି ନିର୍ବାଚନରେ କାର୍ଯ୍ୟ କରିବ ନାହିଁ ବୋଲି ପଣ୍ଡା ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଭାପତି ଗଣେଶ ଚନ୍ଦ୍ର ସାମଲ, ଗଣେଶ ଚନ୍ଦ ପ୍ରମୁଖ ସାମିଲ ହୋଇଥିଲେ।

## ରଘୁନାଥ ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ


ରଥାରୂଢ଼ ଶ୍ରୀବଳଦେବଜୀଉଙ୍କ ରଘୁନାଥ ବେଶ।

କେନ୍ଦ୍ରାପଡା ଅଫିସ, ୧୪।୭

୯ଦିନ ବ୍ୟାପୀ ଚାଲିଥିବା ରଥଯାତ୍ରା ଶେଷ ହୋଇଥିବା ବେଳେ ନିଳାଦ୍ରୀ ବିଜେ କରିଛନ୍ତି ତୁଳସୀ କ୍ଷେତ୍ରର କ୍ଷେତାଧିପତି। ରତ୍ନ ସିଂହାସନକୁ ବିଜେ କଲା ପୂର୍ବରୁ ରଥ ଉପରେ ରଘୁନାଥ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଛନ୍ତି ଶ୍ରୀବଳଦେବ ଜୀଉ। ଏହି ଉପଲକ୍ଷେ ପ୍ରତ୍ୟୁଷରୁ ଶ୍ରୀଜୀଉଙ୍କ ମଙ୍ଗଳଆଳତି ଓ ନୀତିସ୍ନାନ ବଢ଼ିଲା ପରେ ରଥ ଉପରେ ଠାକୁରଙ୍କୁ ରଘୁନାଥ ବେଶ କରାଯାଇଥିଲା। ରଥାରୂଢ଼ ଶ୍ରୀ ଜଗନ୍ନାଥ ଶ୍ରୀରାମ ବେଶ ହୋଇଥିବା ବେଳେ ବଡଭାଇ ଶ୍ରୀବଳଦେବଙ୍କୁ ଜୀଉ ସାନୁଜ ଲକ୍ଷ୍ମଣ ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶରେ ଶ୍ରୀଜୀଉଙ୍କ ଉଭୟ ପାର୍ଶ୍ୱରେ ହନୁମାନ, ଅଙ୍ଗଦ, ନଳ, ନୀଳ, ସୁଶେଣ, ଜାମ୍ବବାନ ଆଦି କାଷ୍ଠ ନିର୍ମିତ ମୂର୍ତ୍ତି ଶୋଭା ପାଉଥିଲେ। ଶ୍ରୀଜୀଉଙ୍କ ଶ୍ରୀଚରଣ ଓ ଶ୍ରୀଭୂଜ ଲାଗି କରାଯାଇ ପଦ୍ମ ଫୁଲ ଉପରେ ଉପବେସନ କରାଯାଇଥିଲା। ଶ୍ରୀ ବଳଦେବ ଓ ଶ୍ରୀ ଜଗନ୍ନାଥ ବାମ ହସ୍ତରେ ଧନୁ ଧରିଥିବା ବେଳେ ଦକ୍ଷିଣ ହସ୍ତରେ ଶର ଧରିଥିଲେ। ଶ୍ରୀମୁଖରେ ମଣ୍ଡଳ ମୁକୁଟ ଲାଗି ହୋଇ କରାଯାଇଥିଲା।

ଅପରାହ୍ନରେ ବ୍ରହ୍ମ ତାଳଧ୍ୱଜ ରଥରୁ ଘୋଡ଼ା ଅପସାରଣ କରାଯାଇ ଚାରମାଳ ବନ୍ଧାଯାଇ ଥିଲା। ସନ୍ଧ୍ୟାରେ ଶ୍ରୀରଘୁନାଥ ବେଶ ଉଲାଗି ପରେ ଦିଅଁଙ୍କ ନିକଟରେ ଅଧରପଣା ନୀତି ଅନୁଷ୍ଠିତ ହୋଇଥିଲା। ତୁଳସୀକ୍ଷେତ୍ର ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ଅଧର ସ୍ପର୍ଶ କରୁଥିବା ପିତଳ ନିର୍ମିତ ଏକ ହଣ୍ଡାରେ କ୍ଷୀର, ଛେନା, ଲହୁଣୀ, ନବାତ ଆଦିରେ ପ୍ରସ୍ତୁତ ପଣା ଲାଗି କରାଯାଇଥିଲା। ଏହି ପଣା ନୈବିଦ୍ୟ ପରେ ଏକ ମାଟି ପାତ୍ରରେ ରଖି ରଥ ଉପରେ ଭଙ୍ଗା ଯାଇଥିଲା। ଲୋକଥା ଅଛି ଯେ, ବିଭିନ୍ନ ଅଶରୀରିଙ୍କୁ ସନ୍ତୁଷ୍ଟ କରିବା ନିମନ୍ତେ ଏହି ପଣାକୁ ରଥରେ ଭଙ୍ଗା ଯାଇ ଅର୍ପଣ କରାଯାଇଥାଏ। ପରେ ଶ୍ରୀଜୀଉଙ୍କୁ କାଠି ମୁକୁଟ ଲାଗି କରାଯାଇଥିଲା। ତେବେ ଏହାର କିଛି ସମୟ ପରେ ପରମ୍ପରା ଅନୁଯାୟୀ ଚାରମାଳ ଉପରେ ବଡ଼ ଟାହିଆ ଲାଗି କରାଯାଇଥିଲା। ଏହି ସମୟରେ ମନ୍ଦିର ଚତୁଃପାର୍ଶ୍ୱରେ ବିଭିନ୍ନ ଆତସବାଜୀ ପ୍ରଦର୍ଶନ ସହ ସଂକୀର୍ତ୍ତନ, ଘଣ୍ଟୁଆ ନାଚ, ଗୋଟିପୁଅ ନାଚ ଇତ୍ୟାଦି ପରିବେଷଣ କରାଯାଇଥିଲା। ମନ୍ଦିରକୁ ବିଭିନ୍ନ ଫୁଲ ଓ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ଶ୍ରୀଜୀଉ ମାନେ ଝୁଲିଝୁଲି ବାଟଦେଉଳ ଦେଇ ମନ୍ଦିର ଭିତରକୁ ପ୍ରବେଶ କରିଥିଲେ। ଏହାପରେ ଦେବୋତ୍ତର ବିଭାଗ ପକ୍ଷରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପଂକ୍ତି ଭୋଗ ଅର୍ପଣ କରାଯାଇଥିଲା। ଜଗମୋହନ ଗୁମୁଟ ଦେଇ ବଡ଼ଭାଇ ଶ୍ରୀବଳଭଦ୍ର ଓ ଭଉଣୀ ସୁଭଦ୍ରା ମନ୍ଦିର ପ୍ରବେଶ କରିବା ପରେ ମାଆ ଲକ୍ଷ୍ମୀ ଶ୍ରୀ ଜଗନ୍ନାଥଙ୍କ ପାଇଁ ଦ୍ୱାର କିଳି ଦେଇଥିଲେ। ଉଭୟ ପକ୍ଷରୁ ସେବାୟତ ମାନେ ବଚନିକା ଜରିଆରେ ମାଆ ଲକ୍ଷ୍ମୀଙ୍କୁ ମନେଇବା ପାଇଁ ଚେଷ୍ଟା କରିଥିଲେ। ଶେଷରେ ଶ୍ରୀ ଜଗନ୍ନାଥଙ୍କ ତରଫରୁ ସ୍ୱର୍ଣ୍ଣ ଅଳଙ୍କାର ଓ ପାଟବସ୍ତ୍ର ପ୍ରଦାନ ପରେ ଗୁମୁଟ ଦ୍ୱାର ଫିଟିଥିଲା। ଚତୁର୍ଦ୍ଧା ମୂର୍ତ୍ତି ରତ୍ନ ସିଂହାସନରେ ଅଧିଷ୍ଠିତ ହେବା ପରେ ଅନ୍ୟାନ୍ୟ ନୀତିକାନ୍ତି ହେବ ବୋଲି ମନ୍ଦିର ସୁପର ଭାଇଜର ନୃସିଂହ ଚରଣ ପତ୍ରୀ ସୂଚନା ଦେଇଛନ୍ତି।

## ‘କେନ୍ଦ୍ରୀୟ ଅନୁଦାନର ହିସାବ ମାଗିବେ ବିଜୟ’

ପାଟକୁରା, ୧୪।୭ (ଡି.ଏନ୍.ଏ.)


ରୋଡ୍ ଶୋରେ ବିଜୟଙ୍କ ସହିତ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ପାଟକୁରା ବିଧାନସଭା ଆସନ ନିର୍ବାଚନକୁ ଆଉ ମାତ୍ର ୫ ଦିନ ବାକି ଅଛି। ଫଳରେ ନିର୍ବାଚନମଣ୍ଡଳୀରେ ପ୍ରଚାର କାର୍ଯ୍ୟ ଜୋରଦାର ହେଉଥିବା ଦେଖାଯାଉଛି। ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ପାଇଁ ରବିବାର ମାରାଥନ ପ୍ରଚାର କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, ବିଜୟଙ୍କ ପ୍ରତି ପାଟକୁରାବାସୀଙ୍କର ଅହେତୁକ ସମର୍ଥନ ରହିଛି। ବିଜୟ ବିଧାୟକ ହୋଇ ବିଧାନସଭା ଗଲେ କେନ୍ଦ୍ରରୁ ଆସୁଥିବା ଟଙ୍କାର ହିସାବ ରାଜ୍ୟ ସରକାରଙ୍କୁ ମାଗିବେ। ଫଳରେ ଗାଁ ଗଣ୍ଡାର ଲୋକମାନେ ମଧ୍ୟ ଏହାର ହିସାବ ପାଇପାରିବେ। ଦୀର୍ଘ ୨୦ବର୍ଷ ଧରି ରାଜ୍ୟରେ ଗୋଟିଏ ଦଳ ଶାସନ କରୁଥିବା ବେଳେ ଗରିବ ଲୋକଙ୍କ ସମସ୍ୟାର ସମାଧାନ କରିପାରିନହାନ୍ତି ବୋଲି ଧର୍ମେନ୍ଦ୍ର କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ପାଟକୁରାବାସୀଙ୍କର ଯଥେଷ୍ଟ ଭରସା ରହିଛି, ଯାହାଫଳରେ ସେମାନେ ବିଜୟଙ୍କୁ ବିଜୟୀ କରାଇ ବିଧାନସଭାକୁ ପଠାଇବେ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏକ ରୋଡ ଶୋରେ ସ୍ଥାନୀୟ ମଧୁ ପଞ୍ଚାୟତରୁ ବାହାରି ବଡ଼ବେତରା, ଭଗବାନପୁର, ସାନଅଡ଼ଙ୍ଗା, ତିକନପୁର ଦେଇ ନଡ଼ିଆବରାଇଠାରେ ପହଞ୍ଚିଥିଲେ। ରୋଡ ଶୋ ବେଳେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ବିଭିନ୍ନ ସ୍ଥାନରେ ରହି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ସହ ବିଜୟଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ଏହି ରୋଡ ଶୋରେ ମାନସ ମହାନ୍ତି, ସନ୍ତୋଷ ଜେନା, ପ୍ରସନ୍ନ ପଣ୍ଡା, ଅମିୟ ପରିଜାଙ୍କ ସମେତ ଦଳର ଶତାଧିକ ଛାମୁଆ କର୍ମୀ ସାମିଲ ହୋଇଥିଲେ।

# ବିନା ଏନ୍‌ଓସିରେ ଚାଲୁଛି ସ୍କୁଲ

ମହାକାଳପଡା, ୧୪।୭ (ଡି.ଏନ୍.ଏ.)

- ୧୨ ସ୍କୁଲକୁ ମିଳିନି ଏନ୍‌ଓସି
- ୩୩ ସ୍କୁଲକୁ କାରଣ ଦର୍ଶାଅ ନୋଟିସ୍

ସରକାରୀ ବିଦ୍ୟାଳୟରେ ଶିକ୍ଷାର ମାନ କମୁଥିବାରୁ ଅଭିଭାବକ ଓ ପିଲାମାନେ ମଧ୍ୟ ବେସରକାରୀ ସ୍କୁଲରେ ପାଠ ପଢ଼ିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଏହାର ଲାଭ ଉଠାଇ ମାଳ ମାଳ ବେସରକାରୀ ସ୍କୁଲ ଖୋଲୁଛି। ସୁଦୃଢ଼ ଭିତ୍ତିଭୂମି ଥିବା ସ୍କୁଲକୁ ସରକାରଙ୍କ ପକ୍ଷରୁ ଏନ୍‌ଓସି (ନୋ ଅବଜେକଶନ ସାର୍ଟିଫିକେଟ୍) ପ୍ରଦାନ କରାଯାଉଛି। ସ୍କୁଲ ଚତୁଃପାର୍ଶ୍ୱ ପାଚେରୀ, ଶୌଚାଳୟ, ପାନୀୟ ଜଳ ସୁବିଧା, ବିଦ୍ୟୁତିକରଣ, ଅଗ୍ନିନିର୍ବାପକ ବ୍ୟବସ୍ଥା ସହ ଉକ୍ତ ସ୍କୁଲରେ ପଢ଼ାଉଥିବା ଶିକ୍ଷୟିତ୍ରୀଶିକ୍ଷକମାନେ ଓଟିଇଟି ଯୋଗ୍ୟତା ହାସଲ କରିଥିବା ଆବଶ୍ୟକ। ତା’ହେଲେ ହିଁ ସେହି ସ୍କୁଲକୁ ଏନ୍‌ଓସି ପ୍ରଦାନ କରାଯିବ ବୋଲି ସରକାରୀ ନିୟମ ରହିଛି।

ମହାକାଳପଡ଼ା ବ୍ଲକ ଅଞ୍ଚଳରେ କେତେକ ସ୍କୁଲ ଏନ୍‌ଓସି ନ ପାଇ ଚାଲୁଥିବା ଜଣାପଡ଼ିଛି। ବ୍ଲକ ଅଞ୍ଚଳରେ ମୋଟ ୩୩ ବେସରକାରୀ ସ୍କୁଲ ରହିଥିବା ବେଳେ ସେଥିମଧ୍ୟରୁ ୧୨ଟିକୁ ଏନ୍‌ଓସି ପ୍ରଦାନ କରାଯାଇନାହିଁ। ଆବଶ୍ୟକ ଭିତ୍ତିଭୂମି ନଥିବାରୁ ଉକ୍ତ ସ୍କୁଲଗୁଡ଼ିକୁ ଏନ୍‌ଓସି କରାଯାଇ ନଥିବା ବେଳେ ସେହି ସ୍କୁଲଗୁଡ଼ିକରେ ପ୍ରାୟ ୧୫ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଉକ୍ତ ସ୍କୁଲଗୁଡ଼ିକୁ ଏବେ ଜିଲା ପ୍ରଶାସନ ପକ୍ଷରୁ ୩୩ଟି ଯାକ ସ୍କୁଲକୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଗତ ଜୁନ୍ ୨୭ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଚିଠି ନଂ. ୧୧୨୧/୨୭।୬।୧୯ ଯୋଗେ ସମସ୍ତ ସ୍କୁଲକୁ ନୋଟିସ ଦିଆଯାଇ ୧୫ ଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ବଡ଼କୂଳସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର, ବିଜୟନଗରସ୍ଥିତ ଚାଣକ୍ୟ ଶିକ୍ଷା ନିକେତନ, ଓଳିହାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଦୋଳିଗାଁସ୍ଥିତ ଶିଶୁ ମନ୍ଦିର, ଜମ୍ବୁସ୍ଥିତ ଶିଶୁମନ୍ଦିର, ଖରିନାସୀସ୍ଥିତ ଆନନ୍ଦ ଆଶ୍ରମ ଶିଶୁ ବିଦ୍ୟା ନିକେତନ ଆଦି ୧୨ଟି ସ୍କୁଲ ଏନ୍‌ଓସି ପାଇ ନଥିବା ଜଣାପଡ଼ିଛି। ଏହାପରେ ଉକ୍ତ ସ୍କୁଲରେ ପାଠ ପଢୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନ୍‌ଓସି ନ ଥିବା ବେଳେ ବିଦ୍ୟାଳୟ କର୍ତ୍ତୃପକ୍ଷ କିଭଳି ସ୍କୁଲ ଚଳାଉଛନ୍ତି ସେ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଏ ସମ୍ପର୍କରେ ବିଇଓ (ବ୍ଲକ ଶିକ୍ଷାଧିକାରୀ) ଅଜୟ କୁମାର ପରିଡ଼ା କୁହନ୍ତି, ଏନ୍‌ଓସି ପାଇ ନ ଥିବା ସ୍କୁଲର ମୁଖ୍ୟଙ୍କୁ କାରଣ ଦର୍ଶାଅ ନୋଟିସ୍ ପଠାଯାଇଛି। ଏଥିସହ ନୋଟିସ ପାଇବାର ୭ରୁ ୧୫ଦିନ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଛନ୍ତି। ସେହିପରି ଏ ନେଇ ଜିଲାପାଳ ସମର୍ଥ ବର୍ମାଙ୍କୁ ପଚାରିବାରେ କାରଣ ଦର୍ଶାଅ ନୋଟିସ୍‌ର ସନ୍ତୋଷଜନକ ଉତ୍ତର ନ ମିଳିଲେ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ଖରିନାସୀସ୍ଥିତ ଆନନ୍ଦ ଆଶ୍ରମ ଶିକ୍ଷା ନିକେତନର ପ୍ରଧାନ ଆଚାର୍ଯ୍ୟ କମଳ କୁମାର ମାନ୍ନାଙ୍କୁ ଯୋଗାଯୋଗ କରିବାରେ ଗତ ୫ ଦିନ ତଳେ ନୋଟିସ୍ ମିଳିଛି। ୧୫ ଦିନ ପୂର୍ବରୁ ଉତ୍ତର ଦେବୁ ବୋଲି କହିଛନ୍ତି।

## ସଂକ୍ଷେପରେ

### ପାଟକୁରା ନିର୍ବାଚନ ସାହି ସାହିରେ ବିଜେଡି ନେତା , କର୍ମୀ

**ମାର୍ଶାଘାଇ, ୧୪।୭ (ଡିଏନଏ):** ପାଟକୁରା ବିଧାନସଭା ନିର୍ବାଚନ ପାଇଁ ମାର୍ଶାଘାଇ ବ୍ଲକର ୭ ପଞ୍ଚାୟତରେ ବିଜେଡି ପ୍ରଚାରକୁ ଜୋରଦାର କରିଛି। ରବିବାର କରିଲୋପାଟଣା ଏବଂ ଆଇତିପୁର ପଞ୍ଚାୟତରେ ମନ୍ତ୍ରୀ ପ୍ରଫୁଲ୍ଲ ମଲିକ,ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ,ଢେଙ୍କାନାଳ ବିଧାୟକ ସୁଧୀର ସାମଲ,ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା,ରାଉରକେଲା ବିଧାୟକ ସାରଦା ନାୟକ,ମୟୁରଭଞ୍ଜ ବିଜେଡି ନେତା ଡାକ୍ତର ଦେବାଶିଷ ମାରାଣ୍ଡି , ଜିଲା ବିଜେଡି ଉପ ସଭାପତି ଏବଂ ପୂର୍ବତନ ଜିଲା ପରିଷଦ ସଦସ୍ୟ ପ୍ରମୋଦ କୁମାର ରଥ,ମାର୍ଶାଘାଇ ବ୍ଲକ ବିଜେଡି ସଭାପତି ସଞ୍ଜୟ କୁମାର ଲେଙ୍କା ପ୍ରମୁଖ ଗାଁ ଗାଁ ବୁଲି ବଜେଡି ପ୍ରାର୍ଥିନୀ ସାବିତ୍ରୀ ଅଗ୍ରଓାଲାଙ୍କ ପାଇଁ ଭୋଟ ପ୍ରଚାର କରିଥିଲେ। ପରେ ବାଲିକୁଦା ଏବଂ ମେହେନ୍ଦିନଗରରେ ସଭା କରି ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ଭୋଟରଙ୍କୁ ନିବେଦନ କରିଥିଲେ। ପୂର୍ବରୁ ମେହେନ୍ଦିନଗର ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଉତ୍ତର ଭୁବନେଶ୍ୱରର ବିଧାୟକ ଅନନ୍ତ ନାରାୟଣ ଜେନା ସେମାନଙ୍କ ସହିତ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ମେହେନ୍ଦିନଗର ପଞ୍ଚାୟତର ସରପଞ୍ଚ ରବୀନ୍ଦ୍ର ପଣ୍ଡା ଏବଂ ୫୦୦ରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ। ସେହିପରି ବଛରାଇ ପଞ୍ଚାୟତର ଗୋଧନ ବାରତୁଙ୍ଗା ଗ୍ରାମରେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କ ନେତୃତ୍ୱରେ ଘରେ ଘରେ ଶଂଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଧାୟକ ମୁଦୁଲି ଏହି ଗ୍ରାମର ଘରେ ଘରେ ଭୋଟରଙ୍କୁ ଭେଟି ପ୍ରାର୍ଥିନୀ ସାବିତ୍ରୀ ଅଗ୍ରଓାଲାଙ୍କୁ ଭୋଟ ଦେବାକୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉପାଧକ୍ଷା ମମତା ପ୍ରଧାନ,ସରପଞ୍ଚ ଗୌରୀରାଣୀ ପ୍ରଧାନ,ପୂର୍ବତନ ସରପଞ୍ଚ ପ୍ରଦୀପ୍ତ ପ୍ରଧାନ, ଯୁବନେତା ସଂଗ୍ରାମ ପରିଡାଙ୍କ ସମେତ ଶତାଧିକ ମହିଳା ସାମିଲ ହୋଇଥିଲେ। ସନ୍ଧ୍ୟାରେ ମୁଷାଡିଆ ଗ୍ରାମରେ ବିଜେଡିର ଭୋଟ ପ୍ରଚାର କରାଯାଇଥିଲା।

### ବିଜୟଙ୍କ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ରଙ୍କ ପ୍ରଚାର

**ମାର୍ଶାଘାଇ ,୧୪।୭ (ଡି.ଏନ.ଏ.):** ପାଟକୁରା ବିଧାନସଭା ନିର୍ବାଚନ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କ ଲାଗି ପ୍ରଚାର କରିଛନ୍ତି। ଗରଦପୁରରେ ରୋଡ ଶୋ କରିବା ପରେ ନଡିଆବରେଇ ଗାଁ ବାଟ ଦେଇ ମାର୍ଶାଘାଇ ବ୍ଲକ କରିଲୋପାଟଣା ପଞ୍ଚାୟତର ନାରାୟଣପୁର,କରିଲୋ ଗ୍ରାମ ପରିକ୍ରମା କରି ବିଜୟଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ସେଠାରୁ କରିଲୋପାଟଣା ବ୍ରିଜ ନିକଟରେ ଅଟକି କର୍ମୀମାନଙ୍କ ସହିତ ନିର୍ବାଚନ ସଂପର୍କରେ ଆଲୋଚନା କରିଥିଲେ। ବିଧାୟକ ପ୍ରାର୍ଥୀ ବିଜୟ ମହାପାତ୍ର, ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ, ରାଜ୍ୟ ଉପ ସଭାପତି ପୀତାମ୍ବର ଆଚାର୍ଯ୍ୟ, ସମୀର ମହାନ୍ତି, ଭୁବନମୋହନ ଜେନାଙ୍କ ସମେତ ବହୁ ରାଜ୍ୟସ୍ତରୀୟ ନେତା ଉପସ୍ଥିତ ଥିଲେ। କରିଲୋପାଟଣା ପଞ୍ଚାୟତରେ ଭାଜପାକୁ ଅଧିକ ଭୋଟ ମିଳିବା ଲାଗି ଦଳୀୟ କର୍ମୀମାନେ ଏକାଠି ହେବାକୁ କରିଲୋପାଟଣା ସମିତି ସଭ୍ୟ ଅନ୍ନଦା ପ୍ରସାଦ ତ୍ରିପାଠୀ କହିଥିଲେ। ବରିଷ୍ଠ କର୍ମୀ ସନାତନ ବେହେରା,ଧନେଶ୍ୱର ମଲିକଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

### ଅଳଭା-ମଦନପୁର ଉତିକଣ ବନ୍ୟା ବନ୍ଧ ରାସ୍ତା ମରଣଯନ୍ତା

# ବସ୍ ଚଳାଚଳ ବନ୍ଦ, ଲୋକେ ହନ୍ତସନ୍ତ



ଉତିକଣ ବନ୍ୟାବନ୍ଧ ରାସ୍ତାରେ ପାଣି ଜମିରହିଛି।

**ପଟ୍ଟାମୁଣ୍ଡାଇ, ୧୪।୭ (ସ୍ୱ.ପ୍ର)**

ବ୍ରିଟିଶ୍ ଅମଳରୁ ନିର୍ମିତ ଦଶ ହଜାରୀ ଉତିକଣ ବନ୍ୟାବନ୍ଧ ରାସ୍ତା ଏବେ ମରଣଯନ୍ତା ପାଲଟିଛି । ବିଶେଷ କରି ଅଳଭା ଠାରୁ ମଦନପୁର ପର୍ଯ୍ୟନ୍ତ ୧୧.୨୬୦କିମି ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ଏହି ରାସ୍ତାର ପ୍ରଶସ୍ତିକରଣ ପାଇଁ ନଦୀ ପାର୍ଶ୍ୱ ଧୋୟା ଅଞ୍ଚଳ ବନ୍ଧରେ ନୁଆ ମାଟି ପଡୁଛି । ନାବାର୍ଡ ଅନୁଦାନ ୧୩କୋଟି ୧୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତାର ପ୍ରଶସ୍ତିକରଣ ଓ ପିଚୁ କରାଯିବା କଥା । ୨୦୧୮ ଅକ୍ଟୋବର ୧୫ ତାରିଖରେ କାମ ଆରମ୍ଭ ହୋଇଥିବା ବେଳେ ୨୦୧୯ ଏପ୍ରିଲ ମାସରେ କାର୍ଯ୍ୟ ଶେଷ ହେବା ପାଇଁ ଲକ୍ଷ୍ୟ ରହିଥିଲା ।କିନ୍ତୁ ବର୍ତ୍ତମାନ ସୁଦ୍ଧା ସତୁରୀ ଭାଗ କାମ ଶେଷ ହୋଇଛି । ବର୍ଷା ଋତୁ ଯୋଗୁ ଏବେ କାମ ବନ୍ଦ ରହିଛି । ଫଳରେ ଏହି ବନ୍ଧ ଉପରେ ନିର୍ଭର କରୁଥିବା ରାଜନଗରର ୨୯ ପଞ୍ଚାୟତ ଓ ପଟ୍ଟାମୁଣ୍ଡାଇ ବ୍ଲକର ୮ ପଞ୍ଚାୟତର ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଜଳସମ୍ପଦ ବିଭାଗ ଅଧୀନରେ ଥିବା ଉତିକଣ ବନ୍ୟାବନ୍ଧ ରାସ୍ତାକୁ ସବୁଦିନିଆ ରାସ୍ତାରେ ପରିଣତ କରିବା ପାଇଁ ୧୯୮୪ ମସିହାରେ ତତ୍କାଳୀନ ସରକାର ଓ ବିଭାଗୀୟ କର୍ତ୍ତୃପକ୍ଷ ପୂର୍ତ୍ତବିଭାଗକୁ ଦାୟିତ୍ୱ ଦେଇଥିଲେ । ସେହିଦିନ ଠାରୁ ପୂର୍ତ୍ତବିଭାଗ ରାସ୍ତାର ପିଚୁ କାମ ସହ ଆବଶ୍ୟକ ମରାମତି କରିଆସୁଛି । ଏବେ ପୂର୍ତ୍ତବିଭାଗ ପକ୍ଷରୁ ପିଚୁ କାମ କରାଯିବାକୁ ଥିବା ବେଳେ ପ୍ରଶସ୍ତିକରଣ ପାଇଁ ବନ୍ୟାବନ୍ଧ କଡରେ ମାଟି ପଡି ରାସ୍ତା ଚଉଡା ହେଉଛି । ଏଥିସହ ସୁରକ୍ଷା ବନ୍ଧକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ ରାସ୍ତା କଡରେ ଡୁଆଲ ବନ୍ଧ ନିର୍ମିତ ହେଉଛି । ବର୍ଷାରେ ଡୁଆଲ ବନ୍ଧରୁ ମାଟି ଗଡି ପିଚୁ ରାସ୍ତାକୁ କର୍ଦ୍ଦମାକ୍ତ କରିଦେଇଛି । କେତେକ ସ୍ଥାନରେ ପିଚୁ ଉଠି ଆଣ୍ଠୁଏ ଲେଖାଁଏ ଖାଲଖମା ହୋଇଛି । ଫଳରେ ବନ୍ୟାବନ୍ଧ ଦେଇ ପ୍ରତିଦିନ ରାଜନଗର ଯାତାୟାତ କରୁଥିବା ୧୨ଟିରୁ ଅଧିକ ଯାତ୍ରୀବାହୀ ବସ୍ ଚଳାଚଳ ବନ୍ଦ ହୋଇଯାଇଛି । ରାସ୍ତା ଶୋଚନୀୟ ହୋଇ ପଡିଥିବାରୁ ୪ ଚକିଆ ଓ ୨ଚକିଆ ଯାନ ଚଳାଚଳ କଷ୍ଟକର ହୋଇପଡିଛି । ଫଳରେ ରାଜନଗର ବ୍ଲକ ସମେତ ଉତିକଣ ବନ୍ୟାବନ୍ଧ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଥିବା ଶାସନ, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର, ସଂସାରଫଳ, ଖଣତା, ଓଉପଦା, ବିଲିକଣା ପ୍ରଭୃତି ୮ଟି ପଞ୍ଚାୟତର ଲକ୍ଷାଧିକ ଲୋକ ଗମନାଗମନ ସୁବିଧାରୁ ବଞ୍ଚିତ ହୋଇ ରହୁଛନ୍ତି । ଠିକାଦାର ଓ ବିଭାଗୀୟ ଯନ୍ତ୍ରୀମାନଙ୍କ ଖାମଖିଆଲି ନୀତି ଯୋଗୁ ଜନସାଧାରଣ ଗମନାଗମନ ସୁବିଧାରୁ ବଞ୍ଚିତ ହେବା ସହ ଏକ ପ୍ରକାର ବନ୍ଦୀ ହୋଇ ଯାଇଛନ୍ତି । ରାସ୍ତାରେ ଥିବା ଖାଲଖମା ମରାମତି କରିବା ସହିତ କାଦୁଅ ହଟେଇ ବସ୍ ଚଳାଚଳ ଉପଯୋଗୀ କରିବା ଜରୁରୀ ହୋଇପଡିଛି ବୋଲି ଶାସନ, ଶ୍ରୀରାମପୁର, ଡାମରପୁର, ବଳଭଦ୍ରପୁର, ସଂସାରଫଳ, ଖଣତା, ଓଉପଦା, ବିଲିକଣା ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଦାବି କରିଛନ୍ତି। ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ଗ୍ରହଣ ନ କଲେ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବୁ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ବେଲେଶ୍ୱର ସାହିତ୍ୟ ସଂସଦ ପକ୍ଷରୁ ବୃକ୍ଷରୋପଣ



ସାହିତ୍ୟ ସଂସଦର ସଦସ୍ୟମାନେ ବୃକ୍ଷରୋପଣ କରୁଛନ୍ତି।

**ପଟ୍ଟାମୁଣ୍ଡାଇ, ୧୪।୭ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ବେଲତଳସ୍ଥିତ ବେଲେଶ୍ୱର ସାହିତ୍ୟ ସଂସଦ ପକ୍ଷରୁ ରବିବାର ଅପରାହ୍ନରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବେଲତଳ ୧୫ନଂ କେନାଲ ପାର୍ଶ୍ୱ ବନ୍ଧରେ ସଂସଦର ସଦସ୍ୟମାନେ ବିଭିନ୍ନ ପ୍ରକାରର ୫୦ ଟି ବୃକ୍ଷ ରୋପଣ କରି ବାଡ ବନ୍ଦୀ କରିଥିଲେ । ସଭାପତି ଗାଳ୍ପିକ ପ୍ରଦୀପ ନାୟକ, ସମ୍ପାଦକ ନାରାୟଣ ପ୍ରସାଦ ରାଉଳ, ଉପ ସଭାପତି ବ୍ରଜବନ୍ଧୁ ଦାଶଙ୍କ ତତ୍ତ୍ୱାବଧାନରେ ସଦସ୍ୟମାନେ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏଥିରେ ପ୍ରମୋଦ ସାହୁ, ଇଂ ତପନ ପାତ୍ର, ଗୋପୀନାଥ ତ୍ରିପାଠୀ, ଦେବାଶିଷ ପ୍ରଧାନ, ପ୍ରଫେସର୍ ଅନିରୁଦ୍ଧ ରାଉଳ, ପ୍ରଫେସର୍ କୈଳାଶ ଚନ୍ଦ୍ର ପାତ୍ର, ପ୍ରଫେସର ଭରତ ଚନ୍ଦ୍ର ପାତ୍ର, ବୈଷ୍ଣବ ମଲିକ, ଶୈଳବାଳା ନନ୍ଦ, ଗୌରାଙ୍ଗ ଚନ୍ଦ୍ର ମହାନ୍ତି, ଶିକ୍ଷାବିତ ଚର୍ତ୍ତୁଭୂଜ ରାଉଳ, ପରିବେଶବିତ୍ ବିଜୟ କବିଙ୍କ ସମେତ ୫୦ଜଣ ସଦସ୍ୟ କେନାଲ ବନ୍ଧ ପାର୍ଶ୍ୱରେ ଶାଗୁଆନ୍, ଅଗସ୍ତି, ରାଧାଚୂଡା, କୃଷ୍ଣଚୂଡା, ନାଗଚମ୍ପା, ବଡଚମ୍ପା, ଶିଶୁ, ଆମ୍ବ, ପିଜୁଳି ଆଦି ବୃକ୍ଷରୋପଣ କରିଥିଲେ । ବୃକ୍ଷଗୁଡିକର ରକ୍ଷଣାବେକ୍ଷଣ ପାଇଁ ବାଡ କରାଯାଇଛି । ପରବର୍ତ୍ତୀ ସମୟରେ ବେଲେଶ୍ୱର ମହାଦେବ ମନ୍ଦିର ଠାରୁ କେନାଲ ବନ୍ଧରେ ଆରମ୍ଭ ହୋଇଥିବା ବୃକ୍ଷରୋପଣ ବନ୍ଧପଡା ରାମେଶ୍ୱର ମହାଦେବ ପର୍ଯ୍ୟନ୍ତ କରାଯିବ ବୋଲି ସଂସଦ ପକ୍ଷରୁ କୁହାଯାଇଛି ।

### ଅଖା ଭିତରୁ ମୃତଦେହ ମିଳିବା ଘଟଣା

# ହତ୍ୟାକାଣ୍ଡରେ ସଂପୃକ୍ତ ୩ ଗିରଫ, ୫ ଫେରାର

**ରାଜନଗର, ୧୪।୭ (ଡି.ଏନ.ଏ.)**

ରାଜନଗର ବ୍ଲକର ଲାଇଫ ଲାଇନ ଭାବେ ପରିଚିତ ରାଜନଗର-ଗୋପାଳପୁର ଲୁଣା ଘେରିବନ୍ଧର କାଠୁଆଗଣ୍ଡ ନିକଟରୁ ଅଖା ଭିତରୁ ରାନୀ ମିଶ୍ରଙ୍କ ମୃତଦେହ ମିଳିବା ଘଟଣାରେ ପୋଲିସ ରବିବାର ସୁଦ୍ଧା ୩ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଏହି ହତ୍ୟାକାଣ୍ଡରେ ସଂପୃକ୍ତ ଥିବା ଅନ୍ୟ ୫ଜଣଙ୍କୁ ଧରିବା ପାଇଁ ଗଠନ କରାଯାଇଥିବା ପୋଲିସ ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଛି। ହତ୍ୟା ଘଟଣାରେ ରାନୀଙ୍କ ସ୍ୱାମୀ , ସ୍ୱାମୀଙ୍କ ସାନଭାଇ ସହ ତାଙ୍କ ବଡଭାଇଙ୍କ ଶଳା ଗିରଫ ହୋଇଛନ୍ତି। ଏହି ଘଟଣାର ଗୁମର ଧିରେ ଧିରେ ଖୋଲିବା ପରେ ସମଗ୍ର ଅଞ୍ଚଳରେ ଗଭୀର ଆଲୋଡନ ସୃଷ୍ଟି ହୋଇଛି।

ପୋଲିସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ , ଜୁନ ୨୮ ତାରିଖ ଦିନ କାଠୁଆଗଣ୍ଡ ନିକଟରେ ପଡିଥିବା ଏକ ଅଖା ଭିତରୁ ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ କୋରୁଅ ଗାଁର ମାଗୁ ପଲାଇଙ୍କ ଝିଅ ରାନୀ ମିଶ୍ରଙ୍କ ମୃତଦେହ ମିଳିଥିଲା। ଏହି ଘଟଣା ପରେ କେନ୍ଦ୍ରାପଡା ଏସପି ନୀତି ଶେଖରଙ୍କ ନିର୍ଦ୍ଦେଶରେ ଅପରାଧୀଙ୍କୁ ଧରିବା ପାଇଁ ପଟ୍ଟାମୁଣ୍ଡାଇ ଏସଡିପିଓ ରଞ୍ଜନ କୁମାର ଦେ, ରାଜନଗର ଥାନା ଆଇଆଇସି ତପନ କୁମାର ନାୟକଙ୍କୁ ନେଇ ଏକ ସ୍କ୍ୱାଡ୍ ଗଠନ କରାଯାଇଥିଲା। ଏହି ସ୍କ୍ୱାଡ୍ ଭୁବନେଶ୍ୱର, କଟକ, ଯାଜପୁର, ବାଲେଶ୍ୱର, ଜଗତ୍ ସିଂହପୁର, କେନ୍ଦ୍ରାପଡା ପ୍ରଭୃତି ସ୍ଥାନରେ ଚଢାଉ କରିଥିଲେ ମଧ୍ୟ ହତ୍ୟାକାରୀକୁ ପାଇ ନ ଥିଲେ। ରାନୀଙ୍କ ସ୍ୱାମୀ ରାଜନଗର ଥାନା ଅନ୍ତର୍ଗତ ବାଉଁଶକଣି ଗାଁର ରଞ୍ଜନ କୁମାର ରାଉତ ହତ୍ୟାକାଣ୍ଡ ଘଟାଇବା ପୂର୍ବରୁ ବାରମ୍ବାର ଜଣେ ଯୁବକଙ୍କ ସହ କଥା ହୋଇଥିଲେ। ସେହି ଯୁବକଙ୍କୁ ପୋଲିସ ଥାନାକୁ ଆଣି ତାଙ୍କ ଫୋନରୁ ରଞ୍ଜନ ସହ କଥା ହୋଇ ଟ୍ରାପ କରିଥିଲେ। ପରେ ୧୨ ତାରିଖ ରାତିରେ ଭୁବନେଶ୍ୱରରୁ ରଞ୍ଜନଙ୍କୁ ଗିରଫ କରିଥିଲେ। ଶନିବାର ରାତିରେ ତାଙ୍କ ସାନଭାଇ ବିଜୟ ରାଉତକୁ ଗିରଫ କରିଥିଲେ। ରଞ୍ଜନଙ୍କୁ ଧରି ପଚରା ଉଚରା ପରେ ରାନୀ ହତ୍ୟାକାଣ୍ଡ ଓ ଏଥିରେ ସଂପୃକ୍ତ ଅଭିଯୁକ୍ତଙ୍କ ସଂପର୍କରେ ଗୁମର ଖୋଲିଥିଲା। ମିଳିଥିବା ସୂଚନା ମୁତାବକ ରାନୀ ତାଙ୍କ ସ୍ୱାମୀ ରଞ୍ଜନଙ୍କୁ ବାରମ୍ବାର ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିଲେ। ବାରମ୍ବାର ନିର୍ଯାତିତ ହେବା ପରେ ରଞ୍ଜନ ପରିବାର ଲୋକଙ୍କ ସହ କଥା ହୋଇ ହତ୍ୟା ଯୋଜନା କରିଥିଲା। ଗତମାସ ୨୫ ତାରିଖ ଦିନ ରାନୀଙ୍କୁ ବିଭିନ୍ନ କଥା କହି ସେ ବାଉଁଶକଣି ଗାଁକୁ ଆଣିଥିଲେ । ରାନୀ ଗାଁକୁ ଆସିବା ପରେ ରଞ୍ଜନ ତାଙ୍କ ସାନଭାଇ ଓ ଜଣେ ସଂପର୍କୀୟଙ୍କ ସହ ମିଶି ୨୬ ତାରିଖ ରାତିରେ ତଣ୍ଟି ଚିପି ହତ୍ୟା କରିଥିଲେ। ହତ୍ୟା କରିବା ପରେ ମୃତଦେହକୁ ବାଉଁଶରେ ବାନ୍ଧିଥିଲେ। ହଂସିଣା ସେତୁ ଉପରୁ ମୃତଦେହ ନଦୀକୁ ଫୋପାଡିବା ପାଇଁ ଯୋଜନା କରିଥିଲେ। ମାତ୍ର ଉଠାଇବା ବେଳେ ବାଉଁଶ ଭାଙ୍ଗିଯାଇଥିଲା। ଯୋଜନା ବିଫଳ ହେବା ପରେ ରଞ୍ଜନଙ୍କ ଶୋଇବା ଘରର କବାଟ କଣରେ ରାନୀର ମୃତଦେହ ରଖିଥିଲେ। ୨୭ ତାରିଖ ସକାଳେ ଜରିମୂଳରେ ରହୁଥିବା ରଞ୍ଜନଙ୍କ ବଡଭାଇ ଘରେ ପହଞ୍ଚି ଥିଲେ। ସେଠାକୁ ରଞ୍ଜନଙ୍କ ବଡଭାଇର ଶଳା ତଥା ସମିତି ସଭ୍ୟ ଶୁକଦେବ ଭଦ୍ରଙ୍କୁ ଡକାଯାଇଥିଲା। କିନ୍ତୁ ମୃତଦେହ ଫୋପାଡିବା ଓ ପୋଡିବା ପାଇଁ ଶୁକଦେବ ନିଜେ ନ ଯାଇ ତାଙ୍କର ଅନ୍ୟ ଦୁଇଭାଇଙ୍କୁ ପଠାଇବେ ବୋଲି କହିଥିଲେ। ଶେଷରେ କାଠୁଆଗଣ୍ଡ ନିକଟରେ ଜଙ୍ଗଲ ମଧ୍ୟରେ ମୃତଦେହ ପୋଡାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ୨୭ ତାରିଖ ରାତିରେ ଗାଡି ନେଇ ସମିତି ସଭ୍ୟଙ୍କ ଦୁଇଭାଇ ବାଉଁଶକଣି ଗାଁରେ ପହଞ୍ଚି ଥିଲେ। ଗାଡିରେ ଏହି ଦୁଇଭାଇଙ୍କ ସହ ରଞ୍ଜନ, ରାନୀଙ୍କ ମୃତଦେହ , ପୋଡିବାକୁ ଜାଳ , ରାନୀ ବ୍ୟବହାର କରୁଥିବା ସମସ୍ତ ସାମଗ୍ରୀ ନେଇ କାଠୁଆଗଣ୍ଡ ଠାରେ ପହଞ୍ଚି ଥିଲେ। ଗାଡିରୁ ମୃତଦେହ କାଢି ଜଙ୍ଗଲ ମଧ୍ୟକୁ ନେବାକୁ ବସିଥିଲେ । ସେହି ସମୟରେ ଏକ ବରଯାତ୍ରୀ ଦଳ ରୋଷଣି କରି ଯାଉଥିବା ଦେଖି ଭୟଭୀତ ହୋଇ ମୃତଦେହ ଫୋପାଡି ପଳାଇଥିଲେ। ଏପରିକି ପ୍ରମାଣ ନଷ୍ଟ ପାଇଁ ମୁହଁରେ ଏସିଡ ଫିଙ୍ଗିଥିଲେ। ରଞ୍ଜନ ପରଦିନ ସକାଳୁ ଫେରାର ହୋଇଯାଇଥିଲେ। ଘଟଣା ପ୍ରଘଟ ହେବାପରେ ପୋଲିସ ସୂଚନା ପାଇ ତଦନ୍ତ ଚଳାଇଥିଲା। ପୋଲିସ ଗିରଫ ୩ଜଣଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଏହି ଘଟଣାରେ ସଂପୃକ୍ତ ରଞ୍ଜନଙ୍କ ଦୁଇଭାଇ , ସମିତିସଭ୍ୟ ଶୁକଦେବଙ୍କର ଦୁଇଭାଇ ଓ ରଞ୍ଜନଙ୍କ ସଂପର୍କୀୟଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଥିବା ଆଇଆଇସି ନାୟକ ସୂଚନା ଦେଇଛନ୍ତି । ଏନେଇ ରାଜନଗର ଥାନାରେ କେସ ନଂ ୧୧୧/୨୦୧୯ ଦଫା ୩୦୨, ୨୦୧, ୩୪ରେ ମକଦ୍ଦମା ରୁଜୁ କରାଯାଇଛି।

### ମରଣଯନ୍ତା ପାଲଟି ଥିଲା ବେଲତଳ ୧୫ ନଂ କେନାଲ

## ବିଳମ୍ବରେ ପ୍ରଶାସନର ଚେତା ପଶିଲା



ସାଇଫନ୍ ଉପରେ କଂକ୍ରିଟ୍ ସ୍ଲାବ୍ ପକାଯାଉଛି।

**ପଟ୍ଟାମୁଣ୍ଡାଇ, ୧୪।୭ (ସ୍ୱ.ପ୍ର.)**

ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ଅଧୀନରେ ଥିବା ବେଲତଳ ୧୫ନଂ କେନାଲରେ ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଥିଲା । ଏଥିନେଇ ଅଭିଯୋଗ ହେଲା ପରେ ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କୁମର ଚନ୍ଦ୍ର ଦାସ ନିକଟରେ ଫାଙ୍କା ଥିବା ସାଇଫନ୍ ଉପରେ କଂକ୍ରିଟ୍ ସ୍ଲାବ୍ ପକାଇ ଏକ ସେଫ୍‌ଟି ଗାଡ୍ ନିର୍ମାଣ କରାଇଛନ୍ତି।

ପ୍ରକାଶ ଯେ ,ଏଡିବି ଡିଭିଜନ୍ କେନ୍ଦ୍ରାପଡା ପକ୍ଷରୁ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ୍, ଗୋବରୀ ସଂପ୍ରସାରଣ କେନାଲ୍ ସହିତ ୧୩ଟି ଶାଖା କେନାଲର ଉନ୍ନିତିକରଣ କରାଯାଇଥିଲା । ତେବେ ଏହି ଉନ୍ନୟନମୂଳକ କାର୍ଯ୍ୟ କରାଯିବା ବେଳେ ବେଲତଳ ୧୫ନଂ କେନାଲ୍‌ରେ ଅଧିକ ଚଉଡାର ସାଇଫନ୍ କରାଯାଇଥିଲା ବେଳେ ତାହା ଉପରେ କଂକ୍ରିଟ୍ ସ୍ଲାବ୍ ନ ପକାଇ ଫାଙ୍କା ଛାଡି ଦିଆଯାଇଥିଲା । ଫଳରେ ଏହି ସ୍ଥାନଟି ମରଣଯନ୍ତା ପାଲଟି ଥିବା ବେଳେ ବାରମ୍ବାର ଦୁର୍ଘଟଣା ଘଟି ଲୋକେ କ୍ଷତବିକ୍ଷତ ହେଉଥିଲେ । ଏପରିକି ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା । ଏ ନେଇ ଦୈନିକ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର ହୋଇ ଉଠିଥିଲା । ପ୍ରଶାସନ ବା ଏଡିବିର ଏଭଳି ଖାମଖିଆଲି ନୀତିକୁ ଆଇଏଚ୍‌ଆରସି ଜିଲା ମୁଖ୍ୟ ପ୍ରକାଶ ଚନ୍ଦ୍ର ପାଢୀ କଟୁ ସମାଲୋଚନା କରିବା ସହ ମୃତ୍ୟୁ ଘଟିଥିବା ଯୁବକଙ୍କ ପରିବାରକୁ କିଏ କ୍ଷତିପୂରଣ ଦେବ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି ।

# ବିଜୟଙ୍କ ସମର୍ଥନରେ ବାହାରିଲା ଜିଲା ଚାଷୀ ଶ୍ରମିକ ସଂଘ




ଖବରଦାତା ସମ୍ମିଳନୀରେ ଜିଲା ଚାଷୀ ଶ୍ରମିକ ସଂଘର ସଦସ୍ୟମାନେ।

**ଡେରାବିଶ, ୧୪।୭ (ସ୍ୱ.ପ୍ର.)**

କେନ୍ଦ୍ର ସରକାର ବଜେଟରେ କୃଷିକୁ ପ୍ରାଧାନ୍ୟ ଦେଇଥିବା ବେଳେ ଚାଷି, ଶ୍ରମିକ ଓ କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଭତ୍ତା ଲାଗୁ କରିଛନ୍ତି। ଏ ନେଇ କେନ୍ଦ୍ରାପଡା ଜିଲା ଚାଷୀ ଶ୍ରମିକ ସଂଘ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ଇତିମଧ୍ୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ କେନ୍ଦ୍ର ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି ସଂଘ ସଦସ୍ୟ। ଏହି ଅବସରରେ ସଂଘ ସମ୍ପାଦକ କୃତିବାସ ଦାସ କହିଛନ୍ତି, ସମସ୍ତ ବର୍ଗର ଲୋକଙ୍କ ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା କରୁଥିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ଏହା କେବଳ କାଗଜ କଲମର ସୀମିତ ରହୁଛି। ଗତ ସାଧାରଣ ନିର୍ବାଚନ ପୂର୍ବରୁ ଚାଷୀଙ୍କ ପାଇଁ ରାଜ୍ୟସରକାର କାଳିଆ ଯୋଜନା ଲାଗୁ କରିଥିବା ବେଳେ ଏ ପର୍ଯ୍ୟନ୍ତ ମାତ୍ର ୫ ପ୍ରତିଶତ ଚାଷୀ ଏହି ସହାୟତା ରାଶି ପାଇଛନ୍ତି। ଲୋକଙ୍କ ସୁବିଧା ଅସୁବିଧା ନବୁଝି କେବଳ ରାଜନୀତି କରୁଥିବା ବିଜେଡି ପ୍ରାର୍ଥୀଙ୍କୁ ଭୋଟ ନ ଦେଇ ପାଟକୁରା ବିଧାନସଭା ଆସନର ଭାଜପା ପ୍ରାର୍ଥୀ ବିଜୟ ମହାପାତ୍ରଙ୍କୁ ବିଜୟୀ କରାଇବାକୁ ଖବରଦାତା ସମ୍ମିଳନୀରେ ସମ୍ପାଦକ ଦାସ କହିଥିଲେ। ସେହିପରି ଗରଦପୁର ବ୍ଲକ ସଂଘ ଶାଖା ସଭାପତି ଗଙ୍ଗାଧର ସାମଲ କହିଛନ୍ତି, ବିଜୟ ମହାପାତ୍ରଙ୍କୁ ବିଧାସଭାରେ ପୁରାଇ ନଦେବା ପାଇଁ ବିଭିନ୍ନ ବାଧା ସୃଷ୍ଟି କରାଯାଉଛି। ପାଟକୁରା ନିର୍ବାଚନମଣ୍ଡଳୀରୁ କାହାକୁ ପ୍ରାର୍ଥୀ ନ କରି କେଉଁ ସ୍ୱାର୍ଥରେ ବିଜେଡି ବାହାର ଅଞ୍ଚଳର ମହିଳାଙ୍କୁ ପ୍ରାର୍ଥୀ କରିଛି ବୋଲି ସଂଘ ସଭାପତି ପଣ୍ଡିତ ଶରତ ମିଶ୍ର ପ୍ରଶ୍ନ କରିଛନ୍ତି। ତେବେ ସ୍ୱାଭିମାନ ମାଟି ପାଟକୁରାର ପୁଅବିଜୟ ମହାପାତ୍ରଙ୍କୁ ପାଟକୁରାବାସୀ ସମର୍ଥନ ଦେବା ପାଇଁ ସଂଘ ସଦସ୍ୟମାନେ ନିବେଦନ କରିଥଲେ। ଅନ୍ୟମାନଙ୍କ ମଧ୍ୟରେ ସଚ୍ଚିଦାନନ୍ଦ ଦାସ, ବସନ୍ତ ପଲାଇ, ଭାଗବତ ମଲିକ, ବସନ୍ତ ଦାସ, ଧରଣୀଧର ଜେନା, ଅଂଜନ ପଲାଇ, ଅନିଲ ପ୍ରଧାନ, ଗଙ୍ଗାଧର ସାମଲ ଓ ସୁରେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ବାବୁଲିଙ୍କୁ ଦୁର୍ବୃତ୍ତଙ୍କ ଗୁଳିମାଡ ଘଟଣା

# ୨୧ ଘଣ୍ଟା ପରେ ହଟିଲା ରାସ୍ତାରୋକୋ

- କେନ୍ଦ୍ରାପଡାରେ ପହଞ୍ଚିଲେ ଆଇଜି, ଏଡିଜି
- ଦୋଷୀଙ୍କୁ ଧରିବାକୁ ଗଠନ ହୋଇଛି ୪ ଟିମ

**କେନ୍ଦ୍ରାପଡା ଅଫିସ, ୧୪।୭**



ଦଣ୍ଡାମୁଣ୍ଡଠାରେ ରାସ୍ତାରୋକୋ।

କେନ୍ଦ୍ରାପଡା ସହରର ଦଣ୍ଡାମୁଣ୍ଡ ଛକରେ ଶନିବାର ସନ୍ଧ୍ୟାରେ ବାବୁଲି ଓରଫ ବିବେକାନନ୍ଦ ମହାରଣାଙ୍କୁ ଗୁଳିମାଡ ଘଟଣାରେ ରାତି ୯ଟାଠାରୁ ସ୍ଥାନୀୟ ଲୋକେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଦୀର୍ଘ ୨୧ ଘଣ୍ଟା ପରେ ରାସ୍ତାରୋକୋ ହଟିଛି। ତେବେ ଏହି ରାସ୍ତାରୋକୋ ହଟିବା ପୂର୍ବରୁ ରବିବାର ସକାଳୁ ୫ ନଂ. (କ) ଜାତୀୟ ରାଜପଥର ଦୁହୁରିଆଠାରେ ରାସ୍ତାରୋକୋ କରାଯାଇଥିଲା। ତେବେ ମଧ୍ୟାହ୍ନରେ ଏଡିଜି ସଞ୍ଜୀବ ପଣ୍ଡା ଓ ଆଇଜି ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ଘଟଣାସ୍ଥଳରେ ପହଞ୍ଚି ଆଇନ ଶୃଙ୍ଖଳା ସ୍ଥିତି ସମୀକ୍ଷା କରିଥିଲେ। ଏଥିସହିତ ଆନ୍ଦୋଳନକାରୀଙ୍କ ସହିତ ଏସ୍‌ପି ନୀତି ଶେଖର, ଏଏସ୍‌ପି ଅରୁଣ କୁମାର ଜେନା, କେନ୍ଦ୍ରାପଡ଼ା ଏସଡିପିଓ ରାଜୀବଲୋଚନ ପଣ୍ଡା, ପଟ୍ଟାମୁଣ୍ଡାଇ ଏସଡିପିଓ ରଞ୍ଜନ କୁମାର ଦେ ପ୍ରମୁଖ ଆଲୋଚନା କରିବା ପରେ ଅପରାହ୍ନ ୫ଟା ବେଳେ ଉଭୟ ସ୍ଥାନରୁ ରାସ୍ତାରୋକୋ ହଟିଛି। ତେବେ ପରିସ୍ଥିତି ଉପରେ ନଜର ରଖିବାକୁ ଗରାପୁର, ଦଣ୍ଡାମୁଣ୍ଡ ଛକ, ତିନିମୁହାଣୀ, ଦୁହୁରିଆ ଓ ସହରର ପ୍ରବେଶ ପଥଗୁଡ଼ିକରେ ୬ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି।

ସୂଚନାଯୋଗ୍ୟ, ଧର୍ମରକ୍ଷା ସେନାର ଜିଲା ଆବାହକ ବାବୁଲି ଗତ ସନ୍ଧ୍ୟାରେ ଘରକୁ ଫେରୁଥିବା ବେଳେ ଦଣ୍ଡାମୁଣ୍ଡ ଛକଠାରେ ଦୁଇଜଣ ଦୁର୍ବୃତ୍ତ ଏକ ବୁଲେଟରେ ଆସି ତାଙଙ୍କ ଉପରକୁ ୨ ରାଉଣ୍ଡ ଗୁଳି ମାଡ କରିଥିଲେ। ଏହି ଗୁଳି ତାଙ୍କ ପେଟରେ ବାଜିଥିବା ବେଳେ ସେ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣା ପରେ ଧର୍ମରକ୍ଷା ସେନା, ବଜରଙ୍ଗ ଦଳ, ବିଶ୍ୱ ହିନ୍ଦୁ ପରିଷଦ ସଦସ୍ୟ ଓ ତିନିମୁହାଣୀ ବଜାର ବ୍ୟବସାୟୀମାନେ ଦୁର୍ବୃତ୍ତଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ରାସ୍ତାରୋକୋ କରିଥିଲେ। ଏ ସମ୍ପର୍କରେ ଆଇଜି ପ୍ରୀୟଦର୍ଶୀ କହିଛନ୍ତି, ବାବୁଲିଙ୍କ ସ୍ୱାସ୍ଥାବସ୍ଥା ଏବେ ଭଲ ଅଛି। ଦୁର୍ବୃତ୍ତଙ୍କୁ ଧରିବାକୁ ୪ଟି ଟିମ ଗଠନ ହୋଇଛି। ପ୍ରାରମ୍ଭିକ ତଦନ୍ତରେ କିଛିଟା ସଫଳତା ମିଳିଛି। ଆସନ୍ତା ୨ ଦିନ ମଧ୍ୟରେ ଦୁର୍ବୃତ୍ତଙ୍କୁ ଧରାଯିବ ବୋଲି ଆଇଜି ପ୍ରିୟଦର୍ଶୀ କହିଛନ୍ତି। ସେହିପରି କେନ୍ଦ୍ରାପଡା ଏସଡିପିଓ ପଣ୍ଡା କହିଛନ୍ତ, ଅଦ୍ୟାବଧି ଅଭିଯୋଗ ପତ୍ର ଥାନାକୁ ଆସିନାହିଁ। ଜିଲା ପୋଲିସ ଏହି ଗୁଳିକାଣ୍ଡକୁ ଗୁରୁତ୍ୱ ଦେଇଛି। ଏହି ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି।



ଭାରତରେ ୬୧ ପ୍ରତିଶତ ମୃତ୍ୟୁ ଅଣସଂକ୍ରାମକ ରୋଗ (ଏନ୍‌ସିଡି)ରୁ ହେଉଛି। ଏହାର ପ୍ରତିକାର ଲାଗି ଜାତୀୟ ସ୍ତରରେ ଆନ୍ଦୋଳନର ଆବଶ୍ୟକତା ରହିଛି।
-ଏମ୍. ଭେଙ୍କୟା ନାଇଡୁ, ଉପରାଷ୍ଟ୍ରପତି



# ଜୀବନ ନେଉଛି ଜଳପ୍ରଳୟ

## ଆସାମରେ ୧୧ ମୃତ, ୧୪ ଲକ୍ଷ ବିସ୍ଥାପିତ

ନୂଆଦିଲ୍ଲୀ/କାଠମାଣ୍ଡୁ/ଢାକା,୧୪।୭

ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ। କିଛିଦିନ ତଳେ ମୌସୁମୀର ଆଗମନ ପୂର୍ବରୁ ପାଣି ପାଇଁ ହାହାକାର ହେଉଥିବା ଲୋକେ ଏବେ ଲଗାତର ବର୍ଷାରେ ଉବୁଟୁବୁ ହେଉଛନ୍ତି। ମହାରାଷ୍ଟ୍ରରେ ବର୍ଷାବିପ୍ଳାତ ଅନେକ ଲୋକଙ୍କ ଘର ଉଜାଡ଼ି ଦେଇଥିବାବେଳେ ଉତ୍ତରରୁ ଉତ୍ତର-ପୂର୍ବ ଯାଏ ଏହାର କରାଳ ରୂପ ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗ ଓ ବିହାର ସମେତ ଆସାମ, ତ୍ରିପୁରା ଏବଂ ମିଜୋରାମ ସବୁଠି ତାଣ୍ଡବ ରଚିଛି ପ୍ରଳୟଙ୍କରୀ ବନ୍ୟା। ଆସାମରେ ୭୨ ଘଣ୍ଟା ମଧ୍ୟରେ ଅନ୍ୟୁନ ୧୧ ଜଣଙ୍କ ଜୀବନ ଯାଇଥିବାବେଳେ ୧୪ ଲକ୍ଷ ଲୋକ ବିସ୍ଥାପିତ ହୋଇଛନ୍ତି। ହିମାଚଳ ପ୍ରଦେଶରେ ପ୍ରବଳ ବର୍ଷା ଯୋଗୁ କାନ୍ଥ ଭୁଶୁଡ଼ିପଡ଼ିବାରୁ ୨୦ ଜଣ ଚାପି ହୋଇଯାଇଛନ୍ତି। ବିହାର, ଉତ୍ତରାଖଣ୍ଡ, ତ୍ରିପୁରା ଓ ମିଜୋରାମ କଥା ନ କହିବା ଭଲ। ସେପଟେ ପଡ଼ୋଶୀ ନେପାଳ ଓ ବାଂଲାଦେଶର ଅନେକ ଅଞ୍ଚଳକୁ ମଧ୍ୟ ବନ୍ୟାଜଳ ମାଡ଼ିଯାଇଥିବାରୁ ଚିନ୍ତା ବଢ଼ାଇଦେଇଛି।

ହିମାଳୟରୁ ପ୍ରବାହିତ ବ୍ରହ୍ମପୁତ୍ର ନଦୀରେ ପ୍ରବଳ ବନ୍ୟା ଆସିଛି। ବାଂଲାଦେଶରେ ଲଗାଣ ବର୍ଷା ବ୍ରହ୍ମପୁତ୍ରକୁ ଫୁଲେଇ ଦେଇଛି। ସେଠାରେ ବର୍ଷା ଓ ବନ୍ୟା ଯୋଗୁ ୫,୦୦୦ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ଶିବିର ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଛି। ଏହି ନଦୀ ଜଳ ପ୍ରବାହରେ ଆସାମର ୧,୮୦୦ରୁ ଊର୍ଦ୍ଧ୍ୱ ଗ୍ରାମ ଧୋଇ ହୋଇଯାଇଛି। ୩୨ ଜିଲାରୁ ୨୫ ଜିଲାର ବିଭିନ୍ନ ସ୍ଥାନରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଛି। ୩ ଦିନ ମଧ୍ୟରେ ୧୧ ଜଣ ଭାସିଯାଇ ପ୍ରାଣ ହରାଇଛନ୍ତି। ୧୪ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଘର ଛାଡ଼ି ସୁରକ୍ଷିତ ସ୍ଥାନକୁ ପଳାୟନ କରିବାକୁ ବାଧ ହୋଇଛନ୍ତି। ଆସନ୍ତା ୩ ଦିନ ଧରି ଆହୁରି ପ୍ରବଳ ବର୍ଷା ହେବ ବୋଲି କୁହାଯାଉଛି। ଏହାକୁ ଦୃଷ୍ଟିରେ ରଖି ଅନେକ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରିଦିଆଯାଇଛି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହ ସ୍ଥିତି ସମୀକ୍ଷା କରି ଆସାମକୁ ସବୁ ପ୍ରକାର ସହଯୋଗ କରାଯିବ ବୋଲି ଘୋଷଣା କରିଛନ୍ତି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜୋର୍‌ଦାର କରାଯାଇଥିବାବେଳେ ବନ୍ୟା ପ୍ରଭାବିତ ଅଞ୍ଚଳରେ ୬୮ଟି ରିଲିଫ୍ କ୍ୟାମ୍ପରେ ୨୦ ହଜାରରୁ ଊର୍ଦ୍ଧ୍ୱ ଆଶ୍ରୟ ନେଇଛନ୍ତି। ଟ୍ରେନ୍ ଚଳାଚଳ ମଧ୍ୟ ବାଧାପ୍ରାପ୍ତ ହୋଇଛି। ପଡ଼ୋଶୀ ତ୍ରିପୁରା ଓ ମିଜୋରାମରେ ବନ୍ୟା ଯୋଗୁ ୧୫ ହଜାର ଲୋକଙ୍କୁ ସୁରକ୍ଷିତ ଶିବିରକୁ ସ୍ଥାନାନ୍ତର କରାଯାଇଛି। ସରକାରୀ ଅଧିକାରୀଙ୍କ ସୂଚନାନୁସାରେ ତ୍ରିପୁରାର ୩୮ ରିଲିଫ୍ କ୍ୟାମ୍ପରେ ୧୨,୦୦୦ରୁ ଊର୍ଦ୍ଧ୍ୱ ଆଶ୍ରୟ ନେଇଛନ୍ତି। ମିଜୋରାମରେ ଖାଓ୍ୱଥଲାଙ୍ଗଟୁଇପୁଇ ଓ ଏହାର ଶାଖା ନଦୀଗୁଡ଼ିକରେ ବନ୍ୟା ଯୋଗୁ ୪୦୦ ଲୋକ ବାସଚ୍ୟୁତ ହୋଇଛନ୍ତି। ଏସ୍‌ଡିଆର୍‌ଏଫ୍ ଟିମ୍ ଦୁଇଜଣ ଯୁବକଙ୍କ ମୃତଦେହ ଲାଓ୍ୱଙ୍ଗ୍ ନଦୀରୁ ଉଦ୍ଧାର କରିଛି।

ସେହିପରି ନେପାଳରେ ଲଗାଣ ବର୍ଷା ଓ ତଜ୍ଜନିତ ବନ୍ୟାରେ ୬୦ ଜଣଙ୍କ ଜୀବନ ଗଲାଣି। ବାଗମତୀ, କମଳା, ସପ୍ତକୋଶୀ ଓ ସୁନ୍‌ଖୋଇ ନଦୀରେ ଜଳସ୍ତର ବିପଦ ସଙ୍କେତ ଟପିଛି। ଏଥିରେ ୩୫ ଜଣ ନିଖୋଜ ହୋଇଯାଇଥିବାବେଳେ ୨୫ ଆହତ ହୋଇଛନ୍ତି। କାଠମାଣ୍ଡୁରେ ୧୮୫ ଜଣଙ୍କ ସମେତ ସାରା ଦେଶରେ ୧,୧୦୪ ଜଣଙ୍କୁ ସେନା ପକ୍ଷରୁ ଉଦ୍ଧାର କରାଯାଇଛି। ଉଦ୍ଧାର କାର୍ଯ୍ୟରେ ପ୍ରାୟ ୩୦ ହଜାର ପୋଲିସଙ୍କୁ ନିୟୋଜିତ କରାଯାଇଛି। ଗଙ୍ଗାନଦୀରେ ବନ୍ୟା ଯୋଗୁ ବିହାରର ବିପର୍ଯ୍ୟୟ ପ୍ରଶମନ ବିଭାଗ ପକ୍ଷରୁ ୬ ଜିଲାସ୍ଥିତ ୨୬ ବ୍ଲକ୍‌କୁ ବନ୍ୟା ପ୍ରଭାବିତ ଘୋଷଣା କରାଯାଇଛି। ପୂର୍ବ ଚମ୍ପାରନ୍, ସୀତାମଢ଼ି, ମଧୁବନୀ, କିଷନଗଞ୍ଜ, ଅରାରିଆ ଓ ଶିଓଧର ଜିଲା ସର୍ବାଧିକ ପ୍ରଭାବିତ ହୋଇଛି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ବନ୍ୟା ସ୍ଥିତି ସମୀକ୍ଷା କରି ରିଲିଫ୍ ଓ ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ଆସାମସ୍ଥିତ ମୋରିଗାଉଁ ଜିଲାର ଜଳପ୍ଲାବିତ ଏକ ସ୍ଥାନରେ ବାଉଁଶ ଦେଇ ଘରୁ ବାହାରୁଛନ୍ତି ଜଣେ ମହିଳା।



ତ୍ରିପୁରାର ଅଗରତାଲାରେ ବନ୍ୟା ପ୍ରଭାବିତ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନେଉଛି ଏନ୍‌ଡିଆର୍‌ଏଫ୍।

- ବିହାର, ପଶ୍ଚିମବଙ୍ଗରେ ସଙ୍ଗିନ ସ୍ଥିତି
- ନେପାଳରେ ୬୦ ମୃତ
- ବାଂଲାଦେଶରେ ୫,୦୦୦ ରୋହିଙ୍ଗ୍ୟା ଶରଣାର୍ଥୀଙ୍କ ଶିବିର ଧ୍ୱସ୍ତ

## ହିମାଚଳରେ କୋଠା ଭୁଶୁଡ଼ି ୩ ମୃତ

### ଭଗ୍ନାବଶେଷ ତଳେ ୧୯ ଫସିଛନ୍ତି

ସିମ୍‌ଲା,୧୪।୭(ପି.ଟି.)

ହିମାଚଳପ୍ରଦେଶ ସୋଲାନ ଜିଲାରେ ପ୍ରବଳ ବର୍ଷାରେ ଏକ ୩ ମହଲା ବିଲ୍ଡିଂ ଭୁଶୁଡ଼ି ୩ ଜଣଙ୍କର ମୃତ୍ୟୁ ହେବା ସହ ଭଗ୍ନାବଶେଷ ତଳେ ୧୯ରୁ ଊର୍ଦ୍ଧ୍ୱ ଲୋକ ରହିଯାଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ୧୨ ଜଣ ଯବାନ ରହିଛନ୍ତି। ଶିମଲାଠାରୁ ୫୫ କିମି ଦୂର କୁମାରହଟି-ନହାନ ରାସ୍ତା ପାର୍ଶ୍ୱରେ ଅବସ୍ଥିତ ଏହି ବିଲ୍ଡିଂରେ ଏକ ରେସ୍ତୋରାଁ ଚାଲୁଥିଲା। ଉଦ୍ଧାର କାର୍ଯ୍ୟରେ ଏନ୍‌ଡିଆର୍‌ଏଫ୍ ଟିମ୍ ନିୟୋଜିତ ହୋଇଛନ୍ତି। ୧୦ ଜଣଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପ୍ରବଳ ବର୍ଷା ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଡେପୁଟି କମିଶନର କେ.ସି. ଚମନ୍ ଗଣମାଧ୍ୟମକୁ କହିଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ମହିଳା ଓ ଜଣେ ଯବାନ ଅଛନ୍ତି।



## ପଞ୍ଜାବ ମନ୍ତ୍ରିମଣ୍ଡଳରୁ ସିଦ୍ଧୁଙ୍କ ଇସ୍ତଫା

ଚଣ୍ଡିଗଡ଼,୧୪।୭(ପି.ଟି.)



ପଞ୍ଜାବ ମନ୍ତ୍ରିମଣ୍ଡଳରୁ କଂଗ୍ରେସ ନେତା ନବଜୋତ୍ ସିଂ ସିଦ୍ଧୁ ଇସ୍ତଫା ଦେଇଛନ୍ତି। ଗତ କିଛିଦିନ ହେଲା ମୁଖ୍ୟମନ୍ତ୍ରୀ ଅମରିନ୍ଦର ସିଂଙ୍କ ସହ ତାଙ୍କର ଦ୍ୱନ୍ଦ୍ୱ ଲାଗି ରହିଥିଲା। ଜୁନ୍ ମାସରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବେଳେ ମୁଖ୍ୟମନ୍ତ୍ରୀ ସିଦ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ବିଭାଗ କାଢ଼ିନେଇଥିଲେ। ଏହାର ୪ ଦିନ ପରେ ଜୁନ୍ ୧୦ରେ ସିଦ୍ଧୁ ତତ୍କାଳୀନ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ପାଖକୁ ଇସ୍ତଫାପତ୍ର ପଠାଇଦେଇଥିଲେ, ଯାହାକୁ ସେ ରବିବାର ଟୁଇଟ୍ ମାଧ୍ୟମରେ ଖୁଲାସା କରିଛନ୍ତି।

ସୂଚନାଯୋଗ୍ୟ ଜୁନ୍ ୬ରେ ଅମରିନ୍ଦର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ କରିଥିବାବେଳେ ସିଦ୍ଧୁଙ୍କଠାରୁ ଗୁରୁତ୍ୱପୂର୍ଣ୍ଣ ସହରାଞ୍ଚଳ ବିକାଶ, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ କାଢ଼ିନେଇ ତାଙ୍କୁ ଶକ୍ତି ବିଭାଗ ଦେଇଥିଲେ। ଏହାର ଦୁଇଦିନ ପରେ ସିଦ୍ଧୁଙ୍କୁ ବିଭିନ୍ନ ପରାମର୍ଶଦାତା କମିଟିରୁ ବାଦ୍ ଦିଆଯାଇଥିଲା। ଇସ୍ତଫା ସମ୍ପର୍କରେ ସେ ସର୍ବସାଧାରଣରେ ପ୍ରକାଶ ନ କରି ଦଳର ନିଷ୍ପତ୍ତି ଅପେକ୍ଷାରେ ରହିଥିଲେ। ସିଦ୍ଧୁ ଓ ଅମରିନ୍ଦରଙ୍କ ମଧ୍ୟରେ ବିବାଦର ସମାଧାନ ପାଇଁ ବରିଷ୍ଠ ନେତା ଅହମଦ ପଟେଲଙ୍କୁ ଦାୟିତ୍ୱ ଦିଆଯାଇଥିଲା। ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପରଠାରୁ ସିଦ୍ଧୁ ଓ ତାଙ୍କ ସ୍ତ୍ରୀ ନବଜୋତ୍ କୌର ଗଣମାଧ୍ୟମଠାରୁ ନିଜକୁ ଦୂରେଇ ରଖିଆସୁଥିଲେ।

ପୂର୍ବତନ ଭାଜପା ନେତା ସିଦ୍ଧୁ ୨୦୧୭ ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ କଂଗ୍ରେସରେ ଯୋଗଦେଇଥିଲେ। ଗତ ଲୋକ ସଭା ନିର୍ବାଚନରେ ପଞ୍ଜାବ ସହରାଞ୍ଚଳରେ କଂଗ୍ରେସର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱାୟତ୍ତ ଶାସନ ବିଭାଗ ଦାୟିତ୍ୱରେ ଥିବା ସିଦ୍ଧୁଙ୍କୁ ଦୋଷ ଦେଇଥିଲେ।

## ଭାରତ-ପାକ୍ ମଧ୍ୟରେ ୮୦% ସହମତି: ଫୈଜାଲ

**ଲାହୋର,୧୪।୭:** କର୍‌ତାରପୁର ଚିଠା ରାଜିନାମା ସକେଶ ନୂଆଦିଲ୍ଲୀ ଓ ଇସ୍‌ଲାମାବାଦ ମଧ୍ୟରେ ୮୦% ସହମତି ପ୍ରକାଶ ପାଇଛି ବୋଲି ରବିବାର ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମହମ୍ମଦ ଫୈଜାଲ ସୂଚନା ଦେଇଛନ୍ତି। ପାକିସ୍ତାନର ୧୩ ଜଣିଆ ପ୍ରତିନିଧି ଦଳର ନେତୃତ୍ୱ ନେଇଥିବା ଫୈଜାଲ କହିଛନ୍ତି, ୱାଘାରେ ଦୁଇପକ୍ଷ ମଧ୍ୟରେ ସକାରାତ୍ମକ ଆଲୋଚନା ହୋଇଛି। କରିଡର ଚିଠା ରାଜିନାମା ନେଇ ୮୦% ପ୍ରସଙ୍ଗରେ ସହମତି ପ୍ରକାଶ ପାଇଛି। ପରବର୍ତ୍ତୀ ବୈଠକରେ ଅବଶିଷ୍ଟ ୨୦% ପ୍ରସଙ୍ଗ ନେଇ ସମାଧାନ ହେବ। ତେବେ ଚୂଡ଼ାନ୍ତ ଚିଠା ନେଇ ସହମତି ପ୍ରକାଶ ନ ପାଇବା ଯାଏ ମିଳିତ ବିବୃତି ଜାରି କରାଯାଇପାରିବ ନାହିଁ ବୋଲି ସେ କହିଛନ୍ତି।



## ଇଣ୍ଡୋନେସିଆରେ ଭୂକମ୍ପ

ଜାକର୍ତ୍ତା,୧୪।୭(ଏଏଫ୍‌ପି): ଇଣ୍ଡୋନେସିଆର ପୂର୍ବଭାଗ ମାଲୁକୁ ଦ୍ୱୀପରେ ରବିବାର ବଡ଼ ଧରଣର ଭୂମିକମ୍ପ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହାର ତୀବ୍ରତା ୭.୩ ଥିଲା। ଭୟରେ ଲୋକମାନେ ଘରୁ ବାହାରି ରାସ୍ତାକୁ ପଳାଇଆସିଥିଲେ। ଉତ୍ତର ମାଲୁକୁ ପ୍ରଦେଶର ଟେର୍‌ନାଟେ ସହରର ଦକ୍ଷିଣ-ଦକ୍ଷିଣପଶ୍ଚିମ ଦିଗରେ ୧୬୫ କିମି ଦୂରରେ ଭୂକମ୍ପର କେନ୍ଦ୍ରସ୍ଥଳ ଚିହ୍ନଟ କରାଯାଇଛି। ଇଣ୍ଡୋନେସିଆ ଭୂକମ୍ପର କିଛି ସମୟ ପୂର୍ବରୁ ପଶ୍ଚିମ ଅଷ୍ଟ୍ରେଲିଆରେ ୬.୬ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିଲା।

### ଇତିହାସର ଆଇନାରେ

**ଜୁଲାଇ ୧୫ର ପ୍ରମୁଖ ଘଟଣା**

୨୦୦୬ ଜୁଲାଇ ୧୫ରେ ଟୁଇଟର ଲଞ୍ଚ୍ କରାଯାଇଥିଲା। ଏହା ହେଉଛି ବିଶ୍ୱର ଏକ ସର୍ବବୃହତ୍ ସୋସିଆଲ ମିଡିଆ ପ୍ଲାଟଫର୍ମ।

୧୯୯୮ ଜୁଲାଇ ୧୫ରେ ଶ୍ରୀଲଙ୍କାର ତାମିଲ ଏମ୍‌ପି ଏସ୍. ଷନ୍ମୁଗନାଥନ୍‌ଙ୍କୁ ହତ୍ୟା କରାଯାଇଥିଲା। ଶ୍ରୀଲଙ୍କା ଗୃହଯୁଦ୍ଧ ଏକ ସଶସ୍ତ୍ର ବିପ୍ଳବ ଭାବରେ କୁଖ୍ୟାତ।

## ବାଂଲାଦେଶର ପୂର୍ବତନ ସାମରିକ ଶାସକ ଏର୍ଶାଦଙ୍କ ପରଲୋକ

ଢାକା,୧୪।୭(ପି.ଟି.)

ବାଂଲାଦେଶର ପୂର୍ବତନ ସାମରିକ ଏକଚ୍ଛତ୍ରବାଦୀ ଶାସକ ହୁସେନ୍ ମହମ୍ମଦ ଏର୍ଶାଦଙ୍କର ରବିବାର ସକାଳେ ଢାକାର ଏକ ହସ୍ପିଟାଲରେ ପରଲୋକ ହୋଇଯାଇଛି। ତାଙ୍କୁ ୯୧ ବର୍ଷ ହୋଇଥିଲା। ସେ ସ୍ତ୍ରୀ ରୌଶନ୍ ଏର୍ଶାଦ ଓ ଦ୍ୱିତୀୟ ସ୍ତ୍ରୀଙ୍କ ପୁଅ ଏବଂ ଅନ୍ୟ ଦୁଇ ପୋଷ୍ୟସନ୍ତାନଙ୍କ ସହ ରହୁଥିଲେ। ଜାତୀୟ ପାର୍ଟି ମୁଖ୍ୟ ତଥା ପାର୍ଲାମେଣ୍ଟରେ ବିରୋଧୀ ଦଳ ନେତା ଏର୍ଶାଦଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ତାଙ୍କୁ ଜୁନ୍ ୨୨ରେ କମ୍ବାଇନ୍ଡ ମିଲିଟାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା।



ପୂର୍ବତନ ସେନାମୁଖ୍ୟ ଏର୍ଶାଦ ୧୯୮୨ରେ ଏକ ସାମରିକ ବିଦ୍ରୋହ ବଳରେ ଦେଶର ଶାସନ କ୍ଷମତା ଅକ୍ତିଆର କରିଥିଲେ। ସେ ୮ ବର୍ଷ ଦେଶକୁ ଶାସନ କରିବା ପରେ ୧୯୯୦ରେ ଗଣତନ୍ତ୍ର ସପକ୍ଷବାଦୀଙ୍କ ଆନ୍ଦୋଳନ ଫଳରେ କ୍ଷମତାରୁ ଓହରିଯାଇଥିଲେ। ବିଭିନ୍ନ ଅଭିଯୋଗରେ ଜେଲ୍ ଯିବାକୁ ପଡିଥିଲା। ଏହା ସତ୍ତ୍ୱେ ସେ ୯୦ ଦଶକର ସବୁଠୁ କ୍ଷମତାଶାଳୀ ରାଜନେତା ଥିଲେ। ସେ ଏକାଧିକ ଥର ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିଲେ।

## ଅପରେଶନ୍ ବିଜୟର ୨୦ତମ ବାର୍ଷିକୀ 'ବିଜୟ ଜ୍ୟୋତି' ଜଳାଇଲେ ରାଜନାଥ

ନୂଆଦିଲ୍ଲୀ,୧୪।୭(ପି.ଟି.)

ଅପରେଶନ୍ ବିଜୟର ୨୦ତମ ବାର୍ଷିକୀ ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ରବିବାର ଜାତୀୟ ଯୁଦ୍ଧ ସ୍ମାରକୀଠାରେ 'ବିଜୟ ଜ୍ୟୋତି' ଜଳାଇଛନ୍ତି। ଏହି ବିଜୟ ଜ୍ୟୋତିକୁ ସେନାର ଏକ ମୋଟରସାଇକ୍ଲିଷ୍ଟ ଟିମ୍ ୧୧ଟି ସହର ଓ ମହାନଗର ପରିକ୍ରମା କରାଇ ୨୬ ତାରିଖ ବିଜୟ ଦିବସରେ ଦ୍ରାସ୍‌ସ୍ଥିତ କାର୍ଗିଲ ଯୁଦ୍ଧ ସ୍ମାରକସ୍ଥଳୀରେ ପହଞ୍ଚାଇବେ। ଯୁଦ୍ଧରେ ଦେଶ ପାଇଁ ପ୍ରାଣବଳୀ ଦେଇଥିବା ଯବାନମାନଙ୍କୁ ସମ୍ମାନ ଜଣାଇ ପ୍ରତିବର୍ଷ ଜୁଲାଇ ୨୬ରେ କାର୍ଗିଲ ବିଜୟ ଦିବସ ପାଳନ କରାଯାଇଥାଏ। ଜାତୀୟ ଯୁଦ୍ଧ ସ୍ମାରକୀଠାରେ ଥିବା ଅମର ଯବାନ ଜ୍ୟୋତିଠାରେ ରାଜନାଥ ଓ ସେନାଧକ୍ଷ ଜେନେରାଲ ବିପିନ୍ ରାଓ୍ୱତ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

■ କର୍‌ତାରପୁର କରିଡର ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା

## ଗୋପାଳ ଚାଓ୍ୱଲାଙ୍କୁ ବାଦ୍ ଦେଲା ପାକ୍

ଲାହୋର,୧୪।୭(ପି.ଟି.)

କର୍‌ତାରପୁର କରିଡର ନିର୍ମାଣ ସକଶେ ଭାରତ-ପାକିସ୍ତାନ ମଧ୍ୟରେ ଦ୍ୱିତୀୟ ଦ୍ୱିପାକ୍ଷିକ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ପାକିସ୍ତାନ ପକ୍ଷରୁ ଯୋଗଦେଇଥିବା ୧୦ ସଦସ୍ୟ ବିଶିଷ୍ଟ କମିଟିରୁ ବିବାଦୀୟ ଶିଖ୍ ନେତା ଗୋପାଳ ସିଂ ଚାଓ୍ୱଲାଙ୍କୁ ବାଦ୍ ଦିଆଯାଇଛି। ଖଲିସ୍ତାନୀ ବିଚ୍ଛିନ୍ନତାବାଦୀ ନେତା ଗୋପାଳଙ୍କୁ ଉକ୍ତ ପ୍ରତିନିଧି ଦଳରେ ସାମିଲ ନ କରିବା ପାଇଁ ପୂର୍ବରୁ ନୂଆଦିଲ୍ଲୀ ଆପତ୍ତି ଉଠାଇଥିଲା।

କର୍‌ତାରପୁର କରିଡର ନେଇ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଗତ ଏପ୍ରିଲ ୨ରେ ହେବାର ଥିଲା। ପାକିସ୍ତାନ ଶିଖ୍ ଗୁରୁଦ୍ୱାରା ପ୍ରବନ୍ଧକ କମିଟି (ପିଏସ୍‌ଜିପିସି) ପକ୍ଷରୁ ୧୦ ଜଣିଆ କମିଟିରେ ଖଲିସ୍ତାନୀ ବିଚ୍ଛିନ୍ନତାବାଦୀମାନଙ୍କୁ ସାମିଲ କରାଯିବା ପରେ ଭାରତ ପଟୁ ଆଲୋଚନାକୁ ବାତିଲ କରାଯାଇଥିଲା। କମିଟିରେ ଗୋପାଳଙ୍କ ଭଳି ଖଲିସ୍ତାନୀ ବିଚ୍ଛିନ୍ନତାବାଦୀଙ୍କ ଉପସ୍ଥିତି ହଟାଇବା ନେଇ ଇସ୍‌ଲାମାବାଦର ପ୍ରତିକ୍ରିୟାକୁ ନୂଆଦିଲ୍ଲୀ ଅପେକ୍ଷା କରିଥିଲା। ପିଏସ୍‌ଜିପିସିର ସାଧାରଣ ସମ୍ପାଦକ ଗୋପାଳଙ୍କୁ ଏହି କମିଟିରୁ ବାଦ୍ ଦିଆଯାଇଛି ବୋଲି ଇଭାକ୍ୟୁଇ ଟ୍ରଷ୍ଟ ପ୍ରପର୍ଟି ବୋର୍ଡ (ଇଟିପିବି)ର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏହାକୁ ଇମ୍ରାନ୍ ଖାନ୍ ସରକାରଙ୍କୁ ଡ୍ୟାମେଜ୍ କଣ୍ଟ୍ରୋଲ ପଦକ୍ଷେପ ବୋଲି ବିଚାର କରାଯାଉଛି।



## କିନ୍ନରଙ୍କ ଭିକ୍ଷାବୃତ୍ତିକୁ ଅପରାଧୀକରଣ ବ୍ୟବସ୍ଥା ବିଲ୍‌ରୁ ହଟାଗଲା

ନୂଆଦିଲ୍ଲୀ,୧୪।୭(ପି.ଟି.)

କିନ୍ନର (ଅଧିକାର ସୁରକ୍ଷା) ବିଲ୍, ୨୦୧୯ ଗତ ସପ୍ତାହରେ କେନ୍ଦ୍ର କ୍ୟାବିନେଟର ଅନୁମୋଦନ ଲାଭ କରିଛି। ତେବେ କିନ୍ନରମାନଙ୍କ ଭିକ୍ଷାବୃତ୍ତିକୁ ଅପରାଧୀକରଣ କରିବା ଲାଗି ବିଲ୍‌ରେ ଥିବା ବିବାଦୀୟ ବ୍ୟବସ୍ଥାକୁ ହଟାଇ ଦିଆଯାଇଛି। ସେହିପରି ସେମାନଙ୍କୁ କିନ୍ନର ଭାବେ ସ୍ୱୀକୃତି ଦେବା ପାଇଁ ଜିଲା ସ୍କ୍ରିନିଂ କମିଟି ପ୍ରମାଣପତ୍ର ଦେବାର ଯେଉଁ ପ୍ରସ୍ତାବ ଥିଲା ତାକୁ ମଧ୍ୟ ବାଦ୍ ଦିଆଯାଇଛି।

ବିଲ୍‌ର ଅନୁଚ୍ଛେଦ ୮ (ଅପରାଧ ଓ ଦଣ୍ଡ)ର ଧାରା ୧୯ ଅନୁଯାୟୀ କିନ୍ନରଙ୍କୁ ବଳପୂର୍ବକ ଭିକ୍ଷାବୃତ୍ତି କିମ୍ବା ଅନ୍ୟ ଅନୁରୂପ କାର୍ଯ୍ୟ କିମ୍ବା ଗୋତିଶ୍ରମିକ ଭାବେ ନିୟୋଜିତ କଲେ, ଏଥିପାଇଁ ୬ ମାସ ଜେଲ୍‌ଦଣ୍ଡ ବ୍ୟବସ୍ଥା ଥିଲା ଯାହାକୁ ୨ ବର୍ଷକୁ ବଢ଼ାଇବା ସହ ଜରିମାନା ପ୍ରସ୍ତାବ ରହିଛି। ବିଲ୍‌ରୁ ଭିକ୍ଷାବୃତ୍ତି ଶବ୍ଦକୁ ସମ୍ପୂର୍ଣ୍ଣ ହଟାଇ ଦିଆଯାଇଥିବା ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ବାହୁବଳୀ ରକେଟର ଉତ୍କ୍ଷେପଣ ଦେଖିବେ ଦର୍ଶକ

ଶ୍ରୀହରିକୋଟା,୧୪।୭

ଭାରତର ଚନ୍ଦ୍ର ମିଶନ ଅନ୍ତର୍ଗତ ଚନ୍ଦ୍ରୟାନ-୨ ଜୁଲାଇ ୧୪-୧୫ ୨ଟା ୫୧ରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ 'ଇସ୍ରୋ'ର ସତୀଶ ଧାଓ୍ୱନ ମହାକାଶ କେନ୍ଦ୍ରରୁ ଉତ୍କ୍ଷେପଣ କରାଯିବ। ଜିଏସ୍‌ଏଲ୍‌ଭି ମାର୍କ-୩ ବାହୁବଳୀ ରକେଟର ଉତ୍କ୍ଷେପଣ ଦେଖିବା ପାଇଁ ଦର୍ଶକମାନେ ଅନ୍‌ଲାଇନ୍‌ରେ ପଞ୍ଜୀକରଣ କରିଛନ୍ତି। ଏଠାରେ ୧୦ ହଜାର ଦର୍ଶକ ବସିବାର ସୁବିଧା ରହିଥିବା ଇସ୍ରୋ ପକ୍ଷରୁ କୁହାଯାଇଛି। ଚନ୍ଦ୍ରୟାନ-୨ର ୨୦ ଘଣ୍ଟିଆ କାଉଣ୍ଟ ଡାଉନ୍ ରବିବାର ସକାଳ ୬ଟା ୫୧ରୁ ଆରମ୍ଭ ହୋଇଛି। ଏହାର ଉଚ୍ଚତା ୪୪ ମିଟର ରହିଛି। ଯାହାକି ୧୫ ମହଲା କୋଠା ସହିତ ପ୍ରାୟ ସମାନ ହେବ ବୋଲି କୁହାଯାଉଛି। ଏଥିରେ ଥିବା ଅର୍ବିଟରର ଲମ୍ବ ୨.୫ ମିଟର। ଏହାର ଓଜନ ୩.୮ଟନ୍ ରହିଛି।

ଭାରତୀୟ ମହାକାଶ ବିଜ୍ଞାନର ଜନକ ଡ. ବିକ୍ରମ ଏ. ସରାଭାଇଙ୍କ ନାମାନୁସାରେ ନାମିତ ଲ୍ୟାଣ୍ଡର 'ବିକ୍ରମ' ରୋଭର 'ପ୍ରଜ୍ଞା'କୁ ବହନ କରି ଚନ୍ଦ୍ରର ଦକ୍ଷିଣଭାଗରେ ପାଖାପାଖି ୭୦ଡିଗ୍ରୀ ଅକ୍ଷାଂଶରେ ଅବତରଣ କରିବ। ୨୭କିଲୋଗ୍ରାମ୍ ବିଶିଷ୍ଟ 'ପ୍ରଜ୍ଞା'ର ସଂସ୍କୃତ ଅର୍ଥ ହେଉଛି ଜ୍ଞାନ। ଏଥିରେ ୬ ଚକ ବିଶିଷ୍ଟ ରୋବୋଟିକ୍ ଭେଇକିଲ ରହିଛି। ଏହା ଚନ୍ଦ୍ର ପୃଷ୍ଠରୁ ତଥ୍ୟ ସଂଗ୍ରହ କରିବ। ୫୨ ଦିନ ପରେ ଚନ୍ଦ୍ରପୃଷ୍ଠରେ ପହଞ୍ଚିବ ଉତ୍କ୍ଷେପଣର ୫୨ ଦିନ ପରେ ସେପ୍ଟେମ୍ବର ୬-୭ରେ ଏହା ଚନ୍ଦ୍ରପୃଷ୍ଠର ଦକ୍ଷିଣ ପାର୍ଶ୍ୱରେ ଅବତରଣ କରିବ। ପୃଥିବୀକୁ ଚନ୍ଦ୍ରର ଉତ୍ତର ପାର୍ଶ୍ୱ ଦେଖାଯାଇଥାଏ। ଏହାର ଦକ୍ଷିଣ ପାର୍ଶ୍ୱରେ କମ୍ ଆଲୋକ ପଡୁଥିବାରୁ ଏହା ଅନ୍ଧକାର ଦେଖାଯାଇଥାଏ। ଏହି ଅଞ୍ଚଳରେ ଜଳ ଥିବା ଅଧିକ ସମ୍ଭାବନା ଅଛି।



ଚନ୍ଦ୍ରୟାନ-୨

## ନାଗରାଜଙ୍କୁ ମନାଇବାରେ ମେଣ୍ଟ ବିଫଳ

ବେଙ୍ଗାଲୁରୁ/ମୁମ୍ବାଇ,୧୪।୭(ପି.ଟି.)

ବିଦ୍ରୋହୀ କଂଗ୍ରେସ ବିଧାୟକ ଏମ୍.ଟି.ବି. ନାଗରାଜଙ୍କୁ ମନାଇବାରେ କର୍ଣ୍ଣାଟକର ଶାସକ ମେଣ୍ଟ ନେତାମାନେ ବିଫଳ ହୋଇଛନ୍ତି। ରବିବାର ନାଗରାଜ ମୁମ୍ବାଇ ପଳାଇଯିବା ସହ ଇସ୍ତଫା ପ୍ରତ୍ୟାହାର କରିବା ପ୍ରଶ୍ନ ଉଠୁନାହିଁ ବୋଲି କହିଛନ୍ତି। ଅନ୍ୟ ପକ୍ଷରେ ମୁଖ୍ୟମନ୍ତ୍ରୀ ପଦରୁ ଏଚ୍.ଡି. କୁମାରସ୍ୱାମୀ ତୁରନ୍ତ ଇସ୍ତଫା ଦେବା ପାଇଁ ଭାଜପା ଦାବି କରିଛି।

ନାଗରାଜ ଓ ଅନ୍ୟ ବିଦ୍ରୋହୀ ବିଧାୟକମାନଙ୍କୁ ମନାଇ ଦଳକୁ ଫେରାଇ ଆଣିବା ଲାଗି ଶନିବାର କଂଗ୍ରେସ ଓ ଜେଡିଏସ୍ ତରଫରୁ ଜୋରଦାର ଉଦ୍ୟମ ହୋଇଥିଲା। କେ. ସୁଧାକରଙ୍କ ସହ ଆଲୋଚନା ପରେ ନାଗରାଜ ତାଙ୍କ ଇସ୍ତଫା ସମ୍ପର୍କରେ ପୁନର୍ବିଚାର କରିବେ ବୋଲି ସୂଚନା ଦେଇଥିଲେ। ଏହାର କିଛି ସମୟ ପରେ ନାଗରାଜ ମୁମ୍ବାଇ ଯିବା ଲାଗି ଚାର୍ଟାର୍ଡ ବିମାନ ଧରିଥିଲେ। ମୁମ୍ବାଇରେ ପହଞ୍ଚିବା ପରେ ଇସ୍ତଫା ପ୍ରତ୍ୟାହାର କରିବା ପ୍ରଶ୍ନ ଉଠୁନାହିଁ ବୋଲି ସେ କହିଛନ୍ତି। ଇସ୍ତଫା ଦେଇଥିବା ସବୁ ବିଧାୟକ ଏକାଠି ଅଛନ୍ତି ଏବଂ ସେମାନେ ନିଷ୍ପତ୍ତିରେ ଅଟଳ ବୋଲି ନାଗରାଜ କହିଛନ୍ତି। ତାଙ୍କ ସହିତ ଭାଜପାର ବରିଷ୍ଠ ନେତା ଆର୍. ଅଶୋକ ଆସିଥିବା ଖବରକୁ ସେ ଖଣ୍ଡନ କରିବା ସହ ସେମାନଙ୍କ ଇସ୍ତଫା ପଛରେ ଗୈରିକ ଦଳର କୌଣସି ଭୂମିକା ନ ଥିବା କହିଛନ୍ତି। ଦିଲ୍ଲୀରେ ଥିବା ସୁଧାକର ମୁମ୍ବାଇ ଆସି ଅନ୍ୟ ବିଦ୍ରୋହୀ ବିଧାୟକମାନଙ୍କ ସହ ଯୋଗଦେବେ ବୋଲି ନାଗରାଜ କହିଛନ୍ତି।

ରାଜ୍ୟର ମେଣ୍ଟ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଥିବାରୁ କୁମାରସ୍ୱାମୀ ତୁରନ୍ତ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦିଅନ୍ତୁ କିମ୍ବା ସୋମବାର ଆସ୍ଥାଭୋଟ ଲୋଡନ୍ତୁ ବୋଲି ରାଜ୍ୟ ଶାଖା ଭାଜପା ପକ୍ଷରୁ ଦାବି କରାଯାଇଛି। ଯଦି ମୁଖ୍ୟମନ୍ତ୍ରୀ ସଙ୍କୋଚ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ମର୍ଯ୍ୟାଦା ଦେଉଥାନ୍ତି ତେବେ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ରାଜ୍ୟ ଭାଜପା ମୁଖ୍ୟ ବି.ଏସ୍. ୟେଦ୍ୟୁରପ୍ପା କହିଛନ୍ତି। କଂଗ୍ରେସ ଓ ଜେଡିଏସ୍‌ର ୧୬ ବିଧାୟକ ଇସ୍ତଫା ଦେଇସାରିଛନ୍ତି। ଏଥିସହିତ ଦୁଇ ସ୍ୱାଧୀନ ବିଧାୟକ ସରକାରରୁ ସମର୍ଥନ ପ୍ରତ୍ୟାହାର କରିନେଇ ଭାଜପାକୁ ସମର୍ଥନ ଜଣାଇଛନ୍ତି। ତେଣୁ କୁମାରସ୍ୱାମୀ ତୁରନ୍ତ ଆସ୍ଥାଭୋଟ ଲୋଡିବାକୁ ୟେଦ୍ୟୁରପ୍ପା ଆହ୍ୱାନ ଦେଇଛନ୍ତି। ଏହା ସତ୍ତ୍ୱେ ମେଣ୍ଟ ସରକାର ଆସ୍ଥାଭୋଟ ଜିତିବ ବୋଲି କଂଗ୍ରେସ ନେତା ଡି.କେ. ଶିବକୁମାର ଆଶାବାଦୀ ଅଛନ୍ତି। ବିଦ୍ରୋହୀ ବିଧାୟକମାନଙ୍କ ଦାବି ପୂରଣ କରିବା ଲାଗି କଂଗ୍ରେସ ଆଗ୍ରହୀ ଏବଂ ସେମାନେ ଦଳକୁ ଫେରିଆସିବେ ବୋଲି ଶିବକୁମାର କହିଛନ୍ତି। ବିଧାୟକମାନେ କଂଗ୍ରେସ ଟିକେଟରେ ଜିତିଥିଲେ। ସେମାନେ ଆସ୍ଥାଭୋଟ ବିପକ୍ଷରେ ଭୋଟ ଦେଲେ ଗୃହର ସଦସ୍ୟତା ହରାଇବେ ବୋଲି ଶିବକୁମାର ସତର୍କ କରାଇଦେଇଛନ୍ତି।



### କର୍ଣ୍ଣାଟକ: କୁମାରସ୍ୱାମୀଙ୍କ ଇସ୍ତଫା ଦାବିକଲା ଭାଜପା

## ସଂକ୍ଷେପରେ

### ନାବାଳକଙ୍କ ଅସ୍ୱାଭାବିକ ମୃତ୍ୟୁ

ପାରାଦୀପ,୧୪।୭(ସ୍ୱ.ପ୍ର.): ପାରାଦୀପ ମଡେଲ ଥାନା ଅଧୀନ ଅଠରବାଙ୍କି ଲକ୍‌ପଡ଼ାରେ ରବିବାର ଜଣେ ୯ ବର୍ଷର ନାବାଳକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ମୃତକ ହେଲେ ଲକ୍‌ପଡ଼ା ବସ୍ତିର ଶମ୍ଭୁନାଥ ଦାସଙ୍କ ପୁତ୍ର ଗୌରାଙ୍ଗ। ଏହାକୁ ସ୍ଥାନୀୟ ଲୋକେ ବିଦ୍ୟୁତ୍ ଆଘାତ ବୋଲି କହୁଥିବାବେଳେ ଆଉ କେତେଜଣ ଭିନ୍ନକଥା କହୁଛନ୍ତି। ଅପରାହ୍ନରେ ସେ ଖେଳିବା ପାଇଁ ଯାଇଥିଲେ। ହେଲେ କିଛି ସମୟ ପରେ ଘରଠାରୁ ୨୦୦ ମିଟରେ ଦୂରରେ ଗୌରାଙ୍ଗ ଅଚେତ ହୋଇ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ମା'ବାପା ତାଙ୍କୁ ଆଣି ବିଜୁ ମେମୋରିଆଲ୍ ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ଖବର ପ୍ରଚାରିତ ହେବାପରେ ବସ୍ତି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ଶ୍ରୀଅରବିନ୍ଦ ପାଠଚକ୍ର, କର୍ମୀ ସମ୍ମିଳନୀ

ସାଲେପୁର,୧୪।୭(ଡି.ଏନ.ଏ.): ସାଲେପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ କଟକ ଜିଲା ସାଲେପୁର ଜୋନ୍‌ର ପାଠଚକ୍ର ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା ପାଠଚକ୍ର ସଙ୍ଗଠକ କୈବଲ୍ୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟତମ ଜିଲା ପାଠଚକ୍ର ସଙ୍ଗଠକ ବିପିନ ବିହାରୀ କର, ମାୟାଧର ସାହୁ, ଦୁର୍ଗାଚରଣ ନାୟକ ପ୍ରମୁଖ ଯୋଗଦେଇ ସାଲେପୁର, ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ପାଠଚକ୍ରକୁ ବିଭିନ୍ନସ୍ତରରେ ପାଳନ କରାଯିବ ବୋଲି କହିଥିଲେ। ଏଥିସହିତ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଆଦର୍ଶକୁ ପ୍ରତ୍ୟେକସ୍ତରରେ ପହଞ୍ଚାଇବା ପାଇଁ ଉଦ୍ୟମ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନୁଷ୍ଠାନ ସଭାପତି ହରିହର ମଲ୍ଲିକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ପାଦକ ଅକ୍ଷୟ ଦାଶ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପକ୍ଷରୁ ପ୍ରତିମାସରେ ପାଠଚକ୍ର ବୈଠକ କରାଯିବା ସହ ବାର୍ଷିକ ପାଠଚକ୍ର ସମ୍ମିଳନୀ କରାଯିବାକୁ ସ୍ଥିର କରାଯାଇଥିବା କହିଥିଲେ। ବିପିନ ବିହାରୀ କର ଓ ହରିହର ମଲ୍ଲିକଙ୍କୁ ସଂଗଠନ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନ ଅଧକ୍ଷ ସନାତନ ବେହେରା, ସଭ୍ୟ ଅଶ୍ୱିନୀ ଦାସ, ମମତା ଶତପଥୀ, ସବିତାକିରଣ କର, ନାଗମଣି ସ୍ୱାଇଁ, ଲକ୍ଷ୍ମୀପ୍ରିୟା କରଣ, ଲକ୍ଷ୍ମୀଧର ବେହେରା, ରଘୁନାଥ ମହାନ୍ତି ଓ ସାବିତ୍ରୀ କାଣ୍ଡିଙ୍କ ସମେତ ବହୁ ସଭ୍ୟାସଭ୍ୟ ଯୋଗ ଦେଇଥିଲେ।

# ମିଳିଲାନି ୨ୟ କିସ୍ତି, କାହା ପାଖରେ ଉତ୍ତର ନାହିଁ

**କାଳିଆ ଯୋଜନା ପ୍ରହସନ**
- ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପାଣିର ଗାର
- ଯୋଗ୍ୟ ହିତାଧିକାରୀ ବାଦ୍, ଅଯୋଗ୍ୟଙ୍କୁ ସହାୟତା

ଜଗତ୍‌ସିଂହପୁର ଅଫିସ,୧୪।୭

ସାଧାରଣ ନିର୍ବାଚନ ପୂର୍ବରୁ ଗତ ଏପ୍ରିଲ ୬ରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ବିଜେଡି ସରକାର ଗଢିଲେ ପ୍ରଥମ ଦିନରେ ହିଁ କାଳିଆ ଯୋଜନାରେ ହିତାଧିକାରୀଙ୍କ ଆକାଉଣ୍ଟକୁ ଏକ ସଙ୍ଗେ ୨ଟି କିସ୍ତି ଟଙ୍କା ପଠାଯିବ। ନିର୍ବାଚନ ପରେ ବିଜେଡି ପୁଣି ସରକାରକୁ ଆସିଲା ଓ ମୁଖ୍ୟମନ୍ତ୍ରୀ ତାଙ୍କ ପ୍ରତିଶ୍ରୁତି ମୁତାବକ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବାକୁ ଘୋଷଣା କଲେ। କିନ୍ତୁ ବାସ୍ତବରେ ଏହି କିସ୍ତି ଟଙ୍କା ଜଗତ୍‌ସିଂହପୁର ଜିଲାର ଚାଷୀଙ୍କୁ ମିଳି ନ ଥିବା ଅଭିଯୋଗ ହେଉଛି। କେଉଁ କାରଣରୁ କିସ୍ତି ଟଙ୍କା ମିଳିବାରେ ବିଳମ୍ବ ହେଉଛି ତାର ଉତ୍ତର କେହି ଦେଇପାରୁନାହାନ୍ତି।

ପଞ୍ଚାୟତସ୍ତରରୁ କୃଷି ଉପନିର୍ଦ୍ଦେଶକଙ୍କ ପର୍ଯ୍ୟନ୍ତ କାହାରି ପାଖରେ ଏହାର ଉତ୍ତର ନାହିଁ। କୁହାଯାଉଛି ଯେହେତୁ ଏହା ଉପରସ୍ତରରେ ନିଷ୍ପତ୍ତି ନିଆଯାଉଛି, ତେଣୁ ତା ଉପରେ କିଛି କହିବା ଠିକ ହେବନାହିଁ। ଏହାଦ୍ୱାରା ଚାଷୀ ନିରାଶ ହେବା ସହ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ସୂଚନା ଅନୁଯାୟୀ, ଜିଲାର ପ୍ରାୟ ୨,୦୭,୦୦୦ ଚାଷୀ ପ୍ରଥମ ପର୍ଯ୍ୟାୟରେ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ପାଖାପାଖି ୧,୩୫,୦୦୦ ଚାଷୀଙ୍କୁ ପ୍ରଥମ କିସ୍ତି ଟଙ୍କା ମିଳିଥିବାବେଳେ ଅନ୍ୟମାନେ ବାଦ୍‌ପଡ଼ିଛନ୍ତି। ଯେଉଁମାନେ ବାଦ୍ ପଡିଥିଲେ ସେମାନଙ୍କୁ କାହିଁକି ଯୋଜନାରେ ଅନ୍ତର୍ଭୁକ୍ତ କରାଗଲା ନାହିଁ ବୋଲି ଏଯାଏ କୌଣସି ଉତ୍ତର ମିଳୁନି। ପଞ୍ଚାୟତସ୍ତରରୁ ଆବେଦନକାରୀ ଯୋଗ୍ୟ କି ନାହିଁ ଅନୁଧ୍ୟାନ କରାଗଲା। ପରେ ତାଲିକା ପୋର୍ଟାଲରେ ପଠାଗଲା। ଭୁବନେଶ୍ୱରରେ ସ୍କ୍ରିନିଂ କରାଯାଇଥିଲା। ସ୍କ୍ରିନିଂ ପାଇଁ ଏକାଧିକ ସଫ୍ଟୱେରର ସହାୟତା ନିଆଯାଉଛି। ତେଣୁ ଏହାର ଉତ୍ତର କେବଳ ସେଇମାନେ ଦେଇପାରିବେ ଯେଉଁମାନେ ନିଷ୍ପତ୍ତି ନେଉଛନ୍ତି। ଜିଲା କୃଷି ବିଭାଗର ଅଧିକାରୀମାନଙ୍କ ଏହି ଉତ୍ତରରେ ଆବେଦନକାରୀ ନିରାଶ ହୋଇପଡିଲେଣି। ଦ୍ୱିତୀୟ ପର୍ଯ୍ୟାୟରେ ପାଖାପାଖି ୧,୧୫,୦୦୦ ସବୁଜ ଫର୍ମ ପଡିଥିଲା। ଏହି ପର୍ଯ୍ୟାୟରେ ପ୍ରଥମ କିସ୍ତିରେ ବାଦ୍ ପଡିଥିବା ଅଧିକାଂଶ ଚାଷୀ କାଳେ ପୁଣିଥରେ ନାଁ ଚୟନ ହୋଇଯିବ ଭାବି ପୁନଃ ଫର୍ମ ପକାଇଥିବା କୁହାଯାଉଛି। କିନ୍ତୁ ଏ ପର୍ଯ୍ୟନ୍ତ ଦ୍ୱିତୀୟ କିସ୍ତି ଚୟନ ପ୍ରକ୍ରିୟା ଶେଷ ହୋଇନାହିଁ। ତେଣୁ ଚାଷୀଙ୍କ ପାଖରେ ଟଙ୍କା ପହଞ୍ଚିପାରିନାହିଁ। ଏ ସମ୍ପର୍କରେ କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ବାସ୍ତବରେ ସରକାର ନେଇଥିବା ନିଷ୍ପତ୍ତିରେ ଅନେକ ତ୍ରୁଟି ରହିଛି। ସ୍କ୍ରିନିଂ ପାଇଁ ଏକାଧିକ ସଫ୍ଟୱେରର ବ୍ୟବହାର କରାଯାଉଥିବା କୁହାଯାଉଛି। କିନ୍ତୁ ଯେଉଁମାନେ ଯୋଗ୍ୟ ସେମାନଙ୍କ ନାଁ କଟୁଛି କିପରି। ପଞ୍ଚାୟତସ୍ତରରୁ ଆବେଦନ କରିଥିବା ଚାଷୀ ଯୋଗ୍ୟ କି ନାହିଁ ଅନୁଧ୍ୟାନ ହେଉଛି। ପରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଡାଟାବେସ୍ ସହାୟତାରେ ଯୋଗ୍ୟ ହିତାଧିକାରୀଙ୍କ ନାଁ ପଠାଇଛନ୍ତି। ହେଲେ ଅନେକ ଯୋଗ୍ୟ ହିତାଧିକାରୀଙ୍କ ନାଁ କଟିଯାଇଥିବା ବେଳେ ଅଯୋଗ୍ୟ ସାମିଲ ହୋଇଛନ୍ତି। ଲୋକଙ୍କ ସନ୍ଦେହ ଯେ ପଞ୍ଚାୟତସ୍ତରରୁ ଯୋଗ୍ୟ ହିତାଧିକାରୀଙ୍କ ନାମ ପଠାଯାଇନାହିଁ। ଯେହେତୁ ସରକାର ଏଥିରେ ପେଞ୍ଚ ରଖିଛନ୍ତି ତେଣୁ ଉତ୍ତର ମିଳୁନି। ପେଞ୍ଚଟି ହେଲା ଉତ୍ତରଦାୟିତ୍ୱ କାହା ଉପରେ ନ୍ୟସ୍ତ କରାଯାଇନାହିଁ। ଅର୍ଥାତ୍ ସରକାର ଯାହା ତ୍ରୁଟି କଲେ ବି କେହି ଉତ୍ତର ଦେବାକୁ ବାଧ୍ୟ ନୁହନ୍ତି। କେବଳ କିସ୍ତି ଟଙ୍କା ନୁହେଁ, କାଳିଆ ସ୍କଲାରସିପ୍‌କୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଯୋଜନାରେ ଚାଷୀଙ୍କ ପିଲାଙ୍କୁ ବୃତ୍ତିଗତ ଓ ବୈଷୟିକ ଡିଗ୍ରୀ ଭଳି ୩୫ ପ୍ରକାର ପାଠ୍ୟକ୍ରମ ପାଇଁ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଯୋଜନା ଅନୁଯାୟୀ ପିଲାଙ୍କ ଟ୍ୟୁସନ୍, ବାର୍ଷିକ ମହାବିଦ୍ୟାଳୟ ଖର୍ଚ୍ଚ, ହଷ୍ଟେଲ ପରିଚାଳନା ଖର୍ଚ୍ଚ ଓ ମେସ୍ ଫି ଆଦି ରାଜ୍ୟ ସରକାର ବହନ କରିବେ। କିନ୍ତୁ ଏହାର ସୁଫଳ ଜଗତ୍‌ସିଂହପୁର ଜିଲାର କାଳିଆ ହିତାଧିକାରୀଙ୍କ ପିଲା ପାଇବାକୁ ସକ୍ଷମ ହୋଇ ନ ଥିବା କୁହାଯାଏ। ଏ ସମ୍ପର୍କରେ କୃଷି ଉପନିର୍ଦ୍ଦେଶକ ରାମଚନ୍ଦ୍ର ନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, ପଞ୍ଚାୟତସ୍ତରରୁ ବ୍ଲକ ଓ ଜିଲା ପର୍ଯ୍ୟନ୍ତ ଯୋଗ୍ୟ ହିତାଧିକାରୀଙ୍କ ନାଁ ଅନୁଧ୍ୟାନ ହୁଏ। ତା ପରେ ରାଜ୍ୟସ୍ତରକୁ ପଠାଯାଏ। ଏହାସତ୍ତ୍ୱେ ଜଣେ ଜଣେ ହିତାଧିକାରୀଙ୍କ ଆକାଉଣ୍ଟକୁ ୪/୫ ଥର ଟଙ୍କା ଯାଇଛି। ଏଭଳି ପାଖାପାଖି ୫୯ଟି ଆକାଉଣ୍ଟ ରହିଛି। ତେଣୁ ତାହା ଉପରେ ଅନୁଧ୍ୟାନ କରାଯାଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ। ଅନୁରୂପ ଭାବେ କେଉଁ ଅଯୋଗ୍ୟ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଯାଇଛି ତା ଉପରେ ମଧ୍ୟ ଅନୁଧ୍ୟାନ ହେବ। ଅଯୋଗ୍ୟ, ଯୋଗ୍ୟ ହିତାଧିକାରୀଙ୍କ ପୂର୍ଣ୍ଣ ତଥ୍ୟ ଆଉଥରେ ରାଜ୍ୟସ୍ତରକୁ ପଠାଯିବ ବୋଲି ସେ କହିଛନ୍ତି।

### ନାବାଳିକାଙ୍କୁ ପ୍ରତାରଣା, ଅଭିଯୁକ୍ତ ଫେରାର

ବାଲିକୁଦା, ୧୪।୭(ସ୍ୱ.ପ୍ର.): ବାଲିକୁଦା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ତାଙ୍କ ପଡୋଶୀ ଘରର ପୁଅ ବଳାତ୍କାର କରିବା ସହ ପ୍ରତାରିତ କରିଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ନାବାଳିକାଙ୍କୁ ଶନିବାର ବଳାତ୍କାର କରିବା ସମୟରେ ଅଭିଯୁକ୍ତ ପରିବାର ଲୋକଙ୍କ ହାତରେ ଧରାପଡିଥିଲେ। ଗାଁ ମୁରବିଙ୍କ ସହାୟତାରେ ଏହାର ସମାଧାନ କରିବାକୁ ଚେଷ୍ଟା କରାଯାଇଥିଲା। ରବିବାର ଉଭୟଙ୍କ ବିବାହ କରାଇବାକୁ ସ୍ଥିର ହୋଇଥିଲା। ଝିଅ ଘର ପକ୍ଷରୁ ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି କରାଯାଇଥିଲା। ମାତ୍ର ରବିବାର ଅପରାହ୍ନରେ ପୁଅ ଓ ପୁଅର ବାପା ମୋବାଇଲ ସୁଇଚ ଅଫ କରିବା ସହିତ ଘରୁ ଫେରାର ହୋଇଯାଇଛନ୍ତି। ତେଣୁ ଝିଅ ଘର ଲୋକେ ବାଧହୋଇ ପୋଲିସର ସହାୟତା ଲୋଡିଛନ୍ତି। ଉକ୍ତ ଘଟଣା ଏବେ ବାଲିକୁଦା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# କୃଷକ ସଙ୍ଗଠନର ଚାରାରୋପଣ


କୃଷକ ସଂଗଠନ ପକ୍ଷରୁ ଚାରା ରୋପଣ କରାଯାଉଛି।

ରଘୁନାଥପୁର, ୧୪।୭(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା କୃଷକ ସଙ୍ଗଠନ ପକ୍ଷରୁ ରଘୁନାଥପୁର ବ୍ଲକ ବିରାଡି କଟକଠାରୁ ନାଳିବର ପର୍ଯ୍ୟନ୍ତ ହଂସୁଆ ସଫେଇର ଉଭୟପାର୍ଶ୍ୱ ବନ୍ଧରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି ଅବସରରେ ରବିବାର ଗୋଠିଣାସ୍ଥିତ ନାରାୟଣୀ ମନ୍ଦିର ପରିସରରେ ସଙ୍ଗଠନର ସଭାପତି ଗୋବିନ୍ଦ ଚନ୍ଦ୍ର ଜେନାଙ୍କ ତତ୍ତ୍ୱାବଧାନରେ ଚାରାରୋପଣ ଅନୁକୂଳ କରାଯାଇଥିଲା। ପରେ ନିକଟସ୍ଥ ହଂସୁଆ ବନ୍ଧରେ ଉପଦେଷ୍ଟା ଅଜୟ କୁମରେ ନାୟକ , କୈଳାସ ଚନ୍ଦ୍ର ମଲ୍ଲିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ସ୍ୱାଇଁ ଓ କର୍ମକର୍ତ୍ତା ସିଦ୍ଧାର୍ଥ ତ୍ରିପାଠୀ ପ୍ରମୁଖ ଗଛ ଲଗାଇଥିଲେ। ବାତ୍ୟା ଫନୀରେ କ୍ଷତି ହୋଇଥିବା ଗଛକୁ ଦୃଷ୍ଟିରେ ରଖି ହଂସୁଆ ସଫେଇ ଉଭୟପାର୍ଶ୍ୱ ବନ୍ଧ ୧୫ କିମି ପର୍ଯ୍ୟନ୍ତ କୃଷକ ସଙ୍ଗଠନ ଚାରାରୋପଣ ପାଇଁ ନିଷ୍ପତ୍ତି ନେଇଥିବା ସମ୍ପାଦକ ଇଂ. ବାବାଜୀ ଚରଣ ଜେନା ପ୍ରକାଶ କରିଛନ୍ତି। ଏଥିପାଇଁ ବନବିଭାଗ ପକ୍ଷରୁ ଚାରା ଯୋଗାଇ ଦିଆଯିବାର ପ୍ରତିଶ୍ରୁତି ମିଳିଥିବା ଜେନା ପ୍ରକାଶ କରିଛନ୍ତି। ଏହାଛଡ଼ା ପାରମ୍ପରିକ ବୃକ୍ଷ ଯଥା ଆମ୍ବ, ପଣସ, ଚାକୁଣ୍ଡା ଆଦି ଲଗାଯିବାର ସ୍ଥିର ହୋଇଛି। ତେବେ ଏହି ବୃକ୍ଷର ଅଭାବ ରହିଥିବାରୁ ବିଭିନ୍ନ ଲୋକଙ୍କ ବାଡ଼ିରେ ଅନାବନା ଭାବେ ଉଠିଥିବା ପାରମ୍ପରିକ ତଥା ଦୀର୍ଘସ୍ଥାୟୀ ଗଛଗୁଡ଼ିକୁ ସଙ୍ଗଠନକୁ ପ୍ରଦାନ କରିବାକୁ ଉପଦେଷ୍ଟା ନାୟକ ପରାମର୍ଶ ରଖିଛନ୍ତି। ଏହାଛଡ଼ା ଫୁଲରା ଗ୍ରାମର ନୀଳାଚଳ ତ୍ରିପାଠୀ, ଟ୍ରକ୍, ବସ୍, ତଥା ଚାରିଚକିଆ ଯାନରେ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଉଥିବାରୁ ଏହାର ମାଲିକମାନେ ସ୍ୱତଃସ୍ଫୁର୍ତ୍ତ ଭାବେ ଏହି ସାମାଜିକ କାର୍ଯ୍ୟ ପାଇଁ ଉତ୍ସାହିତ କରିବା ସହ ୧୦ଟି ଲେଖାଏ ବୃକ୍ଷ ଲଗାଇବାକୁ ନିବେଦନ କରିଛନ୍ତି। ଆଗାମୀ ଦିନରେ ଚାରାରୋପଣକୁ ପ୍ରାଧାନ୍ୟ ଦିଆଯାଇ ବିଭିନ୍ନ ସ୍ଥାନରେ ଚାଷୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ ହେବାର ସ୍ଥିର ହୋଇଥିବା ସମ୍ପର୍କରେ ସଭାପତି ଜେନା କହିଛନ୍ତି। ଏଥିରେ ସଙ୍ଗଠନ ପକ୍ଷରୁ ଶରତ ବାରିକ, ଅରୁଣ ସ୍ୱାଇଁ, ସଚିତ୍ର ସ୍ୱାଇଁଙ୍କ ସମେତ ବହୁବ୍ୟକ୍ତି ସହଯୋଗ କରିଥିଲେ।

### କେନ୍ଦ୍ରମନ୍ତ୍ରୀଙ୍କ ଗସ୍ତ ବାତିଲକୁ ନେଇ ଚର୍ଚ୍ଚା

ପାରାଦୀପ,୧୪।୭(ସ୍ୱ.ପ୍ର.)

କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ(ଗୃହ) ସଦାନନ୍ଦ ରାଏ ରବିବାର ପାରାଦୀପ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ଥିଲା। ଏନେଇ ଦୁଇଦିନ ପୂର୍ବରୁ ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଥିଲା। ଜିଲା ସୂଚନା ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଚିଠି ନଂ.(୧୧୭୪)ରେ ଗଣମାଧ୍ୟମ ପ୍ରତିନିଧି ଓ ଅନ୍ୟ ବିଭାଗୀୟ ଅଧିକାରୀଙ୍କୁ ଗତ ୧୨ ତାରିଖରେ ଏ ସମ୍ପର୍କରେ ଜଣାଇଥିଲେ। ପାରାଦୀପରେ କୋଷ୍ଟାଲ ପୋଲିସର ସ୍ଥିତିକୁ ସମୀକ୍ଷା ଓ ମତ୍ସ୍ୟଜୀବୀଙ୍କ ସହ ଆଲୋଚନା ହେବାର ଥିଲା। କିନ୍ତୁ ରବିବାର ମନ୍ତ୍ରୀ ରାଏଙ୍କ ଗସ୍ତ ବାତିଲ ହୋଇଛି। ଗସ୍ତ ବାତିଲ କାରଣ ସମ୍ପର୍କରେ ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ଏ ସମ୍ପର୍କରେ ଜିଲା ଲୋକ ସମ୍ପର୍କ ଅଧିକାରୀ ପଟ୍ଟନାୟକଙ୍କୁ ପଚାରିବାରେ ସେ କହିଲେ ବାତିଲ କଥା ମୁଁ ବାହାରୁ ଶୁଣୁଛି। କିନ୍ତୁ ଜିଲାପାଳଙ୍କ କାର୍ଯ୍ୟାଳୟରୁ କୌଣସି ସୂଚନା ଦିଆଯାଇନାହିଁ। ଏଏସ୍‌ପି ବିଷ୍ଣୁଚରଣ ମିଶ୍ର କହିଲେ ଯେ ଗସ୍ତ ବାତିଲ ହୋଇଛି। କିନ୍ତୁ ଏହାର କାରଣ ଜଣାନାହିଁ। ଅନ୍ୟ ଏକ ଖବର ହେଲା ଯେଉଁ ଚିଠିରେ ମନ୍ତ୍ରୀ ଆସିବେ ବୋଲି ସୂଚନା ଥିଲା, ସେଥିରେ ତାରିଖ ଦର୍ଶାଯାଇଛି ୧୪/୭/୨୦୧୯। କିନ୍ତୁ ବାର ସୋମବାର ବୋଲି ଦର୍ଶାଯାଇଛି। ଚିଠି ଯେପରି ତ୍ରୁଟିପୂର୍ଣ୍ଣ କାର୍ଯ୍ୟକ୍ରମ ମଧ୍ୟ ସେଭଳି ରହସ୍ୟାବୃତ ହୋଇରହିଛି।

# ପୂଜ୍ୟପୂଜା ସଂସଦର ବନ୍ଧୁ ମିଳନ


ବନ୍ଧୁମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କର୍ମକର୍ତ୍ତା।

ବାଲିକୁଦା,୧୪।୭(ସ୍ୱ.ପ୍ର.)

ବାଲିକୁଦା ପୂଜ୍ୟପୂଜା ସଂସଦ ପକ୍ଷରୁ ରବିବାର ଏକ ବନ୍ଧୁ ମିଳନ ଉତ୍ସବ ଓ ବନ ମହୋତ୍ସବ ଖାଲଗାଁସ୍ଥିତ ମହାବୀର ମଠ ପରିସରରେ ଅନୁଷ୍ଠିତ ହୋଇଛି। ସଂସଦର ସଭାପତି କୈଳାସ ବିଶ୍ୱାଳ ଏଥିରେ ଅଧକ୍ଷତା କରିଥିଲେ। ଏହି ଅବସରରେ ସଂସଦର ବାର୍ଷିକ ଉତ୍ସବ ପାଇଁ ମତାମତ ଗ୍ରହଣ କରାଯାଇ ବିଭିନ୍ନ ପ୍ରସ୍ତାବ ଗୃହିତ ହୋଇଥିଲା। ଶିକ୍ଷକ ବିଷ୍ଣୁ ଚରଣ ସ୍ୱାଇଁ, ନାମଯଜ୍ଞ ସଂସ୍କାର ସମିତି ଉପଦେଷ୍ଟା ମହେଶ ଚୌଧୁରୀ, ଶିକ୍ଷାବିତ୍ ଧ୍ରୁବ ଚରଣ ସାହୁ, ବିଜୟଲକ୍ଷ୍ମୀ ପଟ୍ଟନାୟକ, ବଡଗାଁ ସମିତି ସଭ୍ୟା ଇତିସ୍ମିତା ପଟ୍ଟନାୟକ, ଧିରେନ୍ଦ୍ର ନନ୍ଦ, ଅଧ୍ୟାପକ ଅଶୋକ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ସଂସଦର ବିଭିନ୍ନ ଜନହିତକର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଉପଦେଷ୍ଟା ଗନ୍ଧର୍ବ ଚରଣ ସାଉ, ଯୁଗ୍ମ ସମ୍ପାଦକ ବାବନ ଚରଣ ସ୍ୱାଇଁ, ପବିତ୍ର ମୋହନ ସାଉ, ସରୋଜକାନ୍ତ ସ୍ୱାଇଁ, ପ୍ରଫୁଲ ଷଡ଼ଙ୍ଗୀ, ସ୍ୱେତ କୁମାର ସ୍ୱାଇଁ, ବସନ୍ତ ନାୟକ, ଅଶୋକ ରାଉତ, ସୁଶ୍ରୀ ସ୍ମିତା ଦାସ, ପ୍ରଫୁଲ କଂସ, କୋଷାଧ୍ୟକ୍ଷ ରଞ୍ଜନ ମହାନ୍ତି ପ୍ରମୁଖ ବିଭିନ୍ନ କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ। ପ୍ରତି ୩ ମାସରେ ବୈଠକ କରିବାକୁ ଏଥିରେ ନିଷ୍ପତ୍ତି ହୋଇଥିଲା। ଜାନୁୟାରୀରେ ସଂସଦର ବାର୍ଷିକ ସମ୍ମିଳନୀରେ ପ୍ରକାଶ ପାଇବାକୁ ଥିବା ପତ୍ରିକା 'ପୂଜାଫୁଲ' ପାଇଁ ଲେଖା ନଭେମ୍ବର ମାସ ମଧ୍ୟରେ ଦେବାକୁ କୁହାଯାଇଥିଲା। ଏହି ଅବସରରେ ମଠ ପରିସରରେ ସଦସ୍ୟମାନେ ଚାରା ରୋପଣ କରିଥିଲେ।

■ ନବ ନିର୍ମାଣ କୃଷକ ଯୁବଛାତ୍ର ସଙ୍ଗଠନ ବୈଠକ

# ଅଗଷ୍ଟ ୯ରେ ସଙ୍କଳ୍ପ ସମାବେଶ

ଜଗତ୍‌ସିଂହପୁର ଅଫିସ,୧୪।୭

ସଂକୀର୍ଣ୍ଣ ରାଜନୀତି ଯୋଗୁ ଦେଶ ଓ ରାଜ୍ୟର ଅର୍ଥନୀତି ବିଗିଡିଯାଇଛି। ଋଣ କରି ଆମେ ଘିଅ ଖାଉଛୁ। ନେତାମାନେ ଲୋକଙ୍କୁ ସେବା ଯୋଗାଇବା ପରିବର୍ତ୍ତେ ମିଛ ସ୍ୱପ୍ନ ଦେଖାଇ ଭଣ୍ଡାଉଛନ୍ତି। ଗରିବ ତଥା ସାଧାରଣ ଲୋକଙ୍କ ସମ୍ପତ୍ତିକୁ ପୁଞ୍ଜିପତିମାନେ ଲୁଟ୍ କରି ଚାଲିଛନ୍ତି। ଏପରି କି ଲୁଟ୍ ପରେ ଅନେକ ବିଦେଶ ପଳାଉଛନ୍ତି। ଏହାସତ୍ତ୍ୱେ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନାହିଁ। ଶିକ୍ଷାର ଅଧୋପତନ ହେଲାଣି। ପାଠ ପଢି ଯୁବଗୋଷ୍ଠୀ ନିଯୁକ୍ତି ସୁଯୋଗ ନ ପାଇ ବେକାର ଜୀବନ ବିତାଉଛନ୍ତି। ତେଣୁ ଯୁବଛାତ୍ରଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବର ଉଚିତ ଜବାବ ଦିଆଯିବ। ଆସନ୍ତା ଅଗଷ୍ଟ ୯ରେ ଏନେଇ ସଂକଳ୍ପ ସମାବେଶ କରାଯିବ। ରବିବାର ସ୍ଥାନୀୟ ମାର୍କଣ୍ଡେଶ୍ୱର ମନ୍ଦିର ପ୍ରାଙ୍ଗଣରେ ନବ ନିର୍ମାଣ କୃଷକ ଯୁବ ଛାତ୍ର ସଙ୍ଗଠନ ପକ୍ଷରୁ ଆୟୋଜିତ ସମାବେଶରେ ଏହା କୁହାଯାଇଛି। ସଙ୍ଗଠନ ଜିଲା ସଂଯୋଜକ ଶୁଭାଙ୍ଗୀ ମଧୁସ୍ମିତା ବସ୍ତିଆଙ୍କ ପୌରୋହିତ୍ୟରେ ଆୟୋଜିତ ସମାବେଶରେ ରାଜ୍ୟ ନେତା ଶେଷଦେବ ନନ୍ଦ ଯୋଗଦେଇ କହିଲେ ଯେ, ରାଷ୍ଟ୍ରାୟତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର କରାଯାଇ ଘରୋଇ କମ୍ପାନୀକୁ କର୍ପୋରେଟ ଇନସେଣ୍ଟିଭ୍ ଦିଆଯାଉଛି। ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଦିଆଯାଉନି। ଶିକ୍ଷା ପରେ ନିଯୁକ୍ତିର ନିଶ୍ଚିତତା ନାହିଁ। ଏଥିପାଇଁ ସରକାର ଚିନ୍ତିତ ଥିବା ଭଳି ଅନୁଭବ ହେଉନି। ତେଣୁ ଏହାକୁ ତୀବ୍ର ବିରୋଧ କରାଯିବ। ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ ଜଗତ୍‌ସିଂହପୁର ଜିଲାର ବରପୁତ୍ରମାନଙ୍କ ସ୍ମୃତିଚାରଣ କରିଥିଲେ। ସଚେତନ ଛାତ୍ରୀଛାତ୍ର ତଥା ଯୁବ ସମାଜର ସଙ୍ଗଠିତ ପ୍ରଚେଷ୍ଟା ସମାଜରେ ଅନ୍ୟାୟ ଅତ୍ୟାଚାର ଦୂର କରିବାରେ ସହାୟକ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନ୍ୟ ନେତାମାନେ କହିଲେ ଯେ ଯୁବଛାତ୍ର ସଙ୍ଗଠନର ନିଷ୍କ୍ରିୟତାର ସୁଯୋଗ ନେଇ ସରକାର ମନମାନ ଚଳାଇଛନ୍ତି। କର୍ମଚାରୀଙ୍କୁ ୭ମ ବେତନ କମିଶନ ଦରମା ଦିଆଯାଉଛି। କିନ୍ତୁ ବେକାରୀ ସମସ୍ୟା ବଢି ଚାଲିଥିଲେ ସୁଦ୍ଧା ସରକାର ନୀରବ ତେଣୁ ଗୁଣାତ୍ମକ ନିଯୁକ୍ତିଭିତ୍ତିକ ଶିକ୍ଷା ଓ ନିଶ୍ଚିତ ନିଯୁକ୍ତି ପାଇଁ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ସମାବେଶ ପ୍ରାରମ୍ଭରେ ସଙ୍ଗଠକ ଦେବୀ ପ୍ରସାଦ ମହାରଣା ବୈପ୍ଳବିକ ସଙ୍ଗୀତ ଗାନ କରିଥିଲେ।

### ଅଭୟଚାନ୍ଦପୁର ଥାନା ପକ୍ଷରୁ ଚାରାରୋପଣ

ପାରାଦୀପ,୧୪।୭(ସ୍ୱ.ପ୍ର.)

ପାରାଦୀପ ଅଭୟଚାନ୍ଦପୁର ଥାନା ପକ୍ଷରୁ ରବିବାର ବନ ମହୋତ୍ସବ ପାଳିତ ହୋଇଛି। ଥାନାଛକ ପାଚେରି କଡ଼ ଓ କର୍ମଚାରୀ ଆବାସ ସ୍ଥଳରେ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ଏଏସ୍‌ପି ବିଷ୍ଣୁଚରଣ ମିଶ୍ର, ତୈଳବିଶୋଧନାଗାର ମାନବ ସମ୍ବଳ ଅଧିକାରୀ ରମେଶ ଚୌଧୁରୀ ଅତିଥିଭାବେ ଯୋଗ ଦେଇଥିଲେ। ପୋଲିସ ଅଞ୍ଚଳକୁ ସବୁଜ ସୁନ୍ଦର କରିବାକୁ ଲକ୍ଷ୍ୟ ରଖିଥିବା ଥାନା ଅଧିକାରୀ ଯୁଗଳ କିଶୋର ଦାସ କହିଛନ୍ତି।

# ଫନୀ ବିପନ୍ନଙ୍କୁ ସହାୟତା ପ୍ରଦାନ

ବିରିଡ଼ି/ବାଲିଆ,୧୪।୭(ଡି.ଏନ.ଏ.)

ବିରିଡ଼ି ବ୍ଲକର ମଙ୍ଗୁଳି, ଉକୁନ୍ଦରା, ବାସନ୍ଦରା, ସଢେଇଶାସନ, ଗୋପୀନାଥପୁର ଓ କୁଳକଇଜଙ୍ଗା ଗ୍ରାମର ଫନୀ ବାତ୍ୟା ବିପନ୍ନଙ୍କୁ ରବିବାର ୨୨ ମୌଜା ମଙ୍ଗୁଳି ବସୁମାତା ଅନୁଷ୍ଠାନ ପକ୍ଷରୁ ରାଶନ କିଟ ଓ ପଲିଥିନ ବଣ୍ଟନ କରାଯାଇଛି। ଜଗତ୍‌ସିଂହପୁର ଏମପି ଡା. ରାଜଶ୍ରୀ ମଲ୍ଲିକ, ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉଳ, ଆମ୍ମା ଅଧକ୍ଷା ସବିତା ଦାସ, ଶିବ ପ୍ରସାଦ ଜେନା, ମଙ୍ଗୁଳି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟା ସ୍ୱପ୍ନାବିକା ମହାନ୍ତି ଓ ବସୁମାତାର ସମ୍ପାଦକ ଗୟାଧର ମହାନ୍ତି ପ୍ରମୁଖ ଉପସ୍ଥିତ ରହିବ ବିପନ୍ନଙ୍କୁ ଏସବୁ ସାମଗ୍ରୀ ବଣ୍ଟନ କରିଥିଲେ। ରାଶନ କିଟରେ ଚାଉଳ, ଚିନି, ଡାଲି, ଚା, ସୁପ ଓ ଅମୁଲ ଇତ୍ୟାଦି ରହିଥିଲା। ପ୍ରତ୍ୟେକ ବନ୍ୟା, ବାତ୍ୟା ଓ ଅଗ୍ନି ବିପନ୍ନଙ୍କୁ ବସୁମାତା ଅନୁଷ୍ଠାନ ସହାୟତାର ହାତ ବଢାଉଥିବାରୁ ଏମପି ମଲ୍ଲିକ ଅନୁଷ୍ଠାନର ସମ୍ପାଦକ ମହାନ୍ତିଙ୍କୁ ସାଧୁବାଦ ଜଣାଇଥିଲେ।


ଏମ୍‌ପି ରାଜଶ୍ରୀ ମଲ୍ଲିକ ବିପନ୍ନଙ୍କୁ ସହାୟତା ଦେଉଛନ୍ତି।

# ବଟେଶ୍ୱର ଉନ୍ନୟନ ଟ୍ରଷ୍ଟର ବନ୍ଧୁମଳିନ

ବିରିଡ଼ି/ବାଲିଆ,୧୪।୭ (ଡି.ଏନ.ଏ )

ବିରିଡ଼ି ବ୍ଲକ ୨୨ ମୌଜା ଚାଷୀଖଣ୍ଡରେ ଥିବା ବଟେଶ୍ୱର ଉନ୍ନୟନ ଟ୍ରଷ୍ଟ ପକ୍ଷରୁ ରବିବାର ଏକ ବନ୍ଧୁମିଳନ ଉତ୍ସବ ବଟେଶ୍ୱର ମହାଦେବଙ୍କ ପୀଠରେ ଅନୁଷ୍ଠିତ ହୋଇଛି। ଟ୍ରଷ୍ଟର ସଭାପତି ପ୍ୟାରୀମୋହନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ନିକୁଞ୍ଜ କିଶୋର ଦାସ, କୋଷାଧ୍ୟକ୍ଷ ସଂଗ୍ରାମ କେଶରୀ ଦାସ, ସଭ୍ୟ ଅରୁଣ କୁମାର ଦାସ, ରବୀନ୍ଦ୍ର କୁମାର ଦାସ, ବିଜୟ କୁମାର ସ୍ୱାଇଁ, ଅମରେଶ ଦାସ, ଅଶୋକ କୁମାର ଦାସ, ସୂର୍ଯ୍ୟନାରାୟଣ ପାଢି, ଫକୀର ଚରଣ ଦାସ, ଲୋକନାଥ ସ୍ୱାଇଁ, ସଭ୍ୟା ଲତିକା ପାଳ, ପ୍ରତିମା ରାୟ, ମୀନତି ମହାନ୍ତି ପ୍ରମୁଖ ଯୋଗ ଦେଇ ବଟେଶ୍ୱର ପୀଠର କିପରି ସର୍ବାଙ୍ଗୀନ ଉନ୍ନତି ଘଟିବ ସେ ବିଷୟରେ ଆଲୋଚନା କରିଥିଲେ। ଏଥିସହ ପୀଠର ଚତୁଃପାର୍ଶ୍ୱ ବିଲୁଆଖାଇ ନଦୀ ବନ୍ଧକୁ ରକ୍ଷାକରିବା ପାଇଁ ଜଳସମ୍ପଦ ବିଭାଗର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ରବୀନ୍ଦ୍ର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


ବନ୍ଧୁମିଳନ ଉତ୍ସବରେ ଉପସ୍ଥିତ କର୍ମକର୍ତ୍ତା।

# ରାସ୍ତାରେ ମାଟି ପକାଇ ଠିକାଦାର ଛୁ

ଏରସମା, ୧୪।୭(ସ୍ୱ.ପ୍ର.)

ଏରସମା ବ୍ଲକ ପୋଖରିଆପଡ଼ା ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣାଧୀନ ଏକ ରାସ୍ତା ଏବେ ସ୍ଥାନୀୟ ବାସିନ୍ଦାଙ୍କ ଚିନ୍ତାର ବିଷୟ ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ (ଆରଡି) ଅଧୀନରେ ଥିବା ଏହି ରାସ୍ତା ଭଜନା ଗ୍ରାମରୁ ମଧୁପୁର, ବାଲିଆକଣି, ଲଛମାକଣ ଓ ସନ୍ତଳ ଗ୍ରାମକୁ ସଂଯୋଗ କରିଛି। ମଧୁପୁର ଗ୍ରାମର ୫୦, ବାଲିଆକଣି ୮୦, ଲଛମାକଣ ୬୦ ଓ ସନ୍ତଳ ଗ୍ରାମର ୮୦ ମୋଟ ୨୭୦ ପରିବାର ଏହି ରାସ୍ତା ଉପରେ ନିର୍ଭର କରନ୍ତି। ମରାମତି ଅଭାବରୁ ଏହି ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଥିଲା। ଖରାଦିନ ପୂର୍ବରୁ ଏହାର ପ୍ରସସ୍ତୀକରଣ ଓ ପୁନରୁଦ୍ଧାର ପାଇଁ ଗ୍ରାମବାସୀ ବିଭାଗୀୟ ଅଧିକାରୀ ଓ ଜିଲାପାଳଙ୍କୁ ନିବେଦନ କରିଥିଲେ। ମାତ୍ର ପରିତାପର ବିଷୟ, ଖରାଦିନେ ଏହି କାମ କରା ନ ଯାଇ ବର୍ଷାଦିନେ ଆରମ୍ଭ କରାଗଲା। ବାଲି ନ ପକାଇ ଖାଲି ମାଟି ପକାଇଦେଇ ଠିକାଦାର ଆଉ ଦେଖା ଦେଉନାହାନ୍ତି। ତେଣୁ ନିକଟରେ ହୋଇଥିବା ଲଗାଣ ବର୍ଷାରେ ରାସ୍ତା ଆଣ୍ଠୁଏ କାଦୁଅ ହୋଇଯାଇଛି। ଗ୍ରାମବାସୀ ଘରୁ ବାହାରି ପାରୁନାହାନ୍ତି। ପିଲାମାନେ ପାଠ ପଢିବାକୁ ଯାଇ ପାରୁନାହାନ୍ତି । ଆମ୍ବୁଲାନ୍ସ ତ ଦୂରର କଥା ଗାଁକୁ ସାଇକେଲଟିଏ ପଶିପାରୁନାହିଁ। ବିଭାଗୀୟ ଅଧିକାରୀ ଓ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ନେବାକୁ ଛାତ୍ରନେତା ରାଜେଶ କୁମାର ସ୍ୱାଇଁ, ରାମେଶ୍ୱର ୟୁଥ କ୍ଲବ ସଭାପତି ସନ୍ତୋଷ କୁମାର ପଣ୍ଡା, ମହେଶ୍ୱର ନାୟକ, କାର୍ତ୍ତିକ ନାୟକ, ରାମଚନ୍ଦ୍ର ସାହୁ ପ୍ରମୁଖ ଦାବି କରିଛନ୍ତି। ନଚେତ ବାଧହୋଇ ସେମାନେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

**ଆଣ୍ଠୁଏ କାଦୁଅରେ ଯାଉଛନ୍ତି ଲୋକେ**


କାଦୁଅ ହୋଇ ପଡ଼ିଥିବା ରାସ୍ତା।

# କୋଲୋନ୍ କ୍ୟାନ୍ସର ଓ ଭେଣ୍ଡି



କୋଲୋନ୍ କ୍ୟାନ୍ସରରେ ଆକ୍ରାନ୍ତ ବ୍ୟକ୍ତିଙ୍କ ପାଇଁ ଭେଣ୍ଡି ଉପକାରୀ ସାବ୍ୟସ୍ତ ହୋଇଥାଏ। ୟୁନିଭର୍ସିଟି ଅଫ୍ ଲଣ୍ଡନର ପୁଷ୍ଟିବିଜ୍ଞାନୀମାନେ ଭେଣ୍ଡିର ସ୍ୱାସ୍ଥ୍ୟୋପକାରୀ ଗୁଣ ସମ୍ପର୍କରେ ଗବେଷଣା କରିବା ସମୟରେ ଏ ସମ୍ପର୍କରେ ଜାଣିପାରିଛନ୍ତି। ସେମାନଙ୍କ ଦ୍ୱାରା ସମ୍ପାଦିତ ସଦ୍ୟ ଗବେଷଣାରୁ ଏହା ଜଣାପଡ଼ିଛି। ଉକ୍ତ ୟୁନିଭର୍ସିଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଭେଣ୍ଡି ଖାଆନ୍ତି ତେବେ ସେ କୋଲୋନ୍ କ୍ୟାନ୍ସରଠାରୁ ନିଜକୁ ଦୂରେଇ ରଖିପାରିବେ। ତା'ସହ ଏଥିରେ ଆକ୍ରାନ୍ତ ବ୍ୟକ୍ତି କେତେକାଂଶରେ ଉପଶମ ଲାଭ କରିବେ। କେବଳ ସେତିକି ନୁହେଁ, ଏହାକୁ ନିୟମିତ ଖାଇବା ଦ୍ୱାରା ଶରୀରରେ ଚର୍ବି ଅଂଶ କମିଥାଏ।

# ଯନ୍ତ୍ରଣାରୁ ଉପଶମ ଦେବ ଡିଭାଇସ

କାଲିଫର୍ନିଆରେ ଥିବା ମେଡ୍‌ଟେକ୍ କମ୍ପାନୀ ଅଧୀନ ମାୟୋସାଇନ୍ସ ନାମକ ସଂସ୍ଥାର ଗବେଷକମାନେ ଏକ ଆୟୋଭେରା-ସି କ୍ରାୟୋଆନାଲଜେସିଆ ଡିଭାଇସ ପ୍ରସ୍ତୁତ କରିଛନ୍ତି। ଏହା ଯନ୍ତ୍ରଣା ଲାଘବ କରିବାରେ ଅନେକାଂଶରେ ସହାୟକ ହୋଇପାରିବ। ବିଶେଷଭାବରେ ଆଣ୍ଠୁଗଣ୍ଠି ଯନ୍ତ୍ରଣା କ୍ଷେତ୍ରରେ ଏହା ଉପକାରୀ ସାବ୍ୟସ୍ତ ହେବ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ଡିଭାଇସ୍‌କୁ ଯନ୍ତ୍ରଣା ସ୍ଥାନରେ ବାନ୍ଧିବା ପରେ ସେଥିରେ ସଂଯୁକ୍ତ ସୂକ୍ଷ୍ମ ଛୁଞ୍ଚି କାମ କରିବା ଆରମ୍ଭ କରିଥାଏ। ଯନ୍ତ୍ରଣା ଦ୍ୱାରା ଆକ୍ରାନ୍ତ ସ୍ନାୟୁଗୁଡ଼ିକ ଚାରିପଟରେ ଏକ ଥଣ୍ଡା ବଳୟ ସୃଷ୍ଟି କରିଥାଏ। ତା'ପରେ ଛୁଞ୍ଚିରେ ଥିବା ଔଷଧୀୟ ଗୁଣ ଯନ୍ତ୍ରଣା ଲାଘବ କରିଥାଏ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।



# ଭାରତର ଦ୍ୱିତୀୟ ଚନ୍ଦ୍ରାଭିଯାନ



କମଳାକାନ୍ତ ଜେନା





"ମହାକାଶଯାନ ପାଇଁ ୬୦୩ କୋଟି ଓ ଏହାକୁ ବୋହି ନେଉଥିବା ରକେଟ୍ ପାଇଁ ୩୭୫ କୋଟି ଟଙ୍କା ଖର୍ଚ୍ଚ ହେଉଛି। ପ୍ରଥମରୁ ରୁଷିଆ ଏହାର ନିର୍ମାଣ କାର୍ଯ୍ୟରେ ସହାୟତା କରିବ ବୋଲି କହିଥିଲା। ୨୦୧୩ ମସିହାରେ ଏହାକୁ ପଠାଯିବାର ଯୋଜନା ବି ଥିଲା। କିନ୍ତୁ ରୁଷିଆ ଠିକ୍ ସମୟରେ ଆମକୁ ଯନ୍ତ୍ରପାତି ଯୋଗାଇ ପାରିଲା ନାହିଁ। ତେଣୁ ଏହି ପ୍ରକଳ୍ପରୁ ରୁଷିଆକୁ ବାହାର କରାଯାଇଛି। ଗର୍ବର କଥା, ସମ୍ପୂର୍ଣ୍ଣ 'ଚନ୍ଦ୍ରଯାନ-୨' କୁ ଭାରତ ନିଜେ ତିଆରି କରିଛି। ଏଥିରେ ଅର୍ବିଟର (୨୩୭୯ କେଜି) ରହିବ। ତା' ସହିତ ରୋଭର (୨୭ କେଜି) ଓ ଲ୍ୟାଣ୍ଡର (୧୪୭୧ କେଜି) ବି ରହିବ। ରୋଭରର ନାମ 'ପ୍ରଜ୍ଞା' ଓ ଲ୍ୟାଣ୍ଡରର ନାମ 'ବିକ୍ରମ' ରଖାଯାଇଛି।"

ଯେତେବେଳେ ଆକାଶର ରୁପାଜହ୍ନକୁ ଦେଖେଇ ମାଆ କହେ – 'ଆ ଜହ୍ନମାମୁ ସରଗଶଶୀ, ମୋ କାହ୍ନୁ ହାତରେ ପଡରେ ଖସି', ସେତେବେଳେ ଶିଶୁଟି ଆକାଶକୁ ଅନେଇ ଜହ୍ନକୁ ଛୁଇଁବାର ସ୍ୱପ୍ନ ଦେଖେ। ସେଇ ମୁହୂର୍ତ୍ତରୁ ଚନ୍ଦ୍ର ସହିତ ସମ୍ପର୍କ ସ୍ଥାପନ କରିବାର ପ୍ରୟାସ ଜାରିରହେ। କିଏ ଦେବତା ରୂପରେ ବନ୍ଦନା କରି ଚନ୍ଦ୍ରକୁ ନିଜର କରିବାକୁ ଉଦ୍ୟମ କରେ ତ କିଏ ପୁଣି ଏହି ଖଗୋଳୀୟ ପିଣ୍ଡକୁ ଉପଗ୍ରହର ମାନ୍ୟତା ଦେଇ ତା' ନିକଟରେ ପହଞ୍ଚିବା ପାଇଁ ମହାକାଶଯାନ ନିର୍ମାଣ କରେ। ଚନ୍ଦ୍ରକୁ ଛୁଇଁବାରେ ପ୍ରଥମ ସଫଳ ପୃଥିବୀବାସୀ ହେଉଛନ୍ତି ଆମେରିକାର ନୀଲ ଆର୍ମଷ୍ଟ୍ରଙ୍ଗ୍। ସେ ୧୯୬୯ ମସିହା ଜୁଲାଇ ୨୧ ତାରିଖରେ ଚନ୍ଦ୍ରପୃଷ୍ଠରେ ପ୍ରଥମେ ପାଦ ଦେଇଥିଲେ। ତା' ପରେ ଅର୍ଦ୍ଧ-ଶତାବ୍ଦୀ ବିତିଯାଇଥିଲେ ବି କୌଣସି ଭାରତୀୟ ଚନ୍ଦ୍ରପୃଷ୍ଠରେ ପାଦ ଦେଇନାହାନ୍ତି। କିନ୍ତୁ ଚନ୍ଦ୍ରାଭିଯାନ ପ୍ରକ୍ରିୟାରେ ଭାରତ କିଛି ପାଦ ଆଗକୁ ବଢେଇ ସାରିଛି। ଆଜିକୁ ଏଗାର ବର୍ଷ ତଳେ ଚନ୍ଦ୍ର ନିକଟକୁ ନିଜର ମହାକାଶଯାନ ପଠେଇ ପାରିଛି।

୧୯୫୯ ମସିହା ସେପ୍ଟେମ୍ବର ୧୩ ତାରିଖରେ ରୁଷିଆର 'ଲୁନା-୨' ମହାକାଶଯାନ ପ୍ରଥମେ ଚନ୍ଦ୍ରପୃଷ୍ଠକୁ ଛୁଇଁଥିଲା। ଦୀର୍ଘ ୪୫ ବର୍ଷ ପରେ ୨୦୦୩ ମସିହା ଅଗଷ୍ଟ ୧୫ ତାରିଖରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଭାରତର ଚନ୍ଦ୍ରାଭିଯାନ ସମ୍ପର୍କରେ ଘୋଷଣା କଲେ। ୨୦୦୮ ମସିହାରେ 'ଚନ୍ଦ୍ରଯାନ-୧' ମହାକାଶଯାନରୁ ଭାରତୀୟ ଚନ୍ଦ୍ରାଭିଯାନ ଆରମ୍ଭ ହେଲା। ଏହି ପ୍ରକଳ୍ପରେ ସମୁଦାୟ ୩୮୬ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା। ୨୦୦୮ ମସିହା ଅକ୍ଟୋବର ୨୨ ତାରିଖରେ ଭାରତ ନିଜର ପ୍ରଥମ ମହାକାଶ ଯାନ 'ଚନ୍ଦ୍ରଯାନ-୧' କୁ ପୃଥିବୀର ପ୍ରାକୃତିକ ଉପଗ୍ରହ ଚନ୍ଦ୍ର ଅଭିମୁଖେ ପ୍ରେରଣ କରିଥିଲା। ଏହା ଥିଲା ଏକ ଅର୍ବିଟର ବା ଅନୁସନ୍ଧାନକାରୀ ମହାକାଶଯାନ। ଏହା ଚନ୍ଦ୍ରପୃଷ୍ଠରେ ଅବତରଣ କରି ନ ଥିଲା। ବରଂ ଚନ୍ଦ୍ରପୃଷ୍ଠରୁ ମାତ୍ର ୧୦୦ କି.ମି. ଉଚ୍ଚତାରେ ରହି ଚନ୍ଦ୍ରକୁ ପରିକ୍ରମା କରିଥିଲା। ୧୩୮୦ କେଜିର ଏହି ଚନ୍ଦ୍ରଯାନକୁ 'ଇସ୍ରୋ' ନିର୍ମିତ ୪୪ ମିଟର ଲମ୍ବ ପିଏସ୍‌ଏଲ୍‌ଭି-ଏକ୍ସଏଲ-ସି-୧୧ ରକେଟ ଦ୍ୱାରା ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀସ୍ ଧାୱନ ସ୍ପେଶ୍ ସେଣ୍ଟରରୁ ଉତ୍କ୍ଷେପଣ କରାଯାଇଥିଲା। ଆମର ପ୍ରଥମ ଚନ୍ଦ୍ରଯାନ ନଭେମ୍ବର ୮ ତାରିଖରେ ସେଠାରେ ପହଞ୍ଚି ଚନ୍ଦ୍ରକୁ ପରିକ୍ରମା କରିବା ଆରମ୍ଭ କରିଥିଲା। ନଭେମ୍ବର ୧୪ ତାରିଖରେ 'ମୁନ୍ ଇମ୍ପାକ୍ଟ ପ୍ରୋବ୍' ନାମକ ଗୋଟିଏ ଛୋଟ ଯନ୍ତ୍ର ଅର୍ବିଟରରୁ ଅଲଗା ହୋଇ ଚନ୍ଦ୍ରପୃଷ୍ଠରେ ପଡିଲା। ଯୋଜନା ମୁତାବକ ତାହା ଚନ୍ଦ୍ରର ଦକ୍ଷିଣ ମେରୁକୁ ସ୍ପର୍ଶ କରିଥିଲା ଏବଂ ଚନ୍ଦ୍ରପୃଷ୍ଠରେ ଭାରତର ତ୍ରିରଙ୍ଗା ପତକାକୁ ପୋତିଥିଲା। ଏହି 'ଇମ୍ପାକ୍ଟ ପ୍ରୋବ୍' ଚନ୍ଦ୍ରର ମାଧ୍ୟାକର୍ଷଣ ବଳ ସମ୍ପର୍କରେ ଆମକୁ ସୂଚନା ଦେଇଥିଲା। ଯୋଜନା ଥିଲା ଆମର ପ୍ରଥମ ଚନ୍ଦ୍ରଯାନଟି ଦୁଇ ବର୍ଷ ଚନ୍ଦ୍ର ଚାରିପଟେ ବୁଲି ବୁଲି ତଥ୍ୟ ସଂଗ୍ରହ କରିବ। କିନ୍ତୁ ଦୁଃଖର କଥା, ୧୦ ମାସ ୬ ଦିନ ପରେ ୨୦୦୯ ମସିହା ଅଗଷ୍ଟ ୨୮ ତାରିଖରେ ତାହା ଅକାମୀ ହୋଇଗଲା। ତେବେ ଅକାମୀ ହେବା ପୂର୍ବରୁ ଚନ୍ଦ୍ରପୃଷ୍ଠରେ ରହିଥିବା ଜଳ ସମ୍ପର୍କରେ ଆମକୁ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଦେଇଥିଲା। ଏହି ସୂଚନାକୁ 'ଚନ୍ଦ୍ରଯାନ-୧'ର ବିଶେଷ ସଫଳତା ବୋଲି ଆମେରିକାର ମହାକାଶ ଗବେଷଣା ସଂସ୍ଥା 'ନାସା' ଓ ୟୁରୋପର ଗବେଷଣା ସଂସ୍ଥା 'ଇସା' ମଧ୍ୟ ସ୍ୱୀକାର କରିଛି।

ପ୍ରଥମ ଚନ୍ଦ୍ରଯାନରୁ ଆମର ଯୋଜନା ମୁତାବକ ସମସ୍ତ ସୂଚନା ମିଳିପାରି ନ ଥିଲା। ତେଣୁ ଆଉ ଥରେ ଚନ୍ଦ୍ରଯାନ ପଠେଇବାର ଯୋଜନା ଚାଲିଥିଲା। ଏହାର ନାମ 'ଚନ୍ଦ୍ରଯାନ-୨'। ଏହାର ଖର୍ଚ୍ଚ ଅଟକଳ ରହିଛି ପାଖାପାଖି ୯୭୮ କୋଟି ଟଙ୍କା, ଯାହାକୁ ୨୦୧୯ ଜୁଲାଇ ୧୫ ତାରିଖ ସୋମବାର ରାତି ୨ଟା ୫୧ ମିନିଟ୍‌ରେ ମହାକାଶକୁ ପଠାଇବାର ଚୂଡାନ୍ତ ପ୍ରସ୍ତୁତି ସରିଛି। ମହାକାଶଯାନ ପାଇଁ ୬୦୩ କୋଟି ଓ ଏହାକୁ ବୋହି ନେଉଥିବା ରକେଟ୍ ପାଇଁ ୩୭୫ କୋଟି ଟଙ୍କା ଖର୍ଚ୍ଚ ହେଉଛି। ପ୍ରଥମରୁ ରୁଷିଆ ଏହାର ନିର୍ମାଣ କାର୍ଯ୍ୟରେ ସହାୟତା କରିବ ବୋଲି କହିଥିଲା। ୨୦୧୩ ମସିହାରେ ଏହାକୁ ପଠାଯିବାର ଯୋଜନା ବି ଥିଲା। କିନ୍ତୁ ରୁଷିଆ ଠିକ୍ ସମୟରେ ଆମକୁ ଯନ୍ତ୍ରପାତି ଯୋଗାଇପାରିଲା ନାହିଁ। ତେଣୁ ଏହି ପ୍ରକଳ୍ପରୁ ରୁଷିଆକୁ ବାହାର କରାଯାଇଛି। ଗର୍ବର କଥା, ସମ୍ପୂର୍ଣ୍ଣ 'ଚନ୍ଦ୍ରଯାନ-୨' କୁ ଭାରତ ନିଜେ ତିଆରି କରିଛି। ଏଥିରେ ଅର୍ବିଟର (୨୩୭୯ କେଜି) ରହିବ। ତା' ସହିତ ରୋଭର (୨୭ କେଜି) ଓ ଲ୍ୟାଣ୍ଡର (୧୪୭୧ କେଜି) ବି ରହିବ। ରୋଭରର ନାମ 'ପ୍ରଜ୍ଞା' ଓ ଲ୍ୟାଣ୍ଡରର ନାମ 'ବିକ୍ରମ' ରଖାଯାଉଛି। ସମୁଦାୟ ୩୮୯୦ କେଜିର ଦ୍ୱିତୀୟ ଚନ୍ଦ୍ରଯାନକୁ ଶ୍ରୀହରିକୋଟାର ସତୀଶ ଧାୱନ ଉତ୍କ୍ଷେପଣ କେନ୍ଦ୍ରରୁ ଚନ୍ଦ୍ର ନିକଟକୁ ବୋହିନେବା ପାଇଁ ଭାରତୀୟ ବିଶାଳ ରକେଟ 'ଜିଏସ୍‌ଏଲ୍‌ଭି-ଏମ୍‌କେ-୩' ବ୍ୟବହୃତ ହେବ। ଏହା ସେଠାରେ ପହଞ୍ଚିବା ପରେ ଗତଥର ପରି ଅର୍ବିଟର ଚନ୍ଦ୍ରକୁ ପରିକ୍ରମା କରିବ। ଚନ୍ଦ୍ରପୃଷ୍ଠରୁ ଏହାର ଦୂରତା ରହିବ ୧୦୦ କିଲୋମିଟର। ତେବେ ଗତ ଥର ୨ ବର୍ଷ ବୁଲିବାର ଯୋଜନା ଥିଲା। କିନ୍ତୁ ଏଥର ୧ ବର୍ଷ ପାଇଁ ଅର୍ବିଟର ଚନ୍ଦ୍ରକୁ ପରିକ୍ରମା କରିବ। ଏଥରର ରୋଭର ଓ ଲ୍ୟାଣ୍ଡର ବ୍ୟବସ୍ଥା ଭାରତ ପାଇଁ ନୂତନ ପଦକ୍ଷେପ। ଭାରତୀୟ ମହାକାଶ କାର୍ଯ୍ୟକ୍ରମର ଜନକ ବିକ୍ରମ ସରାଭାଇଙ୍କୁ ସମ୍ମାନ ଜଣାଇ ଲ୍ୟାଣ୍ଡର ନାମ 'ବିକ୍ରମ' ରଖାଯାଇଛି। ଏହା ପ୍ରଥମେ ଅର୍ବିଟରଠାରୁ ଅଲଗା ହୋଇ ଚନ୍ଦ୍ରକୁ ପରିକ୍ରମା କରିବ ଏବଂ ନିଜର ସବୁ ଉପକରଣ ଠିକ୍‌ଠାକ୍ ଅଛି କି ନାହିଁ ପରୀକ୍ଷା କରିବ। ତା'ପରେ ଧୀରେ ଧୀରେ ଚନ୍ଦ୍ରପୃଷ୍ଠକୁ ଛୁଇଁବ। ଆସନ୍ତା ସେପ୍ଟେମ୍ବର ୬ କିମ୍ବା ୭ ତାରିଖରେ ଲ୍ୟାଣ୍ଡର 'ବିକ୍ରମ' ଚନ୍ଦ୍ରର ଦକ୍ଷିଣ ମେରୁ ନିକଟରେ ଓହ୍ଲାଇବାର ଯୋଜନା ରହିଛି। ୨୦୧୬ ମସିହାରେ କର୍ଣ୍ଣାଟକର ଚିତ୍ରଦୁର୍ଗା ଜିଲାରେ ୧୦ଟି ବଡ ବଡ ଗାତ ଥିବା ଅଞ୍ଚଳରେ ଲ୍ୟାଣ୍ଡରରେ ସେନ୍ସର ଲଗେଇ ୫୧୩ ସେକେଣ୍ଡ ପାଇଁ ଏହାର ଓହ୍ଲାଇବା ପରୀକ୍ଷା କରାଯାଇଥିଲା। ଏହା ଚନ୍ଦ୍ରର ଦକ୍ଷିଣମେରୁ ନିକଟରେ ମଞ୍ଜିନସ୍-ସି ଓ ସିମ୍ପେଲିୟସ୍-ଏନ୍ ନାମକ ଦୁଇଟି ବିରାଟ ଖାଲୁଆ ଅଞ୍ଚଳ ମଝିରେ ଥିବା ଉଚ୍ଚ ଭୂଇଁ ଉପରେ ଓହ୍ଲେଇବ। ଏଯାଏ କୌଣସି ଦେଶର ଯାନ ସେଠାରେ ଅବତରଣ କରିନାହିଁ। ସେଠାରେ ରହି ଏହା ୧୪ ଦିନ ବିଭିନ୍ନ ଗବେଷଣା କରିବ। ତା' ସହିତ ୬-ଚକିଆ ରୋଭରକୁ ମଧ୍ୟ ସେଇ ୧୪ ଦିନ ସେହି ଅଞ୍ଚଳରେ ବୁଲି ବୁଲି ପରୀକ୍ଷା କରିବ। ଏସବୁ କଥା ଭାରତର ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ' ବୁଝୁଛି। ଏହି ଅଭିଯାନ ଚନ୍ଦ୍ରର ଉତ୍ପତ୍ତି ଓ ପୃଥିବୀ ସହିତ ତାହାର ସମ୍ପର୍କ ବିଷୟରେ ଅନେକ ସୂଚନା ଦେଇ ପାରିବ। ତା ସହିତ ଚନ୍ଦ୍ରର ମେରୁ ଅଞ୍ଚଳରେ ବରଫ ରୂପରେ ରହିଥିବା ଜଳ ବିଷୟରେ ଜଣେଇବ।

ଭାରତ ପ୍ରଥମ ଚନ୍ଦ୍ରଯାନକୁ ପଠେଇବା ପରେ ୧୦ ବର୍ଷ ବିତିଗଲାଣି। ତେବେ ଏହାର ଆଂଶିକ ସଫଳତା ପରେ ଆମେ ସମସ୍ତେ ଦ୍ୱିତୀୟ ଚନ୍ଦ୍ରଯାନର ପୂର୍ଣ୍ଣ ସଫଳତାକୁ ଅପେକ୍ଷା କରିରହିଛୁ। କିନ୍ତୁ ଦୁଃଖର କଥା, ବିଭିନ୍ନ ଅସୁବିଧା ସକାଶେ ଦ୍ୱିତୀୟ ଚନ୍ଦ୍ରଯାନର ଉତ୍କ୍ଷେପଣ ନିର୍ଘଣ୍ଟ ଘୁଞ୍ଚି ଘୁଞ୍ଚି ଯାଉଥିଲା। ଅନେକ ବିଚାରବିମର୍ଶ ପରେ ୨୦୧୮ ମାର୍ଚ୍ଚ ମାସରେ ଏହାକୁ ପଠେଇବା କଥା ଥିଲା। ପୁଣି କେତେକ ଅସୁବିଧା ହେତୁ ଅକ୍ଟୋବର ମାସରେ ପଠାହେବାର ଯୋଜନା ହେଲା। ପରେ ୨୦୧୯ ଜାନୁୟାରୀ ମାସରେ ଏହାକୁ ପଠାଯିବାର ଆଶା କରାଯାଉଥିଲା। କିନ୍ତୁ ତାହା ମଧ୍ୟ ସମ୍ଭବ ହେଲା ନାହିଁ। ଆଜି ଆମ ଅପେକ୍ଷାର ଅନ୍ତ ହେବ। ଆଜି (୧୫।୦୭।୨୦୧୯) ଭୋରରୁ ଜହ୍ନମାମୁ ଅଭିମୁଖେ ଭାରତର 'ଚନ୍ଦ୍ରଯାନ-୨' ଯାତ୍ରା କରିବ। ୧୯୬୯ ମସିହା ଜୁଲାଇ ୨୦ ତାରିଖରେ ପୃଥିବୀରୁ ମଣିଷ ଯାଇ ଚନ୍ଦ୍ରରେ ପ୍ରଥମେ ପାଦ ଦେଇଥିଲା। ଏହି ଦିବସକୁ ୫୦ ବର୍ଷ ପୂରିବାର ମାତ୍ର ୫ ଦିନ ପୂର୍ବରୁ ଭାରତର ଚନ୍ଦ୍ରଯାନ-୨ ଚନ୍ଦ୍ର ଅଭିମୁଖେ ଯାତ୍ରା କରିବ। ଏହା କିଛି କମ୍ କଥା ନୁହେଁ। ଏହି ମାନବବିହୀନ ଚନ୍ଦ୍ରାଭିଯାନର ସଫଳ ଉତ୍କ୍ଷେପଣ ମହାକାଶ ଇତିହାସରେ ଏକ ଅଧ୍ୟାୟ ଯୋଡିବ।

-ଓଡ଼ିଶା ଶିକ୍ଷା ସେବା (ଏ), ସଦସ୍ୟ, ଓଡ଼ିଶା ବିଜ୍ଞାନ ଏକାଡେମୀ, ସହକାରୀ ପ୍ରଫେସର, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ
ମୋ : ୯୪୩୯୫୦୧୬୫୧

# ଫୁଡ୍ ପଏଜନିଂ



**ଏବେ ବର୍ଷାଦିନ। ଏଣୁତେଣୁ ଖାଦ୍ୟ ଏବଂ ଦୂଷିତପାଣି ସଂସ୍ପର୍ଶରେ ଆସିଲେ ଫୁଡ୍ ପଏଜନିଂ ପରି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଏପରି କି ଏହି ସମସ୍ୟା ଗୁରୁତର ହେଲେ ହସ୍ପିଟାଲରେ ଆଡମିଶନ ହୋଇ ଚିକିତ୍ସିତ ହେବାକୁ ପଡ଼ିପାରେ। ଏହାଠାରୁ ନିଜକୁ କିପରି ଦୂରେଇ ରଖିବେ ସେ ସମ୍ପର୍କରେ ଟିପ୍ସ...**

- ❖କୌଣସି ଖାଦ୍ୟପଦାର୍ଥ ଖାଇବା ପୂର୍ବରୁ ଭଲ ଭାବରେ ହାତ ଧୁଅନ୍ତୁ। ବାହାରକୁ ହାତ ଯେତେ ପରିଷ୍କାର ଦେଖାଯାଉଥିଲେ ମଧ ହାତର ଉପରିଭାଗରେ ଜୀବାଣୁ ଲୁଚି ରହିଥାଆନ୍ତି। ଅପରିଷ୍କାର ହାତରେ ଖାଦ୍ୟ ଖାଇଲେ ତାହା ଫୁଡ୍ ପଏଜନିଂ ସୃଷ୍ଟି କରିବାର ଆଶଙ୍କା ଅଧିକ ଥାଏ।
- ❖ଯଦି ଫଳମୂଳ ଖାଉଛନ୍ତି ତେବେ ସେଗୁଡିକୁ ପ୍ରଥମେ ଭଲ ପାଣିରେ ପରିଷ୍କାର ଭାବରେ ଧୁଅନ୍ତୁ।
- ❖ଖାଦ୍ୟପଦାର୍ଥକୁ ପରିଷ୍କାର ସ୍ଥାନରେ ଘୋଡ଼ାଇ ରଖନ୍ତୁ।
- ❖ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବାସିଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। କାରଣ ଏହା ପେଟଜନିତ ସମସ୍ୟା ସୃଷ୍ଟି କରିଥାଏ।
- ❖ବାହାରେ ବୁଲିବା ସମୟରେ ଅନେକ ମନଲୋଭା ଖାଦ୍ୟ ଦେଖି ସେଗୁଡ଼ିକୁ ଖାଇବାକୁ ଅନେକେ ଆଶା କରିଥାଆନ୍ତି। ତେବେ ସେଗୁଡିକୁ ଖାଇବା ପୂର୍ବରୁ ତାହାର ଗୁଣବତ୍ତା ସମ୍ପର୍କରେ ଭଲ ଭାବରେ ଅବଗତ ହୁଅନ୍ତୁ।
- ❖ଯଦି ଖାଦ୍ୟ ଅଳ୍ପ ସମୟ ମଧ୍ୟରେ ଖରାପ ହୋଇଯିବ ବୋଲି ଜାଣିପାରୁଛନ୍ତି ତେବେ ସେପରି ଖାଦ୍ୟକୁ ସାଇତି ନ ରଖି ଫୋପାଡ଼ି ଦିଅନ୍ତୁ।
- ❖ଯଦି ଫୁଡ୍ ପଏଜନିଂର ଲକ୍ଷଣ ଜାଣିବାକୁ ପାଉଛନ୍ତି ତେବେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।



# ଶରୀର ସକ୍ରିୟ ରହିଲେ ଇନ୍‌ଫେକ୍ସନ ଆଶଙ୍କା କମ୍ ଥାଏ



ଆମେ ଯଦି ସନ୍ତୁଳିତ ଖାଦ୍ୟ ଖାଇବା ସହ ଉପଯୁକ୍ତ ବିଶ୍ରାମ ନେବା, ତେବେ ଆମେ ଅନେକାଂଶରେ ସୁସ୍ଥ ରହିପାରିବା। ବେଳେବେଳେ ଶରୀରର କାର୍ଯ୍ୟଧାରାରେ ଶିଥିଳତା ପରିଲକ୍ଷିତ ହୋଇଥାଏ। ଏହାଦ୍ୱାରା ଆମକୁ କେତେକ ଶାରୀରିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥାଏ। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଶରୀର ସବୁବେଳେ ସକ୍ରିୟ ନ ରହିଲେ ଇନ୍‌ଫେକ୍ସନ ପରି ଗୁରୁତର ସମସ୍ୟାର ସମ୍ମୁଖୀନ ହେବା ଯଥେଷ୍ଟ ଆଶଙ୍କା ରହିଛି। ଏପରି ବିଷୟବସ୍ତୁକୁ ନେଇ ୱାଶିଂଟନ୍ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର ଶରୀର ଅଧିକାଂଶ ସମୟ ଶିଥିଳ ରହୁଥିଲା, ସେମାନଙ୍କ ମଧ୍ୟରୁ ପ୍ରାୟ ୪୦% ବ୍ୟକ୍ତିଙ୍କଠାରେ ଇନ୍‌ଫେକ୍ସନର ଲକ୍ଷଣ ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

# ସୁନିଦ୍ରା ପାଇଁ ସ୍ମାର୍ଟ ପାଇଜାମା

ଆଜିକାଲି ଅନେକେ ନିଦ୍ରାଜନିତ ସମସ୍ୟା ସହ ଜଡ଼ିତ। ଆମେ ଆବଶ୍ୟକ ସମୟ ମୁତାବକ ନିଦ୍ରା ନ ଗଲେ ବିଭିନ୍ନ ପ୍ରକାର ଶାରୀରିକ ଅସୁବିଧାର ସମ୍ମୁଖୀନ ହୋଇଥାଉ। ସୁନିଦ୍ରାର ଏକ ସହଜ ଉପାୟ ବିଷୟରେ ନିକଟରେ ଆମେରିକାସ୍ଥିତ ୟୁନିଭର୍ସିଟି ଅଫ୍ ମାସାଚ୍ୟୁଟ୍‌ସ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି। ଏହି ବିଶ୍ୱବିଦ୍ୟାଳୟର ଗବେଷକ ତ୍ରିଶା ଆଣ୍ଡ୍ରୁ ଓ ତାଙ୍କ ସାଥୀ ଗବେଷକମାନେ ସ୍ମାର୍ଟ ପାଇଜାମା ଓ ଶାର୍ଟ ପ୍ରସ୍ତୁତ କରିଛନ୍ତି, ଯାହାକୁ ପିନ୍ଧିଲେ ଭଲ ନିଦ ହୋଇଥାଏ। ଏଥିରେ ସ୍ୱୟଂଚାଳିତ ୫ଟି ସେନ୍ସର ଲଗାଯାଇଛି



ଯାହା ହୃତ୍‌ସ୍ପନ୍ଦନ,ଶ୍ୱାସକ୍ରିୟା ଓ ଶୋଇବାର ଶୈଳୀକୁ ନିରୀକ୍ଷଣ କରିବା ସହ ମାନସିକ ଶାନ୍ତି ଆଣିଥାଏ। ଏହାଫଳରେ ସମ୍ପୃକ୍ତ ବ୍ୟକ୍ତି ଆରାମରେ ଶୋଇପାରିଥାଏ। ତେବେ ଏହି ସ୍ମାର୍ଟ ପାଇଜାମା ଏବଂ ଶାର୍ଟକୁ କିପରି ଆହୁରି ଉନ୍ନତ ଜ୍ଞାନକୌଶଳ ବିଶିଷ୍ଟ କରାଯାଇପାରିବ ସେ ନେଇ ଉକ୍ତ ବିଶ୍ୱବିଦ୍ୟାଳୟର ଗବେଷକମାନେ ଚେଷ୍ଟା ଜାରି ରଖିଛନ୍ତି ବୋଲି ପ୍ରକାଶିତ ସଦ୍ୟ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



“ବିଦେଶରେ ସରକାରୀ ବଣ୍ଡ ବିକ୍ରି ହେଲେ ଲାଭ କମ୍ ବେଶି କ୍ଷତି ହେବା

– ମଣ୍ଟେକ ସିଂ ଆହଲୁୱାଲିଆ, ପୂର୍ବତନ ଉପାଧ୍ୟକ୍ଷ, ଯୋଜନା ଆୟୋଗ



“ଆୟକର ଅଧିକାରୀ କୌଣସି ବ୍ୟକ୍ତି ବିଶେଷଙ୍କ ସୋସିଆଲ ମିଡିଆ କାର୍ଯ୍ୟକଳାପ ଉପରେ ନଜର ରଖିଛନ୍ତି ଏହା ଭାବିବା ଭ୍ରମାତ୍ମକ।

– ପି.ସି. ମୋଦି, ଅଧ୍ୟକ୍ଷ, ସିବିଡିଟି

## ସଂକ୍ଷେପରେ

### ଦୃଷ୍ଟିବାଧିତଙ୍କ ପାଇଁ ଆର୍‌ବିଆଇର ନୂଆ ଆପ୍

#### ନୋଟ ଚିହ୍ନିବା ହେବ ସହଜ

**ନୂଆଦିଲ୍ଲୀ,୧୪-୭:** ନୋଟ ଚିହ୍ନିବା ଲାଗି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ନୂଆ ଆପ୍ଲିକେଶନ ଶୀଘ୍ର ଆଣିବ। ଏହା ଦ୍ୱାରା ଦୃଷ୍ଟିବାଧିତ ଲୋକମାନେ ବିଶେଷ ଭାବେ ଲାଭବାନ ହୋଇପାରିବେ। ବର୍ତ୍ତମାନ ନେଣଦେଣ କ୍ଷେତ୍ରରେ କ୍ୟାଶ ସିଂହଭାଗ ହାସଲ କରିଛି। ୧୦,୨୦,୫୦,୧୦୦, ୨୦୦,୨୦୦, ୫୦୦ ଏବଂ ୨୦୦୦ ଟଙ୍କିଆ ନୋଟ ବର୍ତ୍ତମାନ ପ୍ରଚଳନରେ ରହିଛି। ଏହା ବାଦ ଟଙ୍କିଆ ନୋଟ କେନ୍ଦ୍ର ସରକାର ଜାରି କରୁଛନ୍ତି। ଏହି ପଦକ୍ଷେପ ଦ୍ୱାରା ଦୃଷ୍ଟିବାଧିତ ଲୋକମାନେ ଲାଭବାନ ହେବେ ବୋଲି ରିଜର୍ଭ ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏହି ବର୍ଗର ଲୋକଙ୍କ ସୁବିଧା ଲାଗି ୧୦୦ ଟଙ୍କାରୁ ଅଧିକ ମୂଲ୍ୟର ନୋଟରେ ଇଣ୍ଟାଗ୍ଲିଓ ପ୍ରିଣ୍ଟ ଭିତ୍ତିକ ମାର୍କ ରହିଛି। ବିମୁଦ୍ରୀକରଣ ପରେ ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ ପ୍ରଚଳନରୁ ହଟାଗଲା ପରେ ନୂଆ ଡିଜାଇନ ଏବଂ ସାଇଜର ନୋଟ ବ୍ୟବସ୍ଥା ମଧ୍ୟକୁ ଆସିଛି। ଦୃଷ୍ଟିବାଧିତ ଲୋକମାନେ ବିଭିନ୍ନ ନୋଟକୁ ନେଇ ଚ୍ୟାଲେଞ୍ଜ ସାମ୍ନା କରିବା ପରେ ମୋବାଇଲ ଆପ୍ଲିକେଶନ ଆଣିବା ନେଇ ରହିଥିବା ଆବଶ୍ୟକତାକୁ ରିଜର୍ଭ ବ୍ୟାଙ୍କ ଉପଲବ୍ଧି କରିଥିଲା। ପ୍ରସ୍ତାବିତ ମୋବାଇଲ ଆପରେ ମହାତ୍ମା ଗାନ୍ଧୀ ସିରିଜ ଏବଂ ନୂଆ ମହାତ୍ମା ଗାନ୍ଧୀ ସିରିଜକୁ ଚିହ୍ନିବା ସହଜ ହେବ। ଏହା ଦ୍ୱାରା ଦେଶର ୮୦ ଲକ୍ଷ ଦୃଷ୍ଟିବାଧିତ ଲୋକ ଲାଭବାନ ହୋଇ ପାରିବେ। ଏଭଳି ଏକ ଆପ୍ଲିକେଶନ ଆଣିବା ନେଇ ଆର୍‌ବିଆଇ ୨୦୧୮ ଜୁନରେ ପ୍ରଥମେ କହିଥିଲା।

### ଏଫ୍‌ପିଆଇଙ୍କ ପୁଞ୍ଜି ପ୍ରତ୍ୟାହାର ଧାରା ଜାରି

**ନୂଆଦିଲ୍ଲୀ,୧୪-୭:** ଜୁଲାଇରେ ବିଦେଶୀ ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର ଧାରା ଜାରି ରଖିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୪୯୫୩ କୋଟି ଟଙ୍କା ଉଠାଇ ନେଇଛନ୍ତି। ଚଳିତ ମାସ ୧ରୁ ୧୨ ତାରିଖ ମଧ୍ୟରେ ଏମାନେ ଇକ୍ୱିଟିରୁ ଏହି ପୁଞ୍ଜି ପ୍ରତ୍ୟାହାର କରିଛନ୍ତି। କିନ୍ତୁ ଡେଟ୍ ବଜାରରେ ଏମାନେ ୮,୫୦୪.୭୮ କୋଟି ନିବେଶ କରିଛନ୍ତି। ଏହାକୁ ବିଚାର କଲେ, ବିଦେଶୀ ନିବେଶକମାନେ ମୋଟାମୋଟି ଭାବେ ଦେଶର ପୁଞ୍ଜି ବଜାରରେ ୩,୫୫୧ କୋଟି ଟଙ୍କା ନିବେଶ କରିଛନ୍ତି। ଚଳିତ ମାସ ୫ ତାରିଖ ପରଠାରୁ ନିବେଶକମାନେ ୫ଟି ସେସନରେ ପୁଞ୍ଜି ପ୍ରତ୍ୟାହାର ଧାରା ଜାରି ରଖିଛନ୍ତି। ଧନୀ ବ୍ୟକ୍ତିଙ୍କ ଉପରେ ସରକାରଙ୍କ ସରଚାର୍ଜ ଲାଗୁ ପ୍ରସ୍ତାବ ରହିଛି। ସେହିଭଳି ବିଦେଶୀ ପୁଞ୍ଜି ଯାହା ଟ୍ରଷ୍ଟ ଏବଂ ଏଓପି ଭାବେ ନିବେଶ ହୋଇଥିବ ତାହା ମଧ୍ୟ ଟିକସ ପରିସରରେ ଆସୁଛି।

### ଜଳ, ପରିମଳ କ୍ଷେତ୍ରରେ ୬.୩ ଲକ୍ଷ କୋଟିର ନିବେଶ ସମ୍ଭାବନା

**ନୂଆଦିଲ୍ଲୀ,୧୪-୭:** 'ନଲ୍ ସେ ଜଲ୍' ଯୋଜନା ସରକାରଙ୍କ ଦ୍ୱାରା ଘୋଷଣା ହୋଇଥିବା ବେଳେ ସାରା ଦେଶରେ ଆଗାମୀ ୫ ବର୍ଷରେ ୬.୩ ଲକ୍ଷ କୋଟି ଟଙ୍କାର ନିବେଶ ସମ୍ଭାବନା ସୃଷ୍ଟି ହୋଇଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଜେଏମ୍ ଫାଇନାନ୍‌ସିଆଲ ଇନଷ୍ଟିଚ୍ୟୁଶନ ପ୍ରଦାନ କରିଥିବା ରିପୋର୍ଟ ମୁତାବକ ନଲ୍ ସେ ଜଲ୍ ଯୋଜନାରେ ସରକାର ୨୦୨୪ ସୁଦ୍ଧା ପ୍ରତିଘରକୁ ପାଇପ ଜଳ ଯୋଗାଇବା ନେଇ ଲକ୍ଷ୍ୟ ରଖିଛନ୍ତି। ଏହି ଆଧାରରେ ପାଇପ, ଇପିସି, ଜଳ ପରିଚାଳନା, ଭଲ୍‌ଭ, ସିମେଣ୍ଟ ଭଳି ବର୍ଗରେ ଅନ୍ୟ ବର୍ଗରେ ବୃହତ୍ ପରିମାଣର ନିବେଶ ନେଇ ସମ୍ଭାବନା ସୃଷ୍ଟି ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି।

### ଫ୍ୟୁଚର କଞ୍ଜ୍ୟୁମର ଲିମିଟେଡର ନୂଆ ଉତ୍ପାଦ

**ଭୁବନେଶ୍ୱର,୧୪-୭:** ଫ୍ୟୁଚର କଞ୍ଜ୍ୟୁମର ଲିମିଟେଡ ପକ୍ଷରୁ ଡିଟରଜେଣ୍ଟ ସେଗମେଣ୍ଟରେ ନୂଆ ପ୍ରଡକ୍ଟ ଭୂମ ବଜାରକୁ ଆସିଛି। ଏହାକୁ ଫ୍ୟାଶନ ବିଶେଷଜ୍ଞଙ୍କ ଦ୍ୱାରା ଡିଜାଇନ କରାଯାଇଛି। ଫ୍ୟାବ୍ରିକ କେୟାର ଏବଂ ଲଣ୍ଡ୍ରି ବ୍ରାଣ୍ଡ ବର୍ଗରେ ଉପସ୍ଥିତିକୁ ଦୃଢ କରିବା ଲକ୍ଷ୍ୟରେ କମ୍ପାନୀ ପକ୍ଷରୁ ନୂଆ ପ୍ରଡକ୍ଟକୁ ପ୍ରସ୍ତୁତ କରାଯାଇଛି। ଏହା କପଡାର ଯତ୍ନ କ୍ଷେତ୍ରରେ ବ୍ୟବହାର କରାଯାଇ ପାରିବ। ଏହି ପ୍ରଡକ୍ଟକୁ ଗୁଣବତ୍ତା ବିଶେଷଜ୍ଞଙ୍କ ଦ୍ୱାରା ୧୦୦ ଫ୍ୟାବ୍ରିକ ଉପରେ ପରୀକ୍ଷଣ କରାଯାଇଛି। ଏହା ଫ୍ରଣ୍ଟ ଲୋଡ, ଟପଲୋଡ, ବକେଟ ୱାସ ବର୍ଗରେ ଲକ୍ୱିଡ ମ୍ୟାଟ୍ରିକରେ ଆସୁଛି। ଏହି ପ୍ରଡକ୍ଟର ପ୍ୟାକ ୧୧୯ରୁ ୧୪୯ ଟଙ୍କା ରହିଛି। ଏହା କପଡାର ରଙ୍ଗ ଉପରେ କୌଣସି ପ୍ରଭାବ ପକାଇ ନ ଥାଏ। ଏହି ପ୍ରଡକ୍ଟକୁ ବଜାର ପ୍ରବେଶ କରାଇ ଖୁସି ବୋଲି ଫ୍ୟୁଚର କଞ୍ଜ୍ୟୁମର ଲିମିଟେଡର ଏମ୍‌ଡି ଆଶନୀ ବିୟାନୀ କହିଛନ୍ତି।




# ମାର୍ଚ୍ଚ ସୁଦ୍ଧା ସବୁ ରେଳ ଇଞ୍ଜିନ୍‌ରେ ଜିପିଏସ୍

**ଭୁବନେଶ୍ୱର,୧୪-୭(ବ୍ୟୁରୋ)**

ରେଳ ମନ୍ତ୍ରଣାଳୟ, ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ସହ ମିଳିତ ହୋଇ ନୂଆ ପ୍ରକଳ୍ପ ରିୟଲ ଟାଇମ୍ ଟ୍ରେନ ଇନ୍‌ଫରମେଶନ ସିଷ୍ଟମ (ଆର୍‌ଟିଆଇଏସ୍) ଆରମ୍ଭ କରିଛି। ଏହା ଦ୍ୱାରା ରେଲୱେ ଏହାର ଇଞ୍ଜିନରେ ଜିପିଏସ୍ ଡିଭାଇସ୍ ଲଗାଇଛି। ବର୍ତ୍ତମାନ ସୁଦ୍ଧା ୪,୨୦୦ ଇଞ୍ଜିନରେ ଏହାର ବ୍ୟବହାର ହୋଇଛି। ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ସବୁ ରେଳ ଇଞ୍ଜିନରେ ଜିପିଏସ୍ ଲଗାଯିବ ବୋଲି ରେଳ ବୋର୍ଡ ଅଧ୍ୟକ୍ଷ ଭିନୋଦ କୁମାର ଯାଦବ ରବିବାର ସୂଚନା ଦେଇଛନ୍ତି। ୮,୦୦୦ରୁ ୯,୦୦୦ ଇଞ୍ଜିନରେ ଏହି ପଦ୍ଧତି ଲାଗୁ ହେବ। ଏହା ଦ୍ୱାରା ଠିକ୍ ସମୟରେ ଟ୍ରେନ ଚଳାଚଳ କରିବ ଏବଂ ଟ୍ରେନ ଅବସ୍ଥିତି ଜଣା ପଡିବ ବୋଲି ସେ କହିଛନ୍ତି।

ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ଫନୀରେ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଥିବା ପୁରୀ ରେଳ ଷ୍ଟେଶନ ଏବଂ କୋଚିଂ ଡିପୋକୁ ସେ ପରିଦର୍ଶନ କରିବା ସହ କ୍ଷୟକ୍ଷତି ଆକଳନ କରିଛନ୍ତି। ସେହିଭଳି ଭୁବନେଶ୍ୱର ରେଳ ଷ୍ଟେଶନର କ୍ଷୟକ୍ଷତି ତଦାରଖ କରି ଏହାର ଉନ୍ନତୀକରଣ ତଥା ରେଲୱେ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ଭୁବନେଶ୍ୱର ରେଳ ଷ୍ଟେଶନର ମୁଖ୍ୟ ଦ୍ୱାରରେ ନୂଆ ବିଲଡିଂ ସ୍ଥାପନ କରାଯିବ। ଏଠାରେ ଏକ ଉନ୍ନତ ମାନର ଷ୍ଟେଶନ ପ୍ରତିଷ୍ଠା ଲାଗି ଲକ୍ଷ୍ୟ ରଖାଯାଇଛି। ଏଥି ଲାଗି ଭାରତୀୟ ରେଳପଥ ପକ୍ଷରୁ ରାଜ୍ୟ ସରକାରଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହେବ। ସମସ୍ତ ପ୍ରକାରର ବୈଷୟିକ ଆବଶ୍ୟକତା ପୂରଣ ହୋଇଥିବା ବେଳେ ଶୀଘ୍ର ଏମ୍‌ଓୟୁ କରାଯିବ। ସେହିଭଳି ଏଠାରେ ଆଉ ୨ ପ୍ଲାଟଫର୍ମ ଯୋଡି ହେବ। ଷ୍ଟେଶନର ଦ୍ୱିତୀୟ ପ୍ରବେଶ ଦ୍ୱାରକୁ ପୁନଃନବୀକରଣ ଏବଂ ଏହାର ଚତୁଃପାର୍ଶ୍ୱରେ ରାସ୍ତା ସଂଯୋଗୀକରଣ ପାଇଁ ପାଣ୍ଠି ବ୍ୟବସ୍ଥା ହୋଇଛି। ଚଳିତ ବର୍ଷ ୨୦୦ ନିୟୁତ ଟନ୍ ମାଲ ପରିବହନ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ଏହାଠାରୁ ଅଧିକ ମାଲ ପରିବହନ ନେଇ ପୂର୍ବତଟ ରେଳପଥ ଆଶାବାଦୀ ଥିବା ସେ ପ୍ରକାଶ କରିଛନ୍ତି।

ସେହିଭଳି ଚାଲୁ ରହିଥିବା ପ୍ରକଳ୍ପଗୁଡିକୁ ଶେଷ କରିବା ଉଦ୍ୟମ ଜାରି ରହିଥିବା ସେ ସ୍ପଷ୍ଟ କରିଛନ୍ତି। ଏଥି ଲାଗି ପାଣ୍ଠିର କୌଣସି ଅଭାବ ରହିବ ନାହିଁ। ରେଳ ପ୍ରକଳ୍ପ ଆଗେଇବାରେ ଜମି ଅଧିଗ୍ରହଣ ଏକ ସମସ୍ୟା ଭାବେ ଉଭା ହେଉଛି। ଏଥି ଲାଗି ରାଜ୍ୟ ସରକାରଙ୍କ ସହ ମିଳିତ ହୋଇ ସମସ୍ୟା ସମାଧାନ କରାଯିବ ବୋଲି ସେ କହିଛନ୍ତି। ଗତବର୍ଷ ଜମି ଅଧିଗ୍ରହଣ ସମସ୍ୟା ଯୋଗୁ ଅନେକ ପାଣ୍ଠି ଖର୍ଚ୍ଚ ହୋଇ ପାରିନାହିଁ। ଚଳିତ ବର୍ଷ ରାଜ୍ୟର ବିଭିନ୍ନ ରେଳ ପ୍ରକଳ୍ପଗୁଡିକୁ ଅଧିକ ପାଣ୍ଠି ଯୋଗାଇ ଦିଆଯାଇଛି। ବିଭିନ୍ନ ସମସ୍ୟାର ସମାଧାନ ସହ ପାଣ୍ଠିର ପୂର୍ଣ୍ଣ ବିନିଯୋଗ ପାଇଁ ଉଦ୍ୟମ ଜାରି ରହିବ। ସେହିଭଳି ଭୁବନେଶ୍ୱରରୁ କଟକକୁ ଅଧିକ ଟ୍ରେନ ଚଳାଚଳ ନେଇ ହୋଇ ଆସୁଥିବା ଦାବିକୁ ଧ୍ୟାନରେ ରଖାଯାଇଛି। ଏହି ଦୁଇ ସ୍ଥାନ ମଧ୍ୟରେ ଏକ ବାଇପାସ ରେଳ ଲାଇନ ପାଇଁ ସର୍ଭେ କାର୍ଯ୍ୟ ଅନୁମୋଦନ କରାଯାଇଛି। ଏହା ହେଲେ ମାଲ ପରିବହନ ସୁଗମ ହେବା ସହ ଯାତ୍ରୀ ସୁବିଧା ତ୍ୱରାନ୍ୱିତ ହେବ ବୋଲି ଯାଦବ କହିଛନ୍ତି।

ଟ୍ରେନ୍ ଟ୍ରାଫିକ ବୃଦ୍ଧି ଯୋଗୁ ଭିତ୍ତିଭୂମି ବିକାଶର ଆବଶ୍ୟକତା ଉପରେ ଯାଦବ ଗୁରୁତ୍ୱାରୋପ କରିଛନ୍ତି। ଯାତ୍ରୀ ସୁବିଧାକୁ ଅଗ୍ରାଧିକାର, ସେପ୍ଟେମ୍ବର ମାସ ସୁଦ୍ଧା ସବୁ ଷ୍ଟେଶନରେ ୱାଇଫାଇ, ଆର୍ଥିକ ବର୍ଷ ଶେଷ ସୁଦ୍ଧା ସବୁ ମୁଖ୍ୟ ଷ୍ଟେଶନ, ପ୍ରମୁଖ ମେଲ୍ ଏବଂ ଏକ୍ସପ୍ରେସ ଟ୍ରେନଗୁଡିକରେ ସିସିଟିଭି କ୍ୟାମେରା ବ୍ୟବସ୍ଥା, ଇ-କ୍ୟାଟରିଂ ଆପ୍, ଇ-ଦୃଷ୍ଟି ଇନ୍ ୱେବସାଇଟ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ଏହି ୱେବସାଇଟ ଦ୍ୱାରା ଟ୍ରେନର ସମୟ ସାରଣୀ ଓ ଟ୍ରେନରେ ମିଳୁଥିବା ଖାଦ୍ୟର ଗୁଣବତ୍ତା ଓ ମାନ ବିଷୟରେ ଯାତ୍ରୀ ଜାଣି ପାରିବେ।

**ରେଳ ବୋର୍ଡ ଅଧ୍ୟକ୍ଷଙ୍କ ଭୁବନେଶ୍ୱର ଗସ୍ତ**



- ଭୁବନେଶ୍ୱର ରେଳ ଷ୍ଟେଶନର ବିକାଶ ହେବ
- ଯୋଡି ହେବ ଆଉ ୨ ପ୍ଲାଟଫର୍ମ
- ରେଳ ପ୍ରକଳ୍ପ ଲାଗି ପାଣ୍ଠି ଅଭାବ ରହିବନି
- ପ୍ରକଳ୍ପ ଆଗେଇବାରେ ଜମି ଅଧିଗ୍ରହଣ ବାଧକ
- ରାଜ୍ୟ ସହ ମିଳିତ ହୋଇ କାର୍ଯ୍ୟ କରିବାକୁ ଗୁରୁତ୍ୱ
- ଭୁବନେଶ୍ୱର-କଟକ ବାଏପାସ ଲାଇନ ସର୍ଭେକୁ ମଞ୍ଜୁରୀ




## ସାରିକାଙ୍କୁ ବେଷ୍ଟ ଫାଇନାନ୍‌ସିଆଲ୍ ଆଡଭାଇଜର ଆୱାର୍ଡ

**ଭୁବନେଶ୍ୱର,୧୪-୭(ବ୍ୟୁରୋ)**

ୟୁଟିଆଇ ମ୍ୟୁଚୁଆଲ ଫଣ୍ଡ ଏବଂ ସିଏନ୍‌ବିସି ଟିଭି ୧୮ ପକ୍ଷରୁ ମୁମ୍ବାଇରେ ଅନୁଷ୍ଠିତ ୧୦ ସଂସ୍କରଣ ଫାଇନାନ୍‌ସିଆଲ ଆଡଭାଇଜର ଆୱାର୍ଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡିଶାର ସାରିକା ଅରୁଣ ସାହୁଙ୍କୁ ବେଷ୍ଟ ଫାଇନାନ୍‌ସିଆଲ ଆଡଭାଇଜର ଆୱାର୍ଡ ପ୍ରଦାନ କରାଯାଇଛି। ପୂର୍ବାଞ୍ଚଳର ମହିଳା ବର୍ଗରେ ଏଭଳି ପୁରସ୍କାର ଜିତିବାକୁ ସାରିକା ସକ୍ଷମ ହୋଇଛନ୍ତି। ଉକ୍ତ ଆୱାର୍ଡ ଲାଭ କରି ଅତ୍ୟନ୍ତ ଖୁସି ଏବଂ ଏହା ଆଗକୁ ବଢିବାରେ ପ୍ରେରଣା ଦେବ ବୋଲି ସେ କହିଛନ୍ତି। ସାରିକା ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ମିଣ୍ଟବକ୍ସ ଆଡଭାଇଜରି ଏଲ୍‌ଏଲ୍‌ପିର ପାର୍ଟନର ଭାବେ କାର୍ଯ୍ୟରତ। ନିବେଶକଙ୍କ ଲାଗି ଭାଲ୍ୟୁ ସୃଷ୍ଟି ସହ ପୁଞ୍ଜି ବଜାରରେ ନୂତନ ଧାରା, କୌଶଳ ଏବଂ ସୁଯୋଗ ଦିଗରେ କାର୍ଯ୍ୟ କରୁଥିବା ଆର୍ଥିକ ପରାମର୍ଶଦାତାଙ୍କୁ ସମ୍ମାନିତ କରିବା ଲକ୍ଷ୍ୟରେ ଏଭଳି ଆୱାର୍ଡର ପରିକଳ୍ପନା କରାଯାଇଛି। ସେହିଭଳି ଆର୍ଥିକ ସାକ୍ଷରତା ଦିଗରେ ଯୋଗଦାନ ରଖୁଥିବା ପରାମର୍ଶଦାତାଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟରେ ଏଭଳି ଆୱାର୍ଡ ପରିକଳ୍ପନା କରାଯାଇଛି। ମୋଟ ୩୨ ଶୃଙ୍ଖଳାରେ କାର୍ଯ୍ୟକ୍ରମରେ ଆୱାର୍ଡ ପ୍ରଦାନ କରାଯାଇଛି। ଏଥି ଲାଗି ସାରା ଦେଶରୁ ୪୪ ଆବେଦନପତ୍ର ହସ୍ତଗତ ହୋଇଥିଲା। ପୁଞ୍ଜି ବଜାର ମାଧ୍ୟମରେ ସମ୍ପତ୍ତି ସୃଷ୍ଟି ଦିଗରେ ଫାଇନାନ୍‌ସିଆଲ ଆଡଭାଇଜରମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ଏହି ଶିଳ୍ପର ଅଭିବୃଦ୍ଧି ଦିଗରେ ଆଡଭାଇଜରଙ୍କର ରହୁଥିବା ପ୍ରଚେଷ୍ଟାକୁ ସମ୍ମାନ ଜଣାଇ ଆୱାର୍ଡର ପରିକଳ୍ପନା କରାଯାଇଛି ବୋଲି ୟୁଟିଆଇ ମ୍ୟୁଚୁଆଲ ଫଣ୍ଡର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଏବଂ ଆକ୍ଟିଂ ସିଇଓ ଇମତିୟାଜୁର ରହେମାନ କହିଛନ୍ତି। କାର୍ଯ୍ୟକ୍ରମ ଅବସରରେ ମୁଖ୍ୟ ଅତିଥି ଭାବେ ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି)ର ପୂର୍ବତନ ଅଧ୍ୟକ୍ଷ ୟୁ.କେ.ସିହ୍ନା, ଇକ୍ରା ସିଇଓ ନରେଶ ଥକର, ସିଏନ୍‌ବିସି ଟିଭି ୧୮ କାର୍ଯ୍ୟନିର୍ବାହୀ ସମ୍ପାଦକ ଲତା ଭେଙ୍କଟେଶ ପ୍ରମୁଖ ଉପସ୍ଥିତ ଥିଲେ।

## ଇଣ୍ଡିଆନ୍ ଅଏଲର ସ୍ୱଚ୍ଛତା ପକ୍ଷ

**ଭୁବନେଶ୍ୱର,୧୪-୭**




ସ୍ୱଚ୍ଛତା ପକ୍ଷ ଉପଲକ୍ଷେ ରାଷ୍ଟ୍ରାୟତ୍ତ ଇଣ୍ଡିଆନ ଅଏଲ ପକ୍ଷରୁ ପୁରୀ ବଡ ଦାଣ୍ଡରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରଥଯାତ୍ରା ଅବସରରେ କମ୍ପାନୀ ପକ୍ଷରୁ ଗୁଣ୍ଡିଚା ମନ୍ଦିର, ବଡଦାଣ୍ଡକୁ ସ୍ୱଚ୍ଛ ରଖିବାକୁ ପ୍ରୟାସ କରାଯାଇଥିଲା। କମ୍ପାନୀର ମାନବ ସମ୍ବଳ ଏବଂ ସିଏସ୍‌ଆର୍ ମହାପ୍ରବନ୍ଧକ ଦେବୀ ପ୍ରସାଦ ଶତପଥୀଙ୍କ ତୈଳ ଉଦ୍ୟୋଗର ବିଭିନ୍ନ ଅଧିକାରୀ ଏବଂ କର୍ମଚାରୀମାନେ ଏହି ସ୍ୱଚ୍ଛତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ ମଧ୍ୟ ଏଥିରେ ସାମିଲ ହୋଇଥିଲେ। କମ୍ପାନୀର ଏହି ପ୍ରୟାସକୁ ବିଧାୟକ ପ୍ରଶଂସା କରିଥିଲେ। ତେଲ ଉଦ୍ୟୋଗର ଡିଲର, ବିତରକଙ୍କ ସମେତ ୨୦୦ ସ୍ୱେଚ୍ଛାସେବୀଙ୍କ ମହାପ୍ରବନ୍ଧକ ଶତପଥୀ ପରିବେଶ ସ୍ୱଚ୍ଛତାର ଉପାଦେୟତା ଉପରେ ଗୁରୁତ୍ୱାରୋପ କରିଥିଲେ।

## ଆସିବ ଜାତୀୟ ରିଟେଲ ନୀତି

**ନୂଆଦିଲ୍ଲୀ,୧୪-୭**

ସରକାର ଆଗାମୀ ଦିନରେ ଏକ ଜାତୀୟ ରିଟେଲ୍ ଆଣିବା ଦିଗରେ ଅଗ୍ରସର ହେଉଛନ୍ତି। ଶିଳ୍ପ ପ୍ରୋତ୍ସାହନ ଏବଂ ଆନ୍ତଃ ବାଣିଜ୍ୟ ବିଭାଗ ପକ୍ଷରୁ ଏ ନେଇ ଶୀଘ୍ର ଏକ ଡ୍ରାଫ୍ଟ ପେପର ପ୍ରସ୍ତୁତ କରାଯିବା ସହ ଅଂଶୀଦାରଙ୍କ ମତାମତ ଲୋଡାଯିବା ନେଇ ଯୋଜନା ପ୍ରସ୍ତୁତ ହୋଇଛି। ଦେଶର ୬୫ ନିୟୁତ କ୍ଷୁଦ୍ର ବ୍ୟବସାୟୀଙ୍କ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ସରକାର ଏଭଳି ପଦକ୍ଷେପ ଗ୍ରହଣ କରୁଥିବା ଜଣା ପଡିଛି। ଖୁଚୁରା ବ୍ୟବସାୟକୁ ଉତ୍ସାହିତ କରାଯିବା ସହ ଏହି କ୍ଷେତ୍ରରେ ଇଜ ଅଫ୍ ଡୁଇଙ୍ଗ ବିଜନେସକୁ ବଢାଇବା ଦିଗରେ ନୂଆ ନୀତି ସହାୟକ ହେବ ବୋଲି ଆଶା କରାଯାଉଛି। ସେହିଭଳି ଲାଇସେନ୍ସ ପ୍ରଦାନ, ପ୍ରତ୍ୟକ୍ଷ ବିକ୍ରି ଏବଂ ହାଇପର ମାର୍କେଟ ସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗକୁ ନୂଆ ନୀତିରେ ସରକାର ବିଚାର କରିବେ।

ରିଟେଲ କ୍ଷେତ୍ରର ଅଭିବୃଦ୍ଧି, ଡିଜିଟାଲ କାରବାର ଏବଂ ଭିତ୍ତିଭୂମି ଅସୁବିଧାକୁ କମ୍ କରିବା ଉପରେ ଏଥିର ଗୁରୁତ୍ୱ ଦିଆଯିବ ବୋଲି ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଏ ନେଇ ବିଚାରବିମର୍ଷ ଶେଷ ହୋଇଥିବା ବେଳେ ନୀତିର ଡ୍ରାଫ୍ଟ ପ୍ରକ୍ରିୟା ଚାଲୁ ରହିଛି। ଯାହା ଶୀଘ୍ର ଅଂଶୀଦାରଙ୍କ ମତାମତ ଲାଗି ଜାରି କରାଯିବ ବୋଲି ଅଧିକାରୀ ଜଣକ କହିଛନ୍ତି। ବାଣିଜ୍ୟ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା ୧୦୦ ଦିନିଆ ଆକ୍ସନ ପ୍ଲାନର ଏହା ଏକ ଅଂଶବିଶେଷ।




## ସୋନି ଆଣିଲା ନୂଆ ସାଉଣ୍ଡବାର

**ଭୁବନେଶ୍ୱର,୧୪-୭**

ସୋନି ଇଣ୍ଡିଆ ପକ୍ଷରୁ ଡଲବି ଆଟମସ ସୁବିଧା ଥିବା ନୂଆ ସାଉଣ୍ଡବାର ଏଚ୍‌ଟି-ଜେଡ୍‌୯ଏଫ୍ ଏବଂ ଏସ୍‌ଏଜେଡ ୯ ବଜାରକୁ ଆସିଛି। ଏହି ପ୍ରଡକ୍ଟ ସାରା ଦେଶରେ ଥିବା ସୋନି ସେଣ୍ଟର, ଗୁରୁତ୍ୱପୂର୍ଣ୍ଣ ଇଲେକଟ୍ରୋନିକ୍ସ ଷ୍ଟୋର ଏବଂ ଇ-କମର୍ସ ଷ୍ଟୋରଗୁଡିକରେ ଉପଲବ୍ଧ ହେବ। ଏଥିଲାଗି ପ୍ରି ବୁକିଂ ଅଫର ମଧ୍ୟ କମ୍ପାନୀ ପ୍ରଦାନ କରିଛି। ଏହି ପ୍ରଡକ୍ଟଗୁଡିକ ସିନେମା ବିଭାଗ ପାଇଁ ଯୁଗାନ୍ତକାରୀ ସାବ୍ୟସ୍ତ ହେବ ବୋଲି ସୋନି ଇଣ୍ଡିଆର ଏମ୍‌ଡି ସୁନୀଲ ନାୟାର କହିଛନ୍ତି। ବର୍ତ୍ତମାନ ଘରେ ଡଲବୀର ଅନୁଭବ ପାଇବା ସହଜ ହେବ ବୋଲି ଡଲବି ଲାବରୋଟୋରିଜର ଆଞ୍ଚଳିକ ବାଣିଜ୍ୟ ନିର୍ଦ୍ଦେଶକ ଅସୀମ ମାଥୁର କହିଛନ୍ତି।

## ଅନ୍ତର୍ଜାତୀୟ ଉଡାଣ ଉପରେ ଏୟାର ଏସିଆର ରିହାତି

**ଭୁବନେଶ୍ୱର,୧୪-୭**




ଏୟାର ଏସିଆ ପକ୍ଷରୁ ଅନ୍ତର୍ଜାତୀୟ ଉଡାଣ ଉପରେ ଆକର୍ଷଣୀୟ ରିହାତି ଘୋଷଣା କରାଯାଇଛି। ଭୁବନେଶ୍ୱରରୁ ଯାତ୍ରୀମାନେ ବ୍ୟାଙ୍କକ, କୁଆଲାଲମ୍ପୁର ଭଳି ସ୍ଥାନଗୁଡିକୁ ୭୦% ପର୍ଯ୍ୟନ୍ତ ରିହାତିରେ ବିମାନ ଯାତ୍ରା କରିପାରିବେ। ଏବେ ବିମାନ ଯାତ୍ରା ପାଇଁ ଆଗୁଆ ବୁକିଂ କରୁଥିବା ଗ୍ରାହକଙ୍କ ସଂଖ୍ୟା ବଢୁଛି। ଏହି ସେଲ ଦ୍ୱାରା ଯାତ୍ରୀମାନେ ନିଜ ପସନ୍ଦର ସ୍ଥାନକୁ ସୁଲଭ ବଜେଟରେ ଚୟନ କରିପାରିବେ ବୋଲି ଏୟାର ଏସିଆ ଇଣ୍ଡିଆ ସିଓଓ ସଞ୍ଜୟ କୁମାର କହିଛନ୍ତି। ଅଗ୍ରିମ ବୁକିଂ ଯୋଜନା ଏବଂ ଏୟାର ଏସିଆରେ ଯାତ୍ରା ନେଇ ଗ୍ରାହକଙ୍କୁ ଉତ୍ସାହିତ କରାଯାଉଥିବା ସିଓଓ କୁମାର କହିଛନ୍ତି। ଏହି ସେଲ ଚଳିତ ମାସ ୧୫ରୁ ୨୧ ଯାଏ ଚାଲିବ। ଚଳିତବର୍ଷ ଜୁଲାଇ ୨୨ରୁ ୨୦୨୦ ଫେବୃଆରୀ ଯାଏ ଯାତ୍ରୀ ଏଠାରେ ଯାତ୍ରା ସୁବିଧା ପାଇ ପାରିବେ। ଏୟାର ଏସିଆ ବର୍ତ୍ତମାନ ଦେଶର ୧୯ଟି ସ୍ଥାନକୁ ସେବା ସଂଯୋଗ କରୁଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି।

## ବ୍ରାଣ୍ଡ୍ ଫ୍ୟାକ୍ଟ୍ରିରେ ରେଡ ଜୋନ ସେଲ୍

**ଭୁବନେଶ୍ୱର,୧୪-୭**

BRAND FACTORY BEST BRANDS • SMART PRICES

ବ୍ରାଣ୍ଡ୍ ଫ୍ୟାକ୍ଟ୍ରି ପକ୍ଷରୁ ରେଡ୍ ଜୋନ୍ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଷ୍ଟୋରରେ ସାରା ବର୍ଷ ବିଭିନ୍ନ ଅଫର ପ୍ରଦାନ କରାଯାଉଛି। ରେଡ୍ ଜୋନ୍ ସେଲ୍ ମାଧ୍ୟମରେ ଗ୍ରାହକମାନେ ଗୋଟିଏ ପୋଷାକ କ୍ରୟରେ ଆଉ ୨ଟି ବ୍ରାଣ୍ଡେଡ ପୋଷାକ ମାଗଣାରେ ପାଇପାରିବେ ବୋଲି ଷ୍ଟୋର ପକ୍ଷରୁ କୁହାଯାଇଛି। ଷ୍ଟୋରରେ ଲିକୁପର, ଲିଭାଇସ, ସ୍ପାଏକର, ରେମଣ୍ଡ, ବୁଫାଲୋ, ନାଇକ, ଆଡିଦାସ, କନ୍‌ଭର୍ସ ଏବଂ ଭିଆଇପି ଭଳି ବ୍ରାଣ୍ଡ ପାଇପାରିବେ। ଗ୍ରାହକଙ୍କୁ କ୍ରୟର ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବା ଲାଗି ଗୋଲ୍ଡ ଜୋନ ଏବଂ ପର୍ପଲ ଜୋନ ସେକ୍ସନ ଖୋଲାଯାଇଛି। ଏହି ଜୋନଗୁଡିକରୁ ଆକର୍ଷଣୀୟ ମୂଲ୍ୟରେ ଗ୍ରାହକ ପୋଷାକ କ୍ରୟ କରିବାକୁ ସକ୍ଷମ ହେବେ। ଏହି ସେଲ୍ ଦ୍ୱାରା ଫ୍ୟାସନ ଉତ୍ସବର ଅନୁଭୂତି ଗ୍ରାହକଙ୍କୁ ପ୍ରଦାନ କରିବା ଲାଗି ପଦକ୍ଷେପ ନେଇଥିବା ବ୍ରାଣ୍ଡ ଫ୍ୟାକ୍ଟ୍ରିର ସିଇଓ ସୁରେଶ ସାଧୱାନି କହିଛନ୍ତି। ବର୍ତ୍ତମାନ ବ୍ରାଣ୍ଡ ଫ୍ୟାକ୍ଟ୍ରି ୪୫ ସହରରେ ୯୭ ଷ୍ଟୋର ସହ ସେବା ଯୋଗାଉଛି। ଷ୍ଟୋରଗୁଡିକରେ ପୁରୁଷ, ମହିଳା, ଶିଶୁଙ୍କ ପୋଷାକ ସମେତ ହ୍ୟାଣ୍ଡବ୍ୟାଗ, ଲଗେଜ, ଟ୍ରଲି, ବ୍ୟାକ୍ ପ୍ୟାକ ଏବଂ ଅନ୍ୟାନ୍ୟ ଫ୍ୟାଶନ ସାମଗ୍ରୀ ଲାଭ କରିପାରିବେ।

## ରାଜ୍ୟରେ ରାସାୟନିକ ଶିଳ୍ପ ପାର୍କ ବିକାଶ ସମ୍ଭବ: ନାଲ୍‌କୋ ସିଏମ୍‌ଡି

**ଭୁବନେଶ୍ୱର,୧୪-୭**




ଇନଷ୍ଟିଚ୍ୟୁଟ ଅଫ୍ କେମିକାଲ ଟେକ୍ନୋଲୋଜି (ଆଇସିଟି) ଭୁବନେଶ୍ୱର କ୍ୟାମ୍ପସ ଦ୍ୱାରା ପ୍ରେରିତ ରାସାୟନିକ ଶିଳ୍ପ କ୍ଲଷ୍ଟର ରାଜ୍ୟର ଶିଳ୍ପାୟନକୁ ଇନ୍ଧନ ଯୋଗାଣ ଦିଗରେ କାର୍ଯ୍ୟକରିବ। ନାଲ୍‌କୋ ସିଏମ୍‌ଡି ତପନ କୁମାର ଚାନ୍ଦ ଶନିବାର ଏହା କହିଛନ୍ତି। ଆଇସିଟି ଭୁବନେଶ୍ୱର କ୍ୟାମ୍ପସରେ ପ୍ରକ୍ରିୟାକରଣ ଇଞ୍ଜିନିୟରିଂରେ ଏକଜିକ୍ୟୁଟିଭ ଏମ୍‌ଟେକ୍ ପ୍ରୋଗ୍ରାମର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଯୋଗଦେଇ ଡ.ଚାନ୍ଦ ଶିଳ୍ପ କାର୍ଯ୍ୟନିର୍ବାହୀଙ୍କ ପ୍ରଥମ ବ୍ୟାଚ୍‌କୁ ଶୁଭେଚ୍ଛା ପ୍ରଦାନ କରିଛନ୍ତି। ଉଦ୍ୟୋଗ ଭିତ୍ତିକ ନିଯୁକ୍ତି ଲାଗି ଆଗଭର ହେବାକୁ ଏଥିରେ ଚାନ୍ଦ ଗୁରୁତ୍ୱାରୋପ କରିଛନ୍ତି।

ଚାନ୍ଦ କହିଛନ୍ତି, ସାରା ଦେଶରେ ଏଭଳି ପାଠ୍ୟକ୍ରମ ପ୍ରଥମଥର ଲାଗି ଆରମ୍ଭ ହୋଇଛି। ରାସାୟନିକ ଶିଳ୍ପ କ୍ଲଷ୍ଟର ସ୍ଥାପନକୁ ଆଇସିଟି ଭୁବନେଶ୍ୱର ପ୍ରୋତ୍ସାହନ କରୁଛି। ଏହା ରାଜ୍ୟର ଶିଳ୍ପ କ୍ଷେତ୍ର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ବିଶେଷ ଭାବେ ସହାୟକ ହୋଇ ପାରିବ। ସେହିଭଳି ରାଜ୍ୟରେ ରାସାୟନିକ ଶିଳ୍ପ ପାର୍କର ବିକାଶ ସମ୍ଭବ ବୋଲି ଚାନ୍ଦ କାର୍ଯ୍ୟକ୍ରମରେ ମତ ରଖିଛନ୍ତି।

ଉଦ୍ୟମଶୀଳତା ଅଭିଯାନ ଉପରେ ଏଥିରେ ଆଇସିଟି କୁଳପତି ପ୍ରଫେସର ଜି.ଡି. ଯାଦବ ଗୁରୁତ୍ୱାରୋପ କରିଥିଲେ। ଆଇଆଇଟି ଖଡଗପୁରର ପୂର୍ବତନ ନିର୍ଦ୍ଦେଶକ ପ୍ରଫେସର ଦାମୋଦର ଆଚାର୍ଯ୍ୟ, ଆଇସିଟି ଆଇଓସି ଭୁବନେଶ୍ୱର ନିର୍ଦ୍ଦେଶକ ବି.ଏନ୍. ଥୋରାଟ, ଆଇଓସିର ଏଚ୍‌ଆର୍ ନିର୍ଦ୍ଦେଶକ ରଞ୍ଜନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପିଏନ୍‌ବି ପରେ ଆଲ୍ଲାହାବାଦ ବ୍ୟାଙ୍କକୁ ଠକିଛି ଭୂଷଣ ପାୱାର

**ନୂଆଦିଲ୍ଲୀ,୧୪-୭**

ପିଏନ୍‌ବି ପରେ ଆଉ ଏକ ରାଷ୍ଟ୍ରାୟତ୍ତ ଆଲ୍ଲାହାବାଦ୍ ବ୍ୟାଙ୍କକୁ ଠକିଛି ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍। ଏହି କମ୍ପାନୀ ୧୭୭୫ କୋଟି ଟଙ୍କାର ଋଣ ଠକେଇ କରିଥିବା ନେଇ ବ୍ୟାଙ୍କ ପକ୍ଷରୁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ନିକଟରେ ଅଭିଯୋଗ କରାଯାଇଛି। ଷ୍ଟକ୍ ଏକ୍ସଚେଞ୍ଜକୁ ଦେଇଥିବା ନିୟାମକୀୟ ସୂଚନାରେ ଆଲ୍ଲାହାବାଦ୍ ବ୍ୟାଙ୍କ ଦର୍ଶାଇଛି ଯେ, ଏହା ଫରେନ୍ସିକ ଅଡିଟ୍ ଯାଞ୍ଚର ନିଷ୍କର୍ଷ ଏବଂ ସିବିଆଇ ଦ୍ୱାରା ଦରଜ ହୋଇଥିବା ଏତଲା ଭିତ୍ତିରେ ଭୂଷଣ ପାୱାର ଆଣ୍ଡ ଷ୍ଟିଲ୍ ୧୭୭୪.୮୨ କୋଟି ଟଙ୍କାର ଋଣ ଠକେଇ କରିଥିବା ଜଣାପଡିଛି। ବ୍ୟାଙ୍କିଂ ପ୍ରଣାଳୀର ଦୁରୁପଯୋଗ କରି ଏହା ନେଇଥିବା ଋଣ ଅର୍ଥକୁ ଅନ୍ୟତ୍ର କାର୍ଯ୍ୟରେ ଲଗାଇଛି ବୋଲି ବ୍ୟାଙ୍କ ଅଭିଯୋଗ କରିଛି।


MCL Mahanadi Coalfields Limited
(A Subsidiary of Coal India Limited)
Jagruti Vihar, Burla - 768020, Dist. - Sambalpur, Odisha
Ph. (EPABX) : 0663-2542461 to 469 Website : www.mahanadicoal.in

GENERAL TENDER NOTICE FOR e-PROCUREMENT

Mahanadi Coalfields Limited(MCL) is inviting its Tenders having estimated value of ₹2.00 Lakhs and above related to WORKS (Civil works, Electrical & Mechanical works etc.), SERVICES (Coal transportation, coal loading, extraction of coal by Surface Miner, Overburden removal etc.) and GOODS (Procurement of equipments, spares, consumables, medicines etc. and Hiring of Vehicles) through e-Procurement mode. However all the Limited Tenders pertaining to procurement of Goods irrespective of value will be published in the e-Procurement portal. Tender Notices can be viewed on the e-Procurement portal of MCL (**https://coalindiatenders.nic.in**) as well as on the Central Public Procurement portal of Govt. of India (**http://eprocure.gov.in**). Bids are to be submitted ONLINE on the above e- Procurement portal of MCL by enrolled Bidders. EMD can also be submitted online. Enrollment of Bidders on the e-Procurement portal of MCL is free of cost and can be done online by the bidders themselves, having valid Digital Signature Certificate (DSC). Bidders are requested to regularly visit above e-Procurement portal of MCL for enrollment and participation in Tenders.**[Contact details: Tel.-0663-2542264/2542230/ 2542695** (available during office hours only); **email- hlp-eproc.mcl@nic.in** ] R-4923

*Give a missed call on toll free number 1800 200 3004 to get our Apps.*





# ଲର୍ଡ୍ସ ଲଢ଼େଇରେ ଇଂଲଣ୍ଡର ବାଜିମାତ୍

**ଲଣ୍ଡନ,୧୪।୭(ପି.ଟି.)**

କ୍ରିକେଟର ଜନକ କୁହାଯାଇଥିବା ଇଂଲଣ୍ଡ ଶେଷରେ ବିଶ୍ୱକପ୍ ଚାମ୍ପିୟନ ହେବାର ଗୌରବ ଅର୍ଜନ କରିଛି। ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା କଡ଼ା ସଂଘର୍ଷପୂର୍ଣ୍ଣ ରୋମାଞ୍ଚକ ଫାଇନାଲ ମ୍ୟାଚ୍‌ରେ ଇଂଲଣ୍ଡ ସୁପର ଓଭରରେ ନ୍ୟୁଜିଲାଣ୍ଡକୁ ହରାଇ ପ୍ରଥମଥର ପାଇଁ ଟାଇଟଲ ହାସଲ କରି ଇତିହାସ ସୃଷ୍ଟି କରିଛି। ଏଥି ସହିତ ଇଂଲଣ୍ଡର ଦୀର୍ଘ ୪୪ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଛି। ଆୟୋଜକ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ରବିବାର ଖେଳାଯାଇଥିବା ରୋମାଞ୍ଚକ ଫାଇନାଲ ମ୍ୟାଚ୍ ଶେଷରେ ଟାଇରେ ଶେଷ ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ୫୦ ଓଭରରେ ୮ ଉଇକେଟ ହରାଇ ୨୪୧ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ଠିକ ୫୦ ଓଭରରେ ସମାନ ୨୪୧ ରନକରି ଅଲଆଉଟ ହୋଇଥିଲା। ଅନ୍ତିମ ଓଭରରେ ବିଜୟ ପାଇଁ ୧୫ ରନ ଆବଶ୍ୟକ ହେଉଥିବା ବେଳେ ଇଂଲଣ୍ଡ ୧୪ ରନ ସଂଗ୍ରହ କରିପାରିଥିଲା। ୯୮ ବଲରୁ ୫ ଚୌକା ଓ ୨ ଛକା ସହ ବେନ୍ ଷ୍ଟୋକ୍ସ ଦ୍ରୁତ ୮୪ ରନ କରି ଇଂଲଣ୍ଡକୁ ପରାଜୟରୁ ରକ୍ଷା କରିଥିଲେ। ମ୍ୟାଚ ଟାଇ ହେବାଫଳରେ ସୁପର ଓଭର ଖେଳା ଯାଇଥିଲା। ଏଥିରେ ଇଂଲଣ୍ଡ ପ୍ରଥମେ ବ୍ୟାଟିଂ କରି ବିନାକ୍ଷତିରେ ୧୫ ରନ ସଂଗ୍ରହ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ଗୋଟିଏ ଉଇକେଟ ହରାଇ ସମାନ ୧୫ ରନ କରିଥିଲା। ଶେଷ ବଲରେ ୨ ରନ ନେବାକୁ ଯାଇ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ରନଆଉଟ ହୋଇଥିଲେ। ତେବେ ଅପେକ୍ଷାକୃତ ଅଧିକ ସଂଖ୍ୟାକ ବାଉଣ୍ଡରି ମାରିଥିବାରୁ ଇଂଲଣ୍ଡ ବିଜୟୀ ଘୋଷିତ ହୋଇଥିଲା ଓ ଇଂଲଣ୍ଡର ସ୍ୱପ୍ନ ସାକାର ହୋଇଥିଲା। ଶେଷ ୩ଟି ବିଶ୍ୱକପ୍‌ରେ ଆୟୋଜକ ଦେଶମାନେ ବାଜି ମାରିଛନ୍ତି। ପୂର୍ବରୁ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଟାଇ ହୋଇ ନ ଥିଲା।



ଇଂଲଣ୍ଡ ଖେଳାଳିଙ୍କ ବିଜୟ ଉଲ୍ଲାସ ।

୨୪୨ରନ ଆଭରେଜ ଟାର୍ଗେଟର ପିଛା କରି ଇଂଲଣ୍ଡ ଭଲ ଆରମ୍ଭ କରିପାରି ନ ଥିଲା। ଦଳ ମାତ୍ର ୭୧ ରନରେ ଟପ୍ ଅର୍ଡର ଇନ୍‌ଫର୍ମ ୩ ମୂଲ୍ୟବାନ ଉଇକେଟ ହରାଇଥିଲା। ସାରା ଟୁର୍ନାମେଣ୍ଟରେ ଧୂଆଁଧାର ପ୍ରଦର୍ଶନ କରିଥିବା ଦୁଇ ଓପନର ଜାସନ ରୟ ଓ ଜନି ବେୟାରଷ୍ଟୋଙ୍କ ସମେତ ଜୋ ରୁଟ୍ ପ୍ୟାଭିଲିୟନ ଫେରିଥିଲେ। ୩ ଚୌକା ସହ ୨୦ ବଲରୁ ୧୭ ରନ କରିଥିବା ବେଳେ ରୟ ମ୍ୟାଟ୍ ହେନରିଙ୍କ ଅଫ୍ ଷ୍ଟମ୍ପ ବାହାରର ବଲ୍‌କୁ ଖେଳିବାକୁ ଯାଇ ଉଇକେଟ କିପର ଟମ୍ ଲଥାମଙ୍କ ହାତରେ ଧରାପଡି ପ୍ରଥମେ ଆଉଟ ହୋଇଥିଲେ। ଜବରଦସ୍ତ ଫର୍ମରେ ଥିବା ରୁଟ୍ ମାତ୍ର ୭ ରନକରି ଆଉଟ ହେବା ସହ ଘରୋଇ ଦର୍ଶକଙ୍କୁ ନିରାଶ କରିଥିଲେ। ସେ କଲିନ ଡି ଗ୍ରାଣ୍ଡହୋମଙ୍କ ଅଫ୍ ଷ୍ଟମ୍ପ ବାହାରର ଗୁଡ ଲେନ୍ଥ ବଲ୍‌କୁ ଖେଳିବାକୁ ପ୍ରୟାସ କରିଥିଲେ। ବଲ୍ ବ୍ୟାଟ୍‌ର ଇନ୍‌ସାଇଡ୍ ଏଜ୍ ନେଇଥିଲା ଓ ଲଥାମ ଏକ ସହଜ କ୍ୟାଚ ନେଇ ରୁଟ୍‌ଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଏହାପରେ ବେୟାରଷ୍ଟୋ ୩୬ ରନ (୫୫ ବଲ, ୭ ଚୌକା) କରିଥିବା ବେଳେ ଲୋକି ଫର୍ଗୁସନଙ୍କ ଅଫ୍ ଷ୍ଟମ୍ପ ବାହାର ବାଉନ୍ସ ବଲ୍‌କୁ ଜମ୍ପ ଖେଳିବାକୁ ଯାଇଥିଲେ। ତେବେ ବଲ୍ ବ୍ୟାଟ୍ ଭିତର ପଟର ଏଜ୍ ନେଇ ଷ୍ଟମ୍ପରେ ବାଜିଥିଲା। ଫଳରେ ରୁଟ ବୋଲ୍ଡ ହୋଇ ପ୍ୟାଭିଲିୟନ ଫେରିଥିଲେ। ଏହାପରେ ଅଧିନାୟକ ଇଅନ ମୋର୍ଗାନଙ୍କ ପାଳି ପାଳି ପଡିଥିଲା। ଭଲ ଫର୍ମରେ ନ ଥିବା ମୋର୍ଗାନ ଜେମ୍ସ ନିଶାମଙ୍କ ୱାଇଡ୍ ଲେନ୍ଥ ବଲ୍‌କୁ ଜୋର୍‌ଦାର ଶଟ୍ ଖେଳିବାକୁ ଯାଇ ପଏଣ୍ଟ ବାଉଣ୍ଡରିରେ ଫର୍ଗୁସନଙ୍କୁ କ୍ୟାଚ୍ ଦେଇଥିଲେ। ଫର୍ଗୁସନ ଏକ ସୁନ୍ଦର କ୍ୟାଚ୍ ନେଇଥିଲେ। ମୋର୍ଗାନ ମନ୍ଥର ବ୍ୟାଟିଂ କରି ୨୨ଟି ବଲର ସମ୍ମୁଖୀନ ହୋଇ ମାତ୍ର ୯ ରନକରି ପ୍ୟାଭିଲିୟନ ଫେରିଥିଲେ। ଇଂଲଣ୍ଡ ୮୪ ରନରେ ଟପ୍ ଅର୍ଡର ୪ ଉଇକେଟ ହରାଇ ବିପଦରେ ପଡିଥିଲା। ଏହାପରେ ପଞ୍ଚମ ଉଇକେଟରେ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଜୋସ୍ ବଟଲର ଲଢୁଆ ପ୍ରଦର୍ଶନ କରି ୧୨୯ଟି ବଲ୍‌ରୁ ୧୧୦ ରନର ଶତକୀୟ ଭାଗୀଦାରି ସ୍ଥାପନ କରି ସ୍ଥିତି ସମ୍ଭାଳିବା ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ତେବେ ବଟଲର ୬୦ ବଲରୁ ୬ ଚୌକା ସହ ଦ୍ରୁତ ୫୯ ରନ କରି ଫର୍ଗୁସନଙ୍କ ବଲ୍‌ରେ ଏକ୍ସଟ୍ରା କଭର ଉପରେ ଦେଇ ଛକା ମାରିବାକୁ ଯାଇ ବଦଳ ଖେଳାଳି ଟିମ ସାଉଦିଙ୍କ ହାତରେ ଧରା ପଡିଥିଲେ। ଏହାପରେ ୨ ରନ କରି ଥିବା ବେଳେ କ୍ରିସ୍ ୱୋକ୍ସ ଫର୍ଗୁସନଙ୍କ ବାଉନ୍ସ ବଲ୍‌କୁ ଲମ୍ବା ଶଟ ଖେଳିବାକୁ ଯାଇଥିଲେ। ତେବେ ବଲ ବ୍ୟାଟ୍‌ରେ ଠିକ୍ ରୁପେ ସଂଯୋଗ ନ ହେବା କାରଣରୁ ସେ ଲଥାମଙ୍କ ହାତରେ ଧରା ପଡି ପ୍ୟାଭିଲିୟନ ଫେରିଥିଲେ। ସେହିପରି ଲିୟମ ପ୍ଲଙ୍କେଟ ୧୦ ରନ କରି ଆଉଟ ହୋଇଥିଲେ। ଏହାର ଦୁଇଟି ବଲରେ ଜୋଫ୍ରା ଆର୍ଚର ଖାତ ଖୋଲିବା ପୂର୍ବରୁ ନିଶାମ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ୨ ରନ ନେବାକୁ ଯାଇ ଆଡିଲ ରସିଦ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଇନିଂସର ଶେଷ ବଲ୍‌ରେ ଅନୁରୂପ ଭାବେ ୨ ରନ ନେବାକୁ ଯାଇ ମାର୍କ ଉଡ୍ ବୋଲ୍ଟଙ୍କ ଦ୍ୱାର ରନ୍ ଆଉଟ ହୋଇଥିଲେ। ଫଳରେ ମ୍ୟାଚ୍ ଟାଇ ହୋଇଥିଲା। ଦଳ ଅଲ୍‌ଆଉଟ ହୋଇଥିଲେ ମଧ୍ୟ ବେନ୍ ଷ୍ଟୋକ୍ସ ୮୪ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ବୋଲିଂରେ ନ୍ୟୁଜିଲାଣ୍ଡ ତରଫରୁ ପର୍ଗୁସନ ଓ ନିଶାମ ୩ଟି ଲେଖାଏ, ଆର୍ଚର ଓ ଉଡ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ମେଘୁଆ ପାଗରେ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ନ୍ୟୁଜିଲାଣ୍ଡ ତରଫରୁ ଦୁଇ ଓପନର ମାର୍ଟିନ ଗୁପ୍ଟିଲ ଓ ନିକୋଲ୍ସ ଦେଖିଚାହିଁ ଆରମ୍ଭ କରିଥିଲେ। ଖରାପ ଫର୍ମ ଦେଇ ଗତି କରୁଥିବା ଅଭିଜ୍ଞ ମାର୍ଟିନ ଗୁପ୍ଟିଲ ପ୍ରଥମେ ଆଉଟ ହୋଇଥିଲେ। ୧୮ ବଲରୁ ୨ ଚୌକା ଓ ୧ ଛକା ସହ ୧୯ ରନ କରିଥିବା ଗୁପ୍ଟିଲ କ୍ରିସ୍ ୱୋକ୍ସଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ବ୍ୟାଟ୍‌ରେ ଏଜ୍ ନେଇଥିବା ଭାବି ସେ ରିଭ୍ୟୁ ନେଇଥିଲେ ମଧ୍ୟ କିଛି ଫଳ ହୋଇ ନ ଥିଲା। । ଇନ୍‌ଫର୍ମ ଅଧିନାୟକ କେନ୍ ୱିଲିୟମସନ ଅବଶ୍ୟ ଏହି ହାଇଭୋଲ୍‌ଟେଜ ନିର୍ଣ୍ଣାୟକ ମ୍ୟାଚ୍‌ରେ ଚମକ ଦେଖାଇବାରେ ବିଫଳ ହୋଇଥିଲେ। ଧିମା ଆରମ୍ଭ କରି ୫୩ଟି ବଲର ସମ୍ମୁଖୀନ ହୋଇ ୨ ଚୌକା ସହ ୩୦ ରନ କରିଥିବା ବେଳେ ସେ ଲିଅମ୍ ପ୍ଲଙ୍କେଟଙ୍କ ବଲ୍‌ରେ ଉଇକେଟକିପର ଜୋସ ବଟଲରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଦ୍ୱିତୀୟ ଉଇକେଟରେ ୱିଲିୟମସନ ଓ ନିକୋଲ୍ସ ୭୪ ରନ ସଂଗ୍ରହ କରିଥିଲେ। ଏହାପରେ ୭୭ ବଲରୁ ୪ ଚୌକା ସହ ୫୫ରନର ଅର୍ଦ୍ଧଶତକୀୟ ପାଳି ଖେଳି ନିକୋଲ୍ସ ଆଉଟ ହୋଇଥିଲେ। ଲାଇନ୍‌ମିସ୍ କରି ନିକୋଲ୍ସ ପ୍ଲଙ୍କେଟଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଅଭିଜ୍ଞ ରସ୍ ଟେଲର ଫାଇନାଲରେ କିନ୍ତୁ ବିଫଳ ହୋଇଥିଲେ। ୩୧ଟି ବଲ୍ ଖେଳି ମାତ୍ର ୧୫ ରନ କରିଥିବା ବେଳେ ସେ ମାର୍କ ଉଡ୍‌ଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇ ପ୍ୟାଭିଲିୟନ ଫେରିଥିଲେ। ଜେମ୍ସ ନିଶାମ ୨୫ଟି ବଲ ଖେଳି ୩ ଚୌକା ସହ ୧୯ ରନ କରିଥିବା ବେଳେ ମିଡ୍‌ଅନ୍ ଉପରେ ବଡ଼ ଶଟ୍ ଖେଳିବାକୁ ପ୍ରୟାସ କରି ଜୋ ରୁଟ୍‌ଙ୍କୁ କ୍ୟାଚ୍ ଦେଇ ପ୍ଲଙ୍କେଟଙ୍କ ତୃତୀୟ ଶିକାର ହୋଇଥିଲେ। କଲିନ୍ ଡି ଗ୍ରାଣ୍ଡହୋମ ମନ୍ଥର ବ୍ୟାଟିଂ କରି ୨୮ ବଲରୁ ୧୬ ରନ କରିଥିବା ବେଳେ ୱୋକ୍ସଙ୍କ ବଲ୍‌ରେ ମିଡ୍‌ଅନ୍‌କୁ ଜୋରଦାର ଶଟ୍ ଖେଳିଥିଲେ। ତେବେ ବଲ୍ ବ୍ୟାଟ୍‌ର ଏଜ୍ ନେଇ ମିଡ୍ ଅଫ୍ ଅଞ୍ଚଳକୁ ଯାଇଥିଲା ଓ ବଦଳ ଖେଳାଳି ଜେମ୍ସ ଭିନ୍ସ ସହଜ କ୍ୟାଚ ନେଇ ତାଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଉଇକେଟକିପର ବ୍ୟାଟ୍ସମ୍ୟାନ ଟମ୍ ଲଥାମ ୨ ଚୌକା ଓ ୧ ଛକା ସହ ୫୬ ବଲରୁ ୪୭ ରନ କରିଥିବା ବେଳେ ୱୋକ୍ସଙ୍କ ଏକ ଅଫ୍ ଷ୍ଟମ୍ପ ବାହାରର ସ୍ଲୋ ଫୁଲ ଲେନ୍ଥ ବଲ୍‌କୁ ମିଡ ଅଫ୍ ଉପର ଦେଇ ମାରିବାକୁ ଚେଷ୍ଟା କରିଥିଲେ। ବଲ୍ କିନ୍ତୁ ବ୍ୟାଟ୍‌ର ନିମ୍ନରେ ବାଜିଥିଲା ଓ ଭିନ୍ସ ତାଙ୍କ କ୍ୟାଚ ନେଇଥିଲେ। ଷଷ୍ଠ ଉଇକେଟରେ ଲଥାମ ଓ ଗ୍ରାଣ୍ଡହୋମ୍ ଗୁରୁତ୍ୱପୂର୍ଣ୍ଣ ୪୬ ରନ ସଂଗ୍ରହ କରିଥିଲେ। ଏକଦା ଗୋଟିଏ ଉଇକେଟ ହରାଇ ନ୍ୟୁଜିଲାଣ୍ଡ ୧୦୩ ରନ ସଂଗ୍ରହ କରି ଦୃଢ ସ୍ଥିତିରେ ରହିଥିଲା। ତେବେ ନିୟମିତ ଉଇକେଟ ହରାଇ ଦଳ ବଡ଼ ସ୍କୋର ହାସଲ କରିପାରି ନ ଥିଲା। ଇଂଲଣ୍ଡ ବୋଲରମାନେ ଭଲ ବୋଲିଂ କରିଥିଲେ ମଧ୍ୟ ଫାଇନାଲ ଭଳି ନିର୍ଣ୍ଣାୟକ ମ୍ୟାଚ୍‌ରେ ଅତିରିକ୍ତ ୩୦ ରନ ବ୍ୟୟ କରିଥିଲେ। ବୋଲିଂରେ ୱୋକ୍ସ ଓ ପ୍ଲଙ୍କେଟ ୩ଟି ଲେଖାଏ, ଆର୍ଚର ଓ ଉଡ୍ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

## ବିଶ୍ୱକପରେ ଇଂଲଣ୍ଡ

୧୯୭୫(ଇଂଲଣ୍ଡ): ସେମିଫାଇନାଲ
୧୯୭୯(ଇଂଲଣ୍ଡ): ରନର୍ସଅପ୍
୧୯୮୩(ଇଂଲଣ୍ଡ): ସେମିଫାଇନାଲ
୧୯୮୭(ଭାରତ/ପାକିସ୍ତାନ): ରନର୍ସଅପ୍
୧୯୯୨(ଅଷ୍ଟ୍ରେଲିଆ/ନ୍ୟୁଜିଲାଣ୍ଡ): ରନର୍ସଅପ୍
୧୯୯୬(ଭାରତ/ପାକିସ୍ତାନ/ଶ୍ରୀଲଙ୍କା): କ୍ୱାର୍ଟର ଫାଇନାଲ
୧୯୯୯(ଇଂଲଣ୍ଡ/ୱେଲ୍ସ): ଗ୍ରୁପ ପର୍ଯ୍ୟାୟ
୨୦୦୩(ଦକ୍ଷିଣ ଆଫ୍ରିକା): ଗ୍ରୁପ ପର୍ଯ୍ୟାୟ
୨୦୦୭(ୱେଷ୍ଟଇଣ୍ଡିଜ): ସୁପର ଏଇଟ
୨୦୧୧(ଭାରତ/ଶ୍ରୀଲଙ୍କା /ବାଂଲାଦେଶ): କ୍ୱାର୍ଟର ଫାଇନାଲ
୨୦୧୫(ଅଷ୍ଟ୍ରେଲିଆ/ନ୍ୟୁଜିଲାଣ୍ଡ): ଗ୍ରୁପ ପର୍ଯ୍ୟାୟ
୨୦୧୯(ଇଂଲଣ୍ଡ/ୱେଲ୍ସ): ଚାମ୍ପିୟନ

## ବିଶ୍ୱକପ୍‌ରେ ଅଧିନାୟକ ଭାବେ ସର୍ବାଧିକ ରନ

| |
|---|
| ୫୭୮: କେନ୍ ୱିଲିୟମସନ(ନ୍ୟୁଜିଲାଣ୍ଡ), ୨୦୧୯ |
| ୫୪୮: ମାହେଲା ଜୟବର୍ଦ୍ଧନେ(ଶ୍ରୀଲଙ୍କା), ୨୦୦୭ |
| ୫୩୯: ରିକି ପଣ୍ଟିଂ(ଅଷ୍ଟ୍ରେଲିଆ), ୨୦୦୭ |
| ୫୦୭: ଆରୋନ ଫିଞ୍ଚ୍(ଅଷ୍ଟ୍ରେଲିଆ), ୨୦୧୯ |

## ସ୍କୋର ବୋର୍ଡ

**ନ୍ୟୁଜିଲାଣ୍ଡ ଇନିଂସ**
ଗୁପଟିଲ-ଏଲବିଡବଲ୍ୟୁ-ୱୋକ୍ସ-୧୯
ନିକୋଲ୍ସ-ବୋ-ପ୍ଲଙ୍କେଟ-୫୫
ୱିଲିୟମସନ-କ-ବଟଲର-ବୋ-ପ୍ଲଙ୍କେଟ-୩୦
ଟେଲର-ଏଲବିଡବଲ୍ୟୁ-ଉଡ୍-୧୫
ଲାଥାମ-କ-ଭିନ୍ସ(ଅ)-ବୋ-ୱୋକ୍ସ-୪୭
ନିଶାମ-କ-ରୁଟ୍-ବୋ-ପ୍ଲଙ୍କେଟ-୧୯
ଗ୍ରାଣ୍ଡହୋମ-କ-ଭିନ୍ସ(ଅ)-ବୋ-ୱୋକ୍ସ-୧୬
ସାଣ୍ଟନର-ନଟଆଉଟ-୫
ହେନରି-ବୋ-ଆର୍ଚର-୪
ବୋଲ୍ଟ-ନଟଆଉଟ-୧
ଅତିରିକ୍ତ-୩୦
ମୋଟ(୮ ଉଇକେଟ, ୫୦ ଓଭର) ୨୪୧।
ଉଇକେଟ ପତନ: ୧/୨୯, ୨/୧୦୩, ୩/୧୧୮, ୪/୧୪୧, ୫/୧୭୩, ୬/୨୧୯, ୭/୨୩୨, ୮/୨୪୦।

**ବୋଲିଂ(ଇଂଲଣ୍ଡ)**
ୱୋକ୍ସ ୯-୦-୩୭-୩
ଆର୍ଚର ୧୦-୦-୪୨-୧
ପ୍ଲଙ୍କେଟ ୧୦-୦-୪୨-୩
ଉଡ୍ ୧୦-୧-୪୯-୧
ରଶିଦ ୮-୦-୩୯-୦
ଷ୍ଟୋକ୍ସ ୩-୦-୨୦-୦।

**ଇଂଲଣ୍ଡ ଇନିଂସ**
ଜାସନ ରୟ-କ-ଲଥାମ-ବୋ-ହେନରି-୧୭
ବେୟାରଷ୍ଟୋ-ବୋ-ଫର୍ଗୁସନ-୩୬
ରୁଟ୍-କ-ଲଥାମ-ବୋ-ଗ୍ରାଣ୍ଡ୍‌ହୋମ୍-୭
ମୋର୍ଗାନ-କ-ଫର୍ଗୁସନ-ବୋ-ନିଶାମ-୯
ଷ୍ଟୋକ୍ସ-ନଟଆଉଟ-୮୪
ବଟଲର-କ-ସୌଦି-ବୋ-ଫର୍ଗୁସନ-୫୯
ଓକ୍ସ-କ-ଲଥାମ-ବୋ-ଫର୍ଗୁସନ-୨
ପ୍ଲଙ୍କେଟ-କ-ବୋଲ୍ଟ-ବୋ ନିଶାମ-୧୦
ଜୋଫ୍ରା ଆର୍ଚର-ବୋ-ନିଶାମ-୦
ଅଦିଲ ରଶିଦ୍-ରନ ଆଉଟ-୦
ମାର୍କ ଉଡ୍-ରନଆଉଟ-୦
ଅତିରିକ୍ତ-୧୭
ମୋଟ: (୫୦ ଓଭର, ଅଲଆଉଟ) ୨୪୧।
**ଉଇକେଟ ପତନ:** ୧/୨୮, ୨/୫୯, ୩/୭୧, ୪/୮୬, ୫/୧୯୬, ୬/୨୦୩, ୭ /୨୨୦, ୮/୨୨୭, ୯/୨୪୦,୧୦/୨୪୧।

**ବୋଲିଂ (ନ୍ୟୁଜିଲାଣ୍ଡ)**
ଟ୍ରେଣ୍ଟ ବୋଲ୍ଟ ୧୦-୦-୬୭-୦
ମ୍ୟାଟ୍ ହେନରି ୧୦-୨-୪୦-୧
କଲିନ ଡି' ଗ୍ରାଣ୍ଡହୋମ୍ ୧୦-୨-୨୫-୧
ଲୋକି ଫର୍ଗୁସନ ୧୦-୦-୫୦-୩
ଜେମ୍ସ ନିଶାମ ୭-୦-୪୩-୩
ମିଚେଲ ସାଣ୍ଟନର ୩-୦-୧୧-୦।

## କିମ୍ବଦନ୍ତୀଙ୍କ ସମାହାର





ମ୍ୟାଚ ପୂର୍ବରୁ ଇଂଲଣ୍ଡ ଅଧିନାୟକ ଇଅନ ମୋର୍ଗାନଙ୍କ ସହ କରମର୍ଦ୍ଦନ କରୁଛନ୍ତି ସଚିନ ତେନ୍ଦୁଲକର। ବ୍ରାଇନ ଲାରା ଓ ଶେନ ୱର୍ନ।



ଟ୍ରାଫାଲଗାର ସ୍କୋୟାରରେ ଦର୍ଶକମାନେ ବଡ଼ ସ୍କ୍ରିନ୍ ମାଧ୍ୟମରେ ଇଂଲଣ୍ଡ-ନ୍ୟୁଜିଲାଣ୍ଡ ଫାଇନାଲକୁ ଉପଭୋଗ କରୁଛନ୍ତି।

## ସଂକ୍ଷେପରେ

### ଜୁନିୟର ଶୁଟିଂ ବିଶ୍ୱକପ୍
## ଦ୍ୱିତୀୟ ଦିବସରେ ଭାରତକୁ ୬ ପଦକ

ନୂଆଦିଲ୍ଲୀ, ୧୪।୭ (ପି.ଟି.): ଜର୍ମାନୀର ସୁଲ୍‌ଠାରେ ଚାଲିଥିବା ଆଇଏସ୍‌ଏସ୍‌ଏଫ୍ ଜୁନିୟର ୱାର୍ଲ୍ଡ କପ୍ ରାଇଫଲ/ପିସ୍ତଲ/ଶଟ୍‌ଗନ୍ ଚାମ୍ପିୟନଶିପ୍‌ରେ ରବିବାର ଦ୍ୱିତୀୟ ଦିବସରେ ଭାରତ ଦୁଇ ସ୍ୱର୍ଣ୍ଣ ସମେତ ୬ଟି ପଦକ ହାସଲ କରିଛି। ଫଳରେ ପ୍ରତିଯୋଗିତାରେ ଏପର୍ଯ୍ୟନ୍ତ ଭାରତର ମୋଟ ପଦକ ସଂଖ୍ୟା ୪ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ଦୁଇ ବ୍ରୋଞ୍ଜ ସହ ୧୧ରେ ପହଞ୍ଚିଛି। ରବିବାର ଅନୁଷ୍ଠିତ ପୁରୁଷ ୫୦ ମିଟର ପିସ୍ତଲରେ ଭାରତର ଗୌରବ ରାଣା ଏବଂ ଅର୍ଜୁନ ସିଂ ଚିମା ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ହୋଇଥିଲେ। ରାଣା ୬୦ ଶଟ୍‌ପରେ ୫୫୩ ସ୍କୋର କରିଥିବାବେଳେ ଚିମା ୫୫୧ ସହ ଦ୍ୱିତୀୟ ହୋଇଥିଲେ। ଏହି ଦୁଇଜଣ ବିଜୟବୀର ସିଦ୍ଧୁ (୫୪୭)ଙ୍କ ସହିତ ମୋଟ ୧୬୫୧ ସ୍କୋର କରି ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ପ୍ରତିଯୋଗିତାରେ ବିଜୟବୀରଙ୍କର ଏହା ହେଉଛି ଦ୍ୱିତୀୟ ସ୍ୱର୍ଣ୍ଣ ପଦକ। ଶନିବାର ପ୍ରଥମ ଦିବସରେ ସେ ୨୫ ମିଟର ପିସ୍ତଲ ଟିମ୍ ଇଭେଣ୍ଟରେ ଏକ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେହିପରି ମହିଳା ୫୦ ମିଟର ପିସ୍ତଲରେ ପ୍ରିୟା ରାଘବନ ୫୩୫ ସ୍କୋର କରିବା ସହ ରୌପ୍ୟ ଓ ବିଭୂତି ଭାଟିଆ ୫୩୧ ପଏଣ୍ଟ ସହ ବ୍ରୋଞ୍ଜ ପାଇଥିଲେ। ଏହି ଦୁଇଜଣ ଆହୁରି ମଧ ହର୍ଷଦା ନିଥାଭେ (୪୯୧)ଙ୍କ ସହ ମୋଟ ୧୫୫୭ ସ୍କୋର କରି ଟିମ୍ ରୌପ୍ୟ ଜିତିଥିଲେ।

## ପୁଣି ବଢ଼ିବ ଆଇପିଏଲ ଦଳ ସଂଖ୍ୟା

ମୁମ୍ବାଇ,୧୪।୭: ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଫ୍ରାଞ୍ଚାଇଜ ସଂଖ୍ୟା ପୁଣି ଥରେ ବୃଦ୍ଧିପାଇବାର ସମ୍ଭାବନା ସୃଷ୍ଟି ହାଇଛି। ଅହମ୍ମଦାବାଦ୍‌ର ଆଦାନୀ ଗ୍ରୁପ, ପୁଣେର ଆରପିଜି ସଞ୍ଜୀବ ଗୋୟଙ୍କା ଗ୍ରୁପ, ରାଞ୍ଚି-ଜାମସେଦପୁରର ଟାଟାଙ୍କ ସହ ଅନ୍ୟ କିଛି କର୍ପୋରେଟ ହାଉସ ଆଇପିଏଲ ଫ୍ରାଞ୍ଚାଇଜ କିଣିବାକୁ ଇଚ୍ଛୁକ। ଏଣୁ ପୁଣି ଥରେ ଆଇପିଏଲ ଦଳ ସଂଖ୍ୟା ୮ରୁ ୧୦ ବୃଦ୍ଧି କରାଯାଇପାରେ। ୮ ବର୍ଷ ପୂର୍ବେ ଅର୍ଥାତ୍ ୨୦୧୧ରେ ବିସିସିଆଇ ସମାନ କାର୍ଯ୍ୟ କରିଥିଲା। ବହୁ ବିବାଦ ଉପୁଯିବାରୁ ଦୁଇ ବର୍ଷ ମଧରେ ବିସିସିଆଇ ନିଷ୍ପତ୍ତି ବଦଳାଇଥିଲା। ଏହାସତ୍ତ୍ୱେ ବିସିସିଆଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି।



> ଆଇସିସି ବିଶ୍ୱକପ୍ ଲିଗ୍ ପର୍ଯ୍ୟାୟରେ ଅଷ୍ଟ୍ରେଲିଆ ବିପକ୍ଷ ପରାଜୟ ଆମକୁ ହତୋତ୍ସାହିତ କରିବା ପରିବର୍ତ୍ତେ ଜାଗ୍ରତ କରାଇ ଦେଇଥିଲା
>
> –ଜାସନ ରୟ, ଇଂଲଣ୍ଡ କ୍ରିକେଟର



> ରିଷଭ ପନ୍ତ ଓ ହାର୍ଦ୍ଦିକ ପାଣ୍ଡ୍ୟା ଭାରତୀୟ କ୍ରିକେଟ ଦଳ ପାଇଁ ବହୁ ମୂଲ୍ୟବାନ ସେମାନଙ୍କର ଠିକଣା ଉପଯୋଗ ଆବଶ୍ୟକ।
>
> –ଗୌତମ ଗମ୍ଭୀର, ପୂର୍ବତନ କ୍ରିକେଟର






ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ ଚାମ୍ପିୟନଶିପ୍ ପାଇଁ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମ ଭିତରେ ପ୍ରସ୍ତୁତି ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଏହାକୁ ରଙ୍ଗିନ ଆଲୋକରେ ସଜ୍ଜିତ କରାଯାଇଛି।

# ଆଜି ପହଞ୍ଚିବେ ୫ ଦଳ: ମଙ୍ଗଳବାର ଅଭ୍ୟାସ

**ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ୍**

କଟକ ଅଫିସ,୧୪।୭

ବୁଧବାରଠାରୁ ଆରମ୍ଭ ହେବାକୁ ଥିବା ରାଜ୍ୟଗୋଷ୍ଠୀ ଟେବୁଲ ଟେନିସ କ୍ରୀଡ଼ାର ୨୧ତମ ସଂସ୍କରଣ ନିମନ୍ତେ ସ୍ଥାନୀୟ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ସମ୍ପୂର୍ଣ୍ଣ ପ୍ରସ୍ତୁତ। ପ୍ରତିଯୋଗିତା ସ୍ଥଳର ପାରିପାର୍ଶ୍ୱିକ ପରିସ୍ଥିତି ମଧ ଏହି ବଡ଼ ଟୁର୍ନାମେଣ୍ଟ ନିମନ୍ତେ ପ୍ରସ୍ତୁତ ହୋଇସାରିଲାଣି । ଅଳ୍ପ କିଛି କାମ ବାକି ରହିଛି, ଯାହା ଖୁବ କମ ସମୟରେ ଶେଷ ହୋଇଯିବ ବୋଲି ରାଜ୍ୟ କ୍ରୀଡ଼ା ବିଭାଗର କମିଶନର ତଥା ସଚିବ ବିଶାଲ କୁମାର ଦେବ ରବିବାର ପରିଦର୍ଶନ କରିବା ଅବସରରେ କହିଛନ୍ତି। ଅନ୍ୟପକ୍ଷରେ ସୋମବାର ୫ଟି ଦଳ ଭୁବନେଶ୍ୱରରେ ପହଞ୍ଚିବେ। ଏହି ଦଳଗୁଡ଼ିକ ହେଲା ୱେଲସ୍, ଇଂଲଣ୍ଡ, ଦକ୍ଷିଣଆଫ୍ରିକା, ଅଷ୍ଟ୍ରେଲିଆ ଓ ମାଲେସିଆ । ଖେଳାଳିମାନଙ୍କ ରହଣି ନିମନ୍ତେ ଭୁବନେଶ୍ୱରର ସ୍ୱସ୍ତି ପ୍ରିମିୟମ ଓ ସ୍ୟାଣ୍ଡିସ ଟାୱାରରେ ବ୍ୟବସ୍ଥା ହୋଇଛି। ମ୍ୟାଚ୍ ଅଫିସିଆଲମାନଙ୍କ ନିମନ୍ତେ ଗୋପାଳପୁରସ୍ଥିତ ପାଲ ହାଇଟ୍ସ ମନ୍ତ୍ରାରେ ହୋଇଛି ରହଣୀ ବ୍ୟବସ୍ଥା। ମଙ୍ଗଳବାର ବଳକା ଦଳଗୁଡ଼ିକ ପହଞ୍ଚିବା ସହ ଅଭ୍ୟାସ ନିମନ୍ତେ ବାରବାଟୀ ଷ୍ଟାଡିୟମ ପରିସରସ୍ଥ ସଚିନ ତେନ୍ଦୁଲକର ଇନଡୋର ହଲକୁ ଆସିବେ। ସଚିନ ତେନ୍ଦୁଲକର ଇନଡୋର ହଲରେ ମଧ ପ୍ରସ୍ତୁତି ଶେଷ ହୋଇଛି। ରବିବାର ପରିଦର୍ଶନ ସମୟରେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ରାଜ୍ୟ କ୍ରୀଡ଼ା ବିଭାଗର ନିର୍ଦ୍ଦେଶକ ଆର୍ . ଭିନୀଲ କ୍ରୀଷ୍ଣା, ଜିଲାପାଳ ଭବାନୀ ଶଙ୍କର ଚଇନି, ସିଏମ୍‌ସି କମିଶନର ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

### ପହଞ୍ଚିଲା ପ୍ରତିଯୋଗିତା ଟେବୁଲ

ପ୍ରତିଯୋଗିତା ସ୍ଥାନରେ ରବିବାର ଅନ୍ତର୍ଜାତୀୟ ସ୍ତରର ଟେବୁଲ ପହଞ୍ଚିଛି । ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମ ଭିତରେ ମୋଟ ୧୧ଟି ଟେବୁଲ ପଡ଼ିବ। ଏହା ଭିତରୁ ୭ଟିରେ ପ୍ରତିଯୋଗିତା ହେବା ବେଳେ ୪ଟି ଟେବୁଲ ମ୍ୟାଚ୍ ପୂର୍ବର ପ୍ରସ୍ତୁତି ନିମନ୍ତେ ଖେଳାଳିମାନେ ବ୍ୟବହାର କରିପାରିବେ । ଅନ୍ୟପକ୍ଷରେ ସଚିନ ତେନ୍ଦୁଲକର ଇନଡୋର ହଲରେ ଅଭ୍ୟାସ ନିମନ୍ତେ ୬ଟି ଟେବୁଲ ପକାଯିବ ବୋଲି ରାଜ୍ୟ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ସୂଚନା ଦେଇଛନ୍ତି ।

### ଭାରତୀୟ ଦଳ ଘୋଷିତ

ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ରବିବାର ଉଭୟ ପୁରୁଷ ଓ ମହିଳା ଭାରତୀୟ ଦଳ ଘୋଷଣା କରାଯାଇଛି। ଘରୋଇ ପରିବେଶରେ ଭାରତ ଅଧିକ ପଦକ ଜିତିବାର ଆଶା ଏଥର ରହିଛି ବୋଲି ଫେଡେରେଶନ ପକ୍ଷରୁ କୁହାଯାଇଛି । ପୁରୁଷ ଦଳରେ ଅଛନ୍ତି ମେଲବୋର୍ନ ରାଜ୍ୟଗୋଷ୍ଠୀ କ୍ରୀଡ଼ା-୨୦୦୬ ସଂସ୍କରଣର ସ୍ୱର୍ଣ୍ଣ ପଦକ ବିଜେତା ଏ. ଶରଥ କମଲ । ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୩୨ତମ ସ୍ଥାନରେ ଥିବା ଶରଥ ଉଦ୍‌ଘାଟନୀ ଦିବସରେ ଖେଳାଯିବାକୁ ଥିବା ପୁରୁଷ ଦଳଗତ ବିଭାଗ ତଥା ହୋମ ଆସୋସିଏଶନ କପ୍‌ରେ ଭାରତୀୟ ଦଳର ନେତୃତ୍ୱ ନେବେ । ଅଭିଜ୍ଞ ତଥା ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୨୪ତମ ସ୍ଥାନରେ ଥିବା ଜି. ସାଥିୟାଁ ମଧ ଏହି ଦଳରେ ଅଛନ୍ତି । ଏହାଛଡ଼ା ଏ. ଅମଲରାଜ, ହରମିତ ଦେଶାଇ, ମାନଭ ଠାକର ଭାରତୀୟ ପୁରୁଷ ଦଳରେ ସ୍ଥାନ ପାଇଛନ୍ତି । ଭାରତୀୟ ଟେବୁଲ ଟେନିସ କ୍ରୀଡ଼ାର ଗୋଲ୍ଡେନ ଗାର୍ଲ କୁହାଯାଉଥିବା ମନିକା ବାତ୍ରାଙ୍କ ନେତୃତ୍ୱରେ ଭାଗ ନେବ ଜାତୀୟ ମହିଳା ଦଳ। ଗତ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିବା ମନିକାଙ୍କ ପ୍ରଦର୍ଶନ ବେଶ୍ ଉଚ୍ଚକୋଟୀର ରହି ଆସିଛି । ମହିଳା ଦଳରେ ମଧୁରିକା ପାଟକର, ସୁତୀର୍ଥ ମୁଖାର୍ଜୀ, ଅର୍ଚ୍ଚନା କାମାଥ, ଆହିକା ମୁଖାର୍ଜୀ ରହିଛନ୍ତି ।

**ଭାରତୀୟ ଦଳ**

| ପୁରୁଷ | ମହିଳା |
|---|---|
| ଏ ଶରଥ କମଲ | ମନିକା ବାତ୍ରା |
| ଜି ସାଥିୟାଁ | ମାଧୁରିକା ପାଟକର |
| ଏ ଅମଲରାଜ | ସୁତୀର୍ଥ ମୁଖାର୍ଜୀ |
| ମାନଭ ଠାକର | ଅର୍ଚ୍ଚନା କାମାଥ |
| ହରମୀତ ଦେଶାଇ | ଆହିକା ମୁଖାର୍ଜୀ |

| ୭ ବିଭାଗରେ ହେବ ପ୍ରତିଯୋଗିତା |
|---|
| ହୋମ ଆସୋସିଏଶନ କପ୍ (ପୁରୁଷ ଦଳଗତ ବିଭାଗ) |
| ଇଣ୍ଡିଆ କପ୍ (ମହିଳା ଦଳଗତ ବିଭାଗ) |
| ସିଙ୍ଗାପୁର କପ୍(ପୁରୁଷ ସିଙ୍ଗଲ୍ସ ବିଭାଗ) |
| ଓସେନିଆ କପ୍(ମହିଳା ସିଙ୍ଗଲ୍ସ) |
| ହଂକଂ କପ୍(ପୁରୁଷ ଡବଲ୍ସ) |
| କାନାଡା କପ(ମହିଳା ଡବଲ୍ସ) |
| ଗର୍ନସି କପ୍( ମିକ୍ସଡ ଡବଲ୍ସ) |

# ଭିନେଶଙ୍କୁ ଲଗାତର ୨ୟ ସ୍ୱର୍ଣ୍ଣ

ଇସ୍ତାନବୁଲ, ୧୪।୭ (ପି.ଟି.)

ତାରକା ଭାରତୀୟ କୁସ୍ତିଯୋଦ୍ଧା ଭିନେଶ ଫୋଗଟ୍ ଏଠାରେ ଚାଲିଥିବା ୟାସାର ଡୋଗୁ ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରବିବାର ଅନୁଷ୍ଠିତ ମହିଳା ୫୩ କିଗ୍ରା ବିଭାଗରେ ଭିନେଶ ୯-୫ରେ ରୁଷିଆର ଏକତ୍ରିନା ପୋଲେଶ୍ଚୁକଙ୍କୁ ପରାସ୍ତ କରି ପୋଡିୟମ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି। ଗତ ଏକ ସପ୍ତାହ ମଧରେ ଭିନେଶଙ୍କ ଏହା ୨ୟ ସ୍ୱର୍ଣ୍ଣ ପଦକ। ଏଥିପୂର୍ବରୁ ଗତ ସପ୍ତାହରେ ସ୍ପେନରେ ଅନୁଷ୍ଠିତ ହୋଇଥିବା ଗ୍ରାଁପ୍ରି ଟୁର୍ନାମେଣ୍ଟରେ ମଧ ସେ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିଲେ। ଏକତ୍ରିନାଙ୍କୁ ହରାଇବା ପରେ ଭିନେଶ ମହିଳା ବିଭାଗରେ ଭାରତ ପାଇଁ ୩ୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ତାଙ୍କ ପୂର୍ବରୁ ୫୦ କିଗ୍ରା ବର୍ଗରେ ସୀମା ଓ ୫୯ କିଗ୍ରାରେ ମଞ୍ଜୁ ପୋଡିୟମ ଶୀର୍ଷରେ ରହିଥିଲେ।

ସେହିଭଳି ଆଘାତଜନିତ ସମସ୍ୟାରୁ ମୁକୁଳିଥିବା ସାକ୍ଷୀ ମଲିକ କିନ୍ତୁ ପଦକ ରାଉଣ୍ଡକୁ ପ୍ରବେଶ କରିବାରେ ବଞ୍ଚିତ ହୋଇଛନ୍ତି। ପ୍ରି-କ୍ୱାର୍ଟର ଫାଇନାଲରେ ହାରିଥିବା ସାକ୍ଷୀଙ୍କୁ ବ୍ରୋଞ୍ଜ ପଦକ ମ୍ୟାଚ୍ ପାଇଁ ସୁଯୋଗ ମିଳିଥିଲା। କିନ୍ତୁ ରିପେଜ୍ ରାଉଣ୍ଡରେ ମଧ ସେ ରୁଷିଆର ଉଲିଆନ ତ୍ସୁକୁରନୋଭାଙ୍କଠାରୁ ହାରି ନିରାଶ କରିଥିଲେ। ପୁରୁଷ ଫ୍ରି-ଷ୍ଟାଇଲରେ ରାହୁଲ ଆୱରେ ୬୧ କିଗ୍ରା ଓଜନ ବର୍ଗରେ ୪-୧ରେ ତୁର୍କୀର ମୁନିର ଅକତାସଙ୍କୁ ହରାଇ କ୍ୟାରିୟରର ପ୍ରଥମ ର୍ୟାଙ୍କିଙ୍ଗ ସିରିଜ ଟାଇଟଲ ଜିତିଛନ୍ତି। ଦୀପକ ପୁନିଆ (୮୬ କିଗ୍ରା)ରୌପ୍ୟ ଏବଂ ସୁମିତ୍ (୧୨୫ କିଗ୍ରା) ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ରହିଛନ୍ତି।



ଖୁସି ମୁହୂର୍ତ୍ତରେ ଭିନେଶ ଫୋଗଟ୍ (ମଝି) ।

# ଅପରାଜେୟ ବିଜେନ୍ଦର

ନେବାର୍କ,୧୪।୭ (ପି.ଟି.)

ଭାରତୀୟ ତାରକା ପେସାଦାର ବକ୍ସର ବିଜେନ୍ଦର ସିଂ ଗୋଟିଏ ପରେ ଗୋଟିଏ ମୁକାବିଲା ଜିତି ପେସାଦାର ସର୍କିଟରେ ଅପରାଜେୟ ରହିବାରେ ସଫଳ ହୋଇଛନ୍ତି। ବିଜୟ ସହ ସେ ଆମେରିକା ପେସାଦାର ବକ୍ସିଂ ସର୍କିଟରେ ପଦାର୍ପଣ କରିଛନ୍ତି। ଆମେରିକାର ନ୍ୟୁଜର୍ସି ପ୍ରୋଭିନ୍ସର ନେବାର୍କ ସହରରେ ଶନିବାର ମଧ ରାତ୍ରିରେ ଖେଳାଯାଇଥିବା ମୁକାବିଲାରେ ବିଜେନ୍ଦର ନିଜଠାରୁ ଯଥେଷ୍ଟ ଅଭିଜ୍ଞ ବକ୍ସର ମାଇକ୍ ସ୍ନାଇଡରଙ୍କୁ ଟେକନିକାଲ ନକ୍‌ଆଉଟ୍ ଜରିଆରେ ବିଜୟ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି। ୮ ରାଉଣ୍ଡ ବିଶିଷ୍ଟ ସୁପର ମିଡଲୱେଟ୍ ବାଉଟ୍‌ରେ ହରିୟାଣାର ୩୩ ବର୍ଷୀୟ ବକ୍ସର ବିଜେନ୍ଦର ୪ ରାଉଣ୍ଡରେ ଦମ୍‌ଦାର ପ୍ରଦର୍ଶନ କରି ବିଜୟ ହାସଲ କରିଛନ୍ତି। ଏଥିସହିତ ପେସାଦାର ବକ୍ସିଂରେ ସେ କ୍ରମାଗତ ୧୧ତମ ବିଜୟ ହାସଲ କରି ଅପରାଜେୟ ରହିଛନ୍ତି। ଦୀର୍ଘଦିନ ପରେ ବକ୍ସିଂ ରିଙ୍ଗ୍‌କୁ ପ୍ରତ୍ୟାବର୍ତ୍ତନ କରି ବିଜୟ ହାସଲ କରିଥିବାରୁ ବହୁତ ଖୁସି ବୋଲି ବାଉଟ୍ ପରେ ବିଜେନ୍ଦର କହିଛନ୍ତି। ଏହି ମୁକାବିଲା ବେଶ୍ ରୋମାଞ୍ଚକ ଥିଲା। ଆମେରିକାରେ ପଦାର୍ପଣ ମ୍ୟାଚ୍‌ରେ ବିଜୟୀ ହୋଇଥିବାରୁ ସେ ସନ୍ତୋଷ ପ୍ରକଟ କରିଛନ୍ତି।



ଚତୁର୍ଥ ରାଉଣ୍ଡର ଦ୍ୱିତୀୟ ମିନିଟ୍‌ରେ ସେ ବିଜୟୀ ହୋଇଥିଲେ। ବିଜେନ୍ଦର ସ୍ନାଇଡରଙ୍କୁ ଲଗାତର ସିଧା ପଞ୍ଚ୍‌ରେ ପରାସ୍ତ କରିଥିଲେ। ଫଳରେ ବିଜେନ୍ଦରଙ୍କୁ ବିଜୟୀ ଘୋଷିତ କରିବା ପାଇଁ ରେଫରି ବାଧ ହୋଇଥିଲେ। ୨ କିମ୍ବା ୩ ରାଉଣ୍ଡରେ କାମ ଶେଷ କରିବି ବୋଲି ଭାବିଥିଲି। ତେବେ ଶେଷରେ ୪ ରାଉଣ୍ଡ ଲାଗିଥିଲା। ଏହା ବିଜେନ୍ଦରଙ୍କ ଅଷ୍ଟମ ନକ୍‌ଆଉଟ୍ ବିଜୟ ସାବ୍ୟସ୍ତ ହୋଇଛି।

## ତୁର୍କୀ ଟୁର୍‌ରେ ଯିବ ଭାରତ

ନୂଆଦିଲ୍ଲୀ, ୧୪।୭ (ପି.ଟି.)

ଭାରତୀୟ ୧୯ବର୍ଷରୁ କମ୍ ଫୁଟ୍‌ବଲ ଦଳ ତୁର୍କୀ ଟୁର୍‌ରେ ଯିବ। ଚଳିତବର୍ଷ ପରବର୍ତ୍ତୀ ଭାଗରେ ହେବାକୁଥିବା ଏଏଫ୍‌ସି ୧୯ ବର୍ଷରୁ କମ୍ ଚାମ୍ପିୟନଶିପ୍ କ୍ୱାଲିଫାୟର୍ସ ଲାଗି ପ୍ରସ୍ତୁତିର ଅଂଶବିଶେଷ ସ୍ୱରୂପ ଏହି ଟୁର୍‌ର ଆୟୋଜନ କରଯାଇଛି। ତୁର୍କୀ ଟୁର୍ ବେଳେ ଭାରତ ଚଳିତ ମାସ ୧୯ରୁ ୨୭ ମଧରେ ଜୋର୍ଡାନ୍ ଓ ଓମାନର ୧୯ବର୍ଷରୁ କମ୍ ଜାତୀୟ ଦଳ ସହିତ ଏବଂ କାର୍ଟେପଠାରେ ସ୍ଥାନୀୟ କ୍ଲବ କୋକାଲିସ୍‌ପର ବିପକ୍ଷରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିବ। ମୁଖ୍ୟ କୋଚ୍ ଫ୍ଲଏଡ୍ ପିଣ୍ଟୋ କହିଛନ୍ତି, ଆମେ ଯଥାସମ୍ଭବ ଅଧିକ ଅନ୍ତର୍ଜାତୀୟ ମାଚ ଖେଳିବା ଯୋଜନା କରିଛୁ। ଏହା ଦ୍ୱାରା ଆମ ପ୍ରଦର୍ଶନରେ ଉନ୍ନତି ଘଟିବ। ପଶ୍ଚିମ ଏସୀୟ ଦେଶ ଦଳଗୁଡ଼ିକ ବିପକ୍ଷରେ ପରିଖିନେବା କ୍ଷେତ୍ରରେ ତୁର୍କୀ ଟୁର୍ ଆମ ପାଇଁ ଏକ ଉତ୍ତମ ପ୍ଲାଟଫର୍ମ। ଆସନ୍ତା ନଭେମ୍ବରରେ ୧୯ବର୍ଷରୁ କମ୍ ଏଏଫ୍‌ସି ଚାମ୍ପିୟନଶିପ୍ କ୍ୱାଲିଫାୟର୍ସ ଅନୁଷ୍ଠିତ ହେବ। ଏହାପୂର୍ବରୁ ଶ୍ରେଷ୍ଠ ଦଳ ଗଢ଼ିବାକୁ ହେବ। ଦଳର ଖେଳ ଷ୍ଟାଇଲକୁ ସୁଦୃଢ କରିବାକୁ ହେବ ବୋଲି ସେ କହିଛନ୍ତି।

# ହାମିଲଟନଙ୍କୁ ରେକର୍ଡ ଟାଇଟଲ

ସିଲ୍‌ଭରଷ୍ଟୋନ୍, ୧୪।୭

ମର୍ସିଡିଜର ଲୁଇସ୍ ହାମିଲଟନ ରେକର୍ଡ ୬ଷ୍ଠ ଥର ବ୍ରିଟିଶ ଫର୍ମୁଲାୱାନ ଗ୍ରାଁ ପ୍ରି ଟାଇଟଲ ହାସଲ କରିଛନ୍ତି। ପୂର୍ବରୁ ଏଠାରେ ଜିମ୍ କ୍ଲାର୍କ ଏବଂ ଆଲେନ୍ ପ୍ରୋଷ୍ଟ୍ସ ୫ଥର ଲେଖାଏଁ ବିଜୟ ହାସଲ କରି ରେକର୍ଡର ଅଧିକାରୀ ଥିଲେ। ରବିବାର ରେସ୍‌ରେ ବିଶ୍ୱଚାମ୍ପିୟନ ଡ୍ରାଇଭର ହାମିଲଟନ ଏକ ସେଫ୍ଟି କାର୍‌ର ଫାଇଦା ଉଠାଇ ଟିମ୍‌ମେଟ୍ ଭାଲ୍‌ଟେରୀ ବୋଟାସଙ୍କୁ ଅତିକ୍ରମ କରିବାରେ ସଫଳ ହୋଇଥିଲେ। ଚଳିତ ସିଜନରେ ଏପର୍ଯ୍ୟନ୍ତ ଅନୁଷ୍ଠିତ ୧୦ରାଉଣ୍ଡ ରେସ୍‌ରେ ହାମିଲଟନଙ୍କ ଏହା ହେଉଛି ୭ମ ବିଜୟ। ଫଳରେ ବ୍ରିଟେନ ଡ୍ରାଇଭର ୬ଷ୍ଠ ବିଶ୍ୱ ଟାଇଟଲ ନିକଟତର ହୋଇଛନ୍ତି। ଚାମ୍ପିୟନଶିପ୍ ଷ୍ଟାଣ୍ଡିଂରେ ସେ ତଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବୋଟାସଙ୍କଠାରୁ ୩୯ ପଏଣ୍ଟ ବ୍ୟବଧାନରେ ପଏଣ୍ଟ ଟେବୁଲର ଶୀର୍ଷ ସ୍ଥାନରେ ନିଜ ସ୍ଥିତିକୁ ସୁଦୃଢ଼ କରିପାରିଛନ୍ତି। ହାମିଲଟନଙ୍କ କ୍ୟାରିୟରର ଏହା ହେଉଛି ମୋଟ ୮୦ତମ ଟାଇଟଲ।




ରବିବାର ରେସ୍‌ରେ ରେଡ୍‌ବୁଲ୍‌ର ପିଏରେ ଗାସ୍‌ଲି ଏବଂ ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ ପଛରେ ପକାଇ ଫେରାରିର ଚାର୍ଲ୍ସ ଲେକ୍‌ରେକ୍ ତୃତୀୟ ହୋଇଥିଲେ। ଟପ୍ ଟେନ୍‌ରେ ସ୍ଥାନ ପାଇଥିବା ଅନ୍ୟମାନେ ଯଥାକ୍ରମେ ହେଲେ କାର୍ଲୋସ ସେଞ୍ଜ ଜୁନିୟର(ମ୍ୟାକଲରେନ), ଡାନିଏଲ ରିକାର୍ଡୋ(ରେନଲ୍ଟ), କିମି ରାଇକୋନେନ (ଆଲ୍‌ଫା ରୋମିଓ), ଡାନିଲ୍ କ୍ୟାଟ୍(ଟୋରୋ ରୋସୋ) ଏବଂ ନିକୋ ହକେନବର୍ଗ (ରେନଲ୍ଟ)। ରୋମାଞ୍ଚଭରା ବ୍ରିଟିଶ ଗ୍ରାଁ ପ୍ରିରେ ମାକ୍ସ ଭର୍ଷ୍ଟାପେନ୍ ଏବଂ ସେବାଷ୍ଟିଆନ ଭେଟେଲଙ୍କ ମଧରେ ଧକ୍କା ସବୁଠାରୁ ଉଲ୍ଲେଖନୀୟ ଘଟଣା।



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ସୋମବାର, ଜୁଲାଇ ୧୫/୨୦୧୮ Bhubaneswar, Monday, July 15/ 2019

## ସଂକ୍ଷେପରେ

### ବ୍ୟବସାୟୀଙ୍କଠାରୁ ୧.୩୨ ଲକ୍ଷ ଲୁଟ୍

**ନାଉଗାଁ,୧୪।୭(ସ୍ୱ.ପ୍ର):** ନାଉଗାଁ ଥାନା ଅଧୀନ ତିରୁଣା-ଡାବର ରାସ୍ତାରେ ରବିବାର ଜଣେ ବ୍ୟବସାୟୀଙ୍କୁ ବନ୍ଧୁକ ଦେଖାଇ ଦୁର୍ବୃତ୍ତମାନେ ୧.୩୨ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ବ୍ୟବସାୟୀ ଅଶ୍ୱିନୀ ସାହୁଙ୍କର ମାଧୁରୀ ବଜାରରେ ଅଶ୍ୱିନୀ ଟ୍ରେଡର୍ସ ନାମରେ ଏକ ବ୍ୟବସାୟିକ ପ୍ରତିଷ୍ଠାନ ରହିଛି। ଗଙ୍ଗଦା ହାଟରେ ବିଭିନ୍ନ ଦୋକାନରେ ସେ ଜିନିଷ ପତ୍ର କାରବାର କରିଥାନ୍ତି। ରବିବାର ସେ ଗଙ୍ଗଦା ହାଟରୁ ୧ଲକ୍ଷ ୩୨ ହଜାର ୪୮୮ଟଙ୍କା ନେଇ ମୋଟର ସାଇକେଲ ଯୋଗେ ତାଙ୍କ କର୍ମଚାରୀଙ୍କ ସହ ଫେରୁଥିଲେ। ହଠାତ ତିରୁଣା ମହାନିପାରୀ ଓ ଡାବର ଦେଇ ଯାଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କର ତିନି ଛକରେ ଏକ ନାଲି ରଙ୍ଗର ମୋଟର ସାଇକେଲରେ ୩ଜଣ ଯୁବକ ଆସି ଅଟକାଇଥିଲେ। ଏହା ପରେ ବନ୍ଧୁକ ଦେଖାଇ ଭୟଭୀତ କରାଇବା ସହ ଟଙ୍କା ବ୍ୟାଗ ନେଇ ତିରୁଣା ଆଡକୁ ପଳାଇଥିଲେ।

## ଶ୍ମଶାନରେ ଫୁଟିଲା ପାରିଜାତ

**ବାଲିଆ,୧୪।୭:** ବିରିଡି ବ୍ଲକ ବତିମିରା ପଞ୍ଚାୟତ ହଳଦିଆପଡା ଗ୍ରାମ ଶ୍ମଶାନରେ ଏକ ପାରିଜାତ ଫୁଲ ଫୁଟିଥିବା ଦେଖିବାକୁ ମିଳିଛି। ଏହି ଫୁଲ ଫୁଟିବା କଥା ପ୍ରଚାର ହେବା ପରେ ଶହ ଶହ ଜନସାଧାରଣ ଦେଖିବା ପାଇଁ ଭିଡ଼ ଜମାଇଥିଲେ। ଏହି ମଶାଣିରେ ହଳଦିଆପଡା ଗ୍ରାମର ବିଭିନ୍ନ ସାହିର ମୃତଦେହ ଦାହ କରାଯାଏ। ମଶାଣିର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ହଳଦିଆପଡା ଗ୍ରାମର ଜଣେ ଯୁବ ସମାଜସେବୀ ତଥା ରେଭେନ୍ସା ମହାବିଦ୍ୟାଳୟର କାର୍ଯ୍ୟରତ କର୍ମଚାରୀ ଜଗନ୍ନାଥ ରାଉତ ବିଭିନ୍ନ ଗଛ ସହ ଏହି ପାରିଜାତ ଗଛ ଗତ ୫ ବର୍ଷ ତଳେ ଲଗାଇଥିଲେ।



### ତେଜିଲା ମଦ ବିରୋଧୀ ଆନ୍ଦୋଳନ

# ଦୋକାନରେ ତାଲା ପକାଇଲେ ମହିଳା

**ବାଲିକୁଦା,୧୪।୭(ସ୍ୱ.ପ୍ର.)**



ମିହଳାମାନେ ମଦ ଦୋକାନ ଆଗରେ ପ୍ରତିବାଦ ପ୍ରଦର୍ଶନ କରୁଛନ୍ତି।

ବାଲିକୁଦା ଥାନା ଅଧୀନ ନହରଣା ଅଞ୍ଚଳରେ ବ୍ୟାପକ ଚୋରା ମଦ କାରବାର ଚାଲିଥିବାବେଳେ ଏହାକୁ ବିରୋଧ କରି ରବିବାର ସ୍ଥାନୀୟ ମହିଳାମାନେ ପୁଣି ଥରେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇଛନ୍ତି। ପ୍ରକାଶ ଯେ, ଗତ ୭ ତାରିଖରେ ମହିଳାମାନେ ଚୋରା ମଦ କାରବାର ବନ୍ଦ ଦାବିରେ ନହରଣା ଗଣ୍ଡକୁଳସ୍ଥିତ ଗାଦି ପଡିଆଠାରେ ଧାରଣା ଦେବା ସହ ଟାୟାର ଜାଳି ପ୍ରତିବାଦ ଜଣାଇଥିଲେ। ପୋଲିସ ପହଞ୍ଚି ୭ଦିନ ମଧ୍ୟରେ ଏହାର ସମାଧାନ କରାଯିବ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ଦେଇଥିଲା। ମାତ୍ର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବାରୁ ରବିବାର ପୁଣି ଥରେ ମହିଳାମାନେ ଧାରଣା ଦେଇଥିଲେ। ଗ୍ରାମରେ ଚୋରା ମଦ ବ୍ୟବସାୟ କରୁଥିବା ୩ ପାନ ଦୋକାନୀଙ୍କ ବିରୋଧରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏହା ଦ୍ୱାରା ପୋଲିସ ଚୋରା ମଦ ବ୍ୟବସାୟକୁ ପରୋକ୍ଷରେ ସମର୍ଥନ ଦେଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଯେଉଁ ୩ ଜଣ ଚୋରା ମଦ ବିକ୍ରି କରୁଛନ୍ତି, ମହିଳାମାନେ ସେମାନଙ୍କ ଦୋକାନରେ ତାଲା ପକାଇ ଦେବା ସହିତ ଟାୟାର ଜାଳି ପ୍ରତିବାଦ ଜଣାଇବା ସହିତ ଧାରଣାରେ ବସି ରହିଥିଲେ। ଧାରଣାରେ ଗୀତାରାଣୀ ନନ୍ଦ, ନେତ୍ରମଣି ଜେନା, ସଞ୍ଜୁକ୍ତା ପଡିହାରୀ, ସ୍ୱପ୍ନା ବିଶ୍ୱାଳ, କସ୍ମିନୀ ମୁଦୁଲି, ଗୀତାରାଣୀ ନନ୍ଦ, ବେଣୀ ମହାରଣା, ଗୀତାରାଣୀ ଜେନା, ମାମିନା ସେଠ, ତନୁ ସେଠ, ଲତା ଜେନା, ସତୀ ବିଶ୍ୱାଳ, ଅନ୍ନପୂର୍ଣ୍ଣା ଜେନା, ଝୁନାରାଣି ଜେନା, ସଞ୍ଜୁକ୍ତା ବାରିକ, ମନୋରମା ବାରିକ, ବଚନି ରାଉତ, କୌଶଲ୍ୟା ଜେନା, ଆରତୀ ବିଶ୍ୱାଳ ପ୍ରମୁଖ ଶତାଧିକ ମହିଳା ସାମିଲ ହୋଇଥିଲେ।

# ମୁଖ୍ୟଯନ୍ତ୍ରୀଙ୍କ ଦଳେଇଘାଇ ନଦୀବନ୍ଧ ପରିଦର୍ଶନ

**ବିରିଡ଼ି, ୧୪।୭ (ଡି.ଏନ.ଏ):** ନୂତନ ଭାବେ ଅବସ୍ଥାପିତ ହୋଇଥିବା ଫ୍ଲଡ କଣ୍ଟ୍ରୋଲ ବେସିନ ମ୍ୟାନେଜର, ଲୋୟର ମହାନଦୀ ବେସିନ, ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ ଯୁଗଳ କିଶୋର ତ୍ରିପାଠୀ ରବିବାର ଜଗତ୍‌ସିଂହପୁର ଜଳସେଚନ ଡିଭିଜନ ଅଧୀନ ଦଳେଇଘାଇ ନଦୀବନ୍ଧ

### ବୁରୁଜ ନିର୍ମାଣ, କେନାଲ କଙ୍କ୍ରିଟକୁ ଗୁରୁତ୍ୱ

ପରିଦର୍ଶନ କରିଛନ୍ତି। ତାଙ୍କ ସହିତ ଇଷ୍ଟର୍ନ ସର୍କଲ ଏସ.ଇ ବାଲେଶ୍ୱର ନାଥ ସାହୁ, ଜଗତ୍‌ସିଂହପୁର ନିର୍ବାହୀଯନ୍ତ୍ରୀ ଉମାକାନ୍ତ ମହାନ୍ତି, ସହାକରୀ ନିର୍ବାହୀ ଯନ୍ତ୍ରୀ ଦଳପତି ମଣ୍ଡଳ, ସହକାରୀ ଯନ୍ତ୍ରୀ ସୁବୋଧ ମହାପାତ୍ର ପ୍ରମୁଖ ପରିଦର୍ଶନରେ ଆସିଥିଲେ। ମୁଖ୍ୟଯନ୍ତ୍ରୀ ତ୍ରିପାଠୀ ପ୍ରଥମେ ବିରିବାଟୀଠାରୁ ମାଛଗାଁ କେନାଲ ବନ୍ଧ ପରିଦର୍ଶନ କରି କଇଜଙ୍ଗାଠାରେ ପହଞ୍ଚିବା ପରେ ସେଠାରୁ କାଠଯୋଡି ନଦୀବନ୍ଧ ଦେଇ ଦଳେଇଘାଇ ସହ ଅଷ୍ଟଶମ୍ଭୁ ମନ୍ଦିର ପର୍ଯ୍ୟନ୍ତ ଅନୁଧ୍ୟାନ କରିଥିଲେ।



ମୁଖ୍ୟ ଯନ୍ତ୍ରୀଙ୍କ ସହ ଜଳସମ୍ପଦ ବିଭାଗ ଅଧିକାରୀମାନେ ଆଲୋଚନା କରୁଛନ୍ତି।

ଦଳେଇଘାଇର ଦକ୍ଷିଣପାର୍ଶ୍ୱ ପଠା ଦ୍ରୁତ ଭାବରେ ପୋତି ହୋଇଯିବାରୁ ୬ନଂ ବୁରୁଜ କଡରେ ନଦୀର ସ୍ରୋତ ଅଧିକ ହୋଇ ପଠା କ୍ଷତିଗ୍ରସ୍ତ ହେବାରେ ଲାଗିଛି। ଏଣୁ ଏଠାରେ ଲମ୍ବ ବୁରୁଜ ନିର୍ମାଣ କରାଗଲେ ଦଳେଇଘାଇର ଦକ୍ଷିଣପଟ ପଠା ଖାଇ ଧାର ମଧ୍ୟ ଭାଗରେ ସୃଷ୍ଟି ହେବ। ଫଳରେ ଦଳେଇଘାଇ ପ୍ରତି ବିପଦ ସୃଷ୍ଟି ହେବ ନାହିଁ ବୋଲି ଯନ୍ତ୍ରୀ ହୃଦ୍‌ବୋଧ କରିଥିଲେ। ସେହିପରି ମାଛ କେନାଲ ବନ୍ଧ ପ୍ରତିବ ବନ୍ୟା ସମୟରେ ବିପଦ ସୃଷ୍ଟି ହେଉଛି। ସେଠାରେ ୧.୫ କିମି ଅଂଶ କେନାଲର ଉଭୟ ପ୍ରାର୍ଶ୍ୱ ସିମେଣ୍ଟ କଂକ୍ରିଟ ଲାଇନିଂ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତୁରନ୍ତ ଏହି କାର୍ଯ୍ୟକୁଡିକର ଆକଳନ କରି ପଠାଇଲେ ଟିଏସି ଆପ୍ରୁଭ ହେବା ପାଇଁ ପଠାଯିବ ବୋଲି ମୁଖ୍ୟଯନ୍ତ୍ରୀ ତ୍ରିପାଠୀ ଏସଇଓ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ଖରିଫ ଋତୁରେ ଯେପରି ତଳିଆ ଅଞ୍ଚଳକୁ ମାଛଗାଁ କେନାଲରେ ଠିକ ଭାବେ ପାଣି ଯିବ ସେଥିପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ନିର୍ବାହୀ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଆଉ କିଛି ଦିନରେ ସେ ଇଆଇସିଙ୍କୁ ଆଣି ୨୨ ମୌଜା ଦେବୀ, ବିଲୁଆଖାଇ ନଦୀ ପରିବେଷ୍ଟିତ ଅଞ୍ଚଳକୁ ଯାଇ ନଦୀବନ୍ଧ ସୁଦୃଢୀକରଣ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ।

# ତାରପୁର ବାଇପାସ୍‌ରେ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

**ରଘୁନାଥପୁର, ୧୪।୭ (ଡି.ଏନ୍.ଏ.) :** ରଘୁନାଥପୁର ବ୍ଲକ ତାରପୁର ବାଇପାସଠାରେ ଭାଜପା କର୍ମୀଙ୍କ ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ରବିବାର ସକାଳେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଏହି ବାଟ ଦେଇ ପାଟକୁରା ଯିବା ସମୟରେ ମଣ୍ଡଳସ୍ତରୀୟ କର୍ମକର୍ତ୍ତା ବଟକୃଷ୍ଣ ନାୟକ, ଜଗନ୍ନାଥ ବାରିକଙ୍କ ନେତୃତ୍ୱରେ ତିର୍ତ୍ତୋଲ ଓ କଟକ ସଦର ଅଞ୍ଚଳର କେତେଜଣ ଭାଜପା କର୍ମୀ ପୁଷ୍ପଗୁଚ୍ଛ ଦେଇ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କର୍ମକର୍ତ୍ତା ପ୍ରତାପ ମିଶ୍ର, ଦିଲୀପ ମଲ୍ଲିକ ଓ ରମାକାନ୍ତ ଭୋଇ ମଧ୍ୟ ଉପସ୍ଥିତ ଥିଲେ। ଅନୁରୂପ ଭାବେ ଜଇପୁର ମଣ୍ଡଳ ସଭାପତି ଅଶୋକ ନାୟକ, ରଘୁନାଥପୁର ମଣ୍ଡଳ ସଭାପତି ସୁବାସ ଜେନା, ଜିଲା ପରିଷଦ ସଭ୍ୟ ଅଶୋକ କୁମାର ମହାରଣାଙ୍କ ସମେତ ବନଜ ନାୟକ, ଦେବେନ୍ଦ୍ର ବରାଳ ପ୍ରମୁଖ ମନ୍ତ୍ରୀ ପ୍ରଧାନଙ୍କୁ ପୁଷ୍ପମାଲ୍ୟ ଦେଇଥିଲେ।



କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ କର୍ମୀମାନେ ସମ୍ବର୍ଦ୍ଧିତ କରୁଛନ୍ତି।

### ଶଢେଇ ସାଶନରେ ପହଞ୍ଚିଲା କ୍ଷମତା ଏକ୍ସପ୍ରେସ

**ବାଲିଆ,୧୪।୭:** ଓଡିଶା ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଭିନ୍ନକ୍ଷମ, ବରିଷ୍ଠ ନାଗରିକ, ନିସାଶକ୍ତ ବ୍ୟକ୍ତି ଏବଂ ଭିକ୍ଷୁକଙ୍କୁ ବହୁବିଧ ସେବା ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ କାର୍ଯ୍ୟକ୍ରମ ରବିବାର ବିରିଡି ବ୍ଲକ ଶଢେଇ ସାଶନ ପଞ୍ଚାୟତରେ ଅନୁଷ୍ଠିତ ହୋଇଛି। ଏଆର୍‌ଟିଏସ୍ ଅନୁଷ୍ଠାନ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସରପଞ୍ଚ ଅମିତ କୁମାର ରାଉଳ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କ୍ଷମତା ଏକ୍ସପ୍ରେସକୁ ସ୍ୱାଗତ କରାଯାଇଥିଲା। ଏଥିରେ ୪ ଜଣ ବିଶେଷଜ୍ଞ ଡାକ୍ତର ଓ ୮ ଜଣ କର୍ମଚାରୀ ଯୋଗଦେଇ ଥିଲେ।




### ପୋଲିସ ଗାଡ଼ି ଭାଙ୍ଗିବା ଘଟଣାରେ ଅଭିଯୁକ୍ତ କୋର୍ଟଚାଲାଣ

**ବାଲିକୁଦା,୧୪।୭(ସ୍ୱ.ପ୍ର.):** ଖମ୍ବାକୁଳ ନୃସିଂହନାଥ ପୀଠ ପରିସରରେ ଗତ ବାହୁଡା ଯାତ୍ରାରେ ବିଶୃଙ୍ଖଳା ସୃଷ୍ଟି କରିବା ସହ ପୋଲିସ ଗାଡ଼ି ଭଙ୍ଗାରୁଜା କରିବା ଅଭିଯୋଗରେ ଗିରଫ ମନୋଜ କାଣ୍ଡିଙ୍କୁ ରବିବାର ବାଲିକୁଦା ପୋଲିସ କୋର୍ଟ ଚାଲାଣ କରିଛି। ଏନେଇ ଦଫା ୪୩୬ରେ କେସ୍ ନଂ.୧୩୧/୯ ରୁଜ ହୋଇଛି। ଅନ୍ୟପକ୍ଷରେ ପୋଲିସ ଗାଡି ଭାଙ୍ଗିବା, ପୋଲିସକୁ ଆକ୍ରମଣ କରିବା ଓ ମହନ୍ତଙ୍କ ପୈତୃକ ଘର ପୋଡିବା ଭଳି ଅଭିଯୋଗରେ ୧୦୦ ଜଣଙ୍କ ନାମରେ ଆଉ ଏକ ମାମଲା ନଂ.୧୩୨/୧୯ ରୁଜୁ ହୋଇଛି। ପୋଲିସ ବାହୁଡ଼ା ଦିନ ସନ୍ଧ୍ୟାରେ ମନୋଜଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖିଥିଲା। ତାଙ୍କ ପରିବାର ଥାନାକୁ ଆସି ମନୋଜଙ୍କୁ ଛାଡ଼ିଦେବାକୁ ପୋଲିସକୁ ଅନୁରୋଧ କରିଥିଲେ। ଏପରି କି ତାଙ୍କ ମା' ମଧ୍ୟ ସକାଳେ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ପହଞ୍ଚି ପୁଅକୁ ଛାଡି ଦେବା ପାଇଁ ଗୁହାରି କରିଥିଲେ।

### ବାଳାଶ୍ରମ ପରିସରରେ ଚାରାରୋପଣ

**ସାଲେପୁର,୧୪।୭ (ଡି.ଏନ.ଏ.):** ରଟିଲୋ ପଞ୍ଚାୟତ ବୋଇଲ ଗ୍ରାମରେ ଥିବା ସ୍ୱପ୍ନେଶ୍ୱର ବାଳାଶ୍ରମ ପରିସରରେ ଜିଗ୍ନିପୁର ଗ୍ରୀନ୍ ଭିଜନ ପକ୍ଷରୁ ଚାରାରୋପଣ କରାଯାଇଛି। ଗ୍ରୀନ୍‌ଭିଜନର ମୁଖ୍ୟ ବଳରାମ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଶାନ୍ତ ଭୂୟାଁ ଉପସ୍ଥିତ ରହି ଚାରାରୋପଣ କରିଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପୁରୀଅଫିସ, ୧୪।୭ : ସଦର ଥାନା ଅନ୍ତର୍ଗତ ଖଣ୍ଡିଆବନ୍ଧ ନିକଟରେ ରବିବାର ଜଣେ ଯୁବକଙ୍କ ଝୁଲନ୍ତ ମୃତଦେହ ପୋଲିସ ଉଦ୍ଧାର କରିଛି। ପରେ ପୋଲିସ ଯୁବକଙ୍କ ମୃତଦେହକୁ ପୋଲିସ ବ୍ୟବଚ୍ଛେଦଲାଗି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଯୁବକ ହେଲେ ଖଣ୍ଡିଆବନ୍ଧ ଗ୍ରାମର କୈଳାଶ ନାୟକ(୩୦)। ମିଳିଥିବା ସୂଚନା ପ୍ରକାରେ କୈଳାଶ ଗତ କିଛି ଦିନ ଧରି ଅସୁସ୍ଥ ରହିଥିଲେ। କୌଣସି କାରଣକୁ ନେଇ ଘରେ ପରିବାର ଲୋକଙ୍କ ସହ ପାରିବାରିକ ଅଶାନ୍ତି ଲାଗି ରହିଥିଲା।

### ସୁନାଚେନ ଲୁଟ୍ ଅଭିଯୋଗରେ ୨ ମହିଳା ଗିରଫ

ପୁରୀଅଫିସ, ୧୪।୭ : ସୁନାବେଶ ଦିନ ପୁରୀରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଭିଡ଼ ଭିତରେ ବହୁ ଲୁଟେରା ଗ୍ୟାଙ୍ଗ ମାତିଥିଲେ। ରବିବାର ଜଣେ ଶିଶୁର ବେକରୁ ସୁନାଚେନ ଲୁଟ୍ ଅଭିଯୋଗରେ ଜିଆରପି ପୋଲିସ ଦୁଇଜଣ ମହିଳାଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ପେଣ୍ଟକଟାର ଶାନ୍ତି ଦାସ ଓ ଲକ୍ଷ୍ମୀ ଦାସ। ମିଳିଥିବା ସୂଚନା ପ୍ରକାରେ ବାଣପୁରର ଅର୍ଚ୍ଚନା ବେହେରା ତାଙ୍କ ଦୁଇବର୍ଷର ଝିଅକୁ ଧରି ରବିବାର ସକାଳ ସମୟରେ ପୁରୀ-ଗୁଣୁପୁର ଟ୍ରେନରେ ଯିବାକୁ ଷ୍ଟେଶନକୁ ଯାଉଥିଲେ। ପ୍ଲାଟଫର୍ମରେ ଗିରଫ ଦ୍ୱୟ ତାଙ୍କ ଝିଅର ବେକରୁ ସୁନାଚେନ୍ ଲୁଟି ନେଇଥିବା ନେଇ ଜିଆରପି ଫାଣ୍ଡିରେ ଅଭିଯୋଗ କରିଥିଲେ।

### ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ଜଣେ ଗିରଫ

ପୁରୀଅଫିସ, ୧୪।୭: ଜନୈକା ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ସଦର ଥାନା ପୋଲିସ କାଶୀ ହରିପୁର ଗ୍ରାମର ତପନ ଓରଫ ବାଲେଶ୍ୱର ଦାସ(୨୧)ଙ୍କୁ ରବିବାର ଗିରଫ କରିଛି। ଗତ ୮ତାରିଖରେ ସଦର ଥାନା ଅଞ୍ଚଳରୁ ଗିରଫ ଅଭିଯୁକ୍ତ ଜଣେ ୧୫ବର୍ଷିୟା ନାବାଳିକାଙ୍କୁ ଅପହରଣ କରିନେଇଥିବା ନେଇ ଅପହୃତାଙ୍କ ପରିବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଘଟଣାର ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ନାବାଳିକାଙ୍କୁ ଅସଦାଚାରଣ କରିବା ପରେ ତାଙ୍କୁ ପୁରୀ ବ୍ରହ୍ମଗିରି ରାସ୍ତାରେ ଫିଙ୍ଗି ଚାଲିଯାଇଥିଲା। କୌଣସି ସୂତ୍ରରୁ ଖବରପାଇ ପୀଡିତାଙ୍କ ମା' ସମ୍ପର୍କୀୟଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରିଥିଲେ।

### ପୂର୍ବ ଶତ୍ରୁତାରୁ ଆକ୍ରମଣ ଘଟଣା: ୨ଗିରଫ

ପୁରୀଅଫିସ, ୧୪।୭: ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଆକ୍ରମଣ ଘଟଣାରେ କୁମ୍ଭାରପଡା ପୋଲିସ ରବିବାର ଦୁଇ ଭାଇଙ୍କୁ ଗିରଫ କରିଛି। ଗିରଫ ମାନେ ହେଲେ ନରେନ୍ଦ୍ରକୋଣ ମଙ୍ଗଳା ସାହିର ନକୁଳ ନାୟକ(୪୩) ଓ ପପୁ ନାୟକ(୪୫)। ଶୁକ୍ରବାର ସକାଳ ୭ଟା ସମୟରେ ଅଭିଯୋଗ କାରୀ ବାସନ୍ତୀଙ୍କୁ ପୁଅ ନରେନ୍ଦ୍ର ପୋଖରକୁ ଗାଧେଇବାକୁ ଯାଇଥିଲେ। ଏହି ସମୟରେ ଗିରଫ ଅଭିଯୁକ୍ତ ଦ୍ୱୟ ତାଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।

### ଶ୍ରୀବିହାର ଦୁଇ ଏନ୍ଏସ୍ଏସ୍ ଶିବିର ଉଦ୍ଯାପିତ

ପୁରୀ ଅଫିସ,୧୪।୭: ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀବିହାର ସ୍ନାତକୋତ୍ତର ବିଭାଗର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଚାଲିଥିବା ସେବା ଶିବିର ରବିବାର ଉଦ୍ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳ ସଚିବ ଡ.ସଚ୍ଚିଦାନନ୍ଦ ମହାପାତ୍ର, ପ୍ରଫେସର କମଳେଶ ମିଶ୍ର, ବିତ୍ତ ଅଧିକାରୀ ଶ୍ୟାମ ହେମ୍ବ୍ରମ୍, ଏନ୍ଏସ୍ଏସ୍ ସଂଯୋଜକ ଡ.ବସନ୍ତ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେବା ମନୋଭାବ ନେଇ କାମ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ଶିକ୍ଷାଶାସ୍ତ୍ରୀ ବିଭାଗ ପକ୍ଷରୁ ଚାଲିଥିବା ସେବା ଶିବିର ଉଦ୍ଯାପିତ ହୋଇଛି। ବିଭାଗୀୟ ମୁଖ୍ୟ ପ୍ରଫେସର ବିଜୟପାଲ କଚ୍ଛବାହ, ଏନ୍ଏସ୍ଏସନ୍ ସଂଯୋଜକ ଡ.ବସନ୍ତ କୁମାର ମିଶ୍ର, ପ୍ରଫେସର ଗୋବିନ୍ଦ କର ପ୍ରମୁଖ ଅତିଥି ଭାବେ ଯୋଗଦେଇ ସେବା ହିଁ ପରମ ଧର୍ମ ବୋଲି କହିଥିଲେ। ଯୋଜନା ଅଧିକାରୀ ଅଧ୍ୟାପକ ଡ.ଲକ୍ଷ୍ମୀଧର ପଣ୍ଡା ବିବରଣୀ ପାଠ କରିଥିଲେ। ଡ.ଲକ୍ଷ୍ମୀ ନାରାୟଣ ବେହେରା, ଅଧ୍ୟାପକ ଯୋଗେଶ୍ୱର ମହାନ୍ତି, ଡ. ଏଚ.ବେହେରା ଏବଂ ଡି.ରଘୁରାମ ପ୍ରମୁଖ ଉପସ୍ଥିତ ଥିଲେ।

# ବେଳାଭୂମିରେ କୁଢ଼ କୁଢ଼ ଆବର୍ଜନା

**▪ବଡ଼ଦାଣ୍ଡରେ ବି ଅଳିଆ**
**▪ଟ୍ୟାପରୁ ବାହାରିଲା ଗୋଳିଆ ପାଣି**

ପୁରୀ ଅଫିସ, ୧୪।୭

ରଥଯାତ୍ରା ସମନ୍ୱୟ ବୈଠକରେ ପରିମଳ ବ୍ୟବସ୍ଥା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ବିଭାଗୀୟ ଅଧିକାରୀମାନେ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛୁ, କୌଣସି ଅସୁବିଧା ହେବନି ବୋଲି କହିଥିଲେ। ହେଲେ ସୁନାବେଶ ଅଧିକାରୀଙ୍କ ପ୍ରସ୍ତୁତିକୁ ପଦାରେ ପକାଇ ଦେଇଛି। ରବିବାର ଦିନତମାମ୍ ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ଆବର୍ଜନା ଜମିଥିବା ବେଳେ ବେଳାଭୂମିର କୁଢ କୁଢ ଅଳିଆ ଦେଖିବାକୁ ମିଳିଥିଲା। ସକାଳୁ ରାତି ପର୍ଯ୍ୟନ୍ତ ଏହି ଅଳିଆ ଆବର୍ଜନା ବିଭିନ୍ନ ସ୍ଥାନରେ ପଡି ରହିଥିଲା। କେବଳ ଅଳିଆ ଆବର୍ଜନା ନୁହେଁ, ବଡ଼ଦାଣ୍ଡରେ ଭକ୍ତଙ୍କୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଉଭୟ ପାର୍ଶ୍ୱରେ ଷ୍ଟାଣ୍ଡପୋଷ୍ଟ ସୁବିଧା ରହିଛି। ହେଲେ ସୋମବାର ଏହି ଷ୍ଟାଣ୍ଡପୋଷ୍ଟରୁ ଗୋଳିଆ ପାଣି ବାହାରିବା ଘଟଣା ଜନସ୍ୱାସ୍ଥ୍ୟ ବିଭାଗର ଆନ୍ତରିକତାକୁ ସ୍ପଷ୍ଟ କରୁଛି।

ରଥଯାତ୍ରା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ପୌରସଂସ୍ଥା ମଧ୍ୟ ନିୟମିତ ସଫେଇ କର୍ମଚାରୀଙ୍କ ଅପେକ୍ଷା ଅଧିକ କର୍ମଚାରୀଙ୍କୁ ନିୟୋଜିତ କରିଛି। କିନ୍ତୁ ସୋମବାର ବଡ଼ଦାଣ୍ଡ ଏବଂ ବେଳାଭୂମି ସମ୍ପୂର୍ଣ୍ଣ ଭାବେ ସଫେଇ ହୋଇପାରି ନ ଥିଲା। ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ଆବର୍ଜନା ଗଦା ହୋଇ ରହିଥିବା ବେଳେ ବେଳାଭୂମିରେ ବି ଅଳିଆ ପଡି ରହିଥିଲା। ମହାପ୍ରଭୁଙ୍କ ସୁନାବେଶ ଦେଖିବା ପାଇଁ ଶନିବାର ପ୍ରାୟ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହୋଇଥିଲା ପୁରୀରେ। ତେବେ ରବିବାର ସକାଳୁ ସହରର ବିଭିନ୍ନ ଗଳିକନ୍ଦି ରାସ୍ତା ଓ ବଡ଼ଦାଣ୍ଡରେ ଜମିଥିଲା ଅଳିଆ ଆବର୍ଜନା। ଅଧିକାଂଶ ଗଳିକନ୍ଦି ରାସ୍ତା ପୂର୍ବାହ୍ନ ସୁଦ୍ଧା ସଫେଇ ହୋଇଯାଇଥିବା ବେଳେ ଆଉ କେତେକ ସଫା ହୋଇପାରି ନ ଥିବା ଦେଖିବାକୁ ମିଳିଥିଲା। ତେବେ ବଡ଼ଦାଣ୍ଡ ସ୍ଥିତି ଅଧିକ ବିଗିଡ଼ି ଯାଇଥିଲା। ସଫେଇ କର୍ମଚାରୀ ସଫା କରି ବିଭିନ୍ନ ସ୍ଥାନରେ ଅଳିଆ ଗଦା କରିଥିଲେ ବି ତାହାକୁ ସ୍ଥାନାନ୍ତର କରାଯାଇ ନ ଥିଲା। ଫଳରେ ଦିନତମାମ୍ ସେମିତି ଜମା ହୋଇ ରହିଥିଲା।

ତେବେ ପାନୀୟ ଜଳକୁ ନେଇ ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା ମରିଚିକୋଟ ଛକରେ। ବଡ଼ଦାଣ୍ଡ ପାର୍ଶ୍ୱରେ ଜନସ୍ୱାସ୍ଥ୍ୟ ବିଭାଗର ଷ୍ଟାଣ୍ଡପୋଷ୍ଟରୁ ରବିବାର ଅପରାହ୍ନ ପ୍ରାୟ ୫ଟାରେ ବାହାରିଥିଲା ଗୋଳିଆ ପାଣି। ପାଣିର ରଙ୍ଗ ସମ୍ପୂର୍ଣ୍ଣ ବଦଳି ଯାଇଥିଲା। ଈଷତ୍ ନାଲି ରଙ୍ଗର ପାଣି ବାହାରିବା ଦେଖି ଶ୍ରଦ୍ଧାଳୁମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସ୍ଥାନୀୟ ଜଣେ ବ୍ୟବସାୟୀ ପାଣି ଆଣିବାକୁ ଯାଇଥିବା ବେଳେ ସେଥିରୁ ଗୋଳିଆ ପାଣି ବାହାରୁଥିବା ଦେଖି ଫେରି ଆସିଥିଲେ। କେତେଜଣ ଶ୍ରଦ୍ଧାଳୁ ମଧ୍ୟ ଟ୍ୟାପ୍ ଖୋଲିବା ପରେ ପାଣିକୁ ଦେଖି ଫେରିଯାଇଥିବା ସମ୍ପୃକ୍ତ ବ୍ୟବସାୟୀ କହିଛନ୍ତି।

# ଶ୍ରୀ ରାଧାକୃଷ୍ଣ, ମହାପ୍ରଭୁଙ୍କୁ ବ୍ରହ୍ମକମଳ ଅର୍ପଣ



ଶ୍ରୀ ରାଧାକୃଷ୍ଣ ଓ ମହାପ୍ରଭୁମାନଙ୍କୁ ବ୍ରହ୍ମକମଳ ଅର୍ପଣ କରାଯାଇଛି।

ବୋଲଗଡ଼,୧୪।୭(ଡି.ଏନ୍.ଏ.)

ବୋଲଗଡ଼ ବ୍ଲକ ବାଙ୍କୋଇସ୍ଥିତ ନୂତନ ସତ୍‌ସଂଘ ମନ୍ଦିର ପରିସରରେ ଶନିବାର ରାତିରେ ୫ଟି ବ୍ରହ୍ମକମଳ ଫୁଲ ଫୁଟିଥିଲା। ଏହା ଦେଖି ସତ୍‌ସଂଘ କେନ୍ଦ୍ରର ଶ୍ରଦ୍ଧାଳୁମାନେ ଆନନ୍ଦରେ ଏହି ବିରଳ ଫୁଲଗୁଡ଼ିକୁ ମହାପ୍ରଭୁଙ୍କୁ ଅର୍ପଣ କରିଛନ୍ତି। କେନ୍ଦ୍ରର ସହପ୍ରତି ଋତ୍ୱିକ କେଶବ ଚନ୍ଦ୍ର ଭୋଳଙ୍କ ଆବାହକତ୍ୱରେ ଭକ୍ତ ତାପସ ରଞ୍ଜନ ପ୍ରଧାନ, ରମେଶ ଚନ୍ଦ୍ର ପାତ୍ର, ବିବେକାନନ୍ଦ ସ୍ୱାଇଁ, ବୈଧାୟନ ମହାପାତ୍ର ପ୍ରମୁଖ ପୁଷ୍ପ ଅର୍ପଣ ଉତ୍ସବରେ ଉପସ୍ଥିତ ଥିଲେ। ପ୍ରଥମେ ବ୍ରହ୍ମକମଳକୁ ଗଛରୁ ତୋଳି ଆଣି ଏକ ସଂକୀର୍ତ୍ତନ ଶୋଭାଯାତ୍ରାରେ ଶ୍ରଦ୍ଧାଳୁମାନେ ରାଧାକୃଷ୍ଣ ମନ୍ଦିରରେ ପହଞ୍ଚିଥିଲେ। ମନ୍ଦିରସ୍ଥିତ ଶ୍ରୀ ରାଧାକୃଷ୍ଣ, ଶ୍ରୀ ଜଗନ୍ନାଥ ଏବଂ ଶାଳଗ୍ରାମ ଶ୍ରୀ ବିଗ୍ରହଙ୍କୁ ବ୍ରହ୍ମକମଳଗୁଡ଼ିକୁ ସମର୍ପଣ କଲାବେଳେ ଏକ ଭକ୍ତି, ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

# ଗାଁ ଦାଣ୍ଡରେ ଜମି ରହିଛି ବର୍ଜ୍ୟଜଳ

ବୋଲଗଡ଼,୧୪।୭(ଡି.ଏନ୍.ଏ.)



ଜମି ରହିଥିବା ପାଣି ଭିତରୁ ଲୋକେ ମାଛ ଧରୁଛନ୍ତି।

**ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁ ଅସନ୍ତୋଷ, ଡ୍ରେନେଜ୍ ଦାବି**

ବୋଲଗଡ଼ ବ୍ଲକ ଅସରଳା ଗ୍ରାମଦାଣ୍ଡରେ ବର୍ଜ୍ୟଜଳ ନିଷ୍କାସିତ ନ ହୋଇ ଗାଁ ଦାଣ୍ଡରେ ଜମି ରହି ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଉପଯୁକ୍ତ ଡ୍ରେନେଜ୍ ବ୍ୟବସ୍ଥା ନ ଥିବାରୁ ଗ୍ରାମର ୨ଟି ସ୍ଥାନରେ ବର୍ଷସାରା ଏଭଳି ଅବସ୍ଥା ଲାଗି ରହୁଥିବା ନେଇ ବିଭିନ୍ନ ମହଲରେ ଅଭିଯୋଗ ହେଉଛି। ଗ୍ରାମର ମଣ୍ଡପ ଛକଠାରୁ ମାଳିସାହିର ଉତ୍ତରଦିଗ ଆଡ଼କୁ ପ୍ରାୟ ଶହେ ମିଟରରୁ ଊର୍ଦ୍ଧ୍ୱ ସ୍ଥାନରେ ବର୍ଜ୍ୟଜଳ ଜମି ରହୁଛି। ସେହିପରି ସୁନ୍ଦରା ସାହିଠାରୁ ଗଉଡ ସାହି ମଧ୍ୟରେ ଗାଁ ଦାଣ୍ଡରେ ପାଣି ଜମି ରହୁଛି । ଏହି ୨ ଅଞ୍ଚଳ ଖାଲୁଆ ଥିବାରୁ ଦୂଷିତ ପାଣି ନିଷ୍କାସିତ ହୋଇପାରୁନାହିଁ। କେଉଁଠାରେ ଆଣ୍ଠୁଏ ତ କେଉଁଠି ପ୍ରାୟ ୬ ଇଞ୍ଚ ଉଚ୍ଚତା ପର୍ଯ୍ୟନ୍ତ ଜଳ ଜମି ରହୁଛି। ବର୍ଷାଦିନେ ଏହାର ପରିମାଣ ବୃଦ୍ଧିପାଉଛି। ଗ୍ରାମ ଦେଇ ଯାଇଥିବା ଆର୍‌ଡି ରାସ୍ତା ଉଚ୍ଚ ହୋଇଥିବାରୁ ଜଳ ନିଷ୍କାସିତ ହୋଇପାରୁନି। ତେଣୁ ଏହି ପ୍ରଦୂଷିତ ଜଳରେ ସର୍ବଦା ମଶା, ମାଛିଙ୍କର ବଂଶବୃଦ୍ଧି ସହ ଦୁର୍ଗନ୍ଧ ସୃଷ୍ଟି ହେଉଛି। ଉକ୍ତ ରାସ୍ତାଦେଇ ଯାତାୟାତ କରୁଥିବା ଲୋକେ ହଇରାଣ ହେଉଛନ୍ତି। ବାରମ୍ବାର ଡ୍ରେନେଜ୍ ବ୍ୟବସ୍ଥା ନିମନ୍ତେ ସ୍ଥାନୀୟ ଲୋକେ ଦାବି କଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ତୁରନ୍ତ ପଦକ୍ଷେପ ଗ୍ରହଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମସ୍ୟା ସମ୍ପର୍କରେ ବୋଲଗଡ଼ ବିଡିଓ କହିଥିଲେ, ଅସରଳା ଗ୍ରାମରେ ବର୍ଜ୍ୟଜଳ ଡ୍ରେନେଜ୍ ବ୍ୟବସ୍ଥା ନିମନ୍ତେ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ।

## ବଡ଼ଦାଣ୍ଡରେ ସଫେଇ କାର୍ଯ୍ୟକ୍ରମ

ପୁରୀ ଅଫିସ,୧୪।୭

ଶେଷ ହୋଇଛି ରଥଯାତ୍ରା, ବାହୁଡା ଆଉ ସୁନାବେଶ। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ତେବେ ଭକ୍ତଙ୍କ ସମାଗମ ଯୋଗୁ ଅପରିଷ୍କାର ହୋଇପଡିଥିବା ବଡ଼ଦାଣ୍ଡରେ ରବିବାର ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍-ଆଦିତ୍ୟ ବିର୍ଲା ଗ୍ରୁପ୍, ପୁରୀ ପୌରପାଳିକା ଏବଂ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏହାକୁ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ ଉଦ୍‌ଘାଟନ କରିଥିଲେ। ଏଏଥିସହିତ ଡେଙ୍ଗୁ, ମ୍ୟାଲେରିଆ, ବ୍ୟାକ୍ଟେରିଆ ତଥା ବର୍ଷା ଯୋଗୁ ଜମିଥିବା ଅଳିଆ ଆବର୍ଜନାରୁ ଉତ୍ପନ୍ନ ବିଭିନ୍ନ ଜଳବାହିତ ରୋଗକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ ସେ ବିଷୟରେ ଲୋକଙ୍କୁ ସଚେତନ କରାଯାଇଥିଲା। ବଡ଼ଦାଣ୍ଡ ଭଳି ପବିତ୍ର ସ୍ଥାନରେ ଏପରି କାର୍ଯ୍ୟକ୍ରମ ଆୟୋଜିତ କରାଯାଇ ଧର୍ମ ମାଧ୍ୟମରେ ପରିଚ୍ଛନ୍ନତାକୁ ଆପଣାଇବାକୁ ଲୋକଙ୍କୁ ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ସିଏସ୍‌ଆର୍‌ର ଉପ ମହାପ୍ରବନ୍ଧକ ରବୀନ୍ଦ୍ର କୁମାର ମହାନ୍ତି, ସହାୟକ ମହାପ୍ରବନ୍ଧକ ପୁରୁଷୋତ୍ତମ ଶର୍ମା, ଲୋକ ସମ୍ପର୍କ ବିଭାଗ ପ୍ରବନ୍ଧକ ପ୍ରବୀଣ ନାରାୟଣ ଦାଶ, ରିଜିଓନାଲ ମାର୍କେଟିଂ ମ୍ୟାନେଜର ରାଜେନ୍ଦ୍ର ପରବ (ପଶ୍ଚିମାଞ୍ଚଳ), ରିଜିଓନାଲ ମାର୍କେଟିଂ ମ୍ୟାନେଜର ସ୍ମରଣ ସାହୁ (ପୂର୍ବାଞ୍ଚଳ) ଉପସ୍ଥିତ ଥିଲେ।

# ରୁପାବେଶ ଅବସରରେ ଭଜନ ସମାରୋହ

ରଣପୁର, ୧୪।୭ (ସ୍ୱ.ପ୍ର.)

ପବିତ୍ର ଏକାଦଶୀ ତିଥିରେ ଶ୍ରୀଜୀଉଙ୍କ ରୁପାବେଶ ଅବସରରେ ଶନିବାର ରଣପୁର ପଞ୍ଚୁଦୋଳ ପଡିଆରେ ୩୩ତମ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଟାଉନ କ୍ଲବ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ରଣପୁର ତହସିଲଦାର ସୁଶାନ୍ତ କୁମାର ପତି ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରଣପୁର ଥାନା ଅଧିକାରୀ ବୈଦ୍ୟ ନାରାୟଣ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମହାପ୍ରଭୁଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ଅନୁଷ୍ଠାନର ସଭାପତି ଦୀପ୍ତିରଞ୍ଜନ ମହାପାତ୍ର ଓ ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ପରେ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଇରା ମହାନ୍ତି, ପିନାକୀ ନାୟକ, ଶ୍ରୀଚରଣ ମହାନ୍ତି ପ୍ରମୁଖ ଭଜନ ପରିବେଷଣ କରିଥିଲେ। ରଣପୁରର ଯୁବ କଣ୍ଠଶିଳ୍ପୀ ଭଜନ ପରିବେଷଣ କରି ଦର୍ଶକଙ୍କ ମନ ମୋହିଥିଲେ। ଏହି ଅବସରରେ ଟାଉନ କ୍ଲବ ପକ୍ଷରୁ କଣ୍ଠଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭଜନ ଶୁଣିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ଲୋକଙ୍କ ସମାଗମ ହୋଇଥିଲା।



କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ପରିବେଷଣ।

# ଦଶପଲ୍ଲା ଜେଲ୍ ସ୍ଥାନାନ୍ତରକୁ ବିରୋଧ, ଆଜି ଦଶପଲ୍ଲା ବନ୍ଦ

ଦଶପଲ୍ଲା,୧୪।୭(ଡି.ଏନ.ଏ.)

ଦଶପଲ୍ଲା ସବ୍ ଜେଲ୍ ସ୍ଥାନାନ୍ତର ପ୍ରସ୍ତାବକୁ ବିରୋଧ କରି ସୋମବାର ଦଶପଲ୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ୧୨ ଘଣ୍ଟିଆ ଦଶପଲ୍ଲା ବନ୍ଦ ଡାକରା ଦିଆଯାଇଛି। ପୂର୍ବାହ୍ନ ୬ଟା ଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଭାବେ ଅଖଚକ ବନ୍ଦ ରହିବା ସହ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଅନୁଷ୍ଠାନ, ଦୋକାନ ବଜାର, ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ରଖିବା ପାଇଁ ଆହ୍ୱାନ ଦିଆଯାଇଛି। ଏଥିସହିତ ଦଶପଲ୍ଲା ସବ୍ ଜେଲ ସମ୍ମୁଖରେ ସୋମବାର ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ। ଆସନ୍ତା ୧୬ ତାରିଖ ସବ୍ ଜେଲ୍ ମଧ୍ୟରେ ଥିବା ବିଚାରାଧୀନ ବନ୍ଦୀଙ୍କୁ ନୟାଗଡ ସବ୍ ଜେଲ୍‌କୁ ସ୍ଥାନାନ୍ତର ପାଇଁ ସରକାରୀ ସ୍ତରରେ ଯେଉଁ ନିଷ୍ପତ୍ତି ହୋଇଛି ଏହାକୁ ବିରୋଧ କରି ବନ୍ଦ ଡାକରା ଦିଆଯାଇଛି। ଏହି ବନ୍ଦ ପାଳନକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ୧୬ ତାରିଖ ନୟାଗଡ ସବ୍ ଜେଲକୁ ବନ୍ଦୀ ମାନଙ୍କୁ ସ୍ଥାନାନ୍ତର ପାଇଁ ଯେଉଁ ପ୍ରସ୍ତୁତି ହୋଇଥିଲା ଏହାକୁ ସ୍ଥଗିତ ରଖାଯାଇଛି। ଶନିବାର ଅପରାହ୍ନରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉପ ଜିଲାପାଳ ଜିତେନ୍ଦ୍ର ସାହୁ ଓ ଅତିରିକ୍ତ ଜିଲା ଆରକ୍ଷୀ ଅଧିକ୍ଷକ ଦୀଲିପ ସାହାଣୀ ତହସିଲ କାର୍ଯ୍ୟାଳୟ ଠାରେ କ୍ରିୟାନୁଷ୍ଠାନ କମିଟି ସହ ଆଲୋଚନା କରିଥିଲେ। ମାତ୍ର ଯେଉଁ ପର୍ଯ୍ୟନ୍ତ ସରକାର ଏହି ଜେଲରୁ ବନ୍ଦୀ ମାନଙ୍କୁ ସ୍ଥାନାନ୍ତର ପାଇଁ ନେଇଥିବା ପ୍ରସ୍ତାବକୁ ପ୍ରତ୍ୟାହାର କରି ନାହାନ୍ତି ସେ ପର୍ଯ୍ୟନ୍ତ ଦଶପଲ୍ଲା ଜନସାଧାରଣ ଏହାକୁ ବିରୋଧ କରିବା ସହ ଜେଲ ସମ୍ମୁଖରେ ଧାରଣା ଜାରି ରଖିବେ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କୁହାଯାଇଛି। ଏହି ବନ୍ଦ ପାଳନ ଫଳରେ ସୋମବାର ପୂର୍ବ ଓ ପଶ୍ଚିମ ଓଡିଶା ସହ ଯାତାୟତ ସମ୍ପୂର୍ଣ୍ଣ ବନ୍ଦ ରହିବ।

## କାର୍ କାଚ ଭାଙ୍ଗି ଚୋରି, ୩ ଗିରଫ

ପୁରୀ ଅଫିସ, ୧୪।୭

କାର୍ କାଚ ଭାଙ୍ଗି ଡ୍ରାଇଭର ଠାରୁ ଟଙ୍କା ଲୁଟ୍ ଅଭିଯୋଗରେ କୁମ୍ଭାରପଡ଼ା ପୋଲିସ ରବିବାର ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋଖାସାହିର ବିଜୟ ବେହେରା, ଲଡୁ ବେହେରା ଓ ଦିପୁ ବେହେରା। ସୂଚନା ପ୍ରକାରେ କାକଟପୁରର ଜ୍ୟୋତି ରଞ୍ଜନ ପଲାଇ ଗୁରୁବାର ଗୁଣ୍ଡିଚା ଦର୍ଶନ ସାରି ଜଟିଆ ବାବାଜୀ ପାର୍କିଂ ସ୍ଥାନରୁ କାର ନେଇ ଆସୁଥିଲେ। ଏହିସମୟରେ ଅଭିଯୁକ୍ତମାନେ ତାଙ୍କ ଠାରୁ ଟଙ୍କା ଛଡ଼ାଇ ନେଇଥିଲେ।

# ରଘୁନାଥପ୍ରସାଦ ଗ୍ରାମରେ ସ୍ୱାସ୍ଥ୍ୟ ଶିବିର

ନୟାଗଡ଼ ଅଫିସ,୧୪।୭: ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଆର୍ଥିକ ସହାୟତା ଓ ସାମଗ୍ରିକ ବିକାଶ ପରିଯୋଜନା ଗ୍ରାମବିକାଶ ନୟାଗଡ଼ ଆନୁକୂଲ୍ୟରେ ନୟାଗଡ଼ ବ୍ଲକ ରଘୁନାଥପ୍ରସାଦ ଗ୍ରାମରେ ରବିବାର ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରମାନେ ଏହି ଶିବିରରେ ଯୋଗଦେଇ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରଘୁନାଥପ୍ରସାଦ ଗ୍ରାମ ପରିଚାଳନା କମିଟିର ସମ୍ପାଦକ ପ୍ରଭାକର ପଲାଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ଡାକ୍ତରମାନେ ପରୀକ୍ଷା କରିବା ପରେ ଫାର୍ମାସିଷ୍ଟମାନେ ସେମାନଙ୍କୁ ମାଗଣା ଔଷଧ ପ୍ରଦାନ କରିଥିଲେ। ୨୯୬ ଜଣ ରୋଗୀ ଏହି ଶିବିରରେ ସେମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଗ୍ରାମ ବିକାଶର ପ୍ରକଳ୍ପ ପରିଚାଳକ ସଞ୍ଜୟ କୁମାର ସୁବୁଦ୍ଧି, ପ୍ରକଳ୍ପ ସଂଯୋଜକ ଓ ସହକର୍ମୀମାନେ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ବର୍ଷାରେ ଭାଙ୍ଗିଲା ପୋଲ
# ଏଲପଡ଼ା ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ

ଭାପୁର,୧୪।୭ (ଡି.ଏନ୍.ଏ)

ଭାପୁର ବ୍ଲକ ଏଲପଡ଼ା ଗ୍ରାମ ମୁଣ୍ଡରେ ଥିବା ପୋଲ ଶନିବାର ସାମାନ୍ୟ ବର୍ଷାରେ ଭାଙ୍ଗିଯାଇଛି। ଏହାଦ୍ୱାରା ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଭାପୁର ପଞ୍ଚାୟତର ଏହି ଦ୍ୱିତୀୟ ବୃହତ୍ତ ଗ୍ରାମରେ ଦେଢ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରନ୍ତି। ଗ୍ରାମର ବାପୁଜୀ କ୍ଲବ ସମ୍ମୁଖରେ ଥିବା ଏକ ପୁରୁଣା ପୋଲ ଗତବର୍ଷ ଦବି ଯାଇ ଭାଙ୍ଗି ଯାଇଥିଲା। ଏହାଦ୍ୱାରା ଗ୍ରାମକୁ କୌଣସି ତିନି ଚକିଆ, ଚାରିଚକିଆ ଯାନ ଯିବା ଆସିବା କରିବା ସମ୍ଭବ ନ ଥିଲା। ଏ ନେଇ ଗ୍ରାମବାସୀ ବିଡିଓ ଏବଂ ତହସିଲଦାରଙ୍କ ସହ ବିଧାୟକଙ୍କୁ ମଧ୍ୟ ଲିଖିତ ଭାବେ ଜଣାଇଥିଲେ। ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ନ ପାଇ ପୋଲ ଭାଙ୍ଗି ଯାଇଥିବା ସ୍ଥାନରେ ମାଟି ପକାଇ ପୋତି ଗ୍ରାମବାସୀ ଯିବା ଆସିବା କରୁଥିଲେ। ଶନିବାର ସାମାନ୍ୟ ବର୍ଷାରେ ପୋଲର ମାଟି ଧୋଇ ହୋଇ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିଲା। ଫଳରେ ଗ୍ରାମକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।



ବର୍ଷାରେ ଭାଙ୍ଗିଯାଇଥିବା ପୋଲ।

# ଦିନକ ପାଇଁ ଶ୍ରୀମନ୍ଦିରରେ ହୁଏ ରସଗୋଲା ଭୋଗ

ପୁରୀ ଅଫିସ, ୧୪।୭

**ନୀଳାଦ୍ରିବିଜେ**

ପରମ୍ପରା ଅନୁଯାୟୀ ଠାକୁରମାନେ ନବଦିନାତ୍ମକ ରଥଯାତ୍ରା ଶେଷ କରି ବାହୁଡାରେ ଫେରିଆସନ୍ତି। ଏହା ପରଦିନ ସିଂହଦ୍ୱାରଠାରେ ରଥ ଉପରେ ସୁନାବେଶରେ ଦର୍ଶନ ଦିଅନ୍ତି। ସୁନାବେଶ ପରଦିନ ଅଧରପଣା ନୀତି ସାରି ତା ପରଦିନ ନୀଳାଦ୍ରିବିଜେ କରିଥାନ୍ତି। ତେବେ ଏହି ଗୋଟିଏ ଦିନ ହିଁ ଶ୍ରୀମନ୍ଦିରରେ ରସଗୋଲା ଭୋଗ ହୋଇଥାଏ।

ଏ ସମ୍ପର୍କରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ନୀଳାଦ୍ରିବିଜେ ଦିନ ତିନିରଥରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ନୀତି ସରିବା ପରେ ପ୍ରତି ରଥରେ ଚାରମାଳ ବନ୍ଧା ଯାଇଥାଏ। ବିଜେ କାହାଳୀ ବାଜିବା ପରେ ବନ୍ଦାପନା ଓ ଭୋଗ ଲାଗି ନୀତି ସମ୍ପନ୍ନ ହୁଏ। ପ୍ରଥମେ ମହାଜନ ସେବକ ମଦନମୋହନ, ରାମ ଓ କୃଷ୍ଣ ବିଗ୍ରହଙ୍କୁ ହସ୍ତରେ ଧରି ଦକ୍ଷିଣିଘରକୁ ବିଜେ କରାଇଥାନ୍ତି। ଏହାପରେ ଗୋଟି ପହଣ୍ଡି କ୍ରମରେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ରତ୍ନସିଂହାସନକୁ ନିଆଯାଏ। ପହଣ୍ଡିବିଜେ ପୂର୍ବରୁ ରତ୍ନସିଂହାସନ ମାର୍ଜନା, ତ୍ରିମୁଣ୍ଡିରେ ଚାନ୍ଦୁଆ ବନ୍ଧା ଓ ଅଖଣ୍ଡ ବଇଠା ବସିଥାଏ। ଠାକୁରମାନେ ପହଣ୍ଡିରେ ଯିବା ବେଳେ ମନ୍ଦିର ପରିସର ଶୁଆସାରୀ ଦେଉଳଠାରେ ପ୍ରସାଦ ଲାଗି, ଘସା, ବିଡିଆ ମଣୋହି ଓ ବନ୍ଦାପନା ନୀତି ହୋଇଥାଏ। ଠାକୁରମାନେ ଜଗମୋହନରେ ପ୍ରବେଶ କଲେ ସେଠାରେ ମଧ୍ୟ ଏହିପରି ନୀତି କରାଯାଇଥାଏ।

ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରି ଚାର ଉପରକୁ ଓହ୍ଲାଇ ଆସିଲେ ମହାଲକ୍ଷ୍ମୀ ଠାକୁରାଣୀ ରୋଷଘର ନିକଟବର୍ତ୍ତୀ ଭେଟ ମଣ୍ଡପକୁ ଆସିଥାନ୍ତି। ମହାପ୍ରଭୁ ଓ ମହାଲକ୍ଷ୍ମୀଙ୍କର ଭେଟ ହୋଇଥାଏ। ଏହାପରେ ମା' ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଭିତରଚ୍ଛ ମହାପାତ୍ର ଓ ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ପତିମହାପାତ୍ର ସେବକ ବନ୍ଦାପନା ନୀତି ବଢାଇଥାନ୍ତି। ପରମ୍ପରା ଅନୁଯାୟୀ, ପହଣ୍ଡି ବିଜେ କରି ମହାପ୍ରଭୁ ଶ୍ରୀଜଗନ୍ନାଥ ସିଂହାଦ୍ୱାର ନିକଟରେ ପହଞ୍ଚିବା ବେଳେ କିଛି ସମୟ ପାଇଁ ଦ୍ୱାର ବନ୍ଦ ରହ ଓ କିଛି ସମୟ ପରେ ଖୋଲିଦିଆଯାଏ। ମହାପ୍ରଭୁ ଜୟ ବିଜୟ ଦ୍ୱାର ନିକଟରେ ବିଜେ କରିବା ସମୟରେ ଏହି ଦ୍ୱାରକୁ ଭିତରପଟୁ ବନ୍ଦ କରାଯାଏ। ଲକ୍ଷ୍ମୀ ଠାକୁରାଣୀଙ୍କ ତରଫରୁ ଜୟବିଜୟ ଦ୍ୱାରର ଭିତରପଟେ ଜନୈକ ଦେବଦାସୀ ଓ ମହାପ୍ରଭୁଙ୍କ ପକ୍ଷରୁ ଜଣେ ଦଇତାପତି ଦ୍ୱାରର ଅପର ପାର୍ଶ୍ୱରେ ରହନ୍ତି। ଉଭୟଙ୍କ ମଧ୍ୟରେ ଲୋକପରମ୍ପରାଗତ ବଚନିକା ହୁଏ। ବଚନିକା ପରେ ଜୟ ବିଜୟ ଦ୍ୱାର ଖୋଲାଯାଏ। ମହାପ୍ରଭୁ ପହଣ୍ଡିରେ ଯାଇ ଭଣ୍ଡାରଘର ସମ୍ମୁଖରେ ପହଞ୍ଚିବା ପରେ ରୁକ୍ମିଣୀ ବିବାହକାଳୀନ ଗଇଁଠାଳ ଫିଟେ ଏବଂ ବନ୍ଦାପନା ଓ ରସଗୋଲା ଭୋଗ ପ୍ରଭୃତି ଭିତରଚ୍ଛ ମହାପାତ୍ରଙ୍କ ଦ୍ୱାରା ସମ୍ପନ୍ନ କରାଯାଏ। ଏହାପରେ ଘସା, ବିଡ଼ିଆ ମଣୋହି ସରିଲେ ମହାପ୍ରଭୁ ରତ୍ନସିଂହାସନକୁ ବିଜେ କରିଥାନ୍ତି। ବର୍ଷକ ମଧ୍ୟରେ ଏହି ଗୋଟିଏ ଦିନ ଶ୍ରୀମନ୍ଦିର ଭିତରେ ରସଗୋଲା ଭୋଗ କରାଯାଇଥାଏ। ଭିତରଚ୍ଛ ମହାପାତ୍ରଙ୍କ ନିଜ ଘରେ ଶୁଦ୍ଧପୁତ ଭାବେ ଏହି ରସଗୋଲା ପ୍ରସ୍ତୁତ ହୋଇଥାଏ। କଥିତ ଅଛି, ରଥଯାତ୍ରାରେ ମହାଲକ୍ଷ୍ମୀଙ୍କୁ ସଙ୍ଗରେ ନେଇ ନ ଥିବାରୁ ସେ ମାନ କରିଥାନ୍ତି। ଏହିଦିନ ମହାପ୍ରଭୁ ରସଗୋଲା ଖୁଆଇ ତାଙ୍କର ମାନ ଭଞ୍ଜନ କରିଥାନ୍ତି। ଏହିଦିନ ଅନେକ ବ୍ୟକ୍ତିବିଶେଷ, ମଠବାଡ଼ି ଓ ସେବକମାନେ ରଥ ଉପରେ ମହାପ୍ରଭୁଙ୍କୁ ରସଗୋଲା ଭୋଗ କରିଥାନ୍ତି। ଦାରୁବିଗ୍ରହମାନେ ରତ୍ନସିଂହାସନକୁ ବିଜେ କରିବା ପରେ ଦଇତାପତି ସେବକ ରୁନ୍ଧା କାର୍ଯ୍ୟ ସମ୍ପନ୍ନ କରନ୍ତି। ମହାପ୍ରଭୁଙ୍କ ନୀଳାଦ୍ରିବିଜେ ଦର୍ଶନ ଅତ୍ୟନ୍ତ ପୁଣ୍ୟଦାୟକ ବୋଲି ଡ. ଦାଶ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୫ ଜୁଲାଇ, ୨୦୧୯



ମା' ପୁଅକୁ, ମାଛ ପାଣିକୁ ଓ ଲୋଭୀ ଧନକୁ ଭଲ ପାଇବା ପରି, ଯିଏ ପ୍ରକୃତ ଭକ୍ତ ସିଏ ଭଗବାନଙ୍କ ନାମକୁ ଭଲ ପାଇଥାଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ରାଜ୍ୟସ୍ତରୀୟ କବିତା ଆବୃତ୍ତିରେ ନୟାଗଡ଼ର ଛାତ୍ରୀ ପ୍ରଥମ



ନୟାଗଡ଼ ଅଫିସ,୧୪।୭: ଓଡ଼ିଶା ସାହିତ୍ୟ ଏକାଡ଼େମୀର ପ୍ରତିଷ୍ଠା ଦିବସ ଉପଲକ୍ଷେ ରାଜ୍ୟସ୍ତରୀୟ କବିତା ଆବୃତ୍ତି ପ୍ରତିଯୋଗିତା ବରିଷ୍ଠ ବିଭାଗରେ ନୟାଗଡ଼ର ଛାତ୍ରୀ ପ୍ରଥମ ହୋଇଛନ୍ତି। ସେ ହେଲେ ନୟାଗଡ଼ ଡିଏଭି ସ୍କୁଲର ନବମ ଶ୍ରେଣୀ ଛାତ୍ରୀ ପ୍ରତୀକ୍ଷା ପଣ୍ଡା। ଭୁବନେଶ୍ୱର ସଙ୍ଗୀତ ନାଟକ ଏକାଡ଼େମୀଠାରେ ହୋଇଥିବା ଏହି ପ୍ରତିଯୋଗିତାରେ ପ୍ରତୀକ୍ଷା ପ୍ରଥମ ହୋଇ ଜିଲା ତଥା ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି।

### ଏଟିଏମ୍‌ରୁ ବାହାରୁଛି ଚିରାଫଟା ନୋଟ୍‌



ରଣପୁର,୧୪।୭ (ସ୍ୱ.ପ୍ର.): ରିଜର୍ଭ ବ୍ୟାଙ୍କ ଏଣିକି ଚିରାଫଟା, କଲମରେ ଲେଖା ଯାଇଥିବା, ଜରିପଡିଥିବା ନୋଟ୍‌କୁ ବ୍ୟବହାର ଅନୁପଯୋଗୀ ବୋଲି ଘୋଷଣା କରୁଥିବାବେଳେ ଏଟିଏମ୍‌ରୁ ଏଭଳି ଟଙ୍କା ବାହାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ନୟାଗଡ଼ ଜିଲା ଚାନ୍ଦପୁର ଅଞ୍ଚଳରେ ରବିବାର ଏପରି ଏକ ଘଟଣା ଦେଖିବାକୁ ମିଳିଛି। ପ୍ରକାଶ ଯେ, ଚାନ୍ଦପୁର ଥାନା ଆଗରେ ଇଣ୍ଡିକ୍ୟାଶ ଏଟିଏମ୍ ରହିଛି। ସ୍ଥାନୀୟ ଅଞ୍ଚଳର ଜଣେ ଛାତ୍ରୀ ଉକ୍ତ ଏଟିଏମ୍‌ରୁ ୧୧ହଜାର ଟଙ୍କା ବାହାର କରିଥିଲେ। ୨୨ଟି ୫୦୦ ଟଙ୍କିଆ ନୋଟ୍ ବାହାରିଥିଲେ ହେଁ ସେଥିରୁ କେତୋଟି ଚିରା ଥିବାବେଳେ ଆଉ କେତୋଟି ପୋଡିଥିବା, ଫାଟିଥିବା ଓ କାଗଜ ପେଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ସେହି ଏଟିଏମ୍‌ରୁ ଅନ୍ୟ କେତେଜଣ ଟଙ୍କା କାଢିଥିଲେ ମଧ ସେମାନେ ସମାନ ସମସ୍ୟାରେ ପଡିଥିଲେ। ସେଥିରୁ ବାହାରୁଥିବା ନୋଟ୍‌ଗୁଡ଼ିକ ଉପରେ ଷ୍ଟେଟବ୍ୟାଙ୍କର ଏଟିଏମ୍ ସ୍ଲିପ ଥିବା ଜଣାପଡିଛି।

## ■ ନୟାଗଡ଼ ବ୍ଲକରେ ଉଦ୍ୟାନ ବିଭାଗର କେଳେଙ୍କାରୀ

# ନଡ଼ିଆ ଚାଷରେ ହେରଫେର ଅଭିଯୋଗ

ନୟାଗଡ଼ ଅଫିସ,୧୪।୭



ନୟାଗଡ଼ ବ୍ଲକ ବାରପଲ୍ଲା ଗ୍ରାମରେ ବଞ୍ଚିଥିବା ଏକ ନଡ଼ିଆ ଗଛ।

■ଗଳାବାଟରେ ଗିଳି ଦେଇଛନ୍ତି ଶହ ଶହ ନଡ଼ିଆ ଚାରା
■ଚାଷୀଙ୍କୁ ମିଳିଛି ଅଧା

ନୟାଗଡ଼ ଉଦ୍ୟାନ ବିଭାଗର ନଡ଼ିଆ ଚାରା ପ୍ରଦାନରେ କେଳେଙ୍କାରୀ ସାମ୍ନାକୁ ଆସିଛି। ଅଧିକାରୀ ଓ କର୍ମଚାରୀମାନେ ଚାଷୀଙ୍କୁ ଭକୁଆ ବନାଇ ଶହ ଶହ ନଡ଼ିଆ ଚାରା ହେରଫେର କରିଥିବା ଅଭିଯୋଗ ହେଉଛି। ବିଭାଗ ପକ୍ଷରୁ ଦିଆଯାଇଥିବା ତଥ୍ୟର ସ୍ଥିତି ଅନୁଧ୍ୟାନ କରିବା ପରେ ଏହିଭଳି ଅନିୟମିତତା ସାମ୍ନାକୁ ଆସିଛି। ଫଳରେ ଯେଉଁ ଲକ୍ଷ୍ୟ ନେଇ ଚାଷୀମାନଙ୍କୁ ନଡ଼ିଆ ଚାରା ପ୍ରଦାନ କରାଯାଇଥିଲା ତାହା ପୂରଣ ହୋଇପାରିନାହିଁ।

ପ୍ରକାଶ ଯେ,ଚାଷୀମାନଙ୍କୁ ଆର୍ଥିକ ସ୍ୱଚ୍ଛଳ କରିବା ଲକ୍ଷ୍ୟରେ ଉଦ୍ୟାନ ବିଭାଗ ପକ୍ଷରୁ ନଡ଼ିଆ ଚାରା ଦିଆଯିବା ସହ ଗଛରେ ସାର ପିଡ଼ିଆ ପାଇଁ ସବ୍‌ସିଡି ପ୍ରଦାନ କରାଯାଇଥାଏ। ଏହି ଟଙ୍କାରେ ଚାଷୀ ଗଛ ଲଗାଇ ତାହାକୁ ଯତ୍ନ କରି ଫଳ ଫଳିଲେ ବିକି କରି ଲାଭବାନ ହେବ। ଉଦ୍ୟାନ ବିଭାଗ ପକ୍ଷରୁ ଚାଷୀମାନଙ୍କୁ ହେକ୍ଟର ପିଛା ସର୍ବାଧିକ ୧୭୫ଟି ନଡ଼ିଆ ଚାରା ପ୍ରଦାନ କରାଯାଇଥାଏ। ଗୋଟିଏ ନଡ଼ିଆ ଗଛ ପିଛା ଚାଷୀ ପ୍ରଥମେ ୫୦ଟଙ୍କା ଦାଖଲ କରି ଚାରା ଆଣିଥାଏ। ଏହା ପରେ ଗଛର ଯତ୍ନ ନେବା ଲାଗି ସାର ବାବଦକୁ ଦୁଇ ବର୍ଷରେ ଗୋଟିଏ ଚାରା ପିଛା ୧୩୬ ଟଙ୍କା ସବ୍‌ସିଡି ଆକାରରେ ଚାଷୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ଟଙ୍କା ଆସିଥାଏ। ଜିଲାରେ ୪ ବର୍ଷରେ ଦିଆଯାଇଥିବା ବିଭିନ୍ନ ନଡ଼ିଆ ଚାରାରୁ ଅର୍ଦ୍ଧାଧିକ ଗଛର ପତ୍ତା ମିଳୁନାହିଁ। ଫଳରେ ଏହି ଚାରା କୁଆଡ଼େ ଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଜିଲାର ୮ ବ୍ଲକରୁ ପ୍ରଥମେ ନୟାଗଡ଼ ବ୍ଲକର ରିପୋର୍ଟ ଅନୁଯାୟୀ ଉକ୍ତ ବ୍ଲକରେ ୨୦୧୫-୧୬ ଆର୍ଥିକ ବର୍ଷରେ ୨୮ ଜଣ ଚାଷୀଙ୍କୁ ୨୧୦୦ ଚାରା ବଣ୍ଟନ କରାଯାଇଥିଲା। ସେହିଭଳି ୨୦୧୬-୧୭ରେ ୧୫ ଜଣ ଚାଷୀଙ୍କୁ ୧୦୫୦ ଚାରା, ୨୦୧୭-୧୮ରେ ୧୦ ଜଣ ଚାଷୀଙ୍କୁ ୭୩୫ ଓ ୨୦୧୮-୧୯ରେ ୭ ଜଣ ଚାଷୀଙ୍କୁ ୮୭୫ ଚାରା ପ୍ରଦାନ କରାଯାଇଛି। ୪ ବର୍ଷରେ ୬୦ ଜଣ ଚାଷୀଙ୍କୁ ୪୭୬୦ ନଡ଼ିଆ ଚାରା ବଣ୍ଟନ କରାଯାଇଥିବା ନେଇ ବିଭାଗ ପକ୍ଷରୁ ଦର୍ଶାଯାଇଥିଲେ ମଧ ବାସ୍ତବତା ଭିନ୍ନ। ଜଣେ ଜଣେ ଚାଷୀଙ୍କ ନାମକୁ ଦୁଇ ଥର ପକାଯାଇ ତାଙ୍କୁ କିଛି ଚାରା ଦିଆଯାଇଥିବା ବେଳେ ଅନ୍ୟ ସବୁ ଚାରାକୁ ଗଳା ବାଟରେ ଗିଳି ଦିଆଯାଇଛି। ପ୍ରଦାନ କରାଯାଇଥିବା ୪୭୬୦ ଚାରା ଗଛରୁ ଅଧା ବଞ୍ଚି ନ ଥିବା ମଧ ଜଣାପଡ଼ିଛି। ନୟାଗଡ଼ ବ୍ଲକ ଭାଟସାହି ପଞ୍ଚାୟତ ବାରପଲ୍ଲା ଗ୍ରାମର ନୀଳମଣି ନାୟକଙ୍କୁ ୨୦୧୫-୧୬ ବର୍ଷରେ ବିଭାଗ ପକ୍ଷରୁ ତାଙ୍କୁ ୧୪୦ଟି ନଡ଼ିଆ ଚାରା ପ୍ରଦାନ କରାଯାଇଥିବା ନେଇ ଦର୍ଶାଯାଇଛି। ସେହିଭଳି ଉକ୍ତ ଗ୍ରାମର ଜୟନ୍ତୀ ନାୟକଙ୍କୁ ୨୦୧୬-୧୭ ବର୍ଷରେ ୯୧ ଚାରା ଦିଆଯାଇଥିବା ଦର୍ଶାଯାଇଛି। ହେଲେ ବାସ୍ତବରେ ସ୍ଥିତି ଭିନ୍ନ। ୨୦୧୬-୧୭ ବର୍ଷରେ ଉଭୟଙ୍କୁ ୧୪୦ ଚାରା ପ୍ରଦାନ କରାଯାଇଥିବା ସେମାନେ ପ୍ରକାଶ କରିଛନ୍ତି। ଅବଶିଷ୍ଟ ୯୧ଟି ଚାରା କର୍ମଚାରୀମାନେ ହେରଫେର କରିଥିବା ନେଇ ଆଲୋଚନା ହେଉଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ୧୪୦ଟି ଗଛରୁ ବର୍ତ୍ତମାନ ବଞ୍ଚିଛି ମାତ୍ର ୧୪। କେନ୍ଦୁଢ଼ିପି ପଞ୍ଚାୟତ କେନ୍ଦୁଢ଼ିପି ଗ୍ରାମର ବସନ୍ତ କୁମାର ବେହେରା ୨୦୧୬-୧୭ ବର୍ଷରେ ୯୧, ୨୦୧୮ - ୧୯ ବର୍ଷରେ ୧୭୫ ଓ ତାଙ୍କ ସ୍ତ୍ରୀ ମଞ୍ଜୁଲତା ବେହେରାଙ୍କ ନାମରେ ୨୦୧୮-୧୯ ବର୍ଷରେ ୧୦୫, ଏହିଭଳି ମୋଟ ୩୭୧ ଚାରା ପ୍ରଦାନ କରାଯାଇଥିବା ନେଇ ବିଭାଗ ପକ୍ଷରୁ ଦର୍ଶାଯାଇଛି। ହେଲେ ବାସ୍ତବରେ ତାଙ୍କୁ ୨୮୦ ଚାରା ମିଳିଛି। ଅବଶିଷ୍ଟ ୯୧କଥା ସେମାନେ ଜାଣି ନ ଥିବା ପ୍ରକାଶ କରିଛନ୍ତି। ସେହିଭଳି ଉକ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କ ନାମରେ ୨୦୧୫-୧୬ ମସିହାରେ ୧୪୦ ଚାରା ପ୍ରଦାନ କରାଯାଇଥିବା ନେଇ ବିଭାଗ ପକ୍ଷରୁ ଦର୍ଶାଯାଇଥିଲେ ମଧ ଗଛର ପତ୍ତା ମିଳୁନାହିଁ। ନାତୁଗାଁ ପଞ୍ଚାୟତ ନାତୁଗାଁ ଗ୍ରାମର ଦିଲ୍ଲୀପ କୁମାର ଉଦୟଭାନୁଙ୍କୁ ୨୦୧୫-୧୬ରେ ୭୦ ଓ ୨୦୧୭-୧୮ରେ ୩୫ ଏହିଭଳି ୧୦୫ଟି ଗଛ ଦିଆଯାଇଥିବା ନେଇ ଦର୍ଶାଯାଇଥିଲେ ମଧ ତାଙ୍କୁ ମାତ୍ର ୩୫ ଗଛ ମିଳିଥିବା ସେ ପ୍ରକାଶ କରିଛନ୍ତି। ଅବଶିଷ୍ଟ ଗଛ କଥା ଜାଣି ନ ଥିବା ସେ କହିଛନ୍ତି। ୩୫ ଗଛରୁ ମାତ୍ର ୮ ଗଛ ବଞ୍ଚିଛି। ଏହିଭଳି ସ୍ଥିତି ବିଭିନ୍ନ ସ୍ଥାନରେ। ଏ ନେଇ ନୟାଗଡ଼ ଉପଉଦ୍ୟାନ ନିର୍ଦ୍ଦେଶକ (ଡିଡିଏଚ) ଧରଣୀଧର ପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି, ଚାଷୀମାନେ ଯତ୍ନ ନ ନେବାରୁ ନଡ଼ିଆ ଗଛ ମରିଯାଇଥିବ। କିଛି ବ୍ୟକ୍ତିଙ୍କ ନାମରେ ଅଧିକା ଗଛ ଦର୍ଶାଯାଇଥିବା ବେଳେ କମ୍ ଗଛ ପ୍ରଦାନ କରାଯାଇଥିବା ବିଷୟରେ ପଚାରିବାରୁ ସେ କହିଥିଲେ ଏଭଳି ହୋଇ ନ ଥିବ, ଚାଷୀମାନେ ଟଙ୍କା ଦେଇ ଗଛ କିଣି ନିଅନ୍ତି, ଯଦି କିଛି ତ୍ରୁଟି ହୋଇଥିବ ତାହା ତଦନ୍ତ କରାଯିବ। ଏହାର ଉପଯୁକ୍ତ ତଦନ୍ତ କରାଗଲେ ସତ ସାମ୍ନାକୁ ଆସିବ ବୋଲି ଚାଷୀ ମହଲରେ ଦାବି ହେଉଛି।

### ୨ ବାଇକ୍ ମୁହାଁମୁହିଁ: ଖବରଦାତାଙ୍କ ସମେତ ୪ ଗୁରୁତର

ରଣପୁର,୧୪।୭ (ସ୍ୱ.ପ୍ର.)

ରଣପୁର ଥାନା ଅନ୍ତର୍ଗତ ଜଗନ୍ନାଥ ସଡକର ନରସିଂହପୁରଠାରେ ରବିବାର ଦୁଇଟି ବାଇକ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଖବରଦାତା, ତାଙ୍କ ସ୍ତ୍ରୀ, ଝିଅ ସମେତ ୪ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ରଣପୁର ଦମକଳବାହିନୀ ଉଦ୍ଧାର କରି ରଣପୁର ସରକାରୀ ଡାକ୍ତରଖାନାରେ ଭର୍ତ୍ତିକରିଥିଲେ। ସେଠାରୁ ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ବାଇକ୍ ଜବତ କରି ତଦନ୍ତ ଜାରି ରଖିଛି। ଘଟଣାରୁ ପ୍ରକାଶ ଯେ, ରଣପୁରଠାରେ ଏକ ଦୈନିକ ଖବରକାଗଜର ଖବରଦାତା ତଥା ଓକିଲ ଭାବେ କାର୍ଯ୍ୟ କରୁଥିବା ସୁକାନ୍ତ ପଟ୍ଟନାୟକ (୪୨) ଶିକ୍ଷୟିତ୍ରୀ ସ୍ତ୍ରୀ ଶର୍ମିଷ୍ଠା ପଟ୍ଟନାୟକ (୩୫), ଝିଅ ସାଇଅନୁଷ୍କା ପଟ୍ଟନାୟକ (୭)ଙ୍କୁ ବାଇକ୍‌ରେ ଧରି କୌଣସି କାମରେ ରବିବାର ସକାଳେ ଭୁବନେଶ୍ୱର ଯାଇଥିଲେ। ସେଠାରୁ କାମସାରି ନିଜ ଘର ରଣପୁର ଫେରୁଥିଲା ବେଳେ ନରସିଂହପୁର ଛକଠାରେ ମଙ୍ଗରାଜପୁର ଗ୍ରାମର ବସନ୍ତ କୁମାର ଦାସଙ୍କ ପୁଅ ବାଲି ଦାସ (୩୫)ଙ୍କ ବାଇକ୍ ସହ ଧକ୍କା ହୋଇଥିଲା। ଏହି ଦୁର୍ଘଟଣାରେ ସୁକାନ୍ତ ଓ ତାଙ୍କ ସ୍ତ୍ରୀଙ୍କ ଗୋଡ଼ ଭାଙ୍ଗିଯାଇଥିଲା ବେଳେ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଝିଅ ସାଇଅନୁଷ୍କା ଓ ବାଲି ଦାସଙ୍କ ଅବସ୍ଥା ଗୁରୁତର ହୋଇଛି। ଫୋନ କରାଯିବା ସତ୍ତ୍ୱେ ୧୦୮ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ସ୍ତ୍ରୀ, ଝିଅ ସହ ସୁକାନ୍ତଙ୍କୁ ଏକ ବେସରକାରୀ ଆମ୍ବୁଲାନ୍ସରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା। ଏକଘଣ୍ଟା ପରେ ୧୦୮ ଆମ୍ବୁଲାନ୍ସ ପହଞ୍ଚିବାରୁ ବାଲି ଦାସଙ୍କୁ ଭୁବନେଶ୍ୱର ପଠାଯାଇଥିଲା।

## ■ ରଣପୁର ବାହୁଡା ଯାତ୍ରାରେ ବିଶୃଙ୍ଖଳା

# ନନ୍ଦିଘୋଷ ରଥର ଅଖ ଭାଙ୍ଗିଲା

ରଣପୁର,୧୪।୭ (ସ୍ୱ.ପ୍ର.)



ନନ୍ଦିଘୋଷ ରଥର ଅଖ ଭାଙ୍ଗିଯାଇଛି। ଇନ୍‌ସେଟ୍‌ରେ ଭାଙ୍ଗି ଯାଇଥିବା ଦୃଶ୍ୟ।

**ହୋଇପାରିଲା ନାହିଁ ଲକ୍ଷ୍ମୀନାରାୟଣ ଭେଟ**

ରଣପୁରଠାରେ ବାହୁଡା ଯାତ୍ରାର ୨ଦିନ ପରେ ରବିବାର ଶ୍ରଦ୍ଧାଳୁମାନେ ଉତ୍ସାହର ସହ ନନ୍ଦିଘୋଷ ରଥ ଟାଣୁଥିଲା ବେଳେ ହଠାତ୍ ରଥଅଖ ଭାଙ୍ଗିଯାଇଥିଲା। ଫଳରେ ରଥଟଣା କାର୍ଯ୍ୟ ବନ୍ଦ ରହିଥିଲା ଓ ସିଂହଦ୍ୱାରଠାରେ ହେବାକୁ ଥିବା ଲକ୍ଷ୍ମୀ ନାରାୟଣ ଭେଟ ହୋଇପାରି ନ ଥିଲା। ବଡ ଆଶା ନେଇ ଠାକୁରଙ୍କ ଏହି ଭେଟ ଉତ୍ସବ ଦେଖିବାକୁ ଆସିଥିବା ଭକ୍ତମାନେ ନିରାଶ ହୋଇ ଫେରିଥିଲେ। ଚଳିତବର୍ଷ ବହୁଡା ଯାତ୍ରାରେ ବ୍ୟାପକ ବିଶୃଙ୍ଖଳା ନେଇ ଭକ୍ତମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ପରିଚିତ ରଣପୁର ଘୋଷଯାତ୍ରାର ନବଦିନାତ୍ମକ ଯାତ୍ରା ଶେଷକରି ଗତ ଶୁକ୍ରବାର ଜନ୍ମବେଦିରୁ ରତ୍ନବେଦି ଅଭିମୁଖେ ବାହାରିଥିବା ମହାପ୍ରଭୁଙ୍କ ବାହୁଡା ଯାତ୍ରାରେ ସମସ୍ତ ନୀତିକାନ୍ତି ବିଳମ୍ବ ହେବାରୁ ବିଭିନ୍ନ ପ୍ରକାର ବିଶୃଙ୍ଖଳା ଦେଖାଦେଇଥିଲା। ଶନିବାର ତାଳଧ୍ୱଜ ରଥକୁ ଭକ୍ତମାନେ ଟାଣିନେଇ ସିଂହଦ୍ୱାରରେ ପହଞ୍ଚାଇଥିଲେ। ଏହାପରେ ସୁଭଦ୍ରାଙ୍କ ଦେବଦଳନ ରଥକୁ ମହିଳାମାନେ ଟାଣିଥିଲେ। ରାତ୍ର ହୋଇଯିବାରୁ ରଥଟଣା କାର୍ଯ୍ୟ ବନ୍ଦ କରାଯାଇଥିଲା। ଜଗନ୍ନାଥଙ୍କ ରଥ ନନ୍ଦିଘୋଷକୁ ଟାଣିବା ପାଇଁ ରଥରେ ଘୋଡା ଯୋଚାଯାଇ ଦଉଡି ସଂଯୋଗ କରାଯାଇଥିଲା। ହେଲେ ଚାରମାଳ ଖୋଲାଯିବାକୁ ପୂଜାପଣ୍ଡା ସେବାୟତ ବିରୋଧ କରି ରଥରୁ ତଳକୁ ଓହ୍ଲାଇ ଆସିଥିଲେ। ଅନ୍ୟପକ୍ଷେ ରଥରେ କୌଣସି ସେବାୟତ ନ ଥିବାରୁ ଦେବୋତ୍ତର ବିଭାଗ ରଥଟଣା କାର୍ଯ୍ୟ କରିପାରି ନ ଥିଲେ। ଏହାକୁ ନେଇ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଥିଲା। ଦେବୋତ୍ତର ବିଭାଗ ସେବାୟତମାନଙ୍କୁ ବୁଝାଶୁଝା କରିଥିଲେ। ରବିବାର ଅପରାହ୍ନ ୨ଟାରେ ଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଭକ୍ତମାନେ ଟାଣିନେଉଥିଲା ବେଳେ ମାଉସୀ ମା' ରଥ ଖଳାଠାରୁ ୩ଶହ ମିଟର ଦୂରରେ ରଥର ଅଖ ଭାଙ୍ଗିଯାଇଥିଲା। ମହାରଣାମାନେ ଅଖ ମରାମତି କାର୍ଯ୍ୟରେ ଲାଗି ପଡିଥିଲେ। ଏହାକୁ ଠିକ୍ କରାଯାଇ ସୋମବାର ରଥ ଟଣାଯିବ ବୋଲି ପ୍ରଶାସନ ପ୍ରକାଶ କରିଛି।

### ଖବରଦାତାଙ୍କ ଗଣଧାରଣା ସ୍ଥଗିତ

ଦଶପଲ୍ଲା,୧୪।୭(ଡି.ଏନ.ଏ.)

ଖବର ସଂଗ୍ରହ ବେଳେ କାର୍ଯ୍ୟରତ ୩ଜଣ ଖବରଦାତାଙ୍କୁ ଏକ ବିଦ୍ୟାଳୟରେ ଦୁର୍ବ୍ୟବହାର ପ୍ରତିବାଦରେ ଦଶପଲ୍ଲା ଖବରଦାତା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚାଲିଥିବା ଗଣଧାରଣା ପଞ୍ଚମ ଦିନରେ ସ୍ଥଗିତ ରଖାଯାଇଛି। ଥାନା ସମ୍ମୁଖରେ ଚାଲିଥିବା ଧାରଣା ସ୍ଥଳରେ ଓୟୁଜେର ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଓୟୁଜେ ସାମ୍ବାଦିକ ସଂଘର ରାଜ୍ୟ ଶୃଙ୍ଖଳା କମିଟିଅଧକ୍ଷ ବିଶ୍ୱରଞ୍ଜନ ଆଚାର୍ଯ୍ୟ,ନୟାଗଡ ଜିଲା ଓୟୁଜେ ସଂଘର ଉପସଭାପତି ପ୍ରଶାନ୍ତ କୁମାର ଜେନା, ଓୟୁଜେର ଜିଲା କାର୍ଯ୍ୟକାରୀ ସଦସ୍ୟ କିଶୋର ମହାପାତ୍ର ପ୍ରମୁଖ ପହଞ୍ଚି ଧାରଣାରତ ଖବରଦାତାଙ୍କ ସହ ଆଲୋଚନା କରିଥିଲେ। ପରେ ନୟାଗଡ ଜିଲା ଆଡିଶନାଲ ଏସ୍‌ପି ଦୀଲ୍ଲିପ କୁମାର ସାହାଣୀ ଧାରଣାସ୍ଥଳରେ ପହଞ୍ଚି ଖବରଦାତାଙ୍କ ସହ ଆଲୋଚନା କରିଥିଲେ। ଦଶପଲ୍ଲା ମୋହରିଖାନା ପରିସରରେ ଓୟୁଜେର ଶୃଙ୍ଖଳା କମିଟି ଅଧକ୍ଷଙ୍କ ଅଧକ୍ଷତାରେ ଏକ ବୈଠକ କରାଯାଇଥିଲା। ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଡିଶନାଲ ଏସ୍‌ପି ପ୍ରତିଶ୍ରୁତି ଦେବାସହ ଧାରଣରୁ ଅବ୍ୟାହତ ରହିବା ପାଇଁ ନିବେଦନ କରିଥିଲେ। ଫଳରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଧାରଣାକୁ ୭ ଦିନ ପାଇଁ ସ୍ଥଗିତ ରଖାଯାଇଛି।

# ଲକ୍ଷ୍ମୀନାରାୟଣ ଭେଟ ଉତ୍ସବ

ଖଣ୍ଡପଡ଼ା,୧୪।୭(ସ୍ୱ.ପ୍ର.)

ଖଣ୍ଡପଡ଼ାଠାରେ ରବିବାର ତିନିଠାକୁରଙ୍କ ଅଧରପଣା ନୀତି ପରେ ଲକ୍ଷ୍ମୀନାରାୟଣ ଭେଟ ଅନୁଷ୍ଠିତ ହୋଇଥିଲା। ଖଣ୍ଡପଡା ଦେବୋତ୍ତର ବିଭାଗ ପକ୍ଷରୁ ପରିଚାଳିତ ମହିମାମେରୁ ଦିଅଁଙ୍କୁ ରଘୁନାଥ ମନ୍ଦିର ଓ ରାଜ ପରିବାର ପକ୍ଷରୁ ସ୍ଥାପନା କରାଯାଇଥିବା ଏକକ ଜଗନ୍ନାଥଙ୍କୁ ସ୍ୱ ମନ୍ଦିରକୁ ବିଜେ କରାଯିବା ପୂର୍ବରୁ ଏହି ଦୁଇ ମନ୍ଦିରରେ ଅଧରପଣା ନୀତି ଓ ଲକ୍ଷ୍ମୀନାରାୟଣ ଭେଟ ହୋଇଥିଲା। ଠାକୁରମାନେ ମାଉସୀ ମା' ମନ୍ଦିରରୁ ଦୁଇଟି ରଥରେ ବାହାରି ଖଣ୍ଡପଡା ଥାନା ଓ ଶନିବାର ବଜାର ନିକଟରେ ଅଟକି ରହିଥିଲେ। ଲକ୍ଷ୍ମୀ ଠାକୁରାଣୀଙ୍କୁ ମନ୍ଦିରରେ ଏକାକି ଛାଡି ମାଉସୀମା' ଘରକୁ ବୁଲିଯାଇଥିବାରୁ ମହାପ୍ରଭୁଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ପଡିଥିଲା। ସନ୍ଧ୍ୟା ପ୍ରାୟ ସାଢେ ୬ଟା ସମୟରେ ପହଣ୍ଡି ସାରି ଠାକୁର ମନ୍ଦିରରେ ପ୍ରବେଶ କରିବାକୁ ଯାଉଥିବା ବେଳେ ଲକ୍ଷ୍ମୀ ଠାକୁରାଣୀ ବାରଣ କରିଥିଲେ। ରଥରୁ ଓହ୍ଲାଇ ମହାପ୍ରଭୁ ମନ୍ଦିର ଦ୍ୱାରଦେଶରେ ପହଞ୍ଚିବା କ୍ଷଣି ମା' ଲକ୍ଷ୍ମୀ ମନ୍ଦିର ବନ୍ଦ କରିଦେଇଥିଲେ। ପାରମ୍ପରିକ ରୀତିନୀତି ପରେ ଠାକୁରାଣୀଙ୍କ ସେବକମାନେ କବାଟ ଫେଡା ନୀତି ସମ୍ପନ୍ନ କରିଥିଲେ। ଠାକୁର ରଥରୁ ଓହ୍ଲାଇବା ପୂର୍ବରୁ ଯଥାରୀତି ଦକ୍ଷିଣ ଆଳତି ହୋଇଥିଲା। ପରେ ଦେବୋତ୍ତର ବିଭାଗ ପରିଚାଳିତ ମହିମାମେରୁ ଦିଅଁଙ୍କ ନୀଳାଦ୍ରି ବିଜେ ହୋଇଥିଲା।



ଶ୍ରଦ୍ଧାଳୁଙ୍କ ଗହଣରେ ଲକ୍ଷ୍ମୀ ନାରାୟଣ ଭେଟ କରାଯାଉଛି।

# ନୟାଗଡ଼ରେ ଆରମ୍ଭ ହେଲା ସ୍କେଟିଂ ଏକାଡେମୀ

ନୟାଗଡ଼ ଅଫିସ,୧୪।୭

ଏଣିକି ସ୍କେଟିଂ ଶିଖିବାକୁ ଚାହୁଁଥିବା ବ୍ୟକ୍ତିମାନଙ୍କୁ ଭୁବନେଶ୍ୱର ଯିବାକୁ ପଡ଼ିବ ନାହିଁ। ନୟାଗଡ଼ ସହରର କଲେଜ ରୋଡ଼ଠାରେ ରବିବାର ସ୍କେଟିଂ ଏକାଡ଼େମୀ ଉଦ୍‌ଘାଟିତ ହୋଇଯାଇଛି। ନୟାଗଡ଼ ସ୍କେଟିଂ ଏକାଡ଼େମୀ ନାମରେ ନାମିତ ଏହି ଅନୁଷ୍ଠାନରେ ଉତ୍କଳ ୟୁନିକର୍ନସ ଭୁବନେଶ୍ୱର ପକ୍ଷରୁ ପ୍ରଶିକ୍ଷଣ ଦିଆଯିବ। ଏହି ଅବସରରେ ପୂର୍ବାହ୍ନରେ ରୋଟାରୀ କ୍ଲବଠାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ସ୍କେଟିଂ ଏକାଡ଼େମୀର ସଂଯୋଜକ ଧୀରେନ୍ଦ୍ର ପଟ୍ଟନାୟକଙ୍କ ଅଧକ୍ଷତାରେ ହୋଇଥିବା ଏହି ଉତ୍ସବରେ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷା ମେଜର ମଞ୍ଜୁଶ୍ରୀ ପତି ଯୋଗଦେଇଥିଲେ। ନୟାଗଡ଼ ଜିଲାରେ ଏହି ଏକାଡ଼େମୀ ହେବା ଦ୍ୱାରା ଜିଲାର ପିଲାମାନେ ଏଠାରେ ପ୍ରଶିକ୍ଷଣ ନେଇ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭାଗ ନେଇପାରିବେ ବୋଲି ଅଧ୍ୟକ୍ଷା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ନୟାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା, ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ, ଉତ୍କଳ ୟୁନିକର୍ନସ ନିର୍ଦ୍ଦେଶକ ଅଜୟ ଭୂଷଣ ସ୍ୱାଇଁ ପ୍ରମୁଖ ଯୋଗଦେଇ ସ୍କେଟିଂ ଏକାଡ଼େମୀ ହେବା ଦ୍ୱାରା ପିଲାଙ୍କଠାରୁ ଆରମ୍ଭ କରି ଯୁବକମାନେ ଏହାର ଫାଇଦା ନେଇପାରିବେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ପିଟିଏସ୍‌ଠାରୁ ଜଗନ୍ନାଥମନ୍ଦିର ପର୍ଯ୍ୟନ୍ତ ପିଲାମାନେ ସ୍କେଟିଂ କରି ସହର ପରିକ୍ରମା କରିଥିଲେ। ଏହି ରୋଡ୍ ଶୋକୁ ଦେଖିବା ପାଇଁ ସହରରେ ଭିଡ଼ ପରିଲକ୍ଷିତ ହୋଇଥିଲା।



ପିଲାମାନେ ସହର ଭିତରେ ସ୍କେଟିଂ କରୁଛନ୍ତି।

## ■ ଚଣ୍ଡିବସ୍ତ୍ର ଗ୍ରାମରେ ସବର୍ଣ୍ଣ ଅସବର୍ଣ୍ଣ ବିବାଦ ଘଟଣା

# ପୋଲିସର ଦ୍ୱାରସ୍ଥ ସବର୍ଣ୍ଣ ଗୋଷ୍ଠୀ

ନୟାଗଡ଼ ଅଫିସ,୧୪।୭




ଟାଉନ ଥାନା ଦ୍ୱାରସ୍ଥ ହୋଇଥିବା ସବର୍ଣ୍ଣ ଗୋଷ୍ଠୀ।

ନୟାଗଡ଼ ଟାଉନ ଥାନା ଅନ୍ତର୍ଗତ ଚଣ୍ଡୀବସ୍ତ୍ର ଗ୍ରାମରେ ଦୁଇମାସ ତଳେ ହୋଇଥିବା ସବର୍ଣ୍ଣ - ଅସବର୍ଣ୍ଣ ଗୋଷ୍ଠୀ ବିବାଦ ରବିବାର ଭିନ୍ନ ମୋଡ଼ ନେଇଛି। ଅସବର୍ଣ୍ଣ ଲୋକମାନେ ସବର୍ଣ୍ଣ ଲୋକମାନଙ୍କୁ ହଇରାଣ ହରକତ କରୁଥିବା ନେଇ ରବିବାର ସବର୍ଣ୍ଣ ଗୋଷ୍ଠୀର ଲୋକମାନେ ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ପୋଲିସ ଅଭିଯୋଗ ରଖିଥିବାବେଳେ ଏହାର ତଦନ୍ତ କରାଯାଉଥିବା ପ୍ରକାଶ କରିଛି। ପ୍ରକାଶ ଯେ, ମେ ୧୨ ତାରିଖରେ ଚଣ୍ଡୀବସ୍ତ୍ର ଗ୍ରାମରେ ଏକ ବିବାହ ଶୋଭାଯାତ୍ରା ଯାଉଥିବା ସମୟରେ ବାଣ ନିଆଁ ସଂସ୍ପର୍ଶରେ ଆସି ଏକ ପାଳଗଦା ଓ ନଡ଼ିଆ ଗଛ ଜଳିଯାଇଥିଲା। ଏ ନେଇ ଅସବର୍ଣ୍ଣ ଲୋକମାନେ ବିରୋଧ ପ୍ରକାଶ କରିଥିଲେ। ପରେ ସବର୍ଣ୍ଣ ଲୋକମାନେ ବିବାହରେ ବାଣ ଲଗାଉଥିବା ବ୍ୟକ୍ତିଙ୍କୁ ମାଡ଼ ମାରିଥିଲେ। ମାଡ଼ ଭୟରେ ସମ୍ପୃକ୍ତ ବ୍ୟକ୍ତି ଅସବର୍ଣ୍ଣ ଲୋକଙ୍କ ଘରେ ପଶି ଯାଇଥିଲେ। ଅସବର୍ଣ୍ଣ ଲୋକମାନେ କାହିଁକି ତାଙ୍କୁ ସୁରକ୍ଷା ଦେଲେ ବୋଲି କହି ସବର୍ଣ୍ଣ ଗୋଷ୍ଠୀର ଲୋକମାନେ ସେମାନଙ୍କୁ ମାଡ ମାରିଥିଲେ। ଅସବର୍ଣ୍ଣଙ୍କ ଘରେ ପଶି ସେମାନଙ୍କୁ ବାଡ଼େଇବା ସହିତ ଘରକୁ ଟେକା ପଥର ମାଡ଼ କରିଥିଲେ ସବର୍ଣ୍ଣ ଲୋକମାନେ। ଅସବର୍ଣ୍ଣ ଲୋକମାନେ ମଧ ସେମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଉଭୟ ପକ୍ଷରୁ ୧୦ ଜଣ ଆହତ ହୋଇଥିଲେ। ଏ ନେଇ ଟାଉନ ଥାନାରେ ୭୭/୧୯ରେ ମାମଲା ରୁଜୁ କରାଯାଇ ସବର୍ଣ୍ଣଙ୍କ ପକ୍ଷରୁ ରାଜ କିଶୋର ସାହୁ, ରାଜକିଶୋରଙ୍କ ପୁଅ ନବ କିଶୋର ସାହୁ ଓ ପ୍ରଦୀପ୍ତ ମଙ୍ଗଳଙ୍କୁ ଗିରଫ କରାଯାଇଥିଲା। ସେହିଭଳି ସବର୍ଣ୍ଣମାନଙ୍କ ଅଭିଯୋଗକୁ ଭିତ୍ତି କରି ଥାନାରେ ୭୮/୧୯ରେ ମାମଲା ରୁଜୁ କରାଯାଇଥିଲା। ୩ ଜଣ ଗିରଫ ବ୍ୟକ୍ତିମାନେ ବର୍ତ୍ତମାନ ସୁଦ୍ଧା ଜେଲ୍‌ରେ ଅଛନ୍ତି। ଦୁଇମାସ ହୋଇଯାଇଥିଲେ ମଧ ସେମାନଙ୍କୁ ଜାମିନ୍ ମିଳି ନାହିଁ। ଫଳରେ ଗ୍ରାମରେ ରବିବାର ଏକ ବୈଠକ ହୋଇଥିଲା। ବୈଠକରେ ଅସବର୍ଣ୍ଣ ଓ ସବର୍ଣ୍ଣ ଗୋଷ୍ଠୀର ଲୋକମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ତେବେ ବୈଠକ ସଫଳ ହୋଇ ନ ଥିଲା। ପରେ ଦୁଇ ଗୋଷ୍ଠୀ ବୈଠକରୁ ଉଠି ପଳାଇ ଯାଇଥିଲେ। ଅସବର୍ଣ୍ଣ ଲୋକମାନେ ଗ୍ରାମରେ ରହିଥିବା ବେଳେ ସବର୍ଣ୍ଣ ଲୋକମାନେ ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅସବର୍ଣ୍ଣ ଲୋକମାନେ ସେମାନଙ୍କୁ ହଇରାଣ ହରକତ କରୁଥିବା ସହ ରବିବାର ବିଲକୁ ଯାଇଥିବା ଏକ ସବର୍ଣ୍ଣ ମହିଳାଙ୍କୁ କିଛି ଲୋକ ମାଡ଼ ମାରିଥିବା ନେଇ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଅସବର୍ଣ୍ଣ ଲୋକମାନେ ସେହିଭଳି କିଛି କରି ନ ଥିବା କହିଛନ୍ତି।